ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୧/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 11/2026 | Page 14 | ₹ 7.00
୫୨ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 136 | ମୂଲ୍ୟ ₹୭/-




# ୩୧୮ ସ୍ଥାନରେ 'ଅଟଳ ବସ୍‌ଷ୍ଟାଣ୍ଡ'

## ୩,୪୦୦କୋଟି ଟଙ୍କା ଖର୍ଚ୍ଚ ହେବ

**ରାଜ୍ୟ ସରକାର ଶୁକ୍ରବାର କ୍ୟାବିନେଟ୍ ବୈଠକରେ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ସମେତ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଓଡ଼ିଶାର ୩୧୮ ସ୍ଥାନରେ ଆଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ୫ ବର୍ଷ ଲାଗି ୩,୪୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। କାରଣ ଓଡ଼ିଶାର ଅଧିକାଂଶ ବସ୍‌ଷ୍ଟାଣ୍ଡର ପରିସ୍ଥିତି ଦୀର୍ଘ ଅବହେଳା ଯୋଗୁ ଦୟନୀୟ ହୋଇପଡ଼ିଛି। ବର୍ତ୍ତମାନ କଟକର ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବ ୨୦୨୪ ଫେବୃଆରୀରେ ଏକ ବସ୍‌ଷ୍ଟାଣ୍ଡ ନାମକରଣକୁ ନେଇ କହିଥିଲେ ଯେ, ଜାତୀୟ ସ୍ତରର ନେତାଙ୍କୁ ସମ୍ମାନ ଜଣାଇବା ନିଶ୍ଚିତ ଭାବେ ଗ୍ରହଣୀୟ। କିନ୍ତୁ ଓଡ଼ିଶାରେ ବସ୍‌ଷ୍ଟାଣ୍ଡ ନାମକରଣ ସେହି ଅଞ୍ଚଳର ଜନନାୟକ ବା ବିଶିଷ୍ଟ ବ୍ୟକ୍ତିଙ୍କ ନାମ ଅନୁଯାୟୀ ହେବା ଉଚିତ। ଏବେ ଅନେକ ଲୋକ ସମାନ ଯୁକ୍ତି ବାଢ଼ିବା ସହ ସ୍ଥାନୀୟ ଅଞ୍ଚଳର ଖ୍ୟାତିସମ୍ପନ୍ନ ଲୋକଙ୍କ ନାଁରେ ବସ୍‌ଷ୍ଟାଣ୍ଡଗୁଡ଼ିକର ନାମକରଣ କରାଗଲେ ତାହା ରାଜ୍ୟ ସରକାରଙ୍କ ଓଡ଼ିଆ ଅସ୍ମିତା ଅଭିଯାନକୁ ବଳ ଦେବ ବୋଲି କହୁଛନ୍ତି।**

### ୧୧ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

- ୬ ଜିଲାରେ ଜଳସେଚନ ଲାଗି ଖର୍ଚ୍ଚ ହେବ ୮୨୦ କୋଟି
- ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତିକୁ ଅନୁମୋଦନ
- ବାସୁଦେବପୁରରେ ବିଦ୍ୟୁତ୍ ଭିତ୍ତିଭୂମି ଲାଗି ଖର୍ଚ୍ଚ ହେବ ୧୬୪୭କୋଟି
- ଓଡ଼ିଶା ଶ୍ରମ ସେବା ନିୟମାବଳୀରେ ସଂଶୋଧନ

**ଭୁବନେଶ୍ୱର,୧୦।୪**
**(ରବିନାରାୟଣ ଜେନା)**

ରାଜ୍ୟର ୩୧୮ ବସ୍‌ଷ୍ଟାଣ୍ଡକୁ 'ଅଟଳ ବସ୍‌ଷ୍ଟାଣ୍ଡ'ରେ ପରିଣତ କରାଯିବ। ଏହାଦ୍ୱାରା ସମନ୍ୱିତ ସାର୍ବଜନୀନ ସେବା ଲୋକଙ୍କୁ ମିଳିପାରିବ। ଏହି ଲକ୍ଷ୍ୟ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନାକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ପୂର୍ବାହ୍ନ ସାଢ଼େ ୧୧ଟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ସରକାରଙ୍କ ପକ୍ଷରୁ ୨୦୩୧-୩୨ ବର୍ଷ ପର୍ଯ୍ୟନ୍ତ ୩ ହଜାର ୪୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ।

ଗର୍ଗ କହିଛନ୍ତି, ରାଜ୍ୟବ୍ୟାପୀ ଜିଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନସ୍ଥଳ ଏବଂ ଓଡ଼ିଶାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳ ପୌର ସଂସ୍ଥାସ୍ତରରେ ଅଟଳ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ; ଯାହା ଏକ ରଣନୈତିକ ଏବଂ ପରିବର୍ତ୍ତନକାରୀ ପ୍ରୟାସର ପ୍ରତିନିଧି କରିବ। ପରିବେଶଗତ ସ୍ଥିରତା ସହିତ ରାଜ୍ୟ ସାରା ସାମାଜିକ ଏକତା ବୃଦ୍ଧି, ଆର୍ଥିକ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ଭଳି ବିଭିନ୍ନ ଲାଭ ପ୍ରଦାନ ପାଇଁ ଅତ୍ୟନ୍ତ ସହାୟକ ହେବ। ଏହି ଯୋଜନାର ଲକ୍ଷ୍ୟ ହେଉଛି, ରାଜ୍ୟର ସମସ୍ତ ସାର୍ବଜନୀନ ବସ୍‌ଷ୍ଟାଣ୍ଡକୁ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନାର ପରିଚାଳନାର ଏକ ଛାୟା ତଳେ ଏକୀକୃତ କରିବା। ଯେଉଁଥିରେ ପୂର୍ବ ଯୋଜନା ଏବଂ ରାଜ୍ୟର ସହରାଞ୍ଚଳ ପୌର ସଂସ୍ଥା ଅଧୀନରେ ଥିବା ସମସ୍ତ ବସ୍‌ଷ୍ଟାଣ୍ଡ ଅନ୍ତର୍ଭୁକ୍ତ କରିବ; ଯଦ୍ୱାରା ରାଜ୍ୟ ସାରା ବିକାଶ, ନବୀକରଣ, କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଏବଂ ପରିଚାଳନାରେ ସମାନତା ସୁନିଶ୍ଚିତ ହୋଇପାରିବ।

ମୁଖ୍ୟଶାସନ ସଚିବ କହିଛନ୍ତି, ଅଟଳ ବସ୍‌ଷ୍ଟାଣ୍ଡ ଯୋଜନା ଅଧୀନରେ ବସ୍‌ଷ୍ଟାଣ୍ଡଗୁଡ଼ିକୁ 'କ', 'ଖ' ଏବଂ 'ଗ' ଶ୍ରେଣୀ ବ୍ୟବସ୍ଥାରେ ବର୍ଗୀକୃତ କରାଯିବ। ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ବସ୍ ପରିବହନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଅଧିକାରୀ ଅଭାବ**



ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲର ବୋମାମାଡ଼ ଭୟରେ ନିଜ ଭିଟାମାଟି ଛାଡ଼ି ପଳାଇ ଆସିଥିବା ବିସ୍ଥାପିତ ପରିବାରମାନେ ବିରୁଟ୍‌ଠାରେ ସେମାନଙ୍କ ଅସ୍ଥାୟୀ ତମ୍ବୁ ନିକଟରେ ଦାନ ଦିଆଯାଉଥିବା ଖାଦ୍ୟ ପାଇଁ ହାତ ବଢ଼ାଉଛନ୍ତି।

# ଇସ୍‌ଲାମାବାଦ ଅଭିମୁଖେ ଭାନ୍ସ, ଆରାଘଚି

**ଇସ୍‌ଲାମାବାଦ,୧୦।୪**

ଇରାନ୍ ସହ ହେବାକୁ ଥିବା ଶାନ୍ତି ଆଲୋଚନାରେ ଯୋଗଦେବା ପାଇଁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇସ୍‌ଲାମାବାଦକୁ ଯାତ୍ରା ଆରମ୍ଭ କରିଛନ୍ତି। ସେହିପରି ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚିଙ୍କ ନେତୃତ୍ୱରେ ଇରାନୀୟ ପ୍ରତିନିଧି ଦଳ ପାକିସ୍ତାନ ଅଭିମୁଖେ ଯାତ୍ରା କରୁଥିବା ଜଣାପଡ଼ିଛି। ଶନିବାର ଓ ଆବଶ୍ୟକ ସ୍ଥଳେ ରବିବାର ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତ୍ୟକ୍ଷ ଆଲୋଚନା ଉପରେ ବିଶ୍ୱ ସମୁଦାୟର ନଜର କେନ୍ଦ୍ରୀଭୂତ ହୋଇଛି। ଇରାନ୍ ଓ ଆମେରିକା-ଇସ୍ରାଏଲ୍ ପକ୍ଷରୁ ୨ ସପ୍ତାହ ପାଇଁ ବୁଧବାର ଘୋଷିତ ଅସ୍ତ୍ରବିରତି ପରେ ପାକିସ୍ତାନ ମଧ୍ୟସ୍ଥତାରେ ଉଭୟ ପକ୍ଷ ପ୍ରଥମ ଥର କୂଟନୈତିକ ଟେବୁଲକୁ ଆସି ନିଜ ନିଜ ପକ୍ଷ ରଖିବେ। ଇସ୍‌ଲାମାବାଦ ଆଲୋଚନାରେ ଇରାନ୍ ପକ୍ଷରୁ ଦେଶର ସାର୍ବଭୌମତ୍ୱ ବଜାୟ ରଖିବା, କ୍ଷତିପୂରଣ ଦାବି, ହର୍ମୁଜ୍ ପ୍ରଣାଳୀ ଉପରେ ଏକାଧିକାର ସାବ୍ୟସ୍ତ ସମେତ ୧୦ ସୂତ୍ରୀ ପ୍ରସ୍ତାବ ରଖାଯିବାକୁ ଥିବାବେଳେ ଆମେରିକା ତେହରାନ୍‌ର ଆଣବିକ ନିରସ୍ତ୍ରୀକରଣ ଓ କ୍ଷେତ୍ରୀୟ ନିରାପତ୍ତା ଭଳି ୧୦ ବିନ୍ଦୁ ଉପରେ ଜୋର୍ ଦେବ ବୋଲି ଜଣାପଡ଼ିଛି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା ୨)

# ବନ୍ୟଜନ୍ତୁ ଏବଂ ପ୍ରାଣୀଚିକିତ୍ସା ବିଜ୍ଞାନ ପାଇଁ ଅନନ୍ତ ଅମ୍ବାନୀଙ୍କ ବନ୍ତାରା ଦ୍ୱାରା ପ୍ରଥମ ଗ୍ଲୋବାଲ ୟୁନିଭର୍ସିଟିର ଶୁଭାରମ୍ଭ

**ଏକ ଆଧୁନିକ ଯୁଗର ଗୁରୁକୁଳ ଏବଂ ଉଦ୍ଦେଶ୍ୟଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବରେ ପରିକଳ୍ପିତ ଏହି ବିଶ୍ୱବିଦ୍ୟାଳୟ ଭାରତକୁ ବନ୍ୟଜନ୍ତୁ ଏବଂ ପ୍ରାଣୀଚିକିତ୍ସା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍ ଭାବେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ରଖୁଛି ।**





**ଜାମନଗର (ଗୁଜରାଟ), ଭାରତ:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ଲୋବାଲ ବନ୍ୟଜନ୍ତୁ ସଂରକ୍ଷଣ ସଂଗଠନ ବନ୍ତାରା ଦ୍ୱାରା ଜାମନଗର ଗୁଜରାଟଠାରେ ବନ୍ତାରା ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ବନ୍ୟଜନ୍ତୁ ସଂରକ୍ଷଣ ଏବଂ ପ୍ରାଣୀଚିକିତ୍ସା ବିଜ୍ଞାନ ପାଇଁ ସମର୍ପିତ ଏହା ବିଶ୍ୱର ପ୍ରଥମ ସମନ୍ୱିତ ବୈଶ୍ୱିକ ବିଶ୍ୱବିଦ୍ୟାଳୟ ଅଟେ ।

ବନ୍ତାରା ବିଶ୍ୱବିଦ୍ୟାଳୟର ମୂଳଦୁଆ ପ୍ରାଣୀ କଲ୍ୟାଣ, ବୈଜ୍ଞାନିକ ପ୍ରଗତି ଏବଂ ବନ୍ୟଜନ୍ତୁ ସଂରକ୍ଷଣର ଭବିଷ୍ୟତ ଉପରେ ଆଧାରିତ । ଏହି ଅନୁଷ୍ଠାନ ପ୍ରାଣୀଚିକିତ୍ସା ଔଷଧ, ସଂରକ୍ଷଣ ଏବଂ ବନ୍ୟଜନ୍ତୁ ଯତ୍ନରେ ଭବିଷ୍ୟତର ନେତୃତ୍ୱ ବିକଶିତ କରିବାର ଲକ୍ଷ୍ୟ ରଖିଛି । ଏହାର ପାଠ୍ୟକ୍ରମ ଭାରତର ପ୍ରାଚୀନ ଜ୍ଞାନର ପରମ୍ପରାକୁ ବ୍ୟବହାର କରି ଶିକ୍ଷାର ଏକ ଉଦ୍ଦେଶ୍ୟଭିତ୍ତିକ ଏବଂ ଭବିଷ୍ୟତ ଅଭିମୁଖୀ ମଡେଲ ସୃଷ୍ଟି କରିବ ।

ଅନନ୍ତ ଅମ୍ବାନୀଙ୍କ ମତରେ, ''ଜୀବଙ୍କୁ ଅନୁକମ୍ପା, ଜ୍ଞାନ ଓ ଦକ୍ଷତା ସହିତ ସେବା କରିବା ପାଇଁ ଆମେ କେମିତି ଜନମାନସକୁ ପ୍ରସ୍ତୁତ କରିବୁ ତାହା ଉପରେ ସଂରକ୍ଷଣର ଭବିଷ୍ୟତ ନିର୍ଭରଶୀଳ ହେବ। ବନ୍ତାରା ବିଶ୍ୱବିଦ୍ୟାଳୟର ଦର୍ଶନ ଏକ ଅତି ବ୍ୟକ୍ତିଗତ ଅଭିଜ୍ଞତା ଦ୍ୱାରା ଅନୁପ୍ରାଣିତ ହୋଇଥିଲା ଯେବେ ମୁଁ ପ୍ରାଣୀମାନଙ୍କୁ ଦୁର୍ଦ୍ଦଶାରେ ପୀଡ଼ିତ ହେଉଥିବାର ଦେଖିଥିଲି ଓ ସେମାନଙ୍କ ପାଇଁ ଉନ୍ନତ ମାନର ଯତ୍ନର ଆବଶ୍ୟକତାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲି । ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ମୂଲ୍ୟବୋଧ ଏବଂ ''ଆନ ନୋ ଭଦ୍ରାଃ କ୍ରତଭୋ ଜନ୍ତୁ ବିଶ୍ୱତଃ'ର ଭାବନା ଦ୍ୱାରା ପ୍ରେରିତ, ଯାହାର ଅର୍ଥ ହେଉଛି ମହତ୍ ଚିନ୍ତାଧାରାକୁ ଆମ ପାଖକୁ ପ୍ରତ୍ୟେକ ଦିଗରୁ ଆସିବାକୁ ଦିଆଯିବା ଉଚିତ । ସେହି କ୍ରମରେ ଏହି ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ଜୀବନକୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ ହୋଇଥିବା ଏକ ନୂଆ ପିଢ଼ି ସୃଷ୍ଟି କରିବାକୁ ଚାହୁଁଛି ।''

ଉକ୍ତ ମୂଲ୍ୟବୋଧକୁ ପ୍ରତିଫଳିତ କରୁଥିବା ଏକ ସମାରୋହରେ, ପ୍ରତିଷ୍ଠା ସ୍ଥଳର ଡିଜାଇନରେ ଦୁଇଟି ବିଜୋଲିଆ ବାଲୁକା ପଥରକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଉକ୍ତ ପଥରଗୁଡ଼ିକ ପୁରାତନ ବିନ୍ଧ୍ୟ ସଂରଚନାରୁ ଅଣାଯାଇଛି ଯାହା ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଭୌଗୋଳିକ ସଂରଚନା ସହିତ ଜଡ଼ିତ ବୋଲି ବିଶ୍ୱାସ କରାଯାଏ । ଏହି ପଥରଗୁଡ଼ିକ ଚିରନ୍ତନ ଭାରତୀୟ ଜ୍ଞାନ ଓ ଶିକ୍ଷା ପରମ୍ପରାର ପ୍ରତୀକ ।

ହିନ୍ଦୁ ପରମ୍ପରା ଅନୁଯାୟୀ ସଞ୍ଚାଳିତ ପ୍ରତିଷ୍ଠା ସମାରୋହରେ ଶିକ୍ଷା, ବିଜ୍ଞାନ, ସଂରକ୍ଷଣ ଏବଂ ଜନସାଧାରଣଙ୍କ ପ୍ରତିନିଧିମାନେ ଏକାଠି ହୋଇଥିଲେ, ଯେଉଁମାନଙ୍କ ମଧ୍ୟରେ ଅନନ୍ତ ଅମ୍ବାନୀଙ୍କ ଶିକ୍ଷକ ଓ ଉପଦେଷ୍ଟାମାନେ ଅନ୍ତର୍ଭୁକ୍ତ ଥିଲେ । ମୂଳଦୁଆ ସ୍ଥାପନର ଏକ ପ୍ରତୀକାତ୍ମକ କାର୍ଯ୍ୟ ଭାବେ ମାଟି, ଜଳ ଓ ପଥରର ଆନୁଷ୍ଠାନିକ ସ୍ଥାପନ ଏହି ସମାରୋହର ଏକ ମୁଖ୍ୟ ଆକର୍ଷଣ ଥିଲା । ଉକ୍ତ ଉପାଦାନଗୁଡ଼ିକୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଓ କେନ୍ଦ୍ରୀୟ ଭାରତର ତୃଣଭୂମି, ଜଙ୍ଗଲ, ଆର୍ଦ୍ରଭୂମି, ଶୁଷ୍କ ପାରିସ୍ଥିତିକ ତନ୍ତ୍ର ଓ ହିମାଳୟ ତଥା ଅନ୍ୟାନ୍ୟ ସୁଉଚ୍ଚ ବସତି ଭଳି ସାରା ଭାରତର ଜୈବବିବିଧତାରେ ସମୃଦ୍ଧ ସ୍ଥାନଗୁଡ଼ିକରୁ ସଂଗ୍ରହ କରାଯାଇଛି, ଯାହା ଭାରତର ଜୈବ ପରିବେଶର ସମୃଦ୍ଧତା ଏବଂ ରାଷ୍ଟ୍ରର ପ୍ରାକୃତିକ ଐତିହ୍ୟରୁ ବିଶ୍ୱବିଦ୍ୟାଳୟର ମୂଳଦୁଆ ସ୍ଥାପନ କରିବାର ଲକ୍ଷ୍ୟକୁ ପ୍ରତିଫଳିତ କରିଥାଏ ।

ବନ୍ତାରା ବିଶ୍ୱବିଦ୍ୟାଳୟ ଏକ ଏକକ ଶୈକ୍ଷଣିକ ତନ୍ତ୍ର ମଧ୍ୟରେ ବିବିଧ ଅଧ୍ୟୟନ ବିଭାଗକୁ ଏକତ୍ରିତ କରିବ, ଯାହା ବାସ୍ତବ ଦୁନିଆରେ ସଂରକ୍ଷଣ ଅଭ୍ୟାସ ଉପରେ ଆଧାରିତ ହେବ । ବନ୍ତାରାର ପ୍ରତ୍ୟକ୍ଷ ବିଶେଷଜ୍ଞତା ମାଧ୍ୟମରେ ବିଶ୍ୱବିଦ୍ୟାଳୟ କ୍ଷେତ୍ରୀୟ ଜ୍ଞାନକୁ ଶିକ୍ଷାଗତ କାର୍ଯ୍ୟକ୍ରମ, ବୃତ୍ତିଗତ ପ୍ରଶିକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରାସଙ୍ଗିକ ଢାଞ୍ଚାରେ ରୂପାନ୍ତରିତ କରିବ । କରୁଣା, ବିଜ୍ଞାନ ଏବଂ ସଂରକ୍ଷଣକୁ ଏକାଠି କରି ଏହା ବୃତ୍ତିଧାରୀମାନଙ୍କୁ ବନ୍ୟଜନ୍ତୁ ଏବଂ ପାରିସ୍ଥିତିକୀ ତନ୍ତ୍ରର ବିବର୍ତ୍ତନଶୀଳ ଆହ୍ୱାନକୁ ମୁକାବିଲା କରିବାରେ ସକ୍ଷମ କରିବ।

ବିଶ୍ୱବିଦ୍ୟାଳୟ ବିଭିନ୍ନ ଅଧ୍ୟୟନ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ଫେଲୋଶିପ୍ ଏବଂ ବିଶେଷଜ୍ଞ କାର୍ଯ୍ୟକ୍ରମ ଯୋଗାଇବ । ଏଗୁଡ଼ିକ ମଧ୍ୟରେ ବନ୍ୟଜନ୍ତୁ ଔଷଧ ଏବଂ ଅସ୍ତ୍ରୋପଚାର, ପୋଷଣ, ଆଚରଣ ବିଜ୍ଞାନ, ଜେନେଟିକ୍ସ, ମହାମାରୀ ବିଜ୍ଞାନ, ଏକ ସ୍ୱାସ୍ଥ୍ୟ, ସଂରକ୍ଷଣ ନୀତି ଏବଂ ପ୍ରାକୃତିକ ପ୍ରାଣୀ ଯତ୍ନ ପରିବେଶ ଡିଜାଇନ ଅନ୍ତର୍ଭୁକ୍ତ । ବନ୍ତାରାର ପରିଚାଳନାଗତ କ୍ଷମତା ସହିତ ସଂଯୁକ୍ତ ସ୍ୱତନ୍ତ୍ର ମହାବିଦ୍ୟାଳୟଗୁଡ଼ିକରେ ସଙ୍ଗଠିତ ବିଶ୍ୱବିଦ୍ୟାଳୟ ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଅବହେଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ସହାୟତା ମଧ୍ୟ ଯୋଗାଇବ ।

ବନ୍ତାରା ବିଶ୍ୱବିଦ୍ୟାଳୟ ଉନ୍ନତ ଶିକ୍ଷାଗତ ଏବଂ କ୍ଲିନିକାଲ ଭିତ୍ତିଭୂମି, ଅନ୍ତର୍ଜାତୀୟ ସହବନ୍ଧନ ଏବଂ ଆବାସିକ କ୍ୟାମ୍ପସ୍ ଦ୍ୱାରା ସମର୍ଥିତ ହେବ । ଏହା ପ୍ରାଣୀ କଲ୍ୟାଣ ଏବଂ ଉନ୍ନତ ସଂରକ୍ଷଣ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟାଭିମୁଖୀ ଗବେଷଣା ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରିବ । ଶିକ୍ଷାଗତ ମଡେଲରେ ମୂଳ ସ୍ଥାନରେ ଏବଂ ମୂଳ ସ୍ଥାନ ବାହାରେ ସଂରକ୍ଷଣ, ପ୍ରାକୃତିକ ବସତିକୁ ବୈଜ୍ଞାନିକ ଯତ୍ନ ସହ ସଂଯୁକ୍ତ କରିବା ଏବଂ ଦୀର୍ଘମିଆଦୀ ବନ୍ୟଜନ୍ତୁ କଲ୍ୟାଣ ଏବଂ ପ୍ରବନ୍ଧନ ସାମିଲ ରହିବ ।

ସଂରକ୍ଷଣର ଭବିଷ୍ୟତ ଶ୍ରେଣୀଗୃହ, ପରୀକ୍ଷାଗାର ଏବଂ ମାନବ ବିବେକ ତଥା ଜଙ୍ଗଲରେ ଗଠିତ ହେବ ଏହି କଥାକୁ ସ୍ୱୀକୃତି ଦେଇ ବିଶ୍ୱବିଦ୍ୟାଳୟ ବନ୍ୟଜନ୍ତୁ ପ୍ରାଣୀଚିକିତ୍ସା ବିଜ୍ଞାନ ତଥା ସଂରକ୍ଷଣ ଶିକ୍ଷାକୁ ଆଗେଇ ନେବାର ଲକ୍ଷ୍ୟ ରଖିଛି । ଏହା ବନ୍ୟଜନ୍ତୁଙ୍କ ସ୍ୱାସ୍ଥ୍ୟ, ପ୍ରାଣୀ ଯତ୍ନ ପରିବେଶ ଡିଜାଇନ୍ ଓ ସଂରକ୍ଷଣ କ୍ଷେତ୍ରରେ ଜ୍ଞାନର ବିକାଶ ସହିତ ସମାନ ସମୟରେ ଶିକ୍ଷା, ଗବେଷଣା ଏବଂ ନବପ୍ରବର୍ତ୍ତନର ଏକ ଦୀର୍ଘମିଆଦୀ ପ୍ଲାଟ୍‌ଫର୍ମ ଭାବେ ମଧ୍ୟ କାର୍ଯ୍ୟ କରିବ ।



ଏହି ପ୍ରତିଷ୍ଠା ସମାରୋହ କରୁଣାମୟ ସଂରକ୍ଷଣ ଶିକ୍ଷାକୁ ଆଗେଇ ନେବାର ରାଷ୍ଟ୍ରବ୍ୟାପୀ ପ୍ରୟାସର ଶୁଭାରମ୍ଭକୁ ପ୍ରତିଫଳିତ କରିଥିଲା । ଏଥିରେ 'ବନ୍ତାରା ୟୁନିଭର୍ସିଟି ଫାଉଣ୍ଡିଂ ଫେଲୋଜ୍' ଏବଂ 'ଏଭ୍ରି ଲାଇଫ୍ ମ୍ୟାଟର୍ସ' ଛାତ୍ରବୃତ୍ତିର ଘୋଷଣା କରାଯିବା ସହ ପ୍ରଗତି ସହିତ ସୁରକ୍ଷା ପାଇଁ ମଧ୍ୟ ଜ୍ଞାନକୁ ଉପଯୋଗ କରିବା ଲାଗି ଆହ୍ୱାନ କରାଯାଇଥିଲା।

ଏହାର ଘୋଷିତ ଲକ୍ଷ୍ୟରେ, ବନ୍ତାରା ବିଶ୍ୱବିଦ୍ୟାଳୟ ନିଜକୁ ଏକ ଶିକ୍ଷାଗତ ମଞ୍ଚରୁ କିଛି ଅଧିକ ଭାବେ ପ୍ରତିଷ୍ଠିତ କରିଛି । ଏହା ପ୍ରତିଫଳିତ କରିଛି ଯେ, ବନ୍ୟଜୀବନ କେବଳ ବିସ୍ମିତ ପ୍ରଶଂସା ନୁହେଁ ବରଂ ଜ୍ଞାନ, ପ୍ରଣାଳୀ ଏବଂ ପ୍ରଶିକ୍ଷିତ ଲୋକବଳ ମଧ୍ୟ ଆବଶ୍ୟକ କରିଥାଏ।

**ବନ୍ତାରା ସମ୍ପର୍କରେ**

ବନ୍ତାରା ଜାମନଗର, ଗୁଜରାଟ, ଭାରତର ଏକ ଅଗ୍ରଣୀ ବନ୍ୟଜନ୍ତୁ ଉଦ୍ଧାର, ଥଇଥାନ, ସ୍ୱାସ୍ଥ୍ୟଯତ୍ନ ଏବଂ ସଂରକ୍ଷଣ ପଦକ୍ଷେପ ଅଟେ । ଉନ୍ନତ ପ୍ରାଣୀଚିକିତ୍ସା ଔଷଧ, କଲ୍ୟାଣ ଆଧାରିତ ଯତ୍ନ, ପ୍ରାୟୋଗିକ ବିଜ୍ଞାନ ଏବଂ ସଂରକ୍ଷଣ ଯୋଜନାକୁ ଏକତ୍ରିତ କରି ବନ୍ତାରା ବିଭିନ୍ନ ପ୍ରଜାତିର ପ୍ରାଣୀମାନଙ୍କୁ ବିଶେଷଜ୍ଞ ଚିକିତ୍ସା, ପୁନରୁଦ୍ଧାର ଏବଂ ଦୀର୍ଘକାଳୀନ ସହାୟତା ଯୋଗାଇଥାଏ । ସଂରକ୍ଷଣ ପ୍ରଜନନ, ପ୍ରଜାତି ପୁନରୁଦ୍ଧାର ଏବଂ ଭବିଷ୍ୟତର ପୁନଃ ବନ୍ୟକରଣ ପଥରେ ନିଜର ବର୍ଦ୍ଧିତ ଭୂମିକା ସହିତ ବନ୍ତାରା ବନ୍ୟଜନ୍ତୁ ସ୍ୱାସ୍ଥ୍ୟଯତ୍ନ, ସଂରକ୍ଷଣ ବିଜ୍ଞାନ ଏବଂ ପ୍ରଜାତି ପୁନରୁଦ୍ଧାର କ୍ଷେତ୍ରରେ ଏକ ଅନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବେ ଉଭା ହୋଇଛି।


ଇସ୍ରାଏଲୀ ସେନାର ଆକ୍ରମଣରେ ଆହତ ଜଣେ ମହିଳା ଲେବାନନ୍‌ର ଟାୟାର ସହରରେ ଶୁକ୍ରବାର ନିଜ ଭଉଣୀଙ୍କ ମୃତଦେହକୁ ଧରି କାନ୍ଦୁଛନ୍ତି। (ଫଟୋ: ଗାର୍ଡିଆନ୍)

# ସକାରାତ୍ମକ ଆଲୋଚନା ପାଇଁ ଆମେରିକା ପ୍ରସ୍ତୁତ

ୱାଶିଂଟନ୍/ଇସ୍‌ଲାମାବାଦ,୧୦।୪

ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବାର ୪୨ ଦିନ ପରେ ଆମେରିକା ଓ ଇରାନ୍ ମଧ୍ୟରେ ଇସ୍‌ଲାମାବାଦରେ ଅନୁଷ୍ଠିତ ହେବାକୁ ଥିବା ଶାନ୍ତି ଆଲୋଚନା ଉପରେ ବିଶ୍ୱର ନଜର ରହିଛି। ଆମେରିକା-ଇରାନ୍ ପ୍ରସ୍ତାବିତ ଆଲୋଚନା ପାଇଁ ଇସ୍‌ଲାମାବାଦରେ ୨ ଦିନିଆ ସରକାରୀ ଛୁଟି ଘୋଷଣା କରାଯାଇଛି। ଆମେରିକୀୟ ଓ ଇରାନୀୟ ପ୍ରତିନିଧି ଦଳର ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସ ଓ ସେନା ଛାଉଣୀ ଭିତରେ ରାଜଧାନୀର ରାଜରାସ୍ତା ଖାଲି ହୋଇଯାଇଛି। ୨ ସପ୍ତାହ ପାଇଁ ବୁଧବାର ସହମତି ପ୍ରକାଶ ପାଇଥିବା ଅସ୍ତ୍ରବିରତିରେ ଲେବାନନ୍‌କୁ ସାମିଲ କରାଯାଇ ନ ଥିବା ଦର୍ଶାଇ ଇସ୍ରାଏଲ୍ କେନ୍ଦ୍ରୀୟ ବିରୁଟ୍ ସମେତ ବିଭିନ୍ନ ଅଞ୍ଚଳରେ ଆକ୍ରମଣ ଜାରି ରଖିଛି। ଏହି ସିରିଜ୍ ଏୟାର ଷ୍ଟ୍ରାଇକ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧,୦୦୦ରୁ ଅଧିକ ଆହତ ହେଲେଣି। ଇରାନ୍ ଏହାକୁ ବିରୋଧ କରୁଥିବାରୁ ଇସ୍‌ଲାମାବାଦରେ ଆଲୋଚନା ସଫଳ ହେବ କି ନାହିଁ ସେନେଇ ଅନେକେ ସନ୍ଦେହ ବ୍ୟକ୍ତ କଲେଣି। ଅନ୍ୟପକ୍ଷେ ବୈଠକକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେଣୁ ମଧ୍ୟପ୍ରାଚ୍ୟର ଅନେକ ନିୟୁତ ଲୋକ ଏବଂ ବିଶ୍ୱ ଅର୍ଥନୀତିର ଭାଗ୍ୟ ଏକପ୍ରକାର ଝୁଲନ୍ତା ଅବସ୍ଥାରେ ରହିଛି।

## ଇରାନ୍ ଆମ ସହ ଖେଳିବାକୁ ଉଦ୍ୟମ କଲେ କଥା ଶୁଣିବୁ ନାହିଁ: ଜେଡି ଭାନ୍ସ


ଜେଡି ଭାନ୍ସ

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇସ୍‌ଲାମାବାଦ ଗସ୍ତରେ ବାହାରିସାରିଛନ୍ତି। ମେରିଲାଣ୍ଡସ୍ଥିତ ଜଏଣ୍ଟ ଏୟାରବେସ୍ ଆଣ୍ଡ୍ରୁଜ୍ ଛାଡ଼ିବା ପୂର୍ବରୁ ଏୟାରଫୋର୍ସ ଟୁ'ରେ ଭାନ୍ସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆଲୋଚନା ସକାରାତ୍ମକ ହେବା ନେଇ ସେ ଆଶାବାଦୀ। ଇରାନୀୟ ପ୍ରତିନିଧି ଦଳ ସହ କ'ଣ ସବୁ ଆଲୋଚନା କରାଯିବ ସେନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତେହରାନ୍ ଆମେରିକା ସହ ଯେପରି ଖେଳିବାକୁ ଉଦ୍ୟମ ନ କରେ ସେଥିପ୍ରତି ସତର୍କ ହେବାକୁ ମଧ୍ୟ ଟ୍ରମ୍ପ ସତର୍କ କରାଇଛନ୍ତି। ଭାନ୍ସ ଆହୁରି କହିଛନ୍ତି, ଇରାନୀୟମାନେ ଉତ୍ତମ ବିଶ୍ୱାସ ନେଇ ଆଲୋଚନା କଲେ ଭଲ କଥା। ଆମେ ମଧ୍ୟ ଖୋଲାମନରେ ଆଲୋଚନା ଆଗକୁ ବଢ଼ାଇବାକୁ ପ୍ରସ୍ତୁତ। କିନ୍ତୁ ଇରାନୀୟ ଟିମ୍ ଯଦି ଆମ ସହ ଖେଳିବାକୁ ଉଦ୍ୟମ କରନ୍ତି ତେବେ ସେମାନଙ୍କ କଥା ଶୁଣାଯିବ ନାହିଁ ବୋଲି ଭାନ୍ସ ସ୍ପଷ୍ଟ କରିଛନ୍ତି। ଆମେରିକୀୟ ପ୍ରତିନିଧି ଦଳର ନେତୃତ୍ୱ ଭାନ୍ସ ନେଉଥିବାବେଳେ ତାଙ୍କ ସହ ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଓ ବ୍ୟବସାୟୀ ତଥା ରାଷ୍ଟ୍ରପତିଙ୍କ ପୂର୍ବତନ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନେର (ଟ୍ରମ୍ପଙ୍କ ଜ୍ୱାଇଁ) ମଧ୍ୟ ଇସ୍‌ଲାମାବାଦ ଗସ୍ତ କରୁଛନ୍ତି। ଟିମ୍ ଇରାନ୍‌ର ନେତୃତ୍ୱ ନେଉଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚି। ଇରାନ୍‌ର ଶୀର୍ଷ କୂଟନୀତିଜ୍ଞ ଆରାଘଚିଙ୍କ ସହ ଉକ୍ତ ପ୍ରତିନିଧି ଦଳରେ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍ ଯୋଗଦେଉଛନ୍ତି। ଆମେରିକୀୟ ଟିମ୍ ଇସ୍‌ଲାମାବାଦରେ ପହଞ୍ଚିବା ପୂର୍ବରୁ ପାକିସ୍ତାନର ନୁର୍ ଖାନ୍ ଏୟାରବେସ୍‌ରେ ଆମେରିକା ବାୟୁସେନାର ଏକ ପରିବହନ ଏୟାରକ୍ରାଫ୍ଟ 'ଚାର୍ଲେଷ୍ଟୋନ୍' ପହଞ୍ଚିଛି। ଉଭୟ ପକ୍ଷ ଶୁକ୍ରବାର ରାତି କିମ୍ବା ଶନିବାର ଭୋର ସମୟରେ ଇସ୍‌ଲାମାବାଦରେ ପହଞ୍ଚିପାରନ୍ତି ବୋଲି କୁହାଯାଉଛି। ଦୁଇ ଦେଶର ପ୍ରତିନିଧି ଶନିବାର ସକାଳେ ପ୍ରଥମ ପର୍ଯ୍ୟାୟ ଆଲୋଚନା କରିପାରନ୍ତି। ଆବଶ୍ୟକ ହେଲେ ରବିବାର ପୁଣି ଆଲୋଚନା ହୋଇପାରେ। ଇସ୍‌ଲାମାବାଦର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା ହେବ ତାହା ପାକିସ୍ତାନ ସରକାର ସ୍ପଷ୍ଟ କରିନାହାନ୍ତି। ତେବେ ରାଜଧାନୀର ହାଇ ସିକ୍ୟୁରିଟି ରେଡ୍ ଜୋନ୍‌ସ୍ଥିତ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଂଲଗ୍ନ ସେରେନା ହୋଟେଲ ଏହାର ଅତିଥିମାନଙ୍କୁ ବୁଧବାର ବାହାରିଯିବାକୁ ପରାମର୍ଶ ଦେଇଥିଲା। ତେଣୁ ସେରେନା ହୋଟେଲରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ସେପଟେ ଟ୍ରମ୍ପ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନେଇ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ୧୪ ଦିନିଆ ଅସ୍ତ୍ରବିରତି ଡିଲ୍ ଅନୁସାରେ ତେହରାନ୍ ତତ୍କାଳ ହର୍ମୁଜ୍ ପ୍ରଣାଳୀକୁ ଖୋଲିଦେବା କଥା, ଯାହାକି ଏଯାଏ କରିନାହିଁ। ଏହା ଆଲୋଚନାକୁ ପ୍ରଭାବିତ କରିପାରେ ବୋଲି ଟ୍ରମ୍ପ ଚେତାଇ ଦେଇଛନ୍ତି।

### ଆସନ୍ତା ସପ୍ତାହରେ ଇସ୍ରାଏଲ୍-ଲେବାନନ୍ ଆଲୋଚନା

ତେଲ୍ ଆଭିଭ୍,୧୦।୪

ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ରେ ମୃତ୍ୟୁସଂଖ୍ୟା ୩୦୦ ଟପିଥିବାବେଳେ ଆସନ୍ତା ସପ୍ତାହରେ ୱାଶିଂଟନ୍‌ରେ ଦୁଇଦେଶ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଟ୍ରମ୍ପ ଗୁରୁବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିବା କହିଛନ୍ତି। ନେତାନ୍ୟାହୁ ମଧ୍ୟ ଲେବାନନ୍‌ର ଅନୁରୋଧ ରକ୍ଷାକରି ଆଲୋଚନା ଲାଗି ରାଜି ହୋଇଥିବା କହିଛନ୍ତି। ହେଜ୍‌ବୋଲ୍ଲାକୁ ନିରସ୍ତ୍ର କରିବା ଉପରେ ଲେବାନନ୍ ସହ ଆଲୋଚନା ପାଇଁ ନେତାନ୍ୟାହୁ ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ଶୁକ୍ରବାର ଇସ୍ରାଏଲୀ ସେନା ଲେବାନନ୍‌ରେ ଆକ୍ରମଣ ଜାରି ରଖିଛି। ହେଜ୍‌ବୋଲ୍ଲା ଉପରେ ଇସ୍ରାଏଲ୍‌ର ଲଗାତର ଆକ୍ରମଣର କଡ଼ା ଜବାବ ଦିଆଯିବ ବୋଲି ଇରାନୀୟ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍ ଚେତାବନୀ ଦେଇଛନ୍ତି।

# ଆଇଏସ୍‌ଆଇ ସମର୍ଥିତ ଗୁପ୍ତଚରଗିରି ମଡ୍ୟୁଲ୍‌ର ପର୍ଦ୍ଦାଫାଶ: ୧୧ ଗିରଫ

ନୂଆଦିଲ୍ଲୀ,୧୦।୪ (ପି.ଟି.)

ପାକିସ୍ତାନ ସହ ପ୍ରତ୍ୟକ୍ଷଭାବେ ଜଡ଼ିତ ଥିବା ଏକ ଗୁପ୍ତଚରଗିରି ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ସୀମା ଆରପଟେ ଥିବା ନିୟନ୍ତ୍ରକମାନେ କିପରି ଉତ୍ତର ଭାରତର ରଣନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଲାଗିଥିବା ଗୁପ୍ତ ସୌରଶକ୍ତିଚାଳିତ ସିସିଟିଭି କ୍ୟାମେରା ଜରିଆରେ ଭାରତୀୟ ସୈନ୍ୟଙ୍କ ସବୁ ସମୟର ଗତିବିଧି ଉପରେ ଦୂରରୁ ନଜର ରଖୁଥିଲେ, ତାହା ଜଣାପଡ଼ିଥିବା ଶୁକ୍ରବାର ଜଣେ ଅଧିକାରୀ କହିଛନ୍ତି। ଏହି ସର୍ଭିଲାନ୍ସ ନେଟ୍‌ୱର୍କ ପଞ୍ଜାବର କପୁରଥାଲା, ଜଲନ୍ଧର, ପଠାନକୋଟ୍, ପଟିଆଲା ଓ ମୋଗା, ହରିୟାଣାର ଅମ୍ବାଲା, ଜମ୍ମୁ-କଶ୍ମୀରର କଠୁଆ ଏବଂ ରାଜସ୍ଥାନର ବିକାନେର ଓ ଅଲୱରକୁ ବ୍ୟାପିଥିଲା। ଅନ୍ତର୍ଜାତୀୟ ନିୟନ୍ତ୍ରଣରେଖା ନିକଟବର୍ତ୍ତୀ ଉକ୍ତ ସ୍ଥାନଗୁଡ଼ିକରେ ସେନା କ୍ୟାଣ୍ଟନମେଣ୍ଟ ଥିବାରୁ ବଡ଼ ଧରଣର ସୈନ୍ୟ ପ୍ରେରଣ ଓ ଲଜିଷ୍ଟିକ୍ କରିଡର ଭାବେ ଏହା ଗୁରୁତ୍ୱପୂର୍ଣ୍ଣ। ଯବାନମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜାଣିଶୁଣି କ୍ୟାଣ୍ଟନମେଣ୍ଟ, ସେନା ଯାତାୟାତ କରୁଥିବା ରାଜପଥ ଏବଂ ସୀମା ସହ ଜଡ଼ିତ ଭିତ୍ତିଭୂମିଠାରେ କ୍ୟାମେରା ଲଗାଯାଇଥିବା ପୋଲିସ କହିଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ମିଳିତ ଅଭିଯାନ ବେଳେ ଉକ୍ତ ଗୁପ୍ତଚରଗିରି ମଡ୍ୟୁଲ୍‌ର ପର୍ଦ୍ଦାଫାଶ କରିବା ସହ ୧୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଗୁପ୍ତଚରଗିରି ସହ ଅସ୍ତ୍ର ଚୋରାଚାଲାଣ ଏବଂ ଅନୁସନ୍ଧାନମୂଳକ କାର୍ଯ୍ୟରେ ସମ୍ପୃକ୍ତ। ଆମେରିକା ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ନିର୍ଦ୍ଦେଶରେ ଉକ୍ତ ନେଟ୍‌ୱର୍କ ଚାଲିଥିଲା ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଅପରେଟିଭ୍‌ମାନଙ୍କୁ ସର୍ଭିଲାନ୍ସ ଉପକରଣ ଖଞ୍ଜିବା ସହ ସମ୍ବେଦନଶୀଳ ଦୃଶ୍ୟ ପ୍ରେରଣ କରିବା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା।

# ମହିଳାଙ୍କୁ ମାସିକ ୩ ହଜାର, ୬ ମାସରେ ୟୁସିସି

## ପଶ୍ଚିମବଙ୍ଗ ପାଇଁ ଭାଜପାର ନିର୍ବାଚନୀ ଇସ୍ତାହାର

ନୂଆଦିଲ୍ଲୀ,୧୦।୪



ଅମିତ୍ ଶାହା

ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଭାଜପାର ନିର୍ବାଚନ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତି ମାସରେ ୩,୦୦୦ ଟଙ୍କା ଆସିବ ଏବଂ ପୋଲିସ ସମେତ ସମସ୍ତ ସରକାରୀ ନିଯୁକ୍ତିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଲାଗୁ ହେବ। ଭାଜପା ସରକାର ଗଢ଼ିବାର ୬ ମାସ ମଧ୍ୟରେ ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଅନୁପ୍ରବେଶ ବିରୋଧରେ ଭାଜପା ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବା ସହ ସୀମା ସୁରକ୍ଷାକୁ ସୁଦୃଢ଼ କରିବ। ଭାଜପା ଶାସନରେ ଆଇନ ଶୃଙ୍ଖଳାକୁ ପ୍ରାଥମିକତା ଦିଆଯିବ ବୋଲି ଶାହା କହିଛନ୍ତି। ଭାଜପା କ୍ଷମତାକୁ ଆସିବାର ୪୫ ଦିନ ମଧ୍ୟରେ ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ଲାଗୁ କରାଯିବ। ଶାହା କହିଛନ୍ତି, ଟିଏମ୍‌ସିର ୧୫ ବର୍ଷର ଶାସନ ରାଜ୍ୟକୁ କ୍ଷତି ପହଞ୍ଚାଇଛି। ମିଛ ପ୍ରତିଶ୍ରୁତି ଦେଇ ଦଳ ୨୦୧୬ରେ ଦ୍ୱିତୀୟ ଥର ବିଜୟୀ ହୋଇଥିବାବେଳେ ୨୦୨୧ରେ ଅନୁପ୍ରବେଶକାରୀଙ୍କ ସହ ସଲାସୁତୁରା କରି କ୍ଷମତା ବଜାୟ ରଖିଥିଲା।

# ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଲେ ନୀତୀଶ

ନୂଆଦିଲ୍ଲୀ,୧୦।୪ (ପି.ଟି.)


ନୀତୀଶ କୁମାର

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ବିହାରରେ ତାଙ୍କ ୨ ଦଶନ୍ଧିର ଶାସନର ଅନ୍ତ ଘଟିବା ସହ ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ପଥ ପରିଷ୍କାର ହୋଇଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷ ସି. ପି. ରାଧାକ୍ରିଷ୍ଣନ୍ ତାଙ୍କ ଚାମ୍ବରରେ ସଂକ୍ଷିପ୍ତ ଶପଥଗ୍ରହଣ ଉତ୍ସବରେ ନୀତୀଶଙ୍କୁ ଶପଥପାଠ କରାଇଥିଲେ। ଏଥିସହିତ ସେ ନୀତୀଶଙ୍କୁ ଉଚ୍ଚ ସଦନ ତଥା ପାର୍ଲାମେଣ୍ଟ ଆଗମନକୁ ସ୍ୱାଗତ କରିଥିଲେ। ନୀତୀଶ ହିନ୍ଦୀରେ ଶପଥ ନେଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ, କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର, ଆଇନ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଉପସ୍ଥିତ ଥିଲେ। ନୀତୀଶ ଖୁବ୍‌ଶୀଘ୍ର ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଥିବାବେଳେ ଆସନ୍ତା ୧୪ରେ ଏନ୍‌ଡିଏ ନୂଆ ମୁଖ୍ୟମନ୍ତ୍ରୀ ନିର୍ବାଚନ କରିପାରେ ବୋଲି କୁହାଯାଉଛି।

# ତାଇୱାନ୍ ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଜିନ୍‌ପିଙ୍ଗ୍

ବେଜିଂ,୧୦।୪ (ପି.ଟି.)


ତାଇୱାନ୍ ବିରୋଧୀ ଦଳ ନେତ୍ରୀ ଚେଙ୍ଗ୍ ଲି-ୟୁନ୍‌ଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାସରେ ଚାଇନା ଗସ୍ତ କରିବାକୁ ଥିବାବେଳେ ଏହା ପୂର୍ବରୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ବେଜିଂରେ ତାଇୱାନ୍ ବିରୋଧୀ ଦଳ ନେତ୍ରୀ ଚେଙ୍ଗ୍ ଲି-ୟୁନ୍‌ଙ୍କୁ ଭେଟିଛନ୍ତି। ଶାନ୍ତି ଉଭୟ ପକ୍ଷ ଲୋକଙ୍କ ସାଧାରଣ ଇଚ୍ଛା ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ତାଇୱାନ୍‌କୁ ଚାଇନାର ମୁଖ୍ୟ ଭୂଖଣ୍ଡ ସହ ସାମିଲ କରାଇବା ପାଇଁ ବେଜିଂ ସାମରିକ ଏବଂ କୂଟନୈତିକ ଚାପ ବଢ଼ାଇ ଚାଲିଥିବାବେଳେ ଗୋଟିଏ ଦଶନ୍ଧି ମଧ୍ୟରେ ବେଜିଂ ଗସ୍ତ କରିବାରେ ଚେଙ୍ଗ୍ ପ୍ରଥମ କ୍ୟୋମିଣ୍ଟାଙ୍ଗ୍ ଅଧ୍ୟକ୍ଷ। ତାଇୱାନ୍‌କୁ ଚାଇନା ନିଜର ବୋଲି ଦାବି କରିଆସୁଥିବାବେଳ ଏହାକୁ ମୁଖ୍ୟ ଭୂଖଣ୍ଡରେ ଯୋଡ଼ିବା ପାଇଁ ପ୍ରତିଜ୍ଞାବଦ୍ଧ ରହିଛି।

ଚେଙ୍ଗ୍‌ଙ୍କୁ ଭେଟିବା ପରେ ଜିନ୍‌ପିଙ୍ଗ କହିଛନ୍ତି, ଉଭୟ ପକ୍ଷର ଜନସାଧାରଣ ଚାଇନାର ଏବଂ ଆମେ ଶାନ୍ତି, ବିକାଶ, ଯୋଗାଯୋଗ ଓ ସହଯୋଗ ଚାହୁଁ ଏହା ସାଧାରଣ ଇଚ୍ଛା। ତାଇୱାନ୍ ଷ୍ଟ୍ରେଟ୍‌ର ସମସ୍ତ ଅଧିକ ନିକଟତର ହେବା ସହ ଏକାଠି ହେବା ନେଇ ସେ ନିଶ୍ଚିତ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ତାଇୱାନ୍‌କୁ ମୁଖ୍ୟ ଭୂଖଣ୍ଡରେ ମିଶାଇବା ପାଇଁ ଚାଇନା ନେତା ଉଦ୍ୟମ ଚଳାଇଥିବାବେଳେ ଚେଙ୍ଗ୍‌ଙ୍କ ସହ ତାଙ୍କ ବୈଠକ ଉପରେ ସାରା ବିଶ୍ୱ ନଜର ରଖିଛି।

# ୭ ଦିନରେ ତୃତୀୟ ଭାଷା କାର୍ଯ୍ୟକାରୀ କର

## ସ୍କୁଲଗୁଡ଼ିକୁ ସିବିଏସ୍‌ଇର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦।୪

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୨୬-୨୭ ଶିକ୍ଷାବର୍ଷରୁ ଷଷ୍ଠ ଶ୍ରେଣୀରେ ତୃତୀୟ ଭାଷାକୁ ବାଧ୍ୟତାମୂଳକ କରିଛି। ସମସ୍ତ ସ୍ୱୀକୃତିପ୍ରାପ୍ତ ସ୍କୁଲ୍ ଆଗାମୀ ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସିବିଏସ୍‌ଇ ଗୁରୁବାର ସର୍କୁଲାର ଜାରି କରିଛି। ଏହା ଅତି ଜରୁରୀ ଏବଂ ବାଧ୍ୟତାମୂଳକ ହୋଇଥିବାରୁ ପାଠ୍ୟପୁସ୍ତକ ଉପଲବ୍ଧ ହୋଇ ନ ଥିଲେ ମଧ୍ୟ ଆଦୌ ବିଳମ୍ବ ନ କରି ତୁରନ୍ତ ତୃତୀୟ ଭାଷା ଶିକ୍ଷାଦାନ ଆରମ୍ଭ କରିବାକୁ ସିବିଏସ୍‌ଇ କହିଛି। କେତେକ ସ୍କୁଲରେ ତୃତୀୟ ଭାଷା ଶିକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅବଶିଷ୍ଟ ସ୍କୁଲ୍‌ରେ ୭ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ।

# ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦।୪ (ପି.ଟି.)

## ବଢୁଛି ଶିଶୁ ଚାଲାଣ ମାମଲା

ଶିଶୁ ଚାଲାଣ ମାମଲା ସଂଖ୍ୟା ବଢୁଥିବାରୁ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସାରା ଦେଶରେ ଶିଶୁ ଚାଲାଣ ଗ୍ୟାଙ୍ଗ୍ କାର୍ଯ୍ୟ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ। କେବଳ ରାଜ୍ୟ ସରକାର ଏବଂ ଗୃହ ବିଭାଗ ଏଦିଗରେ ସତର୍କତାର ସହ କାର୍ଯ୍ୟ କରିପାରିବ। ଏକ ଅଦାଲତ ଭାବରେ ଆମେ ନଜର ରଖିପାରିବୁ, କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବା ରାଜ୍ୟ ସରକାର, ପୋଲିସ ଓ ଅନ୍ୟ ଏଜେନ୍ସିଗୁଡ଼ିକର କାର୍ଯ୍ୟ। ତେଣୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସଂଗଠିତ ଶିଶୁ ଚାଲାଣ ନେଟ୍‌ୱର୍କକୁ ଧ୍ୱଂସ କରିବା ଲକ୍ଷ୍ୟରେ ୨୦୨୫ର ଏକ ରାୟକୁ କାର୍ଯ୍ୟକାରୀ କରିବା ଦିଗରେ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଉତ୍ସାହହୀନ ପଦକ୍ଷେପକୁ ନେଇ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ୧୨.୩୧ କୋଟି ହରାଇଲେ ଡାକ୍ତର

## ୧୧ ଦିନରେ ଟଙ୍କା ୨ ଗୁଣା କରିବାକୁ ଚାହୁଁଥିଲେ

ପୁଣେ,୧୦।୪

ପୁଣେର ଜଣେ ଡାକ୍ତର ୧୧ ଦିନରେ ତାଙ୍କ ଟଙ୍କାକୁ ୨ ଗୁଣା କରାଇବା ପ୍ରଲୋଭନରେ ପଡ଼ି ୧୨.୩୧ କୋଟି ଟଙ୍କା ହରାଇଛନ୍ତି। ଏନେଇ ସାଇବର ଥାନାରେ ଏତଲା ଦାଏର ହୋଇଛି। ଅଭିଯୋଗ ଅନୁଯାୟୀ, ଷ୍ଟକ୍ ମାର୍କେଟର ନିବେଶ ଦ୍ୱାରା ୭୫ ବର୍ଷୀୟ ଡାକ୍ତରଙ୍କ ଟଙ୍କାକୁ ୨ ଗୁଣ କରାଇଦେବେ ବୋଲି ସାଇବର ଅପରାଧୀମାନେ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ଜରିଆରେ ନିବେଶ କରାଇଲେ ୧୧ ଦିନରେ ୫୪ କୋଟି ଟଙ୍କା ରିଟର୍ନ ଆସିବ ବୋଲି କୁହାଯାଇଥିଲା। ତୁରନ୍ତ ବିପୁଳ ଲାଭ ପାଇବାର ସାଇବର ଅପରାଧୀଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ କରି ଡାକ୍ତର କିଛି ସପ୍ତାହ ମଧ୍ୟରେ ଏକାଧିକ ଥର ଟଙ୍କା ପଠାଇଥିଲେ। ଗତ ଜାନୁଆରୀରୁ ଏହି ଠକେଇ ଆରମ୍ଭ ହୋଇଥିଲା। ଡାକ୍ତର ଏକ ଅଜଣା ନମ୍ବରରୁ ବାର୍ତ୍ତା ପାଇଥିଲେ, ଯେଉଁଥିରେ ଉଲ୍ଲେଖ ଥିଲା ଷ୍ଟକ୍ ମାର୍କେଟ ଜରିଆରେ ନିବେଶ କଲେ ଅଧିକ ରିଟର୍ନ ମିଳିବ। ଡାକ୍ତର ସେଥିରେ ଆଗ୍ରହ ଦେଖାଇବାରୁ 'ଭିଆଇପି ଷ୍ଟକ୍ ୨୪' ନାମକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସାଇବର ଅପରାଧୀମାନେ ତାଙ୍କୁ ସାମିଲ କରାଇବା ସହ ଏହା ଜରିଆରେ ନିବେଶ ଯୋଜନା ଏବଂ ଆକର୍ଷଣୀୟ ଲାଭ ସମ୍ପର୍କରେ ଜଣାଇଥିଲେ। ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ୧୧ ଦିନରେ ନିବେଶ ଅର୍ଥ ୨ ଗୁଣା ହୋଇଯିବ ବୋଲି ଡାକ୍ତରଙ୍କୁ ପ୍ରତିଶ୍ରୁତି ମିଳିଥିଲା। ଲୋଭରେ ପଡ଼ି ଡାକ୍ତର ସେମାନଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଏକାଧିକ ଥର ଟଙ୍କା ପଠାଇଥିଲେ।

# ସାନ୍ୟା-ଋଷଭ ବ୍ରେକ୍‌ଅପ୍



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଏବେ ନିଜର ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ନିକଟରେ ସାନ୍ୟା ନିଜର ପ୍ରେମିକ ତଥା ଲୋକପ୍ରିୟ ସିତାର ବାଦକ ଋଷଭ ଶର୍ମାଙ୍କଠାରୁ ଅଲଗା ହୋଇଛନ୍ତି। ଅର୍ଥାତ୍ ଏ ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଛି। ରିପୋର୍ଟ ଅନୁଯାୟୀ, ସାନ୍ୟା ଏବଂ ଋଷଭ କିଛି ବର୍ଷ ପରସ୍ପରକୁ ଡେଟ୍ କରିବା ପରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟେ ସୋସିଆଲ ମିଡିଆରେ ପରସ୍ପରକୁ ଅନ୍‌ଫଲୋ କରିଦେଇଛନ୍ତି। କାରଣ ଏବେ ଋଷଭ ଅନ୍ୟ ଜଣକ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ତେବେ ଦୁହିଁଙ୍କ ବ୍ରେକ୍‌ଅପ୍ ନେଇ ସାନ୍ୟା କିମ୍ବା ଋଷଭଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ପ୍ରକାଶ୍ୟରେ କିଛି କୁହାଯାଇନାହିଁ।

ସାନ୍ୟା ଏବଂ ଋଷଭ ୨୦୨୫ରେ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିଲେ। ସେମାନେ କେବେ ବି ନିଜ ସମ୍ପର୍କକୁ ସର୍ବସାଧାରଣରେ ସ୍ୱୀକାର କରି ନ ଥିଲେ ମଧ୍ୟ ସେମାନଙ୍କର ଏହି ଗୁପ୍ତ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ହଠାତ୍ ସେମାନଙ୍କର ବ୍ରେକ୍‌ଅପ୍ ଖବର ପ୍ରଶଂସକଙ୍କୁ ଚକିତ କରିଛି। ତେବେ ଅଭିନୟ ଜୀବନ ଦେଖିଲେ ସାନ୍ୟା ନିଜର ଆଗାମୀ ପ୍ରୋଜେକ୍ଟ ପାଇଁ ମଧ୍ୟ ବ୍ୟସ୍ତ ଅଛନ୍ତି। ତାହା ହେଲା 'ସୁନ୍ଦର ପୁନମ୍'। ଏହା ଏକ ରୋମାଣ୍ଟିକ୍-ଥ୍ରୀଲର ଫିଲ୍ମ, ଯେଉଁଥିରେ ସେ ଆଦିତ୍ୟ ରାୱଲାଙ୍କ ସହ ନଜର ଆସିବେ। ସେହିଭଳି ସିନେମା 'ଟୋଷ୍ଟର'ରେ ସେ ରାଜକୁମାର ରାଓଙ୍କ ସହ ଅଭିନୟ କରିଛନ୍ତି, ଯାହା ଏଇମାସ ୧୫ରେ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିବ।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୧/୨୦୨୬ | Bhubaneswar, Saturday, April 11/2026 | ପୃଷ୍ଠା-୩




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଘାଟିତ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନେ। ଏଥିରେ ପାଣି କିମ୍ବା ଡଙ୍ଗା ବ୍ୟବହାର ହେଉନାହିଁ। ମେଶିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ବଳାତ୍କାରୀଙ୍କୁ ଫାଶୀ ଦଣ୍ଡାଦେଶ

## ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

**ଅନୁଗୋଳ,୧୦।୪(ଜ୍ୟୋତିରଞ୍ଜନ ସାହୁ)**

ମୋବାଇଲ ଦେଖାଇବାକୁ କହି ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ଘର ଭିତରକୁ ଡାକିନେଇ ବଳାତ୍କାର ସହ ହତ୍ୟା କରିଥିବା ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ବାବୁଲା ଜେନା (୪୧)ଙ୍କୁ ହୋଇଛି ଫାଶୀ ଦଣ୍ଡାଦେଶ। ୨୦୨୫ ମାର୍ଚ୍ଚ ୧୩ରେ ଉକ୍ତ ଥାନା ଅଞ୍ଚଳରେ ଘଟିଥିବା ଏହି ବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ସୌମ୍ୟା ଶୁଭଦର୍ଶିନୀ ଶୁକ୍ରବାର ଅଭିଯୁକ୍ତ ବାବୁଲାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାରୁପ୍ରକାଶ, ଗତବର୍ଷମାର୍ଚ୍ଚ ୧୩ ତାରିଖରେ ସମ୍ପୃକ୍ତା ଶିଶୁକନ୍ୟା ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ପତ୍ତା ନ ମିଳିବାରୁ ୧୪ ତାରିଖରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ୧୫ ତାରିଖ ସକାଳେ ଘରଠାରୁ ୧୦୦ ମିଟର ଦୂର ଏକ ମହୁଲ ଗଛ ମୂଳରୁ ଶିଶୁକନ୍ୟାଙ୍କ ରକ୍ତାକ୍ତ ମୃତଦେହ ପୋଲିସ ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବାବୁଲାଙ୍କ ଘରେ ରକ୍ତଛିଟା ଚିହ୍ନ ମିଳିବା ପରେ ସାଇଣ୍ଟିଫିକ ଟିମ୍ ସହାୟତାରେ ଅଧିକ ତଦନ୍ତ କରାଯାଇଥିଲା। ବାବୁଲାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା ସମୟରେ ସେ ଶିଶୁକନ୍ୟାକୁ ବଳାତ୍କାର ପରେ ତଣ୍ଟି ଓ ପାଟି ଚିପି ହତ୍ୟା କରିଥିବା ପୋଲିସକୁ କହିଥିଲେ। ଏପରି କି ଘରେ ୨ ଦିନ ଧରି ମୃତଦେହ ଲୁଚାଇ ରଖିବା ପରେ ସୁଯୋଗ ଦେଖି ମୃତଦେହକୁ ମହୁଲବଣରେ ଫିଙ୍ଗି ଦେଇଥିବା କହିଥିଲେ। ଏଥିସହ ମୋବାଇଲ ଓ ଶିଶୁକନ୍ୟାଙ୍କ ପାଉଁଜିକୁ ପୋଖରୀ କୂଳରେ ଲୁଚାଇ ଦେଇଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ପୋଲିସ ଉକ୍ତ ସାମଗ୍ରୀଗୁଡ଼ିକୁ ଜବତ କରିବା ସହ ୨୦୨୫ ମାର୍ଚ୍ଚ ୧୮ ତାରିଖରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏ ସଂକ୍ରାନ୍ତରେ ନିଶା ଶିଳ୍ପାଞ୍ଚଳ ଥାନାରେ ନମ୍ବର ୭୪/୨୦୨୫ରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି ସମୟରେ କୋର୍ଟ ୩୨ ଜଣଙ୍କ ସାକ୍ଷ୍ୟ ଓ ୪୩ଟି ପ୍ରମାଣ ସହ ଅନ୍ୟାନ୍ୟ ରେକର୍ଡକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ଘୋଷଣା କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦିଲୀପ ଦାସ ଓ ପୂର୍ବରୁ ପବ୍ଲିକ ପ୍ରସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ବର୍ଷକ ମଧ୍ୟରେ ଆସିଥିବା ଏହି କଠୋର ଦଣ୍ଡାଦେଶକୁ ସାଧାରଣରେ ସ୍ୱାଗତ କରାଯାଇଥିବାବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁଗୋଳ ଏସ୍‌ପି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହ ନୂତନ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ୍ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଆରକ୍ଷୀ ମହାନିର୍ଦ୍ଦେଶକ ସନ୍ତୋଷବ୍ୟକ୍ତ କରିଛନ୍ତି। ଅନୁଗୋଳ ଏସ୍‌ପି ରାହୁଲ ଜୈନ ମଧ୍ୟ କୋର୍ଟଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବିଦା ପୂର୍ବରୁ ଯଶୱନ୍ତ ବର୍ମାଙ୍କ ଇସ୍ତଫା

**ଦିଲ୍ଲୀର ସରକାରୀ ବାସଭବନରେ ଅଗ୍ନିକାଣ୍ଡ ପରେ ବିପୁଳ ପରିମାଣର ଅଧାପୋଡ଼ା ଟଙ୍କା ମିଳିବା ଯୋଗୁ ବିବାଦୀୟ ହୋଇଥିବା ଆଲ୍ଲାହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଏପ୍ରିଲ ୯ରେ ଇସ୍ତଫାପତ୍ର ଦେଇଥିଲେ, ଯାହାକି ଗୃହୀତ ହୋଇଛି। ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ନେଇ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ସେ ଇସ୍ତଫା ଦେବା ଦ୍ୱାରା ଯାଞ୍ଚ ପ୍ରକ୍ରିୟାରେ ବିରତି ଆସିଛି। ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆସିଥିଲେ ଲୋକ ସଭାର ଅତିକମ୍‌ରେ ୧୦୦ ଜଣ ଓ ରାଜ୍ୟ ସଭାର ୫୦ ଜଣ ସଦସ୍ୟଙ୍କ ସ୍ୱାକ୍ଷର ସମ୍ବଳିତପତ୍ର ବାଚସ୍ପତିଙ୍କୁ ଦିଆଯାଇଥାଆନ୍ତା। ଇତିହାସ ଦେଖିଲେ ଅତୀତରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି. ରାମସ୍ୱାମୀ ଓ କଲିକତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସୌମିତ୍ର ସେନ୍‌ଙ୍କ ବିରୋଧରେ ମୋସନ ଆସିଥିଲେ ମଧ୍ୟ ସେମାନଙ୍କୁ ପୂର୍ଣ୍ଣ ଭାବେ ଅପସାରିତ କରାଯାଇ ନ ଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ଜଷ୍ଟିସ୍ ବର୍ମା ଇସ୍ତଫା ଦେଇଥିବାରୁ ମାମଲା ସ୍ୱତଃ ବନ୍ଦ ହୋଇଯିବା ନ୍ୟାୟିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।**



ଜଷ୍ଟିସ୍ ଯଶୱନ୍ତ ବର୍ମା

**ନୂଆଦିଲ୍ଲୀ,୧୦।୪ (ପି.ଟି.)**

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସଭବନରୁ ଗତବର୍ଷ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ପରେ ସେ ବିବାଦ ଘେରକୁ ଆସିଥିଲେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଗଠିତ କମିଟି ଏହାର ତଦନ୍ତ ଚଳାଇଥିଲେ। ବିଚାରପତିଙ୍କୁ ବହିଷ୍କାର କରିବା ପାଇଁ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଚାଲିଥିବାବେଳେ ସେ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜଷ୍ଟିସ୍ ବର୍ମା ଇସ୍ତଫାପତ୍ର ପଠାଇଥିବାରୁ ତାଙ୍କ ବିରୋଧରେ ଚାଲିଥିବା ମହାଭିଯୋଗ କାର୍ଯ୍ୟାନୁଷ୍ଠାନ ଅକାମୀ ହୋଇଯାଇଛି।

ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ଗତବର୍ଷ ମାର୍ଚ୍ଚ ୧୪ ତାରିଖ ରାତି ୧୧ଟା ୩୫ରେ ତାଙ୍କ ଲୁଟ୍ୟେନ୍ ବାସଭବନ ପରିସରରେ ନିଆଁ ଲାଗିଯାଇଥିଲା ଓ ବିପୁଳ ପରିମାଣରେ ପୋଡ଼ାଟଙ୍କା ବିଡ଼ା ମିଳିଥିଲା। ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ କର୍ମଚାରୀମାନେ ଏହା ଦେଖିବା ପରେ ଖବର ପ୍ରଘଟ ହୋଇଥିଲା। ୫୭ ବର୍ଷୀୟ ବିଚାରପତି ରାଷ୍ଟ୍ରପତିଙ୍କୁ ଲେଖିଥିବା ପତ୍ରରେ ଅତ୍ୟନ୍ତ ଦୁଃଖର ସହ ଇସ୍ତଫା ଦେଉଥିବା କହିଛନ୍ତି। ଉକ୍ତ ପଦବୀରେ କାର୍ଯ୍ୟ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା ବୋଲି ଜଷ୍ଟିସ୍ ବର୍ମା କହିଛନ୍ତି।

ମହାଭିଯୋଗ ପ୍ରସ୍ତାବ ପୂର୍ବରୁ ସୁପ୍ରିମକୋର୍ଟ ବିଚାରପତି ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବରିଷ୍ଠ ଆଇନଜୀବୀ ବି.ଭି. ଆଚାର୍ଯ୍ୟଙ୍କୁ ନେଇ ଗଠିତ ୩ ଜଣିଆ ତଦନ୍ତ କମିଟି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ତଦନ୍ତ କରିଥିଲା। ମାର୍ଚ୍ଚ ୨୨ରେ ସୁପ୍ରିମକୋର୍ଟ ଇନ୍‌ହାଉସ୍ ତଦନ୍ତ ରିପୋର୍ଟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ମାମଲା ଏକାଧିକ ମୋଡ଼ ନେଇଥିଲା। ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନା ବର୍ମାଙ୍କୁ ଇସ୍ତଫା ଦେବାକୁ ପରାମର୍ଶ ଦେଇଥିଲେ ମଧ୍ୟ ସେ ତାହାକୁ ଗ୍ରହଣ କରି ନ ଥିଲେ। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ପ୍ରକ୍ରିୟା ଚଳାଇବାକୁ ଜଷ୍ଟିସ୍ ଖାନ୍ନା ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଥିଲେ। ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା।

ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ଗତବର୍ଷ ଅଗଷ୍ଟ ୧୨ରେ ବିଭିନ୍ନ ଦଳର ସଦସ୍ୟମାନେ ଆଣିଥିବା ମହାଭିଯୋଗ ପ୍ରସ୍ତାବକୁ ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଥିଲେ। ବାଚସ୍ପତିଙ୍କ ନିଷ୍ପତ୍ତିକୁ ଜଷ୍ଟିସ୍ ବର୍ମା ଚ୍ୟାଲେଞ୍ଜ କରିଥିବାବେଳେ ଗତ ଜାନୁଆରୀ ୧୬ରେ ଶୀର୍ଷ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

ଜଷ୍ଟିସ୍ ବର୍ମା ୧୯୯୨ ଅଗଷ୍ଟ ୧ରେ ଜଣେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ ଏବଂ ୨୦୧୪ ଅକ୍ଟୋବରରେ ଆଲ୍ଲାହାବାଦ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୬ ଫେବୃଆରୀ ୧ରେ ସେ ଆଲ୍ଲାହାବାଦ ହାଇକୋର୍ଟରେ ସ୍ଥାୟୀ ବିଚାରପତି ଏବଂ ୨୦୨୧ ଅକ୍ଟୋବର ୧୧ରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିଲେ। ତାଙ୍କ ଇସ୍ତଫାପତ୍ର ଗୃହୀତ ହେଲେ ସେ ଜଣେ ହାଇକୋର୍ଟ ବିଚାରପତି ଭାବେ ଅବସରକାଳୀନ ☞ **ପୃଷ୍ଠା-୧୨**

# ଯମୁନାରେ ବୋଟ୍ ଓଲଟି ୧୦ ମୃତ, ବହୁ ନିଖୋଜ

**ମଥୁରା,୧୦।୪ (ପି.ଟି.)**

ପର୍ଯ୍ୟଟକମାନଙ୍କୁ ନେଇ ଯାଉଥିବା ଏକ ବୋଟ୍ ଶୁକ୍ରବାର ଅପରାହ୍ନରେ ବୃନ୍ଦାବନର ଯମୁନା ନଦୀରେ ଓଲଟିପଡ଼ିବାରୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ନିଖୋଜ ଅଛନ୍ତି। ପଞ୍ଜାବର ୨୫ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ନେଇ ବୋଟ୍‌ଟି ଯାଉଥିବାବେଳେ କେସି ଘାଟ ନିକଟରେ ଏକ ଭାସମାନ ପୋଲକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ୧୬/୧୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ନିଖୋଜମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶାସନ ବଳ (ଏସ୍‌ଡିଆର୍‌ଏଫ୍) କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଜଣ ସ୍ଥାନୀୟ ବୁଡ଼ାଳି ସାମିଲ ହୋଇଛନ୍ତି।

କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଜଳସ୍ତର ବଢ଼ିବାରୁ ନିକଟରେ ଉକ୍ତ ଅଞ୍ଚଳରେ ଭସା ପୋଲକୁ ଭାଙ୍ଗିଦିଆଯାଇଥିଲା। ପୋଲର କେତେକ ଡ୍ରମ୍ ପାଣିରେ ଭାସୁଥିଲା। ଜୋର୍‌ରେ ପବନ ବହିବାରୁ ନଦୀ ମଝିରେ ବୋଟ୍‌ଟି ଦୋହଲିବା ସହ ଅଧିକ ବେଗରେ ଗତିକରି ଗୋଟିଏ ଡ୍ରମ୍ ସହ ଧକ୍କା ଖାଇଥିବା ବିଶ୍ୱାସ କରାଯାଉଛି। ମୃତକଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୪ ମହିଳା ଥିବା ବୃନ୍ଦାବନ ଯୁଗ୍ମ ହସ୍ପିଟାଲର ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ପଞ୍ଜାବର ଲୁଧିଆନା ଏବଂ ମୁକ୍ତସରରୁ ପ୍ରାୟ ୧୫୦ ଜଣ ପର୍ଯ୍ୟଟକ ବୃନ୍ଦାବନ ଭ୍ରମଣରେ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଉକ୍ତ ବୋଟ୍‌ରେ ଯାତ୍ରା କରୁଥିଲେ ବୋଲି ଜଣାପଡ଼ିଛି।






# ମାଗୁଛନ୍ତି ପଟ୍ଟା



ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଥିବା ସିଜିମାଳି ପାହାଡ଼ର ସୁରକ୍ଷା ପାଇଁ ଅଞ୍ଚଳବାସୀ ଶୁକ୍ରବାର ପାଦଦେଶରେ ଜଗି ରହିଛନ୍ତି।

**ରାୟଗଡ଼ା/କଲ୍ୟାଣସିଂହପୁର,୧୦।୪ (ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ବକ୍ସାଇଟ ଖଣିକୁ ବେଦାନ୍ତ ପକ୍ଷରୁ ଗତ ମଙ୍ଗଳବାର ରାସ୍ତା ନିର୍ମାଣ ଉଦ୍ୟମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟର ପ୍ରାରମ୍ଭିକ ସ୍ତରରେ ବିପୁଳ ପୋଲିସ ଓ ପ୍ରଶାସନକୁ ନିୟୋଜିତ କରାଯାଇଥିଲା। ହେଲେ ସ୍ଥାନୀୟ ଗ୍ରାମବାସୀ କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଫଳରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କୁ ପୋଲିସ ଅମାନ୍ୟ କରୁଥିବାରୁ ସମସ୍ୟାର ସମାଧାନ ପାଇଁ ପ୍ରଭାବିତ ଅଞ୍ଚଳକୁ ଜିଲାପାଳ ଯାଇଥିବା ସରକାରୀ ଭାବେ କୁହାଗଲା। କିନ୍ତୁ ଦେଖିଲା ବେଳକୁ ଗ୍ରାମକୁ ଯାଇ ସରକାରୀ କର୍ମଚାରୀ ସ୍ଥାନୀୟ ଲୋକଙ୍କଠାରୁ ଜମିପଟ୍ଟା ମାଗିଥିଲେ।

ପୋଲିସର କହିବା ଅନୁଯାୟୀ, କଣ୍ଟାମାଳ ଗାଁର ସୁବାସ ସିଂ ମାଝିଙ୍କ ନାଁରେ କୁଆଡ଼େ ୱାରେଣ୍ଟ ରହିଥିଲା। ତେଣୁ ପୋଲିସ ତାଙ୍କୁ ଗିରଫ କରିବାକୁ ଯାଇଥିଲା। ଅପରପକ୍ଷେ କଣ୍ଟାମାଳ ଗ୍ରାମବାସୀଙ୍କ କହିବା ଅନୁଯାୟୀ ପୋଲିସ ରାତିଅଧିଆ ଗାଁ ଲୋକଙ୍କୁ ଡରାଇବା ପାଇଁ ଆସିଥିଲା। ପୋଲିସ ଗାଁ ଲୋକଙ୍କ ଘରଗୁଡ଼ିକର କବାଟକୁ ଜୋର୍‌ରେ ବାଡ଼େଇଥିଲା। ଲୋକେ କବାଟ ଖୋଲିବା ପରେ ପୋଲିସ ସେମାନଙ୍କୁ ଧମକଚମକ ଦେବା ସହିତ ମାଡ଼ ମାରିଥିଲା। ତେଣୁ ଲୋକେ ଆତ୍ମରକ୍ଷା କରିବାକୁ ଚେଷ୍ଟା କରିଥିଲେ। ପୋଲିସ ସେମାନଙ୍କ ଉପରେ ଟିୟର (ଲୁହବୁହା) ଗ୍ୟାସ୍ ଛାଡ଼ିଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଆମ ଗାଁ ଲୋକେ ଆହତ ହୋଇଥିଲେ ହେଁ ଗିରଫ ଭୟରେ ମେଡିକାଲ ଯାଇ ନ ପାରି ଘରେ ଚିକିତ୍ସିତ ହେଉଥିବା କଣ୍ଟାମାଳ ଗ୍ରାମବାସୀ କହିଛନ୍ତି।

ବେଦାନ୍ତ କମ୍ପାନୀ ଓ ପ୍ରଶାସନ ସିଜିମାଳି ଖଣିକୁ ରାସ୍ତା କରିବା ପାଇଁ ପଦକ୍ଷେପ ନେଉଥିବାରୁ ଲୋକେ ଭିଟାମାଟି ହରାଇବା ଭୟରେ ଏହାକୁ ବିରୋଧ ଆରମ୍ଭ କରିଥିଲେ। ତେବେ ଏପ୍ରିଲ ☞ **ପୃଷ୍ଠା-୧୨**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଛେନାପୋଡ଼ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ରାମ ମନ୍ଦିର ଛକରୁ ଲୋୟର ପିଏମ୍‌ଜି, ସମୟ: ସକାଳ ୬ଟା।
- ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ, ଐତିହ୍ୟ କଳା ବିଭାଗ ପକ୍ଷରୁ 'ଐତିହ୍ୟ ଦର୍ଶନ' କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ମାଉସୀମା' ଛକ, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ଜୁଏଲେରି ଶୋ-୨୦୨୬ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ହୋଟେଲ କ୍ରିଷ୍ଟାଲ କ୍ରାଉନ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଜାଦ ହିନ୍ଦ ବାହିନୀ ପକ୍ଷରୁ 'ସାମ୍ପ୍ରତିକ ଅବସ୍ଥା ଓ ସମାଜବାଦୀ ବ୍ୟବସ୍ଥାର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଫରୱାର୍ଡ ରାଜ୍ୟ କାର୍ଯ୍ୟାଳୟ, ନେତାଜୀ ଭବନ, ଭିଆର୍-୫୦, ୟୁନିଟ୍-୬,ସମୟ: ପୂର୍ବାହ୍ନ ୧୧ଟା।
- ଶିଳାଶ୍ରୀ ପତ୍ରିକାର ଊନବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ଅପରାହ୍ନ ୩ଟା ୩୦।
- ବନଫୁଲ ବିଷୁବ ମିଳନ ଏବଂ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପଲଇଜ୍ ୟୁନିୟନ ଓଡ଼ିଶା ପକ୍ଷରୁ ୧୫ତମ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ସମୟ: ଅପରାହ୍ନ ୫ଟା।

## କଟକ

- ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ର ଓ ଯୁବ ଲେଖକ ସମ୍ମିଳନୀ, ସ୍ଥାନ: ସ୍ୱରାଜ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବାଡି ସିଏମ୍ ଟ୍ରଫି ୨.୦ ମ୍ୟାଚ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: କବାଡି କମ୍ପ୍ଲେକ୍ସ, ବାରବାଟୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରର ଉଦ୍‌ଘାଟନ, ସ୍ଥାନ: ପ୍ରଥମ ମହଲା, କଟକ ନେତାଜୀ ବସ୍ ଟର୍ମିନାଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ସାଧକ ଅଭୟ ସାମନ୍ତରାୟଙ୍କ ସ୍ମୃତିସଭା, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଶ୍ରୀଶିରିଡ଼ି ସାଇବାବାଙ୍କ ୧୯ତମ ବାର୍ଷିକ ଉତ୍ସବ ଏବଂ ସାଇବାବା ମୋହସବମ କଳସ ଶୋଭାଯାତ୍ରା, ସ୍ଥାନ: ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସକାଳ ୭ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାମ୍ବାଦିକ ଭବନ, ଟିଏଲ୍‌ସି ରୋଡ, ସମୟ: ସକାଳ ୮ଟା।
- ଶ୍ରୀମହାବୀରଙ୍କ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଉଇଲ କିଶନ ନଗର (ସାହେବ ନୂଆଗାଁ), ସମୟ: ପୂର୍ବାହ୍ନ ୧୦ଟା।
- ଦଣ୍ଡ ମେଳଣ ମହୋତ୍ସବ, ସ୍ଥାନ:ମା'କାଳିକା ଠାକୁରାଣୀଙ୍କ ପୀଠସ୍ଥଳୀ, ଠଣାପଲ୍ଲୀ, ସମୟ: ରାତି ୮ଟା।

## ବାଲେଶ୍ୱର

- ଯୁବ ଲେଖକ ଓ କମି ସମ୍ମିଳନୀ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ବସନ୍ତ ଉତ୍ସବ ରୌପ୍ୟଜୟନ୍ତୀ ସମାରୋହ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:କାଦରାବାଦ, ସୁନହଟ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭା, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ଦନ୍ତୁରୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବଡ଼ପୋଖରୀ ସ୍କୁଲ ପଡ଼ିଆ, ଔପଦା, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ

- ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ, ସ୍ଥାନ: ତିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ,ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଅମୃତ ପିଢି ସାରସ୍ୱତ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ଦେବୀ ଶ୍ରୀବତ୍ସ ମହାନ୍ତି ବହୁମୁଖୀ ଦାତବ୍ୟ ଅନୁଷ୍ଠାନର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବେଲଗଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷାଗତ ଭ୍ରମଣ, ସ୍ଥାନ: ଲୋକନାଥ ପାଠାଗାର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ସରପଞ୍ଚ ବସନ୍ତ ନାୟକଙ୍କ ସ୍ମୃତିସଭା, ସ୍ଥାନ: ପାଳିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଓଡ଼ିଆ ନବ ବର୍ଷ ଓ ବିଷୁବ ସଂକ୍ରାନ୍ତି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବୋଦାପଳସା ହାଇସ୍କୁଲର ଶତବାର୍ଷିକ ସମାରୋହ, ସ୍ଥାନ: ସଦର ବ୍ଲକ୍ ବୋଦାପଳସା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ରୌପ୍ୟ ଜୟନ୍ତୀ, ସରକାରୀ ଇଞ୍ଜିନିୟରିଂ କଲେଜ, ସ୍ଥାନ: କଲେଜ ପରିସର, କେନ୍ଦୁଝର, ସମୟ: ଅପରାହ୍ନ ୩ ଟା।
- ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଗସ୍ତ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ରକ୍ତଦାନ ଶିବିର, ସ୍ଥାନ: ଏମ୍‌ପିସି ସ୍ୱୟଂଶାସିତ କଲେଜ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳାର କାର୍ନିଭାଲ ଯାତ୍ରା, ସ୍ଥାନ:ମା' ଅମ୍ବିକା ମନ୍ଦିର, ବାରିପଦା,ସମୟ: ଅପରାହ୍ନ ୪ଟା।
- ଖଇରୀ ମହୋତ୍ସବ,ସ୍ଥାନ: ମାହାର୍ଦ୍ଧାପଳସା ମିନି ଷ୍ଟାଡିୟମ, ଯଶୀପୁର, ସମୟ: ଅପରାହ୍ନ ୫ଟା।
- ମା' ବୁଢ଼ୀ ଠାକୁରାଣୀଙ୍କ ଗାଁ ପରିକ୍ରମା, ସ୍ଥାନ: ଚିତ୍ରଡ଼ା, ହଳଦୀପାଳ, ସମୟ: ସନ୍ଧ୍ୟା ୭ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଉତ୍ସବ,ସ୍ଥାନ:ଛଉ ପଡ଼ିଆ ବାରିପଦା, ସମୟ: ରାତି ୮ଟା।

## ବ୍ରହ୍ମପୁର

- ରାମକୃଷ୍ଣ ଶାରଦା ସେବା ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ରାମକୃଷ୍ଣ ଆଶ୍ରମ, ଆମ୍ବପୁଆ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସନସାଇନ ଲେଡିଜ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଶୁଭମ ସେଲିବ୍ରେଶନ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ କୃଷକ ଭାରତ ସଭାର ପ୍ରତିଷ୍ଠା ଦିବସ, ସ୍ଥାନ: ସହୀଦ ଲକ୍ଷ୍ମଣ ନାୟକ କମୁନିଟି ହଲ, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୫ ଟା।

## ଗଞ୍ଜାମ

- ବଟାନି ବିଭାଗର ଆଲୋଚନାଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ସାହିତ୍ୟ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଆସିକା, ସମୟ: ଅପରାହ୍ନ ୪ ଟା ୩୦।

## ଢେଙ୍କାନାଳ

- ଜଣାଅଜଣା ପ୍ରତିଯୋଗିତା ଓ ମ୍ୟାଜିକ ସୋ', ସ୍ଥାନ: ପୁସ୍ତକ ମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଧୂଳି ଦଣ୍ଡନୃତ୍ୟ ପରିବେଷଣ, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ ସାହି, ସମୟ: ଅପରାହ୍ନ ୪ଟା।
- ବିଭିନ୍ନ ସୁଆଙ୍ଗରେ ଦଣ୍ଡନୃତ୍ୟ ପରିବେଷଣ, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ ସାହି, ସମୟ: ରାତି ୧୧ଟା।
- ପ୍ରସିଦ୍ଧ କାଙ୍ଗୁଲା ଦକ୍ଷିଣକାଳୀ ଦଣ୍ଡ ନୃତ୍ୟ, ସ୍ଥାନ: ଅନୁଗୋଳ କାଙ୍ଗୁଲା, ସମୟ: ରାତି ୧୧ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରକ୍ତଦାନ ଶିବିର, ସ୍ଥାନ : ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ : ସକାଳ ୯ଟା।
- ନନ କ୍ୟାଡର ପବ୍ଲିକ ପ୍ରସ୍କ୍ୟୁକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା।
- ବ୍ୟାସନଗର କଲେଜ ସଂସ୍କୃତ ବିଭାଗର ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- କୁଆଁରିଆ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଗାନ୍ଧୀ ମଇଦାନ ଦଶପଲ୍ଲା ସହର, ସମୟ: ସନ୍ଧ୍ୟା ୮ଟା।
- ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ନୟାଗଡ କଚେରି ବଜାର ସୁଦର୍ଶନ ସାହୁଙ୍କ ବାସଭବନ, ସମୟ: ସକାଳ ୯.୩୦ ଟା।
- ଜିଲା ଓକିଲ ସଂଘ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ବାର ହଲ୍, ସମୟ: ସକାଳ ୯.୩୦ ଟା।
- ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ଖଣ୍ଡପଡ଼ା ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୧୯ ବର୍ଷରୁ କମ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ସିଦ୍ଧାମୂଳା ବନାମ ଘଣାଶାଳିଆ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଦଣ୍ଡପର୍ବର ୧୫ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଢ଼ୋଲମରା, କଣ୍ଟିଲୋ, ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ନ ୨ଟା।
- ବିଶ୍ୱ ଛେନାପୋଡ ଦିବସ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ହିନ୍ଦୁ ଏକତା ବାହିନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ତୃପ୍ତି ଲଜ୍, ନବରଙ୍ଗପୁର, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗାଙ୍ଗେଶ୍ୱରୀ ଡିଗ୍ରୀ କଲେଜ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ସପ୍ତସତୀ ଚଣ୍ଡି ହବନ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ: ସକାଳ ୭ଟା
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗଙ୍ଗାଧର ମେହେର କଲେଜ ଛକ, ସମୟ: ସକାଳ ୭ଟା ୩୦।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି କବାଡି ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ଆୟୋଜନରେ ଅମୃତ ସାରସ୍ୱତ ସମାରୋହ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀହନୁମାନ ମନ୍ଦିର କମିଟି ପକ୍ଷରୁ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂଜାର୍ଚ୍ଚନା, ସ୍ଥାନ: କଚେରୀ ଛକ ନିକଟସ୍ଥ ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପତ୍ରାପାଲି,ଲୋଇସିଂହା, ସମୟ: ସକାଳ ୯ଟା।

## ରାଉରକେଲା

- ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୭ଟା।
- ବରପୁତ୍ର ଦିବସ ପାଳନ, ସ୍ଥାନ: ରାଉରକେଲା ସ୍ୱୟଂଶାସିତ ସରକାରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଦିବସ ଉଦ୍‌ଘାଟନୀ -ସମ୍ବର୍ଦ୍ଧନା ସଭା, ସ୍ଥାନ: କଲୁଙ୍ଗା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ସମିତି ବୈଠକ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୫ଟା।
- ଆନ୍ତଃ ବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ହନୁମାନ, ଦୁର୍ଗା, କରମସାନୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନିଳିବନ୍ଧ ପଡା, ବରଗଡ଼, ସମୟ: ସକାଳ ୮ଟା।
- ଗଣେଷ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ସକାଳ ୮ଟା ।
- ଆଦର୍ଶ ଗଣ ବିବାହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା ।
- ମହାଲକ୍ଷ୍ମୀ ମନ୍ଦିର ନିମନ୍ତ୍ରଣ ନେଇ ଆଲୋଚନା, ସ୍ଥାନ: ଅଭିଳିପ୍ସା ମହିଳା ସମିତି, ଶକ୍ତି ନଗର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ତୁଳସୀ ରାମାୟଣ ନବାହ ପାରାୟଣ,ସ୍ଥାନ :ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସନ୍ଧ୍ୟା ୫ଟା ।
- ଶିବପୁରାଣ ପଠନ,ସ୍ଥାନ:ମହାପାତ୍ର କଲ୍ୟାଣ ମଣ୍ଡପ,ସରଣ୍ଡା, ସମୟ: ସକାଳ ୭ଟା ।

## କଳାହାଣ୍ଡି

- ଅମୃତ ପିଢ଼ି ସାରସ୍ୱତ ସମାରୋହ, ସ୍ଥାନ: ଭବାନୀପାଟଣା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଷୁବ ମିଳନ ଉପରେ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା କଳାହାଣ୍ଡି ଲେଖକ ପରିଷଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ, କଣ୍ଟାମାଳ, ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ଗଡଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ଷୋଳତମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତ୍ର ୯ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ନୂଆପଡ଼ା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି କର୍ମଭାବସ୍ଥ ଚନ୍ଦ୍ର ଏକାଧାରରେ ପାରିବାରିକ ଜୀବନ ଏବଂ କର୍ମକ୍ଷେତ୍ର ସକାଶେ ଶୁଭଫଳ ପ୍ରଦାନ କରିବେ। କିନ୍ତୁ ଶନିକ୍ଷେତ୍ରସ୍ଥ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ। କୌଣସି ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ।

**ବୃଷ:** ବୁଧ ସହ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରେ ବୈଷୟିକ ଅଭିବୃଦ୍ଧି ସହ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅଟକି ରହିଥିବା ସରକାରୀ କାମରେ ସଫଳତା ପାଇବେ। ସପ୍ତମସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବାର ସୂଚନା ରହିଛି।

**ମିଥୁନ:** ଦଶମ ଭାବସ୍ଥ ଚତୁଃଗ୍ରହ ସମନ୍ୱିତ ରାଜଯୋଗ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରାଇପାରନ୍ତି। ବୃହସ୍ପତି କ୍ଷେତ୍ର ପ୍ରଭାବରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ:** ରାଶ୍ୟାଧିପ ଚନ୍ଦ୍ର ନିଜ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ନିକଟରେ ଅଟକି ରହିଥିବା ବକେୟା ଅର୍ଥ ଆଜି ପାଇବେ। ରବିଙ୍କ ସଂଯୋଗରୁ ନୀଚାରୋହୀ ଶନିଙ୍କ ବଳବୃଦ୍ଧି କର୍ମକ୍ଷେତ୍ରକୁ ସରସ ସୁନ୍ଦର କରାଇବ। ତଥାପି ନିଜ ଲୋକଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ:** ରାଶ୍ୟାଧିପତି ସପ୍ତମଭାବସ୍ଥ ହେତୁ ଆରୋଗ୍ୟଲାଭ ଓ ବାଣିଜ୍ୟିକ କାରବାରରେ ସମସ୍ୟାମୁକ୍ତ ରହିବେ। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇଲେ ମଧ୍ୟ ରାଜନୀତିରେ ବିବାଦୀୟ ସ୍ଥିତି ଦେଖାଦେଇପାରେ। ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିନେବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା:** ଦ୍ୱାଦଶଭାବସ୍ଥ କେତୁ ଗ୍ରହ କଠିନଶ୍ରମ ଓ ବିଶେଷ ଭ୍ରମଣ କରାଇ ଶାନ୍ତିରେ ଶୁଆଇ ଦେଇ ନ ପାରେ। ପରିବାରର ଲୋକଙ୍କ ଅସହଯୋଗରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାର କଷ୍ଟକର ହେବ। ତଥାପି ସାମାଜିକ ସ୍ତରରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା:** ସପ୍ତମକେନ୍ଦ୍ରରୁ ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କିନ୍ତୁ ପାପଗ୍ରହ ମଧ୍ୟସ୍ଥ କର୍ମାଧିପତି ଯୋଗୁ କର୍ମକ୍ଷେତ୍ରରେ ଟେନ୍‌ସନ ପିଛା ଛାଡିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ସାହିତ୍ୟ, ରାଜନୀତି, ସାମ୍ବାଦିକତାରୁ ଶୁଭଫଳ ପାଇବେ।

**ବିଛା:** କୋଣଭାବସ୍ଥ ରାଶ୍ୟାଧିପତି ରାଜଯୋଗ ମଧ୍ୟରେ ଆର୍ଥିକ ଉନ୍ନତି ସାଙ୍ଗକୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସୁସମ୍ପର୍କରେ ଭଟ୍ଟା ପଡ଼ିପାରେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ସଙ୍ଗୀତରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ:** ରାଶିକୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ଯୋଗୁ ଆଜିର ଜୀବନଯାତ୍ରା ସନ୍ତୋଷଜନକ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ଏହି କାରଣରୁ ଅନ୍ୟମାନଙ୍କର ଭଲ ଧାରଣା କ୍ରମଶଃ ବଦଳି ଯାଇପାରେ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କୁ ସହଯୋଗ କରିପାରନ୍ତି।

**ମକର:** ଚନ୍ଦ୍ରଙ୍କ ପ୍ରଭାବରେ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବା ସହ ପାରିବାରିକ କ୍ଷେତ୍ର ଶାନ୍ତି ପ୍ରଦାୟକ ହେବ। କିନ୍ତୁ କେତେକ କ୍ଷେତ୍ରରେ ମନ ଚାହୁଁଥିବା ପ୍ରକାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇପାରେ। ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆନୁଷ୍ଠାନିକ କାମ, ସଭାସମିତି ଏବଂ ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ:** କର୍ମାଧିପତିଙ୍କ ଶୁଭ ପ୍ରଭାବରୁ କୌଣସି କାମ ଅଟକିବ ନାହିଁ। ଧନିଷ୍ଠା ନକ୍ଷତ୍ର ସକାଶେ ସମସ୍ତ ସୁବିଧା ଥାଇ ମଧ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିବ। ଯାହାକୁ ଅତି ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବିଶେଷ ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ:** ଧନାଧିପତିଙ୍କ ସ୍ଥିତିଜନିତ ଗୁଡ଼ାଏ ଟଙ୍କା ଖର୍ଚ୍ଚ କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ ଜଟିଳ ହେବ। ଅବଶ୍ୟ ପଶ୍ଚାନ୍ତର ସଫଳତା ହାସଲ କରିବେ। ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାରେ ସମର୍ଥ ହୋଇପାରନ୍ତି ।

ଆଜି ଏପ୍ରିଲ ୧୧ ତାରିଖ, ବୈଶାଖ କୃଷ୍ଣ ନବମୀ, ଶନିବାର। ନିରାପଦ ମାତୃତ୍ୱ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦିବା ଘ. ୦୧/୩୮ ମି. ପରେ ଶ୍ରବଣାନକ୍ଷତ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୪ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୪୧ ଗତେ ଘ.୧୦।୧୪ ମଧ୍ୟେ ରାହୁ କାଳ।

## ଦଣ୍ଡନାଚ ଦେଖି ରାତିରେ ଫେରୁଥିଲେ | ମା' ଓ ଝିଅଙ୍କୁ ଦଳିଦେଲା ହାତୀ, ବର୍ତ୍ତିଗଲେ ବାପା

ବନ୍ତଳା,୧୦।୪(ସୁଶିତ ସାହୁ)

ହାତୀ ଆତଯାତ ଅଞ୍ଚଳ ହୋଇଥିବାରୁ ଲୋକେ ବାରଣ କରିଥିଲେ। ସ୍ତ୍ରୀ ଓ ଝିଅଙ୍କୁ ଧରି ବିଳମ୍ବିତ ରାତିରେ ଘରକୁ ନ ଫେରିବାକୁ ପରାମର୍ଶ ଦେଇଥିଲେ। ହେଲେ ତାହାକୁ ଅଣଦେଖା କରି ଘରକୁ ଫେରୁଥିବାବେଳେ ସମସ୍ତେ ପଡ଼ିଥିଲେ ହାତୀ ହାବୁଡ଼ରେ। ଘଟଣାସ୍ଥଳରେ ମା' ଓ ଝିଅଙ୍କୁ ହାତୀ ଦଳିଦେଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଥିଲେ ବାପା। ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ ମଧୁପୁର ଗାଁମୁଣ୍ଡ ନଳମାଳ ଆମ୍ବତୋଟାରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟିକରିଛି। ମୃତକ ହେଲେ ପଙ୍କଜିନୀ ପଧାନ (୩୬), ପୁଷ୍ପା ପଧାନ (୮)।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଠାକୁରଗଡ଼ ଥାନା କନ୍ତପଡ଼ା ଗାଁର କାଶିଆ ଦେହୁରୀ ପ୍ରାୟ ୨ ବର୍ଷ ହେଲା ସ୍ତ୍ରୀ ପଙ୍କଜିନୀ ଓ ଝିଅ ପୁଷ୍ପାଙ୍କୁ ନେଇ ବନ୍ତଳା ବନାଞ୍ଚଳ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ ପୋକତୁଙ୍ଗା ଗାଁର ଜଣେ ବ୍ୟକ୍ତିଙ୍କ ବଗିଚାରେ ରହୁଥିଲେ। କାଶିଆ ଓ ପଙ୍କଜିନୀ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ରାତିରେ ପାଖ ଗାଁ ମଧୁପୁରରେ ଦଣ୍ଡନାଚ ହେଉଥିବାରୁ କାଶିଆ ସ୍ତ୍ରୀ ଓ ଝିଅଙ୍କୁ ନେଇ ସେଠାକୁ ନାଚ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୨ଟା ବେଳେ କାଶିଆ ପରିବାର ସହ ପୋକତୁଙ୍ଗାସ୍ଥିତ ବଗିଚାକୁ ଫେରିବାକୁ ବାହାରିବାବେଳେ ଲୋକେ ବାରଣ କରିଥିଲେ। ହାତୀ ଭୟ ଥିବାରୁ ସକାଳ ଯାଏ ଅପେକ୍ଷା କରିବାକୁ କହିଥିଲେ। ହେଲେ କାହା କଥା ନ ମାନି କାଶିଆ ପରିବାର ସହ ଫେରୁଥିବାବେଳେ ଗାଁମୁଣ୍ଡ ଆମ୍ବତୋଟାଠାରେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ସେଠାରେ ପଙ୍କଜିନୀ ଓ ପୁଷ୍ପାଙ୍କୁ ହାତୀ ଦଳି ଦେଇଥିବାବେଳେ କାଶିଆ ଅଳ୍ପକେ ବର୍ତ୍ତିଯାଇଥିଲେ। କାଶିଆ ଦୌଡ଼ିଯାଇ ନାଚସ୍ଥଳରୁ ଗାଁ ଲୋକଙ୍କୁ ଡାକିଆଣିଥିଲେ। ଗାଁଲେକେ ଘଟଣାସ୍ଥଳରେ ପହଞ୍ଚିବା ସହ ବନବିଭାଗକୁ ଖବର ଦେଇଥିଲେ। ଏହାପରେ ରେଞ୍ଜର ପ୍ରସନ୍ନ କୁମାର ସାହୁ, ଫରେଷ୍ଟର ଶ୍ରୀନିବାସ ସାହୁ ଓ ୱାଚର୍, ଗଜସାଥୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ୍ତଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ମଧୁପୁର ଗାଁର ମଙ୍ଗୁଲୁ ପ୍ରଧାନ, ମିନକେତେନ ସେଠୀ କହିଛନ୍ତି, ବନ ବିଭାଗ କର୍ମଚାରୀଙ୍କ ଅବହେଳା ପାଇଁ ଏପରି ଘଟଣା ଘଟିଲା। ହାତୀ ଉପସ୍ଥିତି ନେଇ ଗ୍ରାମବାସୀଙ୍କୁ ସୂଚନା ଦିଆଯାଉ ନାହିଁ। ରେଞ୍ଜର ପ୍ରସନ୍ନ କୁମାର କହିଛନ୍ତି, ବିଭାଗ ପକ୍ଷରୁ ସବୁବେଳେ ଲୋକଙ୍କୁ ସଚେତନ କରାଯିବା ସହ ସୂଚନା ପ୍ରଦାନ କରାଯାଉଛି। ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ ମୃତକଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଅଗ୍ରିମ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ବାକି ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଏସିଏଫ୍ ସାହୁ ପ୍ରକାଶ କରିଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଇଁ ଝଟକିଲା ବିଜୁଳି ମାରିଲା**
**ଦାଣ୍ଡ ଧୂଳି ନେଲା ଉଡ଼ାଇ,**
**ଏହି ବାଟେ ଗଲା କଥା ନ କହିଲା**
**ସଙ୍ଗେ ସଙ୍ଗେ ଗଲି ଗୋଡ଼ାଇ।**

ଯେଉଁଠି ସ୍ନେହ ଆଦର ତଥା ଭଲପାଇବା ରହିଥାଏ ସେଠି ରାଗରୁଷା, ମାନ ଅଭିମାନ ମଧ୍ୟ ରହିଥାଏ। କୌଣସି କଥାକୁ ନେଇ ଅଭିମାନରେ ମୁହଁ ବୁଲାଇ ଚାଲିଯାଉଥିବା ପ୍ରେମୀକୁ ମନେଇବା ନେଇ ପଛେ ପଛେ ଧାଇଁଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଟିକି ଦେଲି ମାଟି,**
**ଓରା ଲାଗି ଘର ପଥର ଖୁଣ୍ଟି**
**ବସିଛି ଗୁଣ୍ଡୁଣୀ ହାତୀ।**

ପରିବାରର ଗୁରୁଦାୟିତ୍ୱ ଗୃହିଣୀଙ୍କ ଉପରେ ନ୍ୟସ୍ତ ଥାଏ। ଯେଉଁ ଗୃହିଣୀ ଏଭଳି ଦାୟିତ୍ୱ ମୁଣ୍ଡାଇବାରେ ଅସମର୍ଥ ବା ହେଳା କରନ୍ତି, ସେମାନେ କେବେ ଆଦରଣୀୟା ହୋଇପାରି ନ ଥାନ୍ତି। କୋଠାଘରେ ରହୁଥିବା ଘରଣୀ ଖାଇପିଇ ବେଶ୍ ଆରାମରେ ବସି ଦିନ କାଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

## ଉଚ୍ଚଶିକ୍ଷାରେ ଲାଗୁ ହେଲା 'ଆଦର୍ଶ ଆଚରଣ ବିଧି'

ଭୁବନେଶ୍ୱର,୧୦।୪(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚଶିକ୍ଷାନୁଷ୍ଠାନରେ 'ଆଦର୍ଶ ଆଚରଣ ବିଧି' କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ତୁରନ୍ତ ଏହି ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ଶୁକ୍ରବାର ବିଭାଗର ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଏହି ବିଧିକୁ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହାର କଠୋର ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଚରଣ ବିଧିର ଅନୁପାଳନ ନିରୀକ୍ଷଣ କରିବା ଓ କୌଣସି ଉଲ୍ଲଂଘନ ଘଟିଲେ ତାହାର ତୁରନ୍ତ ସମାଧାନ ପାଇଁ ପ୍ରାସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ୩୧୮ ସ୍ଥାନରେ ...

**ଅବଶିଷ୍ଟାଂଶ**

ଏବଂ ଯୋଗାଯୋଗ ସୁବିଧା ଉପଲବ୍ଧ ହେବ। ସମସ୍ତ ବସ୍‌ଷ୍ଟାଣ୍ଡକୁ ସାର୍ବଜନୀନ ପରିବହନ ଭିତ୍ତିଭୂମି ଭାବରେ ନାମିତ ଏବଂ ସୂଚିତ କରାଯିବ । ସମନ୍ୱିତ ସାର୍ବଜନୀନ ସେବା ଏବଂ ସୁବିଧା ପାଇଁ ସରକାରୀ ଏବଂ ବେସରକାରୀ ବସ୍ ଅପରେଟରମାନଙ୍କ ଦ୍ୱାରା ବ୍ୟବହାର କରାଯିବ। 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ବାଣିଜ୍ୟ ଏବଂ ପରିବହନ ବିଭାଗ ଅଧୀନରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯିବ। ରାଜ୍ୟବ୍ୟାପୀ ବସ୍ ଷ୍ଟାଣ୍ଡଗୁଡ଼ିକର ନିର୍ମାଣ, ଉନ୍ନୟନ, ନବୀକରଣ, କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଆସନ୍ତା ୨୦୩୧-୩୨ ବର୍ଷ ପର୍ଯ୍ୟନ୍ତ ୩,୪୦୦ କୋଟି ଟଙ୍କାର ବଜେଟକୁ ଅନୁମୋଦନ ଦିଆଯାଇଛି ବୋଲି ମୁଖ୍ୟ ସଚିବ ଗର୍ଗ କହିଛନ୍ତି।




# ଭାଜପାର ୭୨ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଘୋଷଣା

## ୩୮ ସ୍ୱତନ୍ତ୍ର, ୨୩ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ତାଲିକା ପ୍ରକାଶ

ଭୁବନେଶ୍ୱର,୧୦।୪(ରବିନାରାୟଣ ଜେନା)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗୁରୁବାର ୭୨ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ତାଲିକା ସହ ୩୮ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ୨୩ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ସ୍ଥାୟୀ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବୈଜୟନ୍ତ ପଣ୍ଡା, ସୁରେଶ ପୂଜାରୀ, ଜୟ ନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିମ୍ବାଧର କୁଅଁର, ବସନ୍ତ କୁମାର ପଣ୍ଡା, ସମୀର ମହାନ୍ତି, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ବିଶ୍ୱେଶ୍ୱର ଟୁଡୁ, ପ୍ରଦୀପ୍ତ କୁମାର ନାଏକ, ଅରବିନ୍ଦ ଢାଲି, ରାମଚନ୍ଦ୍ର ପଣ୍ଡା, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ହିମାଂଶୁ ମେହେର, ସମୀର ରଞ୍ଜନ ଦାଶ ଓ ସଞ୍ଜୀବ ସାହୁ। ୩୮ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ କେତେଜଣ ପୂର୍ବତନ ଏମ୍‌ପି ଓ ଏମ୍‌ଏଲ୍‌ଏ ରହିଛନ୍ତି।

ନୂଆ ରାଜ୍ୟ କାର୍ଯ୍ୟକାରିଣୀରେ କଟକରୁ ୭ଜଣ, ବାଲେଶ୍ୱର ଓ ସମ୍ବଲପୁରରୁ ୪ଜଣ ଲେଖାଏ, ଭୁବନେଶ୍ୱର, ଘୁମୁସର (ଆସିକା), କେନ୍ଦ୍ରାପଡ଼ା, ମାଲକାନଗିରି ଓ କେନ୍ଦୁଝରରୁ ୩ଜଣ ଲେଖାଏ ସଦସ୍ୟ ରହିଛନ୍ତି। ସେହିପରି ବୌଦ୍ଧ, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, ଗ୍ରାମୀଣ କଟକ, କନ୍ଧମାଳ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ମୟୂରଭଞ୍ଜ (ପଶ୍ଚିମ)ଏବଂ ମୟୂରଭଞ୍ଜ(ପୂର୍ବ)ରୁ ୨ଜଣ ଲେଖାଏ ସଦସ୍ୟ ଅଛନ୍ତି। ଅନୁରୂପଭାବେ ଏହି ରାଜ୍ୟ କାର୍ଯ୍ୟକାରିଣୀ ତାଲିକାରେ ବରଗଡ଼, ଭଦ୍ରକ, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼, ପୁରୀ, ରାଉରକେଲା ଓ ଗଜପତି, ଘୁମୁସର(ଭଞ୍ଜନଗର)ରୁ ଜଣେ ଲେଖାଏ ସଦସ୍ୟ ଅଛନ୍ତି। ଦଳର ସମସ୍ତ ଏମ୍‌ପି, ଏମ୍‌ଏଲ୍‌ଏ, ଜିଲା ପ୍ରଭାରୀ, ଜିଲା ସଭାପତି, ରାଜ୍ୟ ମୁଖପାତ୍ର ଓ ବିଭିନ୍ନ ମୋର୍ଚ୍ଚାର ଆବାହକ ଓ ପ୍ରଭାରୀମାନେ ରାଜ୍ୟ କାର୍ଯ୍ୟକାରିଣୀର ସ୍ଥାୟୀ ନିମନ୍ତ୍ରିତ ବୋଲି ତାଲିକାରେ ଉଲ୍ଲେଖ ରହିଛି।

# ନୂଆଦିଲ୍ଲୀ ଗସ୍ତରେ ନବୀନ, ପାଖରେ ବସିଲେ ପୀତାମ୍ବର

ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ଣରେ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ତାଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକଙ୍କର ୨ ଦିନ ତଳେ ଏକ ଗୁରୁତର ହାର୍ଟ ସର୍ଜରି ହୋଇସାରିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ଲାଗି ସେ ନୂଆଦିଲ୍ଲୀ ଯାଇଛନ୍ତି। ଏନେଇ ନବୀନ ତାଙ୍କ ଦଳୀୟ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ସୂଚନା ଦେଇଥିଲେ। ସେ ନିର୍ଦ୍ଦିଷ୍ଟ ଭାବେ କେବେ ଓଡ଼ିଶା ଫେରିବେ ସେନେଇ କିଛି ସୂଚନା ଦିଆଯାଇ ନାହିଁ। ଅନ୍ୟପଟେ ନବୀନ ଯେଉଁ ବିମାନରେ ନୂଆଦିଲ୍ଲୀ ଗସ୍ତ କରୁଥିଲେ ତାଙ୍କ ପାଖରେ ଭାଜପା ବରିଷ୍ଠ ନେତା ତଥା ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବସି ଯାଇଛନ୍ତି। ପୀତାମ୍ବର ତାଙ୍କ କାମରେ ଯାଉଥିବା ବେଳେ ନବୀନଙ୍କ ସହ ଦେଖା ହେଲେ ବୋଲି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହାସହ ନବୀନଙ୍କ ସହିତ ଏକ ଫଟୋ ଉଠାଇ ତାହା ମଧ୍ୟ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ସମୟରେ ପୀତାମ୍ବର ହିଞ୍ଜିଳି ବିଧାନସଭା ଆସନରୁ ନବୀନଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେହି ନିର୍ବାଚନରେ ପୀତାମ୍ବର ପରାଜିତ ହୋଇଥିଲେ। ପୀତାମ୍ବର ନବୀନଙ୍କ ସହ ଫଟୋ ଉଠାଇ ପୋଷ୍ଟକରିବା ପରେ ତାହା ସାମାଜିକ ଗଣମାଧ୍ୟମରେ ଅନେକ ଲୋକ ଶେୟାର କରିଛନ୍ତି।



# ଆଦିବାସୀଙ୍କ ସହିତ କଂଗ୍ରେସ ରହିଛି: ସପ୍ତଗିରି

ରାୟଗଡ଼ା,୧୦।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କାଶୀପୁର ବ୍ଲକ୍ ସିଜିମାଳି ପାହାଡ଼ ଚତୁଃପାର୍ଶରେ ଥିବା ଗାଁଗୁଡିକର ସ୍ଥିତି ଅନୁଧ୍ୟାନ ପାଇଁ ଶୁକ୍ରବାର କଂଗ୍ରେସର ୧୦ ଜଣିଆ ଟିମ୍ ସେଠାରେ ପହଞ୍ଚିଥିଲା। ଏହି ଟିମ୍‌ର ସଦସ୍ୟମାନେ କଣ୍ଟାମାଳ ଓ ଶାଗବାରି ଗାଁକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିବା ସହ କଂଗ୍ରେସ ପୂର୍ବରୁ ଆଦିବାସୀଙ୍କ ସହ ଥିଲା ଏବେ ବି ଆଦିବାସୀଙ୍କ ସହ ରହିଛି ବୋଲି କହିଛନ୍ତି। କେଉଁ ପରିସ୍ଥିତିରେ ଗତ ୬ ତାରିଖରେ ଏତେବଡ଼ ଘଟଣା ଘଟିଲା ସେ ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରସ୍ତାବିତ ଖଣି ଖନନକୁ ଲୋକେ ତୀବ୍ର ବିରୋଧ କରିବାରୁ ପୋଲିସ ଦମନଲୀଳା ଚଳାଇଛି ବୋଲି ଗ୍ରାମବାସୀ କହିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କର୍ପୋରେଟ ବୋଲକରା ସାଜିଛି। ସିଜିମାଳି ଅଞ୍ଚଳରେ ଗାଁ ଲୋକଙ୍କ ଉପରେ ଦମନଲୀଳା ଏହାର ଉଦାହରଣ ବୋଲି ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଆପଲାସ୍ୱାମୀ କାଡ୍ରାକା, ତାରାପ୍ରସାଦ ବାହିନୀପତି, ମଙ୍ଗୁ ଖିଲ, ନୀଳମାଧବ ହିକକା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ପ୍ରମୁଖ ଗାଁ ଦାଣ୍ଡରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଆହତଙ୍କୁ ମଧ୍ୟ ଭେଟିଥିଲେ। ଖଣି ଖନନ ପାଇଁ ରାସ୍ତା ନିର୍ମାଣକୁ ନେଇ ଜିଲା ପ୍ରଶାସନ ଓ ଖଣି ପ୍ରଭାବିତଙ୍କ ମଧ୍ୟରେ ଏବେବି ଉତ୍ତେଜନା ଲାଗି ରହିଛି। ତେଣୁ ପୁଣି ଗ୍ରାମସଭା କରି ଲୋକଙ୍କ ମତାମତ ନେବା ପାଇଁ କଂଗ୍ରେସ ଆହ୍ୱାନ ଦେଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ଲୋକଙ୍କ ଉପରେ ପୋଲିସର ଆକ୍ରମଣକୁ ନିନ୍ଦା କରିଛନ୍ତି। ଏହି ଟିମ୍ ସବିଶେଷ ରିପୋର୍ଟ ରାହୁଲ ଗାନ୍ଧୀଙ୍କୁ ଦେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।


ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କଣ୍ଟାମାଳ ଗ୍ରାମରେ ଶୁକ୍ରବାର ପହଞ୍ଚିଥିବା କଂଗ୍ରେସ ଟିମ୍।

# ଅଗ୍ନିକାଣ୍ଡରେ ଜଳିଗଲେ ପକ୍ଷାଘାତ ପୀଡ଼ିତା ବୃଦ୍ଧା

ବାଉଁଶୁଣୀ,୧୦।୪(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମପଞ୍ଚାୟତର ଟିକିରାପଡା ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡରେ ଘର ଭିତରେ ଥିବା ଜଣେ ପକ୍ଷାଘାତ ପୀଡ଼ିତା ବୃଦ୍ଧା ସମ୍ପୂର୍ଣ୍ଣ ଜଳିଯାଇଛନ୍ତି। ମୃତା ବୃଦ୍ଧା ହେଲେ ସୂର୍ଯ୍ୟକାନ୍ତୀ ସାହୁ(୬୦)। ଖବର ପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

ସୂଚନା ଅନୁଯାୟୀ, ଟିକିରାପଡା ଗ୍ରାମରେ ସୂର୍ଯ୍ୟକାନ୍ତୀ ନିଜ ପୁଅ ସହ ରହୁଥିଲେ। ଶୁକ୍ରବାର ସାଢେ ୧୧ଟାରେ ତାଙ୍କ ପୁଅ କୌଣସି କାମରେ ବାଉଁଶୁଣୀ ବଜାରକୁ ଯାଇଥିବା ସମୟରେ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଘରର ସମସ୍ତ ସାମଗ୍ରୀ ଜଳିଯାଇଥିଲା। ସେହିପରି ସୂର୍ଯ୍ୟକାନ୍ତୀ ପକ୍ଷାଘାତ ପୀଡିତା ହୋଇଥିବା ଯୋଗୁ ଘରୁ ବାହାରି ନ ପାରି ଜଳିଯାଇଥିଲେ। ଖବର ପାଇ ବାଉଁଶୁଣୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇଥିଲେ ଏବଂ ପୋଡି ଯାଇଥିବା ବୃଦ୍ଧାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଢ଼ିଲା ତାତି, ଆଜିଠୁ ୬ ଦିନ ଅସହ୍ୟ ସ୍ଥିତି

ଭୁବନେଶ୍ୱର,୧୦।୪(ବନ୍ଦନା ସେଠୀ)

ରାଜ୍ୟରେ ପୁଣି ପାରଦ ଉପରମୁହାଁ ହୋଇଛି। ଝଡ଼ବର୍ଷା କମିଯିବା ପରେ ଗରମ ଓ ଗୁଳୁଗୁଳି ଆରମ୍ଭ ହୋଇଛି। ଗୁରୁବାର ରାଜ୍ୟର ସର୍ବାଧିକ ତାପମାତ୍ରା ବୌଦ୍ଧରେ ୩୮.୯ ଡିଗ୍ରୀ ରହିଥିବାବେଳେ ଶୁକ୍ରବାର ୩୯ ଡିଗ୍ରୀ ଛୁଇଁଛି। ସେହିଭଳି ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି। ତେବେ ଶନିବାରଠାରୁ ୬ ଦିନ ଅର୍ଥାତ୍ ୧୬ ତାରିଖ ପର୍ଯ୍ୟନ୍ତ ଗରମ ଗୁଳୁଗୁଳିରେ ସିଝିବ ଓଡ଼ିଶା। ଏହିସମୟ ଭିତରେ ତାପମାତ୍ରା ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଶନିବାରଠାରୁ ଗୁରୁବାର ପର୍ଯ୍ୟନ୍ତ ୧୧ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ଖରା ସହିତ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ତେବେ ୧୩ ଓ ୧୪ ତାରିଖରେ ବରଗଡ଼, ସମ୍ବଲପୁର ଏବଂ ବଲାଙ୍ଗୀର ଜିଲାକୁ ପ୍ରବଳରୁ ଅତି ପ୍ରବଳ ଖରା ହେବା ସହିତ ଗରମ ଗୁଳୁଗୁଳି ପାଇଁ ସତର୍କ କରାଯାଇଛି।

# ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ବ୍ୟବସ୍ଥା ୩୦ ସୁଦ୍ଧା ସରିବ

ଭୁବନେଶ୍ୱର,୧୦।୪(ସୁନିତ୍ ମିଶ୍ର)

ରାଜ୍ୟରେ ଯଥା ସମୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇପାରେ। ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଶୁକ୍ରବାର ଦେଇଥିବା ମନ୍ତବ୍ୟ ଏବଂ ଗତ ୬ ତାରିଖରେ ସବୁ ଜିଲାପାଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ଯାଇଥିବା ଚିଠିରୁ ଏହା ଜଣାପଡ଼ିଛି। ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି, ୨୦୨୬ ଭୋଟର ତାଲିକା ଆଧାରରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏସ୍‌ଆଇଆର୍ ଶେଷ ହେବା ପରେ ନୂଆ ଭୋଟର ଲିଷ୍ଟ ପ୍ରକାଶ ପାଇବ। ଆସନ ସଂରକ୍ଷଣ ଏବଂ ସୀମା ପୁନଃ ନିର୍ଦ୍ଧାରଣ ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି। ସଂରକ୍ଷଣ ପ୍ରକ୍ରିୟା ରାଜ୍ୟରେ ଆରମ୍ଭ ହୋଇଗଲାଣି। ତେଣୁ ଆଉ ସୀମା ନିର୍ଦ୍ଧାରଣ ହେବନାହିଁ। ସଂରକ୍ଷଣ ଦାୟିତ୍ୱ ସରିବା ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ବୋଲି ସେ କହିଛନ୍ତି।

# ଚଣ୍ଡିଖୋଲରେ ଆଇଏସ୍‌ପିଆର୍‌ଏଲ୍ ପ୍ରକଳ୍ପ ତ୍ୱରାନ୍ୱିତ

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଶିଳ୍ପ ସଂଘ

ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ଚଣ୍ଡିଖୋଲରେ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭସ୍ ଲିମିଟେଡ୍ (ଆଇଏସ୍‌ପିଆର୍‌ଏଲ୍) ପ୍ରକଳ୍ପର ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଛି। ଏହାସହ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବାର ପଥ ପ୍ରଶସ୍ତ ହୋଇଛି। ଏନେଇ ରାଜ୍ୟର ପ୍ରମୁଖ ଶିଳ୍ପ ସଂଘ – ସିଆଇଆଇ, ଫିକ୍କି, ଆସୋଚାମ୍ ଏବଂ ଉତ୍କଳ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନା ଥାଉକି, ପ୍ରାୟ ୧ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୫ ଏପ୍ରିଲ ୮ରେ ଆଇଏସ୍‌ପିଆର୍‌ଏଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଚଣ୍ଡିଖୋଲ୍ ନିକଟରେ ଭୂଗର୍ଭସ୍ଥ ରକ୍ କେଭର୍ନ ମାଧ୍ୟମରେ କ୍ରୁଡ୍ ଅଏଲ୍ ସଂରକ୍ଷଣ ସୁବିଧା ସୃଷ୍ଟି ପାଇଁ ଏହି ପ୍ରକଳ୍ପ ପ୍ରସ୍ତୁତ ହେଉଛି। ପ୍ରକଳ୍ପରେ ପାରାଦୀପରୁ ଅନ୍‌ଶୋର୍ ପାଇପ୍‌ଲାଇନ୍ ଏବଂ ସିଙ୍ଗଲ୍ ପଏଣ୍ଟ ମୁରିଂ (ଏସ୍‌ପିଏମ୍) ମାଧ୍ୟମରେ ଅଫ୍‌ଶୋର ଅଏଲ୍ ଟର୍ମିନାଲ୍ ମଧ୍ୟ ନିର୍ମାଣ ହେବ। ପ୍ରସ୍ତାବିତ ମୋଟ୍ ୪,୩୭୭.୪୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ସଞ୍ଚୟ କ୍ଷମତା ୪ ମିଲିୟନ ମେଟ୍ରିକ୍ ଟନ୍ ହେବ। ଏହା ଦେଶର ସର୍ବବୃହତ୍ତମ ଷ୍ଟ୍ରାଟେଜିକ୍ କ୍ରୁଡ୍ ଅଏଲ୍ ସଂରକ୍ଷଣ ପ୍ରକଳ୍ପ ହେବାକୁ ଯାଉଛି। ଏହି ରିଜର୍ଭ ପାରାଦୀପ ସହ ପାଇପ୍‌ଲାଇନ୍ ମାଧ୍ୟମରେ ଯୋଡ଼ିହେବ ଏବଂ ହଳଦିଆ, ପାରାଦୀପ ଓ ବାରାଉଣି ରିଫାଇନେରି ସହ ସଂଯୁକ୍ତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ୨ ମାସରେ ଥରେ ସମୀକ୍ଷାକରି ପ୍ରତ୍ୟେକ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ଜମି ସର୍ଭେ, ସୀମା ନିର୍ଦ୍ଧାରଣ ଏବଂ ପିଲର ପୋଷ୍ଟିଂ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ପ୍ରକଳ୍ପ ସ୍ଥଳରେ ଥିବା ୧୩ଟି ଅବୈଧ ଖଣି ବନ୍ଦ କରାଯାଇଛି। ଏହି ପ୍ରକଳ୍ପ ଓଡ଼ିଶାକୁ ଦେଶର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭିତ୍ତିଭୂମିର କେନ୍ଦ୍ର ହେବ ବୋଲି ଆଶା କରାଯାଉଛି।



ମୋହନ ଚରଣ ମାଝୀ






ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ଅଧିକାରୀ ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମଧ୍ୟପ୍ରଦେଶରେ ଅନୁମୋଦିତ ସଂଖ୍ୟା ତୁଳନାରେ ୧୫୦ରୁ ଅଧିକ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଏହା ଏକ ସାମାନ୍ୟ ବ୍ୟବଧାନ ନୁହେଁ ବରଂ ଏକ ବ୍ୟବସ୍ଥାଗତ ଅଭାବକୁ ଇଙ୍ଗିତ କରୁଛି। ଫଳସ୍ୱରୂପ ଜଣେ ବାବୁ ଅନେକ ଦାୟିତ୍ୱରେ କାର୍ଯ୍ୟ କରୁଛନ୍ତି, ଫାଇଲଗୁଡ଼ିକ ଗଦା ହୋଇ ରହୁଛି ଏବଂ ନିଷ୍ପତ୍ତି ନେବାରେ ମନ୍ଥରତା ପ୍ରକାଶ ପାଉଛି। କେବଳ ମଧ୍ୟପ୍ରଦେଶରେ ନୁହେଁ, ଉତ୍ତରପ୍ରଦେଶରେ ମଧ୍ୟ ଆଇଏଏସ୍ ଅଧିକାରୀଙ୍କ ଅଧିକ ଅଭାବ ରହିଛି। ଯେତେବେଳେ ଅଧିକାରୀଙ୍କ ସଂଖ୍ୟା ସୀମିତ ରହେ ସେଠାରେ ଖାଲି ରହୁଥିବା ପ୍ରତ୍ୟେକ ପଦବୀର ନକାରାତ୍ମକ ପ୍ରଭାବ ରହିଥାଏ। କେବଳ ରାଜ୍ୟ ନୁହେଁ, କେନ୍ଦ୍ରରେ ପ୍ରାୟ ୧,୩୦୦ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଏହି ଅଭାବ ଅନୁମୋଦିତ ସଂଖ୍ୟାର ୨୦%। ଏହା ଏକ ଛୋଟ ସମସ୍ୟା ନୁହେଁ, କାରଣ ଏବେ ବି କଲ୍ୟାଣକାରୀ ଯୋଜନାଠାରୁ ଆରମ୍ଭକରି ସଙ୍କଟ ପରିଚାଳନା ପର୍ଯ୍ୟନ୍ତ ସବୁକିଛି ସାଧାରଣ ପ୍ରଶାସନିକ ବ୍ୟବସ୍ଥା ଉପରେ ଅତ୍ୟଧିକ ନିର୍ଭରଶୀଳ। ଚିନ୍ତାର ବିଷୟ ହେଉଛି,ଏହି ଅଭାବ ସ୍ୱାଭାବିକ ହୋଇଯାଇଛି। ଅଧିକାରୀଙ୍କ ସଂଖ୍ୟା କମ୍ କରି, ତଦନ୍ତକୁ ଦୁର୍ବଳ କରି ଏବଂ ପଦକ୍ଷେପର ସୀମାକୁ ହ୍ରାସ କରି ବ୍ୟବସ୍ଥା ସବୁଠାରୁ ଖରାପ ଉପାୟରେ ଚାଲିଛି। ଯେତେବେଳେ ଜଣେ ବାବୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି, ସେତେବେଳେ ଉତ୍ତରଦାୟିତ୍ୱ ରହୁନାହିଁ । ସମସ୍ତେ ସଂସ୍କାର, ଡିଜିଟାଇଜେଶନ, ଡ୍ୟାସ୍‌ବୋର୍ଡ ଏବଂ 'ଶାସନର ସହଜତା' ବିଷୟରେ ଆଲୋଚନା କରୁଥିଲେ ମଧ୍ୟ ତାହାସବୁ ମାନବ କ୍ଷମତାର ମୌଳିକ ଅଭାବ ପୂରଣ କରିପାରିବ ନାହିଁ। ବର୍ତ୍ତମାନ ଭାରତର ପ୍ରଶାସନିକ ପ୍ରକ୍ରିୟାର କମ୍ କ୍ଷମତା ସହ ଅଧିକ କାର୍ଯ୍ୟଭାର ରହିଛି। କ୍ୟାଡର ଶକ୍ତି, ନିଯୁକ୍ତି ଓ ନିୟୋଜନକୁ ନୀତିଗତ ସମସ୍ୟା ଭାବରେ ବିଚାର କରା ନ ଗଲେ ଏହି ବ୍ୟବଧାନ ରହିବ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକ କେବଳ ଶାସନ ବଞ୍ଚାଇବା ଲାଗି କାର୍ଯ୍ୟ କରିବା ଜାରି ରଖିବେ।

### ଏମ୍‌ଇଏର ବାଧା

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଭାରତୀୟ ସୂଚନା ସେବା (ଆଇଆଇଏସ୍) ଅଧିକାରୀଙ୍କୁ ବିଦେଶରେ ନିଯୁକ୍ତ କରାଯିବା ପ୍ରୟାସ ଭୁଲ୍ ନୁହେଁ। ବାସ୍ତବରେ ଏହା ବହୁ ବିଳମ୍ବରେ ହୋଇଛି। ଆଧୁନିକ କୂଟନୀତି କେବଳ ରୁଦ୍ଧଦ୍ୱାର ଆଲୋଚନା ବିଷୟରେ ନୁହେଁ ବରଂ ବ୍ୟାଖ୍ୟାନ, ନୀତି ପରିଚାଳନା ଏବଂ ଗଣମାଧ୍ୟମ ଯୋଗଦାନ ବିଷୟର ଗୁରୁତ୍ୱ ବହନ କରେ। ୪୦ଟି ଦୂତାବାସରେ ଆଇଆଇଏସ୍ ଅଧିକାରୀଙ୍କୁ ନିୟୋଜିତ କରିବାର ମୂଳ ଯୋଜନା ବାଧାର ସମ୍ମୁଖୀନ ହେଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ବ୍ୟବସ୍ଥାଗତ ତ୍ରୁଟି, ଭାଷା ବିଶେଷଜ୍ଞତାର ଅଭାବ ଭଳି ସମସ୍ୟାକୁ ଦର୍ଶାଇ ପଛଘୁଞ୍ଚା ଦେଲା। ପରିଣାମ ସ୍ୱରୂପ ପ୍ରସ୍ତାବିତ ନିଯୁକ୍ତି ହ୍ରାସ କରାଯାଇ ଏବେ କେବଳ ୧୦ ଜଣ ଅଧିକାରୀ ବିଦେଶରେ କେତୋଟି ପ୍ରମୁଖ ରାଜଧାନୀରେ ସଞ୍ଚାଳକ ଭାବରେ ଅବସ୍ଥାପିତ ହୋଇଛନ୍ତି। ପ୍ରକୃତ ସମସ୍ୟା ସଂଖ୍ୟା ନୁହେଁ ବରଂ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ରହିଛି। ବିଦେଶରେ ଭାରତ ପାଇଁ କିଏ କହୁଛି ? ରାଷ୍ଟ୍ରନୀତିରେ ତାଲିମପ୍ରାପ୍ତ କୂଟନୀତିଜ୍ଞ ନା ବାର୍ତ୍ତା ବିତରଣରେ ତାଲିମପ୍ରାପ୍ତ ସଞ୍ଚାର ଅଧିକାରୀ। ଏମ୍‌ଇଏର ବାଧା ଅମୂଳକ ନୁହେଁ। ବିଦେଶର ଦୂତାବାସଗୁଡ଼ିକ ପିଆର୍ ଆଉଟପୋଷ୍ଟ ନୁହେଁ, ସେସବୁ ହେଉଛି ସାର୍ବଭୌମ ନୀତି ବିସ୍ତାରର କେନ୍ଦ୍ର। ଏହି ପ୍ରଭେଦ ଅସ୍ପଷ୍ଟ ରହୁଥିବାରୁ ଦେଶ ଏବଂ ବିଦେଶରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଆଇଆଇଏସ୍ ଅଧିକାରୀଙ୍କର ଯୋଗାଯୋଗ କ୍ଷେତ୍ରରେ ବିଶେଷ ଜ୍ଞାନ ରହିଛି, ହେଲେ କୂଟନୀତିରେ ଦକ୍ଷ ନୁହନ୍ତି। କୂଟନୀତିଜ୍ଞଠାରୁ ଗଣମାଧ୍ୟମ ରଣନୀତିଜ୍ଞ ଭାବରେ ଅଧିକ ଆଶା କରାଯାଉଥିବାରୁ ବିଶ୍ୱ ସ୍ତରରେ ଭାରତର ବାର୍ତ୍ତା ଠିକ୍ ଭାବେ ପହଞ୍ଚାଯାଇ ପାରୁନାହିଁ। ପ୍ରକୃତରେ ଏକ ଆବଶ୍ୟକ ସଂସ୍କାର ଏବଂ ଏକ ଅମଲାତାନ୍ତ୍ରିକ ଅଚଳାବସ୍ଥା ମଧ୍ୟରେ ଆମେ ଅଟକି ଯାଇଛୁ।

### ବଦଳିରେ ଆଗୁଆ

ହରିୟାଣାର ବଦଳିରେ ଭଲ ରେକର୍ଡ ଅଛି। ପ୍ରଦୀପ କାସନିଙ୍କ କଥା ଦେଖାଯାଉ। ଏହି ବାବୁ ଜଣକ ତିନି ଦଶନ୍ଧି ଧରି ତାଙ୍କ କ୍ୟାରିୟରରେ ୭୦ରୁ ଅଧିକ ଥର ସ୍ଥାନାନ୍ତର ହୋଇଥିଲେ। ଗୋଟିଏ ସମୟରେ ତାଙ୍କୁ ଏପରି ଏକ ବିଭାଗକୁ ପଠାଯାଇଥିଲା, ଯାହାର କୌଣସି ଅସ୍ତିତ୍ୱ ନ ଥିଲା, କର୍ମଚାରୀ ନ ଥିଲେ, ଫାଇଲ ପଡ଼ିରହୁଥିଲା ଏପରିକି ମାସ ମାସ ଧରି ଦରମା ମିଳୁ ନ ଥିଲା। କେବଳ କାସନିଙ୍କ ମାମଲା ନୁହେଁ ଅଶୋକ ଖେମ୍‌କାଙ୍କୁ ମଧ୍ୟ ୬୦ରୁ ଅଧିକ ଥର ବଦଳି କରାଯାଇଛି। ତା'ପରେ ଅଛନ୍ତି ସଞ୍ଜୀବ ଚତୁର୍ବେଦୀ, ଯିଏ ହରିୟାଣାରେ କାର୍ଯ୍ୟ କରି ଦୁର୍ନୀତି ସାମ୍ନାକୁ ଆଣିଥିଲେ ଏବଂ ତାଙ୍କୁ ବହୁବାର ବଦଳି କରାଯାଇଥିଲା। ଏହା କେବଳ ବ୍ୟକ୍ତିଗତ ଭାବେ ଅଧିକାରୀଙ୍କ ପାଇଁ କଠିନ ସ୍ଥିତି କିମ୍ବା ଦୁର୍ଭାଗ୍ୟର ବିଷୟ ନୁହେଁ। ଏହା ସବୁ ସରକାରରେ ପୁନରାବୃତ୍ତି ହୋଇ ପଦ୍ଧତିଗତ ହୋଇଯାଇଛି। ରାଜନୈତିକ କ୍ଷେତ୍ରରେ ବାରମ୍ବାର ବଦଳି ଯୋଗୁ ଶାସନକୁ କ୍ଷତି ସହିବାକୁ ପଡୁଛି। ସଂସ୍ଥାଗତ ବିଶ୍ୱାସ ତୁଟିଯାଉଛି। ନ୍ୟାୟଗତ ଭାବେ କେତେକ ସମୟରେ ବଦଳି ଦରକାର। ହେଲେ ପ୍ରତ୍ୟେକ ପଦକ୍ଷେପ ଦଣ୍ଡମୂଳକ ହେବା ଉଚିତ ନୁହେଁ। କିନ୍ତୁ ଯେତେବେଳେ ବ୍ୟତିକ୍ରମ ହେଉଛି ସେତେବେଳେ ବିଶ୍ୱସନୀୟତା ପ୍ରଭାବିତ ହେବା ସ୍ୱାଭାବିକ। ସ୍ୱଳ୍ପକାଳ ନିଯୁକ୍ତରେ ଦୀର୍ଘକାଳୀନ ନୀତିଗତ ନିଷ୍ପତ୍ତି ନିଆଯାଇପାରିବ ନାହିଁ। କାସନିଙ୍କ ରେକର୍ଡ ଏକ ସତର୍କତାମୂଳକ କାହାଣୀ। ଯେଉଁ ବ୍ୟବସ୍ଥା ଏହାର ଅଧିକାରୀଙ୍କୁ ଅଯୋଗ୍ୟ ଭାବି ବ୍ୟବହାର କରେ, ସେତେବେଳେ ଏହା ଏକ ଅସହଜ ସମ୍ଭାବନା ସୃଷ୍ଟି କରେ। ସମସ୍ୟା ଅଧିକାରୀଙ୍କର ନୁହେଁ, ହୁଏତ ଏହା ସେହି ବ୍ୟବସ୍ଥା କିମ୍ବା ପରିବେଶର, ଯେଉଁଥିରେ ସେମାନେ ବଞ୍ଚିବାକୁ ସଂଗ୍ରାମ କରୁଛନ୍ତି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | |
| | | | | | | 4 | 7 | |
| 7 | | | | 8 | | | 2 | |
| | | | | | 2 | | 5 | |
| | 3 | | | | | 1 | | 9 |
| | | 1 | | 5 | | 2 | | |
| | 4 | 9 | 8 | | 3 | | | |
| 5 | 1 | | 7 | | | | | |
| | | 3 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 9 | 5 | 3 | 4 | 1 |
| 3 | 9 | 1 | 4 | 7 | 6 | 8 | 5 | 2 |
| 5 | 4 | 8 | 1 | 2 | 3 | 6 | 9 | 7 |
| 7 | 2 | 9 | 3 | 4 | 8 | 5 | 1 | 6 |
| 1 | 3 | 6 | 2 | 5 | 9 | 7 | 8 | 4 |
| 4 | 8 | 5 | 7 | 6 | 1 | 2 | 3 | 9 |
| 8 | 1 | 4 | 6 | 3 | 2 | 9 | 7 | 5 |
| 9 | 7 | 2 | 5 | 8 | 4 | 1 | 6 | 3 |
| 6 | 5 | 3 | 9 | 1 | 7 | 4 | 2 | 8 |

ଗତକାଲିର ଉତ୍ତର

# ମହାତ୍ମା ଜ୍ୟୋତିରାଓ ଫୁଲେ: ଭାରତର ମାର୍ଗଦର୍ଶନ କରୁଥିବା ଏକ ଆଲୋକବର୍ତ୍ତିକା

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ୧୧ ଏପ୍ରିଲ। ଆମ ସମସ୍ତଙ୍କ ପାଇଁ ଅତି ସ୍ୱତନ୍ତ୍ର ଦିନ। ଆଜି ହେଉଛି ଭାରତର ମହାନ୍ ସମାଜ ସଂସ୍କାରକ ତଥା ଅନେକ ପିଢ଼ି ପାଇଁ ମାର୍ଗଦର୍ଶକ ପାଲଟିଥିବା ପ୍ରେରଣା ପୁରୁଷ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜନ୍ମବାର୍ଷିକୀ। ଚଳିତ ବର୍ଷ ଏହି ଅବସର ଆହୁରି ଅଧିକ ଗୁରୁତ୍ୱ ବହନ କରେ, କାରଣ ଏଥର ତାଙ୍କର ୨୦୦ତମ ଜନ୍ମବାର୍ଷିକୀ ପାଳନର ଶୁଭାରମ୍ଭ ହେଉଛି।

ମହାତ୍ମା ଫୁଲେ ଜଣେ ମହାନ୍ ସଂସ୍କାରକ ଥିଲେ। ଏହା ସହିତ ତାଙ୍କର ଜୀବନ ନୈତିକ ସାହସ, ନିରନ୍ତର ଅନୁସନ୍ଧାନ ଏବଂ ସାମାଜିକ ମଙ୍ଗଳ ପାଇଁ ସମର୍ପିତ ଥିଲା। ମହାତ୍ମା ଫୁଲେ ଅନେକ ଅନୁଷ୍ଠାନ ଗଢ଼ି ଏବଂ ଏକାଧିକ ଆନ୍ଦୋଳନର ନେତୃତ୍ୱ ନେଇ ଚିରସ୍ମରଣୀୟ। ସେହିପରି ଆମ ସଭ୍ୟତାଗତ ଯାତ୍ରାରେ ସେ ବହୁମୂଲ୍ୟ ଯୋଗଦାନ ଦେଇଯାଇଛନ୍ତି। ସେ ଅନେକଙ୍କ ଜୀବନରେ ଅସୁମାରି ଆଶା ଜାଗ୍ରତ କରିଛନ୍ତି, ଅନେକଙ୍କୁ ଆତ୍ମବିଶ୍ୱାସ ଦେଇଛନ୍ତି ଏବଂ ତାଙ୍କର ବିଚାର ଦେଶବ୍ୟାପୀ କୋଟି କୋଟି ଲୋକଙ୍କୁ ସାମର୍ଥ୍ୟ ଓ ପ୍ରେରଣା ଦେଇଚାଲିଛି।

୧୮୨୭ ମସିହାରେ ମହାନ୍ ରାଜ୍ୟ ମହାରାଷ୍ଟ୍ରରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜୀବନ ଅତି ସାଧାରଣ ପୃଷ୍ଠଭୂମିରୁ ଆରମ୍ଭ ହୋଇଥିଲା। କିନ୍ତୁ ଜୀବନର ପ୍ରାରମ୍ଭିକ ଅବସ୍ଥାରେ ସେ ସାମ୍ନା କରିଥିବା କଷ୍ଟ କେବେ ବି ତାଙ୍କର ଶିକ୍ଷା, ସାହସ କିମ୍ବା ସମାଜ ପ୍ରତି ତାଙ୍କର ସମର୍ପଣରେ ବାଧା ସୃଷ୍ଟି କରି ନ ଥିଲା। ଏହି ଗୋଟିଏ ବିଶେଷତ୍ୱ ସବୁବେଳେ ତାଙ୍କ ପାଖରେ ରହିଥିଲା। ଯେକୌଣସି ଆହ୍ୱାନ ସତ୍ତ୍ୱେ ଜଣେ ବ୍ୟକ୍ତି କଠିନ ପରିଶ୍ରମ କରିବା ଆବଶ୍ୟକ, ଜ୍ଞାନ ଆହରଣ କରିବା ଆବଶ୍ୟକ ଏବଂ ହାତ ବାନ୍ଧି ବସିରହିବା ପରିବର୍ତ୍ତେ ଆହ୍ୱାନର ମୁକାବିଲା ଲାଗି ଆଗେଇ ଆସିବା ଆବଶ୍ୟକ ବୋଲି ସେ ବିଶ୍ୱାସ କରୁଥିଲେ। ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ବାଳୁତ ଜ୍ୟୋତିରାଓ ଗଭୀର ଜିଜ୍ଞାସୁ ଥିଲେ। ପୁସ୍ତକ ପଠନ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା। ତାଙ୍କ ବୟସର ପିଲାଠାରୁ ଯେତିକି ଆଶା କରାଯାଉଥିଲା ତା'ଠାରୁ ଢେର ଅଧିକ ପୁସ୍ତକ ସେ ପଢ଼ିଥିଲେ। ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସେ କହିଥିଲେ, ''ଆମେ ଯେତେ ପ୍ରଶ୍ନ ପଚାରିବା, ସେତେ ଜ୍ଞାନ ଆହରଣ କରିପାରିବା''। ପିଲାଦିନର ଏହି ଜିଜ୍ଞାସୁ ମନୋଭାବ ତାଙ୍କର ପରବର୍ତ୍ତୀ ଜୀବନ ଯାତ୍ରାରେ ମଧ୍ୟ ସ୍ୱଷ୍ଟ ରୂପେ ଜାରି ରହିଥିଲା।

ଶିକ୍ଷା ଓ ଅଧ୍ୟୟନ ଆଜୀବନ ମହାତ୍ମା ଫୁଲେଙ୍କ ଲକ୍ଷ୍ୟର କେନ୍ଦ୍ରରେ ରହିଥିଲା। ଜ୍ଞାନ ଆହରଣ କେବଳ କୌଣସି ଗୋଟିଏ ବର୍ଗର ସମ୍ପତ୍ତି ନୁହେଁ, ବରଂ ଏହା ଏପରି ଏକ ଶକ୍ତି ଯାହାକୁ ସବୁ ବର୍ଗର ଲୋକଙ୍କ ମଧ୍ୟରେ ବାଣ୍ଟିବା ଉଚିତ ବୋଲି ସେ ବିଚାର କରୁଥିଲେ। ତତ୍କାଳୀନ ସମାଜରେ ଅନେକ ଲୋକଙ୍କୁ ଶିକ୍ଷାରୁ ବଞ୍ଚିତ ରଖାଯାଉଥିଲା। ସେଭଳି ଏକ ସମୟରେ ମହାତ୍ମା ଫୁଲେ ଝିଅ ଓ ବଞ୍ଚିତ ବର୍ଗର ଲୋକଙ୍କ ପାଇଁ ବିଦ୍ୟାଳୟ ଖୋଲିଥିଲେ। ସେ କହୁଥିଲେ, ''ମା' ମାନଙ୍କ ମାଧ୍ୟମରେ ପିଲାଙ୍କଠାରେ ଆସୁଥିବା ଯେକୌଣସି ସୁଧାର ଅତ୍ୟନ୍ତ ମୂଲ୍ୟବାନ୍। ସେଥିପାଇଁ ଯଦି ବିଦ୍ୟାଳୟ ଖୋଲାଯିବ ତା'ହେଲେ ସର୍ବପ୍ରଥମେ ଝିଅମାନଙ୍କ ପାଇଁ ଖୋଲାଯିବା ଆବଶ୍ୟକ।'' ସେ ଶିକ୍ଷାକୁ ନ୍ୟାୟ ଓ ସମାନତାର ମାଧ୍ୟମରେ ପରିଣତ କରିଥିଲେ।



ଶିକ୍ଷା ପ୍ରତି ତାଙ୍କର ଦୃଷ୍ଟିକୋଣ ଆଜି ମଧ୍ୟ ଆମମାନଙ୍କୁ ଅନୁପ୍ରାଣିତ କରିଥାଏ। ବିଗତ ଏକ ଦଶନ୍ଧି ମଧ୍ୟରେ ଆମେ ଭାରତର ଯୁବପିଢ଼ି ପାଇଁ ଗବେଷଣା ଓ ଉଦ୍ଭାବନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛୁ। ଏପରି ଏକ ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି, ଯେଉଁଠାରେ ଯୁବ ମସ୍ତିଷ୍କକୁ ପ୍ରଶ୍ନ ପଚାରିବା, ଅନୁସନ୍ଧାନ କରିବା ଏବଂ ନୂତନ ଉଦ୍ଭାବନ କରିବା ପାଇଁ ଅନୁପ୍ରାଣିତ କରାଯାଇପାରିବ। ଜ୍ଞାନ, ଦକ୍ଷତା ଏବଂ ସୁଯୋଗ କ୍ଷେତ୍ରରେ ନିବେଶ ସହିତ ଭାରତ ନିଜର ଯୁବପିଢ଼ିଙ୍କୁ ସମସ୍ୟା ସମାଧାନକାରୀ ଏବଂ ଜାତୀୟ ପ୍ରଗତିର ଆଧାର ସ୍ତମ୍ଭରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଛି।

ନିଜର ଶୈକ୍ଷିକ ଜ୍ଞାନ ଏବଂ ବୌଦ୍ଧିକତା ବଳରେ ମହାତ୍ମା ଫୁଲେ କୃଷି, ସ୍ୱାସ୍ଥ୍ୟ ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରରେ ଗଭୀର ଜ୍ଞାନ ଆହରଣ କରିଥିଲେ। ସେ ପ୍ରାୟତଃ କହୁଥିଲେ, ଚାଷୀ ଓ ଶ୍ରମିକଙ୍କ ସହିତ ଅନ୍ୟାୟ ସମାଜକୁ ଦୁର୍ବଳ କରିଥାଏ। ସାମାଜିକ ଅସମାନତା କୃଷି କ୍ଷେତ୍ରରେ ଏବଂ ଗ୍ରାମାଞ୍ଚଳରେ କିଭଳି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି ତାହା ସେ ଦେଖିଥିଲେ। ସେଥିପାଇଁ ସେ ଗରିବ, ବଞ୍ଚିତ ଏବଂ ଦୁର୍ବଳ ବର୍ଗର ଲୋକଙ୍କୁ ସମ୍ମାନ ଦେବା ଲାଗି ନିଜ ଜୀବନକୁ ସମର୍ପି ଦେଇଥିଲେ। ଏଥିସହିତ ସେ ସାମାଜିକ ସଦ୍‌ଭାବ ବଜାୟ ରଖିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରିଥିଲେ।

ମହାତ୍ମା ଫୁଲେ କହିଥିଲେ, ''ସମାଜର ସବୁ ଲୋକଙ୍କୁ ସମାନ ଅଧିକାର ନ ମିଳିବା ପର୍ଯ୍ୟନ୍ତ ପ୍ରକୃତ ସ୍ୱାଧୀନତା ମିଳିପାରିବ ନାହିଁ।'' ଏହି ବିଚାରକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଲାଗି ସେ ଅନେକ ଅନୁଷ୍ଠାନ ଗଢ଼ିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟଶୋଧକ ସମାଜ ଆଧୁନିକ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମାଜ ସଂସ୍କାର ଆନ୍ଦୋଳନ ମଧ୍ୟରୁ ଅନ୍ୟତମ ଥିଲା। ଏହି ଆନ୍ଦୋଳନ ସାମାଜିକ ସଂସ୍କାର, ସମାଜ ସେବା ଏବଂ ମାନବୀୟ ଗରିମାକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଅଗ୍ରଣୀ ରହିଥିଲା। ଏହା ମହିଳା, ଯୁବବର୍ଗ ଏବଂ ଗାଁରେ ରହୁଥିବା ଲୋକଙ୍କ ପାଇଁ ଦୃଢ଼ ସ୍ୱର ପାଲଟିଥିଲା। ନ୍ୟାୟ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ ଏବଂ ସାମୂହିକ ପ୍ରଗତି ବଳରେ ସମାଜରେ ଦୃଢ଼ତା ଆସିପାରିବ ବୋଲି ସେ ବିଶ୍ୱାସ କରୁଥିଲେ, ଯାହା ତାଙ୍କର ଏହିଆନ୍ଦୋଳନରେ ପ୍ରତିଫଳିତ ହୋଇଥିଲା।

ତାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ସାହସର ଶିକ୍ଷା ଦେଇଥାଏ। ଲୋକଙ୍କ ସହ ରହି ଲଗାତର କାମ କରିବା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିଲା। କିନ୍ତୁ ଗୁରୁତର ବ୍ୟାଧି ମଧ୍ୟ ତାଙ୍କର ସଂକଳ୍ପକୁ ଦୁର୍ବଳ କରିପାରିନଥିଲା। ଗମ୍ଭୀର ମସ୍ତିଷ୍କାଘାତ ପରେ ମଧ୍ୟ ସେ କାମ କରିବା ଛାଡ଼ି ନଥିଲେ ଏବଂ ନିଜର ସଂକଳ୍ପକୁ ସାକାର କରିବା ଦିଗରେ ଚେଷ୍ଟା ଜାରି ରଖିଥିଲେ। ତାଙ୍କ ଶରୀର ଦୁର୍ବଳ ହୋଇଯାଇଥିଲା, କିନ୍ତୁ ସମାଜ ପାଇଁ ତାଙ୍କର ଅତୁଟ ସମର୍ପଣ ବଜାୟ ରହିଥିଲା। ଆଜି ମଧ୍ୟ କୋଟି କୋଟି ଲୋକ ତାଙ୍କ ଜୀବନର ଏହି ଦିଗରୁ ପ୍ରେରଣା ଲାଭ କରିଥାନ୍ତି।

ସାବିତ୍ରୀବାଇ ଫୁଲେଙ୍କ ବିଷୟରେ ସସମ୍ମାନେ ଉଲ୍ଲେଖ କରିବା ବିନା ମହାତ୍ମା ଫୁଲେଙ୍କ ସ୍ମୃତିଚାରଣ ଅଧୁରା ରହିଯିବ। ସେ ମଧ୍ୟ ଭାରତର ମହାନ୍ ସମାଜ ସଂସ୍କାରକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଭାରତର ପ୍ରଥମ ମହିଳା ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅନ୍ୟତମ ସାବିତ୍ରୀବାଇ ଝିଅମାନଙ୍କ ଶିକ୍ଷାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମହାତ୍ମା ଫୁଲେଙ୍କ ଦେହାନ୍ତ ପରେ ମଧ୍ୟ ସେ ଏହି କାମ ଜାରି ରଖିଥିଲେ। ୧୮୯୭ ମସିହାରେ ପ୍ଲେଗ ମହାମାରୀ ସମୟରେ ସେ ରୋଗୀମାନଙ୍କର ଏତେ ନିଷ୍ଠାର ସହିତ ସେବା କରିଥିଲେ ଯେ, ନିଜେ ସେହି ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରେ ତାଙ୍କର ପରଲୋକ ହୋଇଥିଲା।

ଭାରତ ବାରମ୍ବାର ଏପରି ମହାପୁରୁଷଙ୍କ ଆଶୀର୍ବାଦ ପାଇଛି, ଯେଉଁମାନେ ନିଜ ବିଚାର, ତ୍ୟାଗ ଏବଂ କାର୍ଯ୍ୟ ମାଧ୍ୟମରେ ସମାଜକୁ ସୁଦୃଢ଼ କରିଯାଇଛନ୍ତି। ସେମାନେ ପରିବର୍ତ୍ତନ ପାଇଁ ଅପେକ୍ଷା କରି ନ ଥିଲେ, ବରଂ ନିଜେ ପରିବର୍ତ୍ତନର ବାହକ ସାଜିଥିଲେ। ଶହ ଶହ ବର୍ଷ ଧରି ଆମ ଦେଶରେ ସେହି ମହାପୁରୁଷମାନେ ହିଁ ସମାଜ ସଂସ୍କାରର ସ୍ୱର ଉଠାଇଛନ୍ତି, ଯେଉଁମାନେ ଦୁଃଖକୁ ସାମ୍ନା କରିଛନ୍ତି, କିନ୍ତୁ ଏହାକୁ କପାଳ ଲିଖନ ବୋଲି ସହଜରେ ସ୍ୱୀକାର କରିନାହାନ୍ତି। ମହାତ୍ମା ଜ୍ୟୋତିରାଓ ଫୁଲେ ସେଭଳି ଜଣେ ବ୍ୟକ୍ତିତ୍ୱ ଥିଲେ।

୨୦୨୨ରେ ମୁଁ ପୁଣେ ଗସ୍ତ କରିଥିଲି। ସେହି ସମୟରେ ମୁଁ ସହରରେ ଥିବା ମହାତ୍ମା ଫୁଲେଙ୍କ ଭବ୍ୟ ପ୍ରତିମୂର୍ତ୍ତିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲି। ଆମେ ମହାତ୍ମା ଫୁଲେଙ୍କର ୨୦୦ତମ ଜନ୍ମବାର୍ଷିକୀ ପାଳନ ଆରମ୍ଭ କରିବାକୁ ଯାଉଥିବା ବେଳେ ସାମାଜିକ ନବଜାଗରଣ ନିମନ୍ତେ ତାଙ୍କ ଆଦର୍ଶକୁ ଗ୍ରହଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ତାଙ୍କ ହୃଦୟର ନିକଟତର ଥିବା ବିଷୟ ଯଥା ଶିକ୍ଷା କ୍ଷେତ୍ରରେ ନବଜାଗରଣ ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବାକୁ ହେବ। ଅନ୍ୟାୟ ପ୍ରତି ସମ୍ବେଦନଶୀଳ ହେବାକୁ ପଡ଼ିବ ଏବଂ ବିଶ୍ୱାସ କରିବାକୁ ପଡ଼ିବ ଯେ ସମାଜ ନିଜ ପ୍ରୟାସ ଦ୍ୱାରା ନିଜକୁ ଉନ୍ନତ କରିପାରିବ। ସମାଜର ଶକ୍ତିକୁ ଜନହିତ ଏବଂ ନୈତିକ ମୂଲ୍ୟବୋଧ ସହ ମିଶାଇ ଭାରତରେ ବୈପ୍ଳବିକ ପରିବର୍ତ୍ତନ ଆଣିହେବ ବୋଲି ତାଙ୍କର ଜୀବନ ଆମକୁ ଶିକ୍ଷା ଦିଏ। ଏହି କାରଣରୁ ଆଜି ମଧ୍ୟ ତାଙ୍କ ବିଚାର ଲକ୍ଷ ଲକ୍ଷ ଲୋକଙ୍କ ମନରେ ନୂତନ ଉତ୍ସାହ ଓ ପ୍ରେରଣା ଜାଗ୍ରତ କରିଥାଏ। ୨୦୦ ବର୍ଷ ପରେ ମଧ୍ୟ ମହାତ୍ମା ଜ୍ୟୋତିରାଓ ଫୁଲେ କେବଳ ଜଣେ ଐତିହାସିକ ବ୍ୟକ୍ତିତ୍ୱ ନୁହନ୍ତି, ବରଂ ଭାରତର ଭବିଷ୍ୟତ ପାଇଁ ଏକ ଆଲୋକବର୍ତ୍ତିକା ହୋଇ ରହିଛନ୍ତି।

# ମୃତ୍ୟୁର ମିତ୍ର ଓ ଶାନ୍ତିର ସନ୍ମାର୍ଗ



ଉପେନ୍ଦ୍ର ବିଶ୍ୱାଳ

ଆଧୁନିକ ଆମେରିକାର ଜନକ ବୋଲି କୁହାଯାଉଥିବା ବିଶିଷ୍ଟ ଲେଖକ, ଦାର୍ଶନିକ, ବୈଜ୍ଞାନିକ ତଥା ରାଷ୍ଟ୍ରନୀତିଜ୍ଞ ବେଞ୍ଜାମିନ ଫ୍ରାଙ୍କ୍‌ଲିନ କହୁଥିଲେ- ''ଦୁନିଆରେ କିଏ କେଉଁଠି କେବେ ଗୋଟେ ଭଲ ଯୁଦ୍ଧ ଅବା ମନ୍ଦଭରା ଶାନ୍ତି ଦେଖିଛ, ମୋତେ ଟିକେ କହିଲ ?'' ମାତ୍ର ବିଡ଼ମ୍ବନାର ବିଷୟ , ସେହି ଆମେରିକା ଆଜି ସାଜିଛି ବିଶ୍ୱ ପାଇଁ ବ୍ୟଥା ଓ ବେଦନାର କାରଣ। ଆମେରିକାର ୩୬ତମ ରାଷ୍ଟ୍ରପତି ଲିଣ୍ଡନ ବେନ୍ସ ଜନ୍‌ସନଙ୍କ ଭାଷାରେ– ''ଶାନ୍ତି ହେଉଛି ହଜାରେ ମାଇଲର ଯାତ୍ରାଟିଏ। ମାତ୍ର ଗୋଟିଏ ପାହୁଣ୍ଡରେ ବି ତାହା ହଜି ଯାଇଥାଏ।'' ଯୁଦ୍ଧର ଜ୍ୱାଳାରେ କେବଳ ସମ୍ପୃକ୍ତ ଭୂଖଣ୍ଡ ନୁହେଁ, ସାରା ଜଗତ ହୁଏ ଯନ୍ତ୍ରଣା ଜର୍ଜରିତ, ଯାହାକି ସମଗ୍ର ବିଶ୍ୱ ଏବେ ଉପଲବ୍ଧି କରୁଛି । ଯୁଦ୍ଧର ଆରମ୍ଭ ହୁଏ କିଛି ନେତୃବୃନ୍ଦଙ୍କ ଜିଦ୍‌ଖୋର ମନୋଭାବରୁ ଏବଂ ଶେଷ ହୁଏ ଅବସାଦ ଓ ଅନୁଶୋଚନାରେ, ଅନୁତାପ ଓ ପଶ୍ଚାତ୍ତାପରେ। ସେଦିନ ଯୁଦ୍ଧର ଭୟଙ୍କର ପରିଣତିକୁ ସ୍ୱଚକ୍ଷୁରେ ଅବଲୋକନ କରି ନିଜକୁ ଧିକ୍କାର କରିଥିଲେ ସମ୍ରାଟ ଅଶୋକ। ପ୍ରାୟଶ୍ଚିତ୍ତ ସ୍ୱରୂପ ସପରିବାର ତମାମ ଜୀବନ ଲାଗିପଡ଼ିଲେ ଶାନ୍ତିର ପ୍ରଚାର ଓ ପ୍ରସାର ପାଇଁ। ଶାନ୍ତିପାଇଁ ସଫଳ ପ୍ରୟାସ ଯୋଗୁ ଯୁଦ୍ଧ ପୂର୍ବର ସେହି ଚଣ୍ଡାଶୋକ ପରବର୍ତ୍ତୀ ସମୟରେ ପରିଚିତ ହେଲେ ଜଣେ ଧର୍ମଦୂତ ଭାବେ। ମହାଭାରତର ଦୁଷ୍ଟମତି ଦୁର୍ଯ୍ୟୋଧନଙ୍କଠାରୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପର୍ଯ୍ୟନ୍ତ, ଅହଂକାରୀ ଶାସକମାନେ କେମିତି ବା ହୃଦ୍‌ବୋଧ କରନ୍ତେ ଯୁଦ୍ଧର ଭୟାନକ ପରିଣତି ସମ୍ବନ୍ଧେ! ଯୁଦ୍ଧ ଏଡ଼ାଇ, ଶାନ୍ତିପାଇଁ ଶ୍ରୀକୃଷ୍ଣଙ୍କ ବାରମ୍ବାର ସାଧୁ ଉଦ୍ୟମକୁ ବେଖାତିର କରିଥିବା ଦୁର୍ଯ୍ୟୋଧନଙ୍କ ଶେଷ ପରିଣତି କ'ଣ ଥିଲା ? ରକ୍ତନଦୀ ସନ୍ତରଣ ପରି ଦୟନୀୟ ଦୃଶ୍ୟ ମାନବଜାତି ପାଇଁ କ'ଣ ମହାସନ୍ଦେଶ ନୁହେଁ କି? ତଥାପି ହେଜୁନାହିଁ ଭ୍ରଷ୍ଟ ମଣିଷ ଆଜି।

ଯୁଦ୍ଧ ଓ ହିଂସାର ଭୟାବହତାକୁ ବିଚାରକରି ଯୁଦ୍ଧ ବିରୋଧରେ ଯୁଦ୍ଧ କରିବାକୁ ଯାଇ ଅସି ତ୍ୟାଗ କରି ମସୀ ଧରିବାକୁ ଉଚିତ ମଣିଥିଲେ ଟଲ୍‌ଷ୍ଟୟ ସେଦିନ। ସେନା ଚାକିରିରୁ ଅବ୍ୟାହତି ନେଇ ସମାଜ ସୁଧାରରେ ଲାଗିପଡ଼ିଲେ ସାହିତ୍ୟକୁ ସାଥୀ କରି। ବିଶ୍ୱପ୍ରସିଦ୍ଧ



ରୁଷୀୟ ଲେଖକ ଆଜି ଯଦି ଥାଆନ୍ତେ, ତେବେ ବିଶ୍ୱର ହିଂସ୍ର, ଯୁଦ୍ଧଖୋର ରକ୍ତପିପାସୁ ଶାସକଙ୍କୁ କୁହନ୍ତେ, ''ମଣିଷ ଜୀବନ ଅତ୍ୟନ୍ତ ମୂଲ୍ୟବାନ୍। ଏଣୁ ଜୀବନରେ ମାନବିକତାକୁ ସମ୍ମାନ ଦିଅ। ଅନ୍ୟକୁ ଆଘାତ ବା ଆକ୍ରମଣରେ ନ ଥାଏ ଆନନ୍ଦବୋଧ ଅବା ଗୌରବବୋଧ। ଶାନ୍ତି ହେଉ ସଭିଙ୍କ ଜୀବନର ଅମୃତ ଆକାଂକ୍ଷା। କାରଣ, ଶାନ୍ତି ବିନା ସଭ୍ୟତାର ବା କିବା ମୂଲ୍ୟ ?'' କ୍ରୂରତା ଦ୍ୱାରା ନୁହେଁ, ସଦିଚ୍ଛା ଦ୍ୱାରା ହିଁ ବିଶ୍ୱଶକ୍ତିର ସାମର୍ଥ୍ୟ ବୁଝାପଡ଼େ। ମନେରଖିବାକୁ ହେବ ଯେ, ଗୋଟିଏ ପଟେ ଯୁଦ୍ଧର ବିଜୟ ଉତ୍ସବ ଅର୍ଥ ଅନ୍ୟପଟରେ ଶ୍ମଶାନର ନୀରବତା, ଶୋକାର୍ତ୍ତ ପରିବେଶ। ଯୁଦ୍ଧ ତ ଘୋଷଣା କରିବା ସହଜ, କିନ୍ତୁ ଶାନ୍ତି ବା ସନ୍ଧିସ୍ଥାପନ ନିମନ୍ତେ ଫଳପ୍ରଦ ଉଦ୍ୟମ ପାଇଁ ଲୋଡ଼ା ଧୈର୍ଯ୍ୟ ଓ ସାହସ।

ଯୁଦ୍ଧବିଜୟ ଘୃଣା ସୃଷ୍ଟି କରିଥାଏ, କାରଣ ପରାଜିତମାନେ ସେଥିଯୋଗୁ ଯନ୍ତ୍ରଣାରେ ଜୀବନ ଅତିବାହିତ କରିଥା'ନ୍ତି। ଯୁଦ୍ଧ ବା ଧ୍ୱଂସାତ୍ମକ କ୍ରିୟାରେ ଖର୍ଚ୍ଚ କରାଯାଉଥିବା ଅର୍ବୁଦ ଅର୍ବୁଦ ଅର୍ଥକୁ ଆଦର୍ଶ ଭୂଖଣ୍ଡ ଇଥିଓପିଆ ଭଳିଆ ବ୍ୟାଧି, ବିପ୍ୱାତ, ଦାରିଦ୍ର୍ୟ ଓ ଦୁର୍ଦ୍ଦିନରୁ ମୁକ୍ତି ପାଇଁ ବିନିଯୋଗ କରିବା ନାହିଁ କାହିଁକି? ସୋମାଲିଆ ପରି ଇଥିଓପିଆ ବି ଦିନେ ଥିଲା କଙ୍କାଳମୟ ମଣିଷଙ୍କ ଭାଗ୍ୟହୀନ ଭୂମି। କିନ୍ତୁ ଇଗଲ ପରି ଇତିହାସ ରଚିଲା ଇଥିଓପିଆ। ଯେହେତୁ ତାହାର ଏକମାତ୍ର ସ୍ୱପ୍ନ– 'ଶାନ୍ତି ଓ ସମୃଦ୍ଧି'; ଏଣୁ ପଡ଼ୋଶୀଙ୍କୁ ଶିଖାଇଲା ଶାନ୍ତି ଓ ସୁଖଦ ସହାବସ୍ଥାନର ମନ୍ତ୍ର– ''ଚାଲ! ଶାନ୍ତିରେ ରହିବା, ସମୃଦ୍ଧି କରିବା''। ଫଳତଃ ପଡ଼ୋଶୀ ସୋମାଲିଆ, କେନିଆ, ସୁଦାନ, ଏରିଟ୍ରିଆ ଆଦି ଦେଶ ସହିତ ବୈରୀଭାବ ହଟି, ବଢ଼ିଲା ବନ୍ଧୁତ୍ୱର ଭାବ; ଯେଉଁଥିପାଇଁ କି ଆଫ୍ରିକାର ୨ୟ ବୃହତ୍ତମ ଜନସଂଖ୍ୟା (ସାଢ଼େ ୧୦ କୋଟିରୁ ଅଧିକ) ଓ ଘନ ଜନସଂଖ୍ୟାର ଏହି ଦେଶଟିର ବାର୍ଷିକ ଅଭିବୃଦ୍ଧି ହାର ଏକଦା ଭାରତଠାରୁ ବି ଅଧିକ ରହିଥିଲା, ଯାହାକି ବିଶ୍ୱବ୍ୟାଙ୍କର ୨୦୧୭ ମସିହା ରିପୋର୍ଟ କୁହେ। ଏହିପ୍ରକାର ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆଗକୁ ବଢୁଥିବା ଇଥିଓପିଆକୁ 'ଦୃଷ୍ଟାନ୍ତର ଦେଶ' ଭାବେ ଜାତିସଂଘର ପରିବେଶ ମନ୍ତ୍ରଣାଳୟ ମଧ୍ୟ ଘୋଷଣା କରିସାରିଛି। ଏତାଦୃଶ ଉତ୍କୃଷ୍ଟ ବିଚାରବୋଧ ଯୋଗୁ ଫ୍ରାନ୍ସ ଓ ସୁଇଜରଲାଣ୍ଡ ମଧ୍ୟ ଏକ ଏକ ସମୃଦ୍ଧ ଭୂଖଣ୍ଡ। ଉଭୟ ଦେଶଙ୍କ ମଧ୍ୟରେ ନାହିଁ କୌଣସି ବିଭେଦର ପ୍ରାଚୀର। ହେ ବିଶ୍ୱ ସମୁଦାୟ! ଘୃଣା, ବିଦ୍ୱେଷ ବା ବୈରୀଭାବଠାରୁ ଦୂରେଇ ରହି ଆପଣାଇନିଅ ଶାନ୍ତିର ସନ୍ମାର୍ଗ। ଯେମିତିକି ଆଗାମୀ କାଲିର ଦୁନିଆ ଦେଖିବ ସୁଖ-ଶାନ୍ତିଭରା ଏକ ନୂତନ ସୂର୍ଯ୍ୟୋଦୟ।

ମୋ: ୯୪୩୭୪ ୩୬୦୭୩

## ଏଇ ଭାରତରେ

ନଦୀ ପ୍ରଦୂଷଣ ଚିନ୍ତାର ବିଷୟ ହୋଇଗଲାଣି। ପ୍ରଦୂଷିତ ନଦୀଜଳ ଉଭୟ ସ୍ଥଳ ଓ ଜଳଚର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଭଳି ସମସ୍ୟାକୁ ଭଲ ଭାବେ ହୃଦୟଙ୍ଗମ କରି ମଧ୍ୟପ୍ରଦେଶର ବିଟ୍ଟୁ ତବାହି ଏକାକୀ ପ୍ରଦୂଷିତ ଅଜ୍‌ନାର ନଦୀକୁ ସଫା କରିବାରେ ଲାଗିଗଲେ। ବିଟ୍ଟୁଙ୍କ ବୟସ ୧୯। ସେ ପ୍ରତିଦିନ ଗାର୍ବେଜ ବ୍ୟାଗ ଧରି ଅଜ୍‌ନାର ନଦୀ ସଫା କରିବାକୁ ବାହାରି ଯାଆନ୍ତି। ନଦୀକୂଳରେ ଗଦା ହୋଇଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟ ସଫା କରନ୍ତି। ପ୍ରତିଦିନ ସେ ୧୦ କେ.ଜି. ବର୍ଜ୍ୟ ସଂଗ୍ରହ କରିଥାନ୍ତି। ଏହିଭଳି ଭାବେ ସେ ମାସେ ଦୁଇମାସ ମଧ୍ୟରେ ଦୁଇ ଟ୍ରକ ବର୍ଜ୍ୟ ନଦୀରୁ ସଫା କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମେ ଏହି କାର୍ଯ୍ୟ ସେ ଏକାକୀ କରୁଥିଲେ। ସାପ ଓ ସଂକ୍ରମଣ ଭୟ ରହିଥିଲେ ମଧ୍ୟ ସେ ତାଙ୍କ କାର୍ଯ୍ୟ ଜାରି ରଖିଥିଲେ। ପରେ ତାଙ୍କ ସହ ଅନ୍ୟମାନେ ଯୋଗଦେଇ ସଫେଇ ଚାଲୁ ରଖିଛନ୍ତି। ନଦୀକୂଳ ସଫା ହେବାରୁ ପିଲାମାନେ ଖେଳିବା ଆରମ୍ଭ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଏପ୍ରିଲ ୧୯୭୭

- ସମ୍ବାଦପତ୍ରଗୁଡ଼ିକର ସ୍ୱାଧୀନତା ରକ୍ଷା ସଂକ୍ରାନ୍ତ ଦୁଇଟି ବିଲ୍ ପାର୍ଲାମେଣ୍ଟରେ ଗୃହୀତ।
- ଭାରତ ଓ ଇଟାଲି ମଧ୍ୟରେ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଧାନକ୍ଷେତ ପରେ ବଉଦ ଭାସୁଛି
ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
ମୋହରି ବିରହ ଦଶାରେ ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବେଳ ହୁଁ ସାବଧାନ

ମହାଶୟ,

ଭାରତ ଭଳି ଅର୍ଥନୈତିକ ସୁଦୃଢ଼ ରହିଥିବା ପ୍ରାୟ ୧୪ଟି ଦେଶରେ ତାପମାତ୍ରା ବୃଦ୍ଧିର ପ୍ରଭାବରେ ଖାଦ୍ୟ ସଙ୍କଟ ବଢ଼ିବା ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ଡେଭଲପମେଣ୍ଟର ଏକ ସଦ୍ୟ ସର୍ବେକ୍ଷଣ ଅନୁଯାୟୀ, ତାପମାତ୍ରା ବୃଦ୍ଧି କାରଣରୁ ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧତା ଏବଂ ଯୋଗାଣ ବ୍ୟବସ୍ଥାରେ ହ୍ରାସ ଘଟିବା ଆଶଙ୍କା ରହିଛି। ତାପମାତ୍ରା ବୃଦ୍ଧିର ପ୍ରଭାବ ବିଶ୍ୱର ସବୁ ଦେଶକୁ ପ୍ରଭାବିତ କରିବ। ଖାଦ୍ୟ ଯୋଗାଣ ବ୍ୟବସ୍ଥାର ସ୍ଥାୟିତ୍ୱ କିମ୍ବା ସହନଶୀଳତାରେ ଭାରସାମ୍ୟ ନ ରହି ବିଶ୍ୱବ୍ୟାପୀ ଅସମାନତା ବଢ଼ିବା ଆଶଙ୍କା ଉପୁଜିପାରେ। ଏପରି କି ଗରିବ ଓ ମଧ୍ୟବିତ୍ତ ପରିବାର ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଭୋକିଲା ସମସ୍ୟା ଦେଖାଦେଇପାରେ। ଆମେରିକା, ବ୍ରିଟେନ ଏବଂ ଚାଇନା ଭଳି ଦେଶରେ ଅର୍ଥନୀତିରେ ମଧ୍ୟ ଖାଦ୍ୟ ସୁରକ୍ଷା ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅର୍ଥନୈତିକ ଅଭିବୃଦ୍ଧି ଖାଦ୍ୟ କ୍ରୟ କ୍ଷମତା ବଢ଼ାଇପାରେ, କିନ୍ତୁ ଏହା ଜଳବାୟୁ ପରିବର୍ତ୍ତନ ଜନିତ ଆକସ୍ମିକ ସଙ୍କଟକୁ ସମ୍ପୂର୍ଣ୍ଣ ରୋକିପାରିବ ନାହିଁ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଏଣୁ ବେଳ ହୁଁ ସାବଧାନ ରହିବା ଉଚିତ।

–ରାଜାରାମ ଷଡ଼ଙ୍ଗୀ, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବସ୍ କଣ୍ଡକ୍ଟରଙ୍କ ମୃତ୍ୟୁ

ସିଂହପୁର,୧୦।୪(ଅନଙ୍ଗ ଉଦୟ ବେଉରିଆ)



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରୁ ଦୈନିକ ଭୁବନେଶ୍ୱର ଯାତାୟାତ କରୁଥିବା ଘରୋଇ ବସ୍ ନିରୁପମାର କଣ୍ଡକ୍ଟର ଜ୍ୟୋତିରଞ୍ଜନ ପତି(୪୦)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଗୁରୁବାର ଜ୍ୟୋତିରଞ୍ଜନ ସିଂହପୁରରୁ ଭୁବନେଶ୍ୱର ଯାଇ ସେଠାରେ ଗାଡ଼ି ପହଞ୍ଚାଇ ରାତ୍ରିଭୋଜନ ପାଇଁ ଚାଲିଚାଲି ଯାଉଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜ୍ୟୋତିରଞ୍ଜନଙ୍କ ଘର ଢେଙ୍କାନାଳ ଜିଲା ପିଙ୍ଗୁଆ ଅଞ୍ଚଳରେ। ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ସିଂହପୁରରେ ରହି କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ସରଳ, ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ଯୁବକ ଥିଲେ। ତାଙ୍କ ବିୟୋଗ ବିଭିନ୍ନ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ବିୟୋଗ ଖବର ପାଇ ସିଂହପୁର ଘରୋଇ ବସ୍ ଆସୋସିଏଶନ ସଭାପତି ନିରଞ୍ଜନ ବେହୁରିଆ, ଯାଜପୁର ଘରୋଇ ବସ୍ ଆସୋସିଏଶନ ସମ୍ପାଦକ କର୍ଣ୍ଣଟ କେଶରୀ ଦାସଙ୍କ ସମେତ ବହୁ ବସ୍ ମାଲିକ, କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ୨ ବଖରା ଜଳିଗଲା

ଧର୍ମଶାଳା,୧୦।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ଆରୁହା ସର୍କଲ ତରଞ୍ଜିଆ ପଞ୍ଚାୟତ ତରଞ୍ଜିଆ ଗ୍ରାମରେ ଗୁରୁବାର ରାତିରେ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଗ୍ରାମର ମନୋରଞ୍ଜନ ଭୂୟାଁଙ୍କ ୨ବଖରା ଚାଳଘର ଓ ନିହାର ରଞ୍ଜନ ସାହୁଙ୍କ ଛଣଗଦା ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହିତ ବିପୁଳ ଟଙ୍କାର ସମ୍ପତ୍ତି ଜଳିଯାଇଛି। ଖବରପାଇ ଚଢ଼େଇଧରାସ୍ଥିତ ଧର୍ମଶାଳା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ତହସିଲଦାର ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଆରୁହା ରାଜସ୍ୱ ନିରୀକ୍ଷକ ଅନିଲ ଦାସ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ପଲିଥିନ୍ ଯୋଗାଇ ଦେଇଛନ୍ତି। ଏଥିସହିତ କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଅଗ୍ନିବିପନ୍ନ ମନୋରଞ୍ଜନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

### ଚଣ୍ଡିଖୋଲ ଆର୍‌ଟିଓ ପକ୍ଷରୁ ଗାଡ଼ି ଯାଞ୍ଚ

କାଏମା,୧୦।୪(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାରୁ କାଏମାକୁ ସଂଯୋଗ କରୁଥିବା ରୋଡ୍‌ରେ ଚଣ୍ଡିଖୋଲ ଆରଟିଓ ପକ୍ଷରୁ ଶୁକ୍ରବାର ଗାଡ଼ି ଯାଞ୍ଚ କରାଯାଇଛି। ଚଣ୍ଡିଖୋଲ ଆରଟିଓ ଅଧିକାରୀ ଯୁଗଳ ତିରିଆ ଓ ଅନ୍ୟ କର୍ମଚାରୀ ଏହି ରୋଡ୍‌ର ପାହାଡତଳି ନିକଟରେ ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଅନେକ ବାଇକ ଆରୋହୀଙ୍କ ଲାଇସେନ୍ସ, ହେଲ ମେଟ, ଇନସୁରାନ୍ସ ଓ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିବାରୁ ସେମାନଙ୍କ ଉପରେ ଜରିମାନା କରାଯାଇଥିଲା। ସେହିପରି ଚାରି ଚକିଆ ଯାନଗୁଡ଼ିକୁ ମଧ୍ୟ ଅଟକାଇ ଯାଞ୍ଚ କରାଯାଇ ଜରିମାନା କରାଯାଇଥିଲା।

# କାରାଗାର ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବିକଲେ ଟେଣ୍ଡର ଆବେଦନକାରୀ

ଯାଜପୁର/ଯାଜପୁର ଟାଉନ, ୧୦।୪
(ହର୍ଷବର୍ଦ୍ଧନ ବେହେରା/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା କାରାଗାର ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ବାର୍ଷିକ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରି ବାସ୍ତବତା ଲୋକଲୋଚନକୁ ଆଣିବାକୁ ଟେଣ୍ଡର ଆବେଦନକାରୀ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ ଜିଲା କାରାଗାରରେ ୧୩୦ ଜଣ ପୁରୁଷ ଏବଂ ମହିଳା ଅନ୍ତେବାସୀ ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ଏବେ ପ୍ରାୟ ୨୨୦ ଜଣ ଅନ୍ତେବାସୀ ରହୁଥିବା ଜଣାପଡିଛି। ଏମାନଙ୍କ ପାଇଁ ୨୦୨୫ ନଭେମ୍ବର ୩୦ରେ ଖାଦ୍ୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ରୟ କରାଯିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ୧୨ ଜଣ ବ୍ୟକ୍ତି/ସଂସ୍ଥା ଭାଗ ନେଇଥିବା ବେଳେ ୩ ଜଣଙ୍କ କାଗଜପତ୍ର ଠିକ୍ ନ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଥିଲା। ୩।୧।୨୦୨୬ରେ ପ୍ରଥମେ ୯ ଜଣ ଟେଣ୍ଡରଧାରୀଙ୍କର ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ପରେ ୧୬।୩।୨୦୨୬ରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେମାନଙ୍କ ପ୍ରାଇସ୍ ବିଡ୍ ଖୋଲାଯାଇଥିଲା। ଖାଦ୍ୟ ସାମଗ୍ରୀ ପାଇଁ ଜିଲା ଯୋଗାଣ ଅଧିକାରୀଙ୍କ ପାଖରୁ ୧୩୫ଟି ସାମଗ୍ରୀ ପାଇଁ ଏକ ନିର୍ଦ୍ଧାରିତ ମୂଲ୍ୟ ସୂଚୀପତ୍ର ଅଣାଯାଇଥିଲା। କିନ୍ତୁ ଜିଲାର ରଗଡ଼ି ଅଞ୍ଚଳରେ ଥିବା ଉପକାରାଗାର ପାଇଁ ସାମଗ୍ରୀଗୁଡ଼ିକର କମ୍ ମୂଲ୍ୟ ଥିବାବେଳେ ଜିଲା କାରାଗାର ପାଇଁ ସାମଗ୍ରୀଗୁଡିକ ଅଧିକ ମୂଲ୍ୟ ସୂଚୀପତ୍ରରେ ରହିଥିଲା। ଗୋଟିଏ ଜିଲାରେ କିପରି ସାମଗ୍ରୀଗୁଡିକର ପୃଥକ୍ ଭାବେ ୨ଟି ମୂଲ୍ୟ ଧାର୍ଯ୍ୟ କରାଯାଇଛି ତାହା ମଧ୍ୟ ତଦନ୍ତ ସାପେକ୍ଷ। ଯୋଗାଣ ଅଧିକାରୀଙ୍କ ମୂଲ୍ୟର ୫ ପ୍ରତିଶତ କମ୍ ଟେଣ୍ଡରଧାରୀଙ୍କୁ ଟେଣ୍ଡର ଦିଆଯାଇଛି। ନିର୍ଦ୍ଧାରିତ ୧୩୫ଟି ସାମଗ୍ରୀ ମଧ୍ୟରୁ ୩୬ଟି ସାମଗ୍ରୀ ଯୋଗାଣ ଅଧିକାରୀଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ଥିବାରୁ ଏହାକୁ ଟେଣ୍ଡରଧାରୀଙ୍କୁ ଦିଆଯାଇନାହିଁ। ଏହି ୩୬ଟି ସାମଗ୍ରୀ ପାଇଁ ସ୍ଥାନୀୟ ମାର୍କେଟ୍‌ରୁ କ୍ରୟ କରିବାକୁ ପୁନର୍ବାର ୭ ଦିନ ସମୟ ନେଇ ଅନ୍ୟ ଏକ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବା କଥା। କିନ୍ତୁ ଏ ସଂକ୍ରାନ୍ତରେ ଗତ ୩୦ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ କେବଳ ଏକ ନୋଟିସ ପ୍ରଦାନ କରାଯାଇଥିବାବେଳେ ଏଥିରେ କେତୋଟି ସାମଗ୍ରୀ କିଣାଯିବ ତା'ର କୌଣସି ସୂଚନା ନ ଥିଲା। ଏପରିକି ଏହି ନୋଟିସଟି ଜେଲ୍ ବାହାର କାନ୍ଥରେ ଲଗାଯାଇଥିଲେ ହେଁ ୩୦ ତାରିଖ ପରିବର୍ତ୍ତେ ଶେଷ ସମୟ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ରହିଥିଲା। ଏଥିରୁ ଲାଭ ପାଇବା ଉଦ୍ଦେଶ୍ୟରେ ବାକି ୩୬ଟି ସାମଗ୍ରୀ ନିଜେ ଜେଲ୍ ଅଧୀକ୍ଷକ ସ୍ଥାନୀୟ ମାର୍କେଟ୍‌ରୁ କିଣୁଥିବା ନେଇ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କ ନିକଟରେ ଟେଣ୍ଡର ଆବେଦନକାରୀ ମହେଶ୍ୱର ସାହୁ ଲିଖିତ ଅଭିଯୋଗ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଏ ସମ୍ପର୍କରେ ଜେଲ ଅଧୀକ୍ଷକ ସମୀର କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବାର୍ଷିକ ଟେଣ୍ଡର ପାଇଁ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଯେଉଁଥିରେ ଟେଣ୍ଡର କମିଟିରେ ଅଧ୍ୟକ୍ଷ ଭାବେ ଅତିରିକ୍ତ ଜିଲାପାଳଙ୍କ ସମେତ ଫାଇନାନ୍ସ(ପିଡି), ଟ୍ରେଜେରି ଅଫିସର, ଜିଲା ଯୋଗାଣ ଅଧିକାରୀ ଏବଂ ଜେଲ ଅଧୀକ୍ଷକ ପ୍ରମୁଖ ସଭ୍ୟ ରହିଛନ୍ତି। ସମସ୍ତଙ୍କର ମତାମତ ନେଇ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ଶେଷ କରାଯାଇଛି। ଯେହେତୁ ୨୦୨୫-୨୬ ବର୍ଷର ଟେଣ୍ଡର ଶେଷ ହୋଇଛି, ଅନ୍ତେବାସୀମାନଙ୍କୁ ଖାଦ୍ୟ ପାଇଁ ଅସୁବିଧା ନ ଉପୁଜିବା ପାଇଁ ସ୍ଥାନୀୟ ମାର୍କେଟ୍‌ରୁ କିଣାଯାଇ ଖାଦ୍ୟ ଯୋଗାଣ କରାଯାଉଛି। ଅପରପକ୍ଷରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କୁ ପଚାରିବାରେ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।



ଗେକର୍ଣ୍ଣେଶ୍ୱର ଶୈବ ପୀଠର ଉନ୍ନତୀକରଣ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ, ବିଡିଓ ଏବଂ ଅନ୍ୟ କର୍ମଚାରୀ ସମୀକ୍ଷା କରୁଛନ୍ତି।

### ଗୋକର୍ଣ୍ଣେଶ୍ୱର ପୀଠର ଉନ୍ନତୀକରଣ ସମୀକ୍ଷା

କାଏମା,୧୦।୩(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ନିକଟ ଗେକର୍ଣ୍ଣେଶ୍ୱର ଶୈବ ପୀଠର ଉନ୍ନତୀକରଣ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ଅଣ୍ଟା ଭିଡ଼ିଛନ୍ତି। ସେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଅନ୍ୟ କର୍ମଚାରୀ ଓ ସମର୍ଥକଙ୍କ ଗହଣରେ ପୀଠରେ ପହଞ୍ଚି ଏହାର ସମୀକ୍ଷା କରିଛନ୍ତି। ମନ୍ଦିରର ଉନ୍ନତୀକରଣ ପାଇଁ ସେଠାରେ ଏକ ପାର୍କ ସହ ରୋଷ ଘର, ମଣ୍ଡପ ଓ ଲୋକଙ୍କ ରହଣି ପାଇଁ ସେଡ୍ ନିର୍ମାଣ ଲାଗି ଆବଶ୍ୟକ ଅର୍ଥ ମଞ୍ଜୁର କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୀକ୍ଷାରେ ବିଧାୟକଙ୍କ ସମର୍ଥକ ରାଜେଶ ପାଳ, ଭାଜପା ଆରୁହା ଜୋନ ସଭାପତି ଜିତେନ୍ଦ୍ର ରାଉତ, ଦେବରାଜ ମିଶ୍ର, ଅଭିଷେକ ରାଉତ, ତୁଷାର ରାୟ ଓ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ପିକ୍‌ଅପ୍ ଭ୍ୟାନ୍, ଦେଶୀ ମଦ ଜବତ: ୨ ଗିରଫ

ବ୍ୟାସନଗର,୧୦।୪(ପବିତ୍ର ରଞ୍ଜନ ମହାନ୍ତି)

ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ କଳିଙ୍ଗନଗର ଥାନା ବିଆରପିଏଲ ଛକରେ ଚଢ଼ାଉ କରାଯାଇ ଏକ ପିକଅପ ଭ୍ୟାନ ସହ ୧୮୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମୁଣ୍ଡିଆ ଗୁରୁଡ଼ିର ତ୍ରିବନ ଲାଗୁରି ଓ ଉକ୍ତ ଥାନା ଝାରପଡ଼ା ଗ୍ରାମର କେନ୍ଦର ମୁଣ୍ଡା। ଜବତ ମଦର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ବିଭାଗ ପକ୍ଷରୁ ନଂ.୨/୨୬-୨୭ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଅବକାରୀ ଅଧିକାରୀ ରାମେଶ୍ୱର ମହାନ୍ତି ସୂଚନା ଦେଇଛି। ଚଢ଼ାଉରେ ଏଏସ୍‌ଆଇ ଦେବକାନ୍ତ ଆଚାର୍ଯ୍ୟ, ରଶ୍ମିରେଖା ଜେନା, ଶିଶିର ପ୍ରଧାନ ଓ ଚଗଲା ମଳିକ ସାମିଲ ହୋଇଥିଲେ।

ଧର୍ମଶାଳା ମହାବିଦ୍ୟାଳୟ ପକ୍ଷରୁ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

# ଓଡ଼ିଆ ପତ୍ରପତ୍ରିକା ଆଧୁନିକ ସାହିତ୍ୟ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୦।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଅଧ୍ୟକ୍ଷ ସୂରୁପାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବପ୍ରସାଦ ସାମଲ ଯୋଗଦେଇ ଛାତ୍ରୀଛାତ୍ର ଓଡ଼ିଆ ପୁସ୍ତକ ପଢ଼ିଲେ ଓଡ଼ିଆ ଜାତୀୟତା ଭାବ ବୋଧରେ ଅଭିମନ୍ତ୍ରିତ ହେବେ ବୋଲି କହିଥିଲେ। ଏଥିସହିତ ଓଡ଼ିଆ ପତ୍ରପତ୍ରିକା ଆଧୁନିକ ସାହିତ୍ୟ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ମୁଖ୍ୟ ଅଭିନ୍ନ ଚନ୍ଦ୍ର ଦାଶ ଅତିଥିଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସନ୍ତୋଷ ଦାଶ, ଅରବିନ୍ଦ ମହାନ୍ତି, ଆଶିଷ ଦାଶ, ଅଧ୍ୟାପକ ଚର୍ତୁଭୂଜ ବେହେରା, ଅଧ୍ୟାପିକା ସସ୍ମିତା ରାଉଳ, ନିଳୀମା ସାମଲ ପ୍ରମୁଖ ଯୋଗଦେଇ ବହିଟିଏ ପଢ଼ିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦୀପକ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଏପ୍ରିଲ, ମେ'ର ଜନଶୁଣାଣି କାର୍ଯ୍ୟସୂଚୀ ସ୍ଥିରୀକୃତ

ଯାଜପୁରଟାଉନ,୧୦।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଏପ୍ରିଲ ଓ ମେ' ମାସରେ ଯାଜପୁର ଜିଲାପାଳ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲଙ୍କ ଜିଲାସ୍ତରୀୟ ଏବଂ ବିଭିନ୍ନ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ କରାଯାଇଛି। ଜନସାଧାରଣଙ୍କ ବିଭିନ୍ନ ଆପତ୍ତି, ଅଭିଯୋଗଗୁଡ଼ିକୁ ଜିଲାର ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମିଳିତଭାବେ ତତ୍କାଳ ସମାଧାନ କରିବେ। ଏପ୍ରିଲ ଜନଅଭିଯୋଗ ଶୁଣାଣି ଶିବିରଗୁଡ଼ିକର କାର୍ଯ୍ୟସୂଚୀ ଅନୁଯାୟୀ ୧୩।୪।୨୦୨୬ ସୋମବାର କେଏନ୍‌ଡିଏ ସମ୍ମିଳନୀ ଗୃହ କଳିଙ୍ଗନଗର, ୨୦।୪।୨୦୨୬ରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୭।୪।୨୦୨୬ରେ ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମେ' ମାସର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଗୁଡ଼ିକର କାର୍ଯ୍ୟସୂଚୀ ଅନୁଯାୟୀ ୪।୫।୨୦୨୬ ସୋମବାର ଜିଲା ପରିଷଦ ସମ୍ମିଳନୀ ଗୃହ ଯାଜପୁର, ୧୧।୫।୨୦୨୬ରେ ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୧୮।୫।୨୦୨୬ରେ ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ ଏବଂ ୨୫।୫।୨୦୨୬ରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଣୁ ଜିଲାର ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୪୪ଜଣଙ୍କୁ ପରିଚୟପତ୍ର ବଣ୍ଟନ, ୪ ସମ୍ମାନିତ

## ବାପୁଜୀ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ରସୁଲପୁର,୧୦।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ସଭାଗୃହରେ ଗୁରୁବାର ବାପୁଜୀ ବରିଷ୍ଠ ନାଗରିକ ମଞ୍ଚର ୬ଷ୍ଠ ବାର୍ଷିକୋତ୍ସବ ସଂଗଠନର କାର୍ଯ୍ୟକାରୀ ସଭାପତି ପ୍ରହ୍ଲାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବରେ ସାମାଜିକ କର୍ମୀ ମିନତି ସାହୁ, ସମ୍ମାନିତ ଅତିଥି ଭାବରେ ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ବିଡିଓ ସତ୍ୟାନନ୍ଦ ଦାଶ, ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ସାହୁ, କୁଆଖିଆ ଥାନା ଅଧିକାରୀ ସୁଶାନ୍ତ ସେଠୀ ପ୍ରମୁଖ ଯୋଗଦେଇ ବରିଷ୍ଠମାନେ ସମାଜର ଦିଗ୍‌ଦର୍ଶକ ବୋଲି ଅଭିହିତ କରିଥିଲେ। ଏଥିସହିତ ସମାଜର ପ୍ରତ୍ୟେକ କ୍ଷେତ୍ରରେ ବରିଷ୍ଠଙ୍କୁ ସମ୍ମାନର ସହ ଜୀବନନିର୍ବାହ କରିବାକୁ ସହଯୋଗ କରିବାର ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାର ସମୟ ଉପନିତ ହୋଇଛି। ବରିଷ୍ଠଙ୍କ ବୁଦ୍ଧି, ଜ୍ଞାନ, ଅଭିଜ୍ଞତା, ଅନୁଭୂତିକୁ ପୁଞ୍ଜି କରିପାରିଲେ ସାମାଜର ଉନ୍ନତିରେ ସହାୟକ ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

ଏହାପରେ ଅତିଥିଙ୍କ ଦ୍ୱାରା ସଂଗଠନରେ ନୂତନ ଭାବରେ ଯୋଗଦେଇଥିବା ୪୪ ସଦସ୍ୟଙ୍କୁ ପୋଲିସ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବରିଷ୍ଠ ଭାବରେ ଶିକ୍ଷାବିତ୍ ଯୋଗେନ୍ଦ୍ର ପଣ୍ଡା, କୃଷିବିତ୍ ନରହରି ପଣ୍ଡା, ବୟୋଜ୍ୟେଷ୍ଠ ଜୟିରାମ ପଣ୍ଡା, ଯୁଗଜ୍ୟୋତିର ପ୍ରତିଷ୍ଠାତା ବିଜୟ କୁମାର ଦାଶଙ୍କୁ ଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ମଞ୍ଚ ସଂପାଦକ ବଟକୃଷ୍ଣ ସାହୁ ବାର୍ଷିକ ବିବରଣୀପାଠ କରିଥିଲେ। ସଂଗଠନ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଜରିଆରେ ବରିଷ୍ଠମାନେ ସମ୍ମୁଖିନ ହେଉଥିବା ନାନା ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ବରିଷ୍ଠଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭ୍ୟ ବାସୁଦେବ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବିଜୟ ସାହୁ, ଶଙ୍କର୍ଷଣ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ।




ବାପୁଜୀ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଦାନଗଦି ବଜାରରୁ ୪ ଶିଶୁଶ୍ରମିକ ଉଦ୍ଧାର

କଳିଙ୍ଗନଗର,୧୦।୪(ଶୁଭାଶିଷ ରାଉତ)

ଦାନଗଦି ବ୍ଲକ୍ ଅନ୍ତର୍ଗତ ଦାନଗଦି ବଜାରରୁ ଶୁକ୍ରବାର ୪ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସିଭିଲ ସୋସାଇଟ ଫୋରମ ପକ୍ଷରୁ 'ମାସୁମ ଅଭିଯାନ' ମାଧ୍ୟମରେ ଶିଶୁଶ୍ରମିକ ବନ୍ଦ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ଫୋରମର ଆବାହକ ତଥା ଶିଶୁ ଅଧିକାର କର୍ମୀ ମଣ୍ଟୁଦାସ ଦାନଗଦି ବଜାରର ବିଭିନ୍ନ ଦୋକନରେ ଶିଶୁଶ୍ରମିକ ନିୟୋଜିତ ହୋଇଥିବା ନେଇ ଚାଇଲ୍ଡ ହେଲପ୍‌ଲାଇନରେ ଅଭିଯୋଗ କରିଥିଲେ। ଏହାପରେ ଚାଇଲ୍ଡ ହେଲପଲାଇନ ଜିଲା ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସଙ୍କ ନେତୃତ୍ୱରେ ଏକ ଥଣ୍ଡା ପାନୀୟ ଦୋକାନ, ଗୁପଚୁପ ଠେଲା, ଗ୍ୟାରେଜ ଓ ଏକ ରାଶନ ଦୋକାନରେ ଚଢ଼ାଉ କରାଯାଇ ଏହି ୪ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତଙ୍କ ବୟସ ୧୪ ବର୍ଷରୁ କମ ଥିବା ଜଣାପଡିଛି। ସିଭିଲ ସୋସାଇଟ ଫୋରମର ଆବାହକ ଦାସ, ବିଜୟ ଦାସ, ଚାଇଲ୍ଡ ହେଲପ ଲାଇନ ସୁପରଭାଇଜର ବର୍ଷାରାଣୀ ପଣ୍ଡା ଓ ଦାନଗଦି ଫାଣ୍ଡି ପୋଲିସ ଅଧିକାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଫୋରମର ଆବାହକ କହିଛନ୍ତି, ମାସୁମ ଅଭିଯାନ ଗତ ୮ତାରିଖରୁ ଆରମ୍ଭ ହୋଇଛି। ଏହା ଜୁନ ୧୨ ଯାଏ ଚାଲୁ ରହିବ। ଏହି ସମୟରେ ସୁକିନ୍ଦା, ଦାନଗଦି, କୋରେଇ, ରସୁଲପୁର ଓ ଯାଜପୁର ବ୍ଲକରେ ଶିଶୁଶ୍ରମିକ ଚିହ୍ନଟ, ଉଦ୍ଧାର ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୫ ଦିନ ପୂର୍ବରୁ ଏଠାରୁ ୪ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ଏହାପରେ ମଧ୍ୟ ବିଭିନ୍ନ ବ୍ୟବସାୟୀକ ପ୍ରତିଷ୍ଠାନ, ଗ୍ୟାରେଜ, ହୋଟେଲରେ ଶିଶୁଶ୍ରମିକ ନିୟୋଜିତ କରାଯାଉଛି।

# ଓଡ଼ିଆ ପକ୍ଷ ପାଳନ ଦିବସରେ କଳାକାର ସମ୍ମାନିତ

ଯାଜପୁରଟାଉନ,୧୦।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାର ପ୍ରତି ବ୍ଲକରେ 'ଓଡ଼ିଆ ପକ୍ଷ' ଉତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହେଉଛି। ଏହି ଅବସରରେ ଶୁକ୍ରବାର ଯାଜପୁର ସଂସ୍କୃତି ଭବନଠାରେ 'ଲୋକକଳା ପାଇଁ ଦିନଟିଏ' ଶୀର୍ଷକରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଉତ୍ସର୍ଗ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର, ପ୍ରତିଭାବାନ ସ୍ଥାନୀୟ ଲୋକକଳାକାର ଏବଂ ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କୁ ସମ୍ମାନିତ କରାଯାଇଛି। ଗ୍ରାମାଞ୍ଚଳର ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବା ଏବଂ କଳାକାରମାନଙ୍କୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୀକୃତିପ୍ରାପ୍ତ କଳାକାରମାନେ ଉପସ୍ଥିତ ଥିଲେ। ବିଶେଷ କରି ଧର୍ମଶାଳା, ବଡ଼ଚଣା, ଦଶରଥପୁର, କୋରେଇ ଏବଂ ଯାଜପୁର ବ୍ଲକର ଶତାଧିକ କଳାପ୍ରେମୀ ଉତ୍ସବରେ ସାମିଲ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଗରିମା ବୃଦ୍ଧି କରିଥିଲେ। ଯାଜପୁରର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କୁହାଯାଇଥିଲା।



# ଧର୍ମଶାଳାରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ

## ବାଉଁଶଡୋଳ ଗ୍ରାମରେ ପହଞ୍ଚିଲେ ସିଡିଏମ୍‌ଓ

ଧର୍ମଶାଳା/କାଏମା,୧୦।୪
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ବ୍ୟାପିଥିବା ଝାଡ଼ିବାନ୍ତି ନିୟନ୍ତ୍ରଣାଧୀନ ରହିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକାରୀ ଡା. ସୁଧୀର କୁମାର ସାହୁ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗ୍ରାମରେ ୩ ଦିନ ତଳେ ବାଦଲ ମଳିକ(୩୫) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ୭ତାରିଖରେ ଚିକିତ୍ସିତ ହୋଇ ୮ତାରିଖରେ ଫେରିଥିଲେ। ମାତ୍ର ତାଙ୍କ ପରିବାରର ୫ଜଣ ଓ ତାଙ୍କ ଗ୍ରାମର ଅନ୍ୟ ଜଣେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ବାଦଲ ପୁନଶ୍ଚ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବାକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୮ ତାରିଖରେ ମୃତ୍ୟୁ ହୋଇଥିଲା। ଏହି ଝାଡ଼ାବାନ୍ତିରେ ବାଉଁଶ ଡ଼ୋଳ ଗ୍ରାମର ଶାନ୍ତି ମଳିକ (୪୦), ଅନିତା ମଳିକ (୨୦), କାଞ୍ଚନ ମଳିକ (୪୭), ସମୀର ମଳିକ (୪୦), ପଙ୍କଜ ମଳିକ (୩୫), ପାଞ୍ଚାଳି ମଳିକ(୪୫), ଅଭୟପୁର ପଞ୍ଚାୟତ ନିଳାଦେଇପୁର ଗ୍ରାମର ପୂର୍ଣ୍ଣିମା ସାହୁ (୨୦), ଗୋପାଳପୁର ଗ୍ରାମର ବିଜୟ ଦାସ (୪୫) ଓ ଗଁଦିଆ ଅଞ୍ଚଳର ଚିନ୍ମୟୀ ଜେନା(୧୭) ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣ ଏବେବି ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ବିଜୟ କୁମାର ମିଶ୍ର ଏକ ଡାକ୍ତରୀ ଟିମ୍ ସହ ବାଉଁଶଡ଼ୋଳ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଗରମ ପାଣି ପିଇବା ଓ ଗରମ ଖାଦ୍ୟ ଖାଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଭୟଭୀତ ନ ହୋଇ ସତର୍କ ରହିବାକୁ ଗ୍ରାମବାସୀଙ୍କୁ କହିଛନ୍ତି। ସେଠାରେ ଥିବା ସମସ୍ତ ଜଳ ଉତ୍ସକୁ ବିଶୋଧନ କରିବା ସହିତ ନଳକୂପ ଓ କୂପଗୁଡ଼ିକରେ ବ୍ଲିଚିଂ ପକାଯାଇଛି। ଅଙ୍ଗନୱାଡି ଓ ଆଶାଙ୍କୁ ଘରକୁ ଘର ବୁଲି ସଚେତନ କରିବା ସହିତ ହାଲୋଜିନ ବଟିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବାଉଁଶଡୋଳ ଗ୍ରାମରେ ଝାଡ଼ାବାନ୍ତିରେ ଜଣକର ମୃତ୍ୟୁ ହୋଇଥିବା କୁହାଯାଉଥିଲେ ମଧ୍ୟ ପ୍ରକୃତ କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ବ୍ୟବଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି।

ଗତ ବର୍ଷ ଏହି ସମୟରେ ଧର୍ମଶାଳାରେ ଝାଡ଼ାବାନ୍ତିରେ ଅନେକ ପୀଡ଼ିତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ନମୁନା ପରୀକ୍ଷା ପରେ କଲେରା ବ୍ୟାପିଥିବା ଜଣାପଡ଼ିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ହୋଟେଲ ଓ ଅନ୍ୟ ଖାଇବା ଦୋକାନକୁ ବନ୍ଦ କରାଯାଇଥିଲା। ଏପରିକି ଏହି ଝଡାବାନ୍ତିରେ ଆକ୍ରାନ୍ତ ହୋଇ ଅନେକଙ୍କ ଜୀବନ ଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ବାରମ୍ବାର ମେଡିକାଲ ଗସ୍ତ କରି ସ୍ଥିତି ସମୀକ୍ଷା କରିଥିଲା। ଝାଡ଼ାବାନ୍ତି ବ୍ୟାପୁଥିବା ଅଞ୍ଚଳଗୁଡ଼ିକରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଉତ୍ସ ଗୁଡ଼ିକୁ ବିଶୋଧନ କରାଯାଇ ପରିସ୍ଥିତି ଆୟତ କରାଯାଇଥିଲା। ଚଳିତ ବର୍ଷ ପୁଣି ଝାଡ଼ାବାନ୍ତି ବ୍ୟାପିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି।

**କୁଜଙ୍ଗ ମହୋତ୍ସବରେ ସ୍ୱେଚ୍ଛାସେବୀ ସଂଗଠନର ସେବା କାର୍ଯ୍ୟ**

କୁଜଙ୍ଗ, (ମନୋଜ ପ୍ରଧାନ): କୁଜଙ୍ଗ ମହୋତ୍ସବ ୨୦୨୬ରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସିପ ଫର ଏଭର୍ ପକ୍ଷରୁ ଦର୍ଶକମାନଙ୍କୁ ମାଗଣାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଉକ୍ତ ଜଳ ଯୋଗାଣ ସେବାକୁ କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଉପଦେଷ୍ଟା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଦିନବନ୍ଧୁ ସେନପତି ଯୋଗଦେଇ ଅନୁଷ୍ଠାନର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଫ୍ରେଣ୍ଡସିପ୍ ଫର ଏଭର୍ ସଭାପତି ସରୋଜ କୁମାର ବେହେରା, ସଭ୍ୟ ଶିବ କୁମାର ସାହୁ, ସଲିଳ କୁମାର ବେହେରା, ଭବାନୀ ପ୍ରସାଦ ଦାସ, ବିଭୂତି ଭୂଷଣ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

# ବାସୁଦେବଙ୍କ ୭ ଘଣ୍ଟା ଆନ୍ଦୋଳନ: ସଫା ହେଲା ମଳ, ମୂତ୍ର

## ୪ ଦଫା ଦାବିରେ ନିଆରା ପ୍ରତିବାଦ

ଜଗତ୍‌ସିଂହପୁର, ୧୦।୪
(ପ୍ରମୋଦ କୁମାର ନାୟକ)

ପ୍ରଶାସନ, ପୋଲିସ କାର୍ଯ୍ୟକଳାପ ଓ ନୀରବତା ପ୍ରତିବାଦରେ ୫ ଦଫା ଦାବିରେ ଜଗତ୍‌ସିଂହପୁର ଜିଲାର ଜଣାଶୁଣା ସମାଜସେବୀ ଆଡଭୋକେଟ୍ ବାସୁଦେବ ଗତ ୬ ତାରିଖରେ ଜଗତ୍‌ସିଂହପୁର ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଶୁକ୍ରବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଏହାପୂର୍ବରୁ ଜଗତ୍‌ସିଂହପୁର ଥାନା ଆଇଆଇସିଙ୍କ ବଦଳି ଦାବି ପୂରଣ ହୋଇଯାଇଥିଲା। କିନ୍ତୁ ଅନ୍ୟ ୪ ଦାବି ପୂରଣ ନେଇ ବାସୁଦେବ ପୂର୍ବ ସୂଚନା ମୁତାବକ ଶୁକ୍ରବାର ଜଗତ୍‌ସିଂହପୁର ଥାନା ଛକ (ରାସ୍ତା କଡ) ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ପାର୍ଶ୍ୱରେ ଶୋଇ ରହି ନିଆରା ପ୍ରତିବାଦ କରିଥିଲେ। ଏଥିରେ ତାଙ୍କୁ ଅନେକ ସଂଗ୍ରାମୀ ସହଯୋଗ କରିଥିଲେ। ଆନ୍ଦୋଳନ ପାଖାପାଖି ୭ ଘଣ୍ଟା ଚାଲିଥିଲା। ସଂଗ୍ରାମୀମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସେମାନଙ୍କ ଦାବିର ଯଥାର୍ଥତା ସମ୍ପର୍କରେ ଯୁକ୍ତି ବାଢ଼ିବା ସହ ଲୋକମାନଙ୍କୁ ଆକର୍ଷିତ କରିଥିଲେ। ଏହି ସମୟରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା।



ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ପାର୍ଶ୍ୱରେ ଶୋଇ ରହି ଆଡଭୋକେଟ୍ ବାସୁଦେବ ପ୍ରତିବାଦ କରୁଥିବାବେଳେ ଅନ୍ୟ ଆନ୍ଦୋଳନକାରୀମାନେ ସହଯୋଗ କରୁଛନ୍ତି।

ଆନ୍ଦୋଳନକୁ ଦେଖି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାନୀୟ କୋର୍ଟ ଛକ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ଜନୈକ ମହିଳାଙ୍କ ବହୁତଳ ବିଶିଷ୍ଟ ବିଲ୍ଡିଂରୁ ରାସ୍ତାକୁ ଯାଉଥିବା ମଳ, ମୂତ୍ର ପାଣି ଅସ୍ଥାୟୀ ଭାବେ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାଥମିକ ପଦକ୍ଷେପ ସ୍ୱରୂପ ନୂଆକରି ଯୋଗ ଦେଇଥିବା ପରିଷଦ ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ଟ୍ୟାଙ୍କର ଯୋଗେ ସମ୍ପୃକ୍ତ ମହିଳାଙ୍କ ପାଇଖାନା ଓ ଗାଧୁଆଘର ଟାଙ୍କିରୁ ମଳ, ମୂତ୍ର କାଢି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଧରିତ୍ରୀ ଖବରକାଗଜରେ ଏନେଇ ବାରମ୍ବାର ଖବର ପ୍ରସାରଣ ପରେ ଆଡଭୋକେଟ୍ ବାସୁଦେବ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ପ୍ରାଥମିକ ପଦକ୍ଷେପ ସ୍ୱରୂପ କାମ ହୋଇଥିଲେ ସୁଦ୍ଧା ସ୍ଥାୟୀ ସମାଧାନ ହୋଇପାରି ନାହିଁ। ସେହିପରି ଗତ ସପ୍ତାହରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ଫାଟକ ସମ୍ମୁଖରେ ଚାଷୀଙ୍କ ସ୍ୱାର୍ଥ ପାଇଁ ଅନଶନରେ ବସିଥିବା ନବ ନିର୍ମାଣ କୃଷକ ସଙ୍ଗଠନର ସଂଗ୍ରାମୀ ଦେବୀ ପ୍ରସାଦ ମହାରଣା, ପ୍ରମୋଦ ଦାଶ ଓ ରଘୁନାଥ ନାୟକଙ୍କୁ ଜୋରଜବରଦସ୍ତ ଉଠାଇ ନିଆଯାଇଥିଲା। କିନ୍ତୁ ଅନଶନ ସ୍ଥଳରେ ଥିବା ସିଲଭର ଡେକ୍‌ଚି, କଂସା, ଗ୍ଲାସ ଓ ଲେମ୍ବୁ କାଟିବା ପାଇଁ ଥିବା ଛୋଟ ଛୁରି, ଜାତୀୟ ପତାକା ଆଦି କେତେଜଣ ପୋଲିସ କର୍ମଚାରୀ ନେଇଯାଇଥିଲେ। ସେଥିମଧ୍ୟରୁ କେତୋଟି ଫେରାଇଥିଲେ ସୁଦ୍ଧା ଆଉ କିଛି ଦେଇ ନ ଥିଲେ। ଏହାକୁ ଫେରାଇ ଦେବା ଦାବି ପୂରଣ ହୋଇଛି। ଅପରାହ୍ନ ୫ଟାରେ ପୋଲିସ ବିଭାଗ ପକ୍ଷରୁ ଉପରୋକ୍ତ ନୂଆ ବାସନ ନବ ନିର୍ମାଣ କୃଷକ ସଂଗଠନ ସଂଗ୍ରାମୀଙ୍କୁ ଧାରଣା ସ୍ଥଳରେ ଫେରାଇ ଦିଆଯାଇଛି। ବାସୁଦେବ ଓ ତାଙ୍କ ସାଥିଙ୍କ ଅନ୍ୟତମ ଦାବି ଥିଲା ଜିଲା ସଦର ମହକୁମାରେ ଥିବା ଥାନା ଓ ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ସହର ବାହାରକୁ ସ୍ଥାନାନ୍ତର ବନ୍ଦ କରାଯାଉ। ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ସହର ମଧ୍ୟରେ ଅର୍ଥାତ୍ ନିମାଇଁ ଭବନ ସାମ୍ନାରେ ଥିବା ସ୍ଥାନ କିମ୍ବା ଦାନରେ ଜମି ମିଳିବା ବ୍ୟବସ୍ଥା ହେବା ସମ୍ଭବ ହେଉଥିବାରୁ ଏହା ଉପରେ ନିଷ୍ପତ୍ତି ନିଆଯାଉ। ଏସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ନୂତନ ଧରଣର ଆନ୍ଦୋଳନ କରାଯିବ ବୋଲି ବାସୁଦେବ ଚେତାବନୀ ଦେଇଛନ୍ତି। ଆନ୍ଦୋଳନସ୍ଥଳରେ କେତେଜଣ ବଦାନ୍ୟ ବ୍ୟକ୍ତି ପହଞ୍ଚି ପଇଡ଼, ମିଠା ଦହି, ଖଟା ଦହି, ଥଣ୍ଡା ପାନୀୟ ଆଦି ଦେଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସିଂହଙ୍କୁ ପଚାରିବାରୁ ପରିଷଦ ପକ୍ଷରୁ ସର୍ବସାଧାରଣ ରାସ୍ତାକୁ ମଳ, ମୂତ୍ର ପାଣି ଛାଡୁଥିବା ଘର ମାଲିକଙ୍କୁ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏଥିସହ ତାଙ୍କ ପାଇଖାନା ଓ ଗାଧୁଆ ଘର ଟାଙ୍କିରୁ ମଳ, ମୂତ୍ର ଟ୍ୟାଙ୍କର ଯୋଗେ ଅନ୍ୟତ୍ର ନିଆଯାଇ ଫିଙ୍ଗାଯାଇଛି। ଏ ବାବଦ ଅର୍ଥ ସମ୍ପୃକ୍ତ ଘର ମାଲିକାଣୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ପୁଣି ମଳ, ମୂତ୍ର ପାଣି ରାସ୍ତାକୁ ଆସିଲେ ତାଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦେଖାଦେଇଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଡ୍ରେନେଜ ମାଷ୍ଟର ପ୍ଲାନ କାମ ଚାଲିଛି। ଏହା ହେଲାପରେ ଯାଇ ସହରରେ ଡ୍ରେନେଜ୍‌ଜନିତ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ସିଂହ କହିଛନ୍ତି।

## ପାଣିଟାଙ୍କିରେ ପଡ଼ି ଶ୍ରମିକ ମୃତ

ରଘୁନାଥପୁର, ୧୦।୪
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ନିକଟସ୍ଥ ତଥା ବିରିଡି ଥାନା ଅନ୍ତର୍ଗତ ଅରଣା ପଞ୍ଚାୟତ କୋଶଳ ଗ୍ରାମରେ ନିର୍ମାଣାଧୀନ ଏକ ଅତି ଉଚ୍ଚ ପାଣି ଟାଙ୍କିରେ କାର୍ଯ୍ୟ କରିବା ସମୟରେ ତଳକୁ ଖସିପଡିବାରୁ ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ ସଶାପୋଷି ଗ୍ରାମର କୁଶ ତିରିଆଙ୍କ ପୁଅ ସମାଇ ତିରିଆ (୩୪)। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ସେଠାରେ କାମ କରୁଥିଲେ। ଶୁକ୍ରାବାର ଅପରାହ୍ନ ୧ଟା ୩୦ରେ ପ୍ରାୟ ୪୦ ଫୁଟ ଉପରୁ ସମାଇ ତଳକୁ ଖସି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସମାଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବିରିଡି ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ପରିବାର ଲୋକେ ପହଞ୍ଚିବା ପରେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷେ ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଥିବାବେଳେ ଏହାକୁ ବେଖାତିର କରି ଠିକାଦାର ଏତେ ସମୟ ପର୍ଯ୍ୟନ୍ତ କିପରି ଖରାରେ କାର୍ଯ୍ୟ କରାଉଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି ହୋଇଛି।

## ୪ ଦିନ ହେବ ଅନ୍ଧାରରେ ୬୦ ପରିବାର

### ବଜ୍ରପାତରେ ଟ୍ରାନ୍ସଫର୍ମର ଜଳିଗଲା

ଏରସମା, ୧୦।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବିଶ୍ୱନାଥପୁର ଗ୍ରାମରେ ବଜ୍ରପାତରେ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ୪ ଦିନ ହେଲା ୬୦ ପରିବାର ଅନ୍ଧାରରେ ରହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟରେ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଗରମରେ ଅତିଷ୍ଠ ହେଲେଣି। ବିଦ୍ୟୁତ୍ ସେବା ନ ଥିବାରୁ ସମସ୍ତ ବୈଦ୍ୟୁତିକ ସାମଗ୍ରୀ ଅଚଳ ହୋଇଯାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୀପକ ଦାସଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଟ୍ରାନ୍ସଫର୍ମର ବସାଯିବ ବୋଲି କହିଛନ୍ତି।

## ଅଧକ୍ଷାଙ୍କ ବଦଳି ପରେ ବାଣ ଫୁଟିଲା

### ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

ଜଗତ୍‌ସିଂହପୁର, ୧୦।୪
(ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ଏସ୍‌ଭିଏମ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ତଥା ରସାୟନ ବିଜ୍ଞାନ ରିଡର ସୁଜାତା ଓଡାଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ଭଦ୍ରକ ଜିଲା ଚରମ୍ପା (ଡିଗ୍ରୀ) କଲେଜ ଭାରପ୍ରାପ୍ତ ଅଧକ୍ଷ ତଥା ଇଂଲିଶ୍ ରିଡର ଅମରେନ୍ଦ୍ର ଦାସ ଏପ୍ରିଲ ୧୫ ପୂର୍ବରୁ ଦାୟିତ୍ୱ ଗ୍ରହଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଖବର ପ୍ରଚାରିତ ହେଲା ପରେ ମହାବିଦ୍ୟାଳୟ ପରିସରରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ର ଓ କେତେକ କର୍ମଚାରୀ ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ସୂଚନାଯୋଗ୍ୟ ଯେ, କିଛି ମାସ ହେବ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଅଧକ୍ଷା ଡ. ଓଡାଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା କାରଣରୁ ନାନା କଥା ଚର୍ଚ୍ଚା ହେଉଥିଲା। ଏଥିସହ ଅଧକ୍ଷା ଓ କେତେଜଣ କର୍ମଚାରୀଙ୍କ ମଧ୍ୟରେ ମଧ ବିବାଦ ମୁଣ୍ଡ ଟେକିଥିଲା।

## ଲୋକକଳା ଓଡ଼ିଆ ସଂସ୍କୃତିର ବାର୍ତ୍ତାବହ

### ଓଡ଼ିଆ ପକ୍ଷ : ଲୋକ କଳା ଦିବସ ପାଳିତ

ଏରସମା, ୧୦।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ଚମ୍ପାହାଟ ଡିହସାହି ଗ୍ରାମର ଚାମ୍ପେଶ୍ୱର ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଅଡିଟୋରିଅମରେ ଶୁକ୍ରବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର ଲୋକକଳା ଦିବସ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ନିବେଦିତା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏରସମା ବିଡିଓ ଦାଶରଥି ଜେନା ଯୋଗଦେଇ କହିଥିଲେ, ଲୋକ କଳା ଓଡ଼ିଆ ସଂସ୍କୃତିର ବାର୍ତ୍ତାବହ, ସେଥିପାଇଁ ଆମେ ଓଡ଼ିଆ ଭାବରେ ସଂସ୍କୃତିମନସ୍କ ହେବା ଏହି ଦିବସର ତାତ୍ପର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମହାନ୍ତି, ସମ୍ପୃକ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ତାପସ କୁମାର ମହାନ୍ତି, ଜିଲା ଶିକ୍ଷକ ପ୍ରଶିକ୍ଷଣ ସଂଯୋଜକ ଚିତ୍ତ ରଞ୍ଜନ ଦାସ, ପଏଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାଧର ପାଣିଗ୍ରାହୀ, ସିଆର୍‌ସିସି ପ୍ରିୟଙ୍କା ପ୍ରିୟଦର୍ଶନୀ, ଶେଷଦେବ ସ୍ୱାଇଁ, ବୈଷ୍ଣବ ଚରଣ ବିଶ୍ୱାଳ, ଶ୍ରୁତିପ୍ରଜ୍ଞା ମହାପାତ୍ର, ତୃପ୍ତି ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶନାରେ ମହାନ୍ତି, ପାଲା କ୍ଷେତ୍ରରେ ମୃଦଙ୍ଗ ବାଦକ ନାରାୟଣ ସାହୁ, ସଂକୀର୍ତ୍ତନ ଶିବାସୁନ୍ଦର ସ୍ୱାଇଁ, ସଙ୍ଗୀତରେ ବବିତା ଓଝା, ପାଲା ଗାୟିକା ରଶ୍ମିରେଖା ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକକ ଅଭିନୟ, ସଙ୍ଗୀତ ଓ ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ କଳାପ୍ରେମୀ ଉପସ୍ଥିତ ଥିଲେ।




ମୃଦଙ୍ଗ ବାଦକ ନାରାୟଣ ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଆଥ୍‌ଲେଟିକ କ୍ଲବ

କୁଜଙ୍ଗ,୧୦।୪(ମନୋଜ ପ୍ରଧାନ)

ଦୀର୍ଘ ୩ ଦଶନ୍ଧିଧରି କ୍ରୀଡ଼ାରେ ଉନ୍ନତି ଆଣିବା ପାଇଁ କୁଜଙ୍ଗ ବିବି ହାଇସ୍କୁଲ ପଡ଼ିଆରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ କୁଜଙ୍ଗ ଆଥ୍‌ଲେଟିକ କ୍ଲବ ଓ ଜନସାଧାରଣ ଦାବି କରି ଆସୁଥିଲେ। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁବାର ସନ୍ଧ୍ୟାରେ କୁଜଙ୍ଗ ମହୋତ୍ସବ ଉଦ୍‌ଘାଟନ ଅବସରରେ ବିବି ହାଇସ୍କୁଲ ପଡିଆରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହା କୁଜଙ୍ଗ କ୍ରୀଡା ଇତିହାସକୁ ନୂତନ ଦିଗ ଦେଇଥିବା ଦର୍ଶାଇ କୁଜଙ୍ଗ ଆଥ୍‌ଲେଟିକ କ୍ଲବ ପକ୍ଷରୁ ସଭାପତି ଦିଲୀପ ସାହୁ, ବରିଷ୍ଠ କ୍ରୀଡା ସଙ୍ଗଠକ ବୈଷ୍ଣବ ଚରଣ ଦାସ (ଟଗ), ବିଶ୍ୱନାଥ ମଲ୍ଲିକ, ଆଇନଜୀବୀ ରଶ୍ମିରଞ୍ଜନ ମହାପାତ୍ର, ସେଖ ରାଜା ଓ ସୁଦର୍ଶନ ବାରିକ ପ୍ରମୁଖ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ କୁଜଙ୍ଗ କ୍ରୀଡ଼ା ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କହିଛନ୍ତି।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସତ୍ତ୍ୱେ ଦର୍ଶକ ଅଭାବ



ମହୋତ୍ସବରେ ଖାଲି ପଡ଼ିଥିବା ଚେୟାର।

### କୁଜଙ୍ଗ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

କୁଜଙ୍ଗ, ୧୦।୪(ମନୋଜ ପ୍ରଧାନ)

ଦର୍ଶକଙ୍କ ସଂଖ୍ୟା ବହୁତ୍ କମ୍ ହୋଇଥିବାରୁ କୁଜଙ୍ଗ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ମହକ ହରାଇଛି। ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ବିଶିଷ୍ଟ କଣ୍ଠଶିଳ୍ପୀ ସତ୍ୟ ପ୍ରକାଶ ପାଢ଼ୀ ଓ ତାଙ୍କ ଗ୍ରୁପ୍ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ଏହାସତ୍ତ୍ୱେ ଦର୍ଶକ ନ ଥିବାରୁ ଆୟୋଜକ ଓ ବ୍ୟବସାୟୀମାନେ ନିରାଶ ହୋଇଛନ୍ତି।

## ଡିକେଟି ଷ୍ଟାର୍ସ, ପାରାଦୀପ ସୁପର୍ କିଙ୍ଗ୍ସ ବିଜୟୀ

### ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ପାରାଦୀପ,୧୦।୪ (ଶରତ ରାଉତ)

ପିସିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାଲିଫାଇଂ ପର୍ଯ୍ୟାୟର ପ୍ରଥମ ମ୍ୟାଚ ଶୁକ୍ରବାର ଏନ୍‌ଏସି ପଡ଼ିଆରେ ଡିକେଟି ଷ୍ଟାର୍ସ ଓ ଶ୍ରୀରାମ ସ୍ପୋର୍ଟିଂ ମଧ୍ୟରେ ଖେଳାଯାଇଥିଲା। ଡିକେଟି ଷ୍ଟାର୍ସ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇ ନେଇଥିଲା। ଶ୍ରୀରାମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ କରିଥିଲା। ଦ୍ୱିତୀୟ ଇନିଂସରେ ଡିକେଟି ଷ୍ଟାର୍ସ ମାତ୍ର ୧୬ ଓଭରରେ ୬ ଉଇକେଟ ହରାଇ ୧୧୯ ରନ କରି ସହଜ ବିଜୟ ହାସଲ କରିବା ସହ ସିଧାସଳଖ ଫାଇନାଲରେ ପ୍ରବେଶ କରିଛି। ଡିକେଟି ଷ୍ଟାର୍ସର ପ୍ରତ୍ୟୁଷ ମହାନ୍ତି ୪୭ ବଲରେ ୭୯ ରନ କରି ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

ଦିତୀୟ ମ୍ୟାଚ ଏନ୍‌ଏସି ପଡିଆରେ ଅପରାହ୍ନରେ ପାରାଦୀପ ସୁପର୍ କିଙ୍ଗ୍ସ ଓ ଜିପିସିଆଇ ହିରୋସ ମଧ୍ୟରେ ଖେଳାଯାଇଥିଲା। ସୁପର୍ କିଙ୍ଗ୍ସ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଜବାବରେ ଜିପିସିଆଇ ହିରୋଜ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୩୧ ରନ କରି ପରାଜିତ ହେବା ସହ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି। ସୁପର କିଙ୍ଗ୍ସର ସ୍ମୃତିରଞ୍ଜନ ଖଟୁଆ ୪ ଓଭରରେ ୨୭ ରନ ଦେଇ ଗୋଟିଏ ଉଇକେଟ ନେବା ସହ ବ୍ୟାଟିଂରେ ୩୧ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହ କ୍ୱାଲିଫାଇଂ ପର୍ଯ୍ୟାୟର ଦ୍ୱିତୀୟ ପର୍ଯ୍ୟାୟରେ ପାରାଦୀପ ସୁପର୍ କିଙ୍ଗ୍ସ ପ୍ରବେଶ କରିଛି।। ଶନିବାର ଫାଇନାଲ ପୂର୍ବରୁ, ଶ୍ରୀ ରାମ ସ୍ପୋର୍ଟିଂ ଓ ପାରାଦୀପ ସୁପର୍ କିଙ୍ଗ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଯେଉଁ ଦଳ ଜିତିବ ଆସନ୍ତା ରବିବାର ଡିକେଟି ଷ୍ଟାର୍ସକୁ ଫାଇନାଲ ମ୍ୟାଚରେ ଭେଟିବ ବୋଲି ଜଣାପଡ଼ିଛି। ପ୍ରଥମ ମ୍ୟାଚରେ ଦେବେନ୍ଦ୍ର ନାୟକ ଓ ନିରଞ୍ଜନ ଦାସ ଏବଂ ଦ୍ୱିତୀୟ ମ୍ୟାଚରେ ସଞ୍ଜୟ ବେହେରା ଓ ଜୟନ୍ତ କୁମାର ଦାସ ଖେଳ ପରିଚାଳନା କରିଥିଲେ।

## କୁଜଙ୍ଗ, ଅଠରବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ଉନ୍ନତମାନର ଚିକିତ୍ସା

ଜଗତ୍‌ସିଂହପୁର, ୧୦।୪ (ପ୍ରମୋଦ କୁମାର ନାୟକ)

ଆଇଓସିଲ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଏହା କାର୍ଯ୍ୟକାରୀ ହେଲେ କୁଜଙ୍ଗ ଓ ଅଠରବାଙ୍କୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟର ବଡ଼ ବଡ଼ ଘରୋଇ ହସ୍ପିଟାଲରୁ ପ୍ରଫେସର, ସହକାରୀ ପ୍ରଫେସର ଏବଂ ବିଶେଷଜ୍ଞ ଡାକ୍ତରମାନେ ଆସିବେ। ପ୍ରତି ସପ୍ତାହରେ ୩ ଦିନ ପାଇଁ ଉଭୟ ଡାକ୍ତରଖାନାକୁ ହୃଦରୋଗ, ମଧୁମେହ, ସ୍ନାୟୁରୋଗ ଓ ପାକସ୍ଥଳୀଜନିତ ସମସ୍ୟା ସମ୍ପର୍କିତ ସେବା ଯୋଗାଇଦେବା ପାଇଁ ବିଶେଷଜ୍ଞମାନେ ଯୋଗଦେବେ। ଏଥିସହିତ ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁରୋଗ, ଅସ୍ଥିଶଲ୍ୟ, ଚକ୍ଷୁ ରୋଗ ଓ ଇନଟି ବିଶେଷଜ୍ଞମାନେ ମଧ୍ୟ ସେବା ପ୍ରଦାନ କରିବେ। ପାରାଦୀପର ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ଲୋକମାନଙ୍କର ବହୁ ଦିନର ଏହି ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଛି। ଏହି ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବଢୁଥିବା ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଜଟିଳ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଯିବ। ସେହି ଯନ୍ତ୍ରପାତି ଓ ରିପୋର୍ଟକୁ ପରିଚାଳନା ପାଇଁ ଅଭିଜ୍ଞ ଟେକ୍ନିସିଆନ ଓ ବରିଷ୍ଠ ଡାକ୍ତରମାନେ ରହିବେ। ଏହାଦ୍ୱାରା ଲୋକେ ବିଶେଷ ଭାବରେ ଉପକୃତ ହେବେ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ସେ କହିଛନ୍ତି ଏହି ୨ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାରାଦୀପ ସମେତ କୁଜଙ୍ଗ ବ୍ଲକର ୨୮ଟି ପଞ୍ଚାୟତ ନିର୍ଭରଶୀଳ। ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜନସଂଖ୍ୟା ବୃଦ୍ଧି ଘଟୁଥିବାରୁ ବିଶେଷଜ୍ଞ ଡାକ୍ତରମାନଙ୍କ ଅଭାବ ସମସ୍ୟା ସୃଷ୍ଟି କରୁଛି। ଏହି କାରଣରୁ ଅନେକ ଉତ୍ତମ ସେବା ପାଇଁ ଖର୍ଚ୍ଚାନ୍ତ ହେଲେ ମଧ୍ୟ କଟକ ଓ ଭୁବନେଶ୍ୱର ଯାଉଛନ୍ତି। ବିଗତ କିଛି ବର୍ଷ ହେବ କୁଜଙ୍ଗ ଓ ପାରାଦୀପ ସହରର ମଧ୍ୟବର୍ତ୍ତୀ ଅଞ୍ଚଳରେ ଗୋଟିଏ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପାଇଁ ଦାବି ହୋଇଆସୁଛି। ଏହି ଦାବି ପୂରଣ ପାଇଁ ମନ୍ତ୍ରୀ ସ୍ୱାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ପାରାଦୀପ ଶିଳ୍ପାଞ୍ଚଳର ଶ୍ରମିକ ତଥା ନିର୍ବାଚନ ମଣ୍ଡଳୀର ଲୋକମାନଙ୍କର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମାଧାନ ନିମନ୍ତେ ଗୁରୁତ୍ୱ ଦିଆଯାଉଛି। ସେହିପରି ଆଗାମୀ ଦିନରେ ପାରାଦୀପ ସହରରେ ଏକ ବଡ ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପାରାଦୀପ ବିଧାନସଭା ଆସନରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ପାଇଁ ସମ୍ପଦଙ୍କର ଏହି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

## ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ ପାଇଁ ଆହ୍ୱାନ



ଆୟୋଜିତ ବୈଠକରେ ଜିଲା କଂଗ୍ରେସ କମିଟିର ସଭାପତି ବକ୍ତବ୍ୟ ରଖୁଛନ୍ତି।

### ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ରଘୁନାଥପୁର,୧୦।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ମଦନ ମୋହନ ମଠ ପ୍ରାଙ୍ଗଣରେ ୧୯ ପଞ୍ଚାୟତର ଦଳୀୟ ସଭାପତି ଓ କର୍ମକର୍ତ୍ତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ ବୈଠକରେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରେ ଜନତାଙ୍କ ନିକଟତର ହୋଇ ସେମାନଙ୍କ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ବୁଥ୍‌ସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଜିଲା ସଭାପତି ନାୟକ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲା କଂଗ୍ରେସ କମିଟିର ଉପସଭାପତି ଧୋଜରାଜ ଖଣ୍ଡୁଆଳ, ସମ୍ପାଦକ ଜିତୁ ନାରାୟଣ ସାହୁ, ମୁଖପାତ୍ର ସର୍ବେଶର ପଣ୍ଡା,ବସନ୍ତ ନାୟକ, ମନମୋହନ ଗୋଛାୟତ ଓ ସରପଞ୍ଚ କାଳନ୍ଦୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ପାରାଦୀପ ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ହେଲେ ଜିତୁ

ପାରାଦୀପ,୧୦।୪ (ଶରତ ରାଉତ)

ପାରାଦୀପ ପୌରାଞ୍ଚଳର ୫ ନଂ. ୱାର୍ଡ ବାଲିଝରା ବାସିନ୍ଦା ଜିତେନ୍ଦ୍ର ସାହୁ(ଜିତୁ)ଙ୍କୁ ପାରାଦୀପ ନିର୍ବାଚନମଣ୍ଡଳୀ ଯୁବମୋର୍ଚ୍ଚା ସଂଯୋଜକ ଭାବେ ଚୟନ କରାଯାଇଛି। ଏନେଇ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଘୋଷଣା କରିଛନ୍ତି ବୋଲି ଜିତୁ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଘୋଷଣା ପରେ ଜିତୁ କହିଛନ୍ତି, ଦଳର ଯୁବମୋର୍ଚ୍ଚାକୁ ସୁସଙ୍ଗଠିତ ଓ ଶୃଙ୍ଖଳିତ କରିବା ପାଇଁ ଉଦ୍ୟମ କରାଯିବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଓଡ଼ିଆ ଅସ୍ମିତା ଓ ବିକାଶଶୀଳ କାର୍ଯ୍ୟକୁ ଆଗକୁ ନିଆଯିବ। ଉକ୍ତ ପଦବୀ ଚୟନ ସମ୍ପର୍କରେ ଦଳର ଜିଲା ସଭାପତି ପ୍ରତାପ ମିଶ୍ର ଭିନ୍ନ ମତ ଦେଇଛନ୍ତି। ଏମିତି ପଦବୀ ଦଳୀୟ ସମ୍ବିଧାନରେ ନାହିଁ। ଏପରିକି ଉକ୍ତ ପଦବୀ ଚୟନ ସମ୍ପର୍କରେ ସେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି।

## ମହାଦେବ ମନ୍ଦିର ରାସ୍ତାରେ ବାଡ଼: ଜିଲାପାଳଙ୍କ ନିକଟରେ ଅଭିଯୋଗ

ବାଲିକୁଦା, ୧୦।୪ (ତାପସ ସ୍ୱାଇଁ)

ବାଲିକୁଦା ତହସିଲ ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତ କେଉପଡା ଗ୍ରାମର ପ୍ରତିଷ୍ଠିତ ଶୈବ ପୀଠ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିରର ପ୍ରମୁଖ ମାର୍ଗକୁ ସେହି ଗ୍ରାମର ଗୋଟିଏ ପରିବାର ବାଉଁଶ ଆଡି ଦେଇ ଦୀର୍ଘ ମାସ ହେବ ଅବରୋଧ କରି ରଖିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଶୁକ୍ରବାର ଲିଖିତ ଅଭିଯୋଗ କରାଯାଇଥିବା ବେଳେ ପୋର୍ଟାଲ ଜରିଆରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ମନ୍ଦିର ମାର୍ଗକୁ କାହିଁକି ଅବରୋଧ କରାଯାଇଛି ବୋଲି ଗ୍ରାମବାସୀ ପଚାରିଲେ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯିବା ସହ ଥାନାରେ ଅଭିଯୋଗ କରିବା ପାଇଁ ଧମକ ଦିଆଯାଉଛି। ଏହି ମନ୍ଦିରକୁ ଉଭୟ ଅନନ୍ତପୁର ଓ କୁସୁପୁର ପଞ୍ଚାୟତର ବହୁ ହଜାର ଭକ୍ତ ଆସୁଥିବା ବେଳେ ଦୈନିକ ପ୍ରାୟ ଶତାଧିକ ଭକ୍ତ ଆସିଥାନ୍ତି। ଏପରିକି ଜାଗର ଉତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏଠାରେ ଭକ୍ତଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥାଏ। କିନ୍ତୁ ଦୁର୍ଭାଗ୍ୟର କଥା ମନ୍ଦିର ନିକଟକୁ କୌଣସି ଗାଡି ଚଳାଚଳ କରି ପାରୁନାହିଁ। ଏହାଛଡ଼ା ପ୍ରସାଦ ସେବନ ବ୍ୟବସ୍ଥା କରିବା କଷ୍ଟକର ହୋଇପଡିଛି। ଏପରିକି ଭକ୍ତମାନେ ମନ୍ଦିର ପରିସରରେ ଥିବା ନଳକୂପରେ ପାଦ ଧୋଇବା ପାଇଁ ଗଲେ ସେମାନଙ୍କୁ ବାରଣ କରାଯିବା ସହ ଏପରି କଲେ ଦଳିତ ମାମଲା ରୁଜୁ କରାଯିବ ବୋଲି ସମ୍ପୃକ୍ତ ପରିବାର ପକ୍ଷରୁ ଧମକ ଦିଆଯାଉଛି। ଭକ୍ତଙ୍କ ଭାବାବେଗ ସହ ଖେଳୁଥିବା ସମ୍ପୃକ୍ତ ପରିବାର ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ୱାର୍ଡସଭ୍ୟା ଜ୍ୟୋସ୍ନା ଭୋଇ, ପରୀକ୍ଷିତ ପ୍ରଧାନ, ଶରତ କୁମାର ସେଠୀ, ବିଜୟ ସ୍ୱାଇଁ, ଯୁଧିଷ୍ଠିର ପଣ୍ଡା, ନିରଞ୍ଜନ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ବିକାଶ ରଞ୍ଜନ କହନ୍ତି, ଅଭିଯୋଗ ପାଇଛି ଓ ପୋଲିସ ପ୍ରଶାସନ ସହ ଆଲୋଚନା କରି ଘଟଣା ସ୍ଥଳକୁ ଯାଇ ଅବରୋଧ ମୁକ୍ତ କରିବା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଛନ୍ତି।



ସିଦ୍ଧେଶ୍ୱର ମହାଦେବ ମନ୍ଦିରର ପ୍ରମୁଖ ମାର୍ଗକୁ ବାଉଁଶ ଆଡ଼ି ପକାଇ ଅବରୋଧ କରାଯାଇଛି।

# କଣା ଆଜବେଷ୍ଟସ, ଭଙ୍ଗାଘରେ ଚାଲିଛି ପାଠପଢ଼ା

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

■ ୫-ଟି ସ୍କୁଲ ମରାମତି ପାଇଁ ଅନୁଦାନ ଥିଲେ ହେଁ ନାହିଁ ପଦକ୍ଷେପ

■ ୭୫ ବର୍ଷରେ ସାରସତ୍ୱ ଲୋକ ବିଦ୍ୟାପୀଠ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀର ସାରସତ୍ୱ ଲୋକ ବିଦ୍ୟାପୀଠ ୫-ଟି ସ୍କୁଲ ହୋଇଥିଲେ ହେଁ କଣା ଆଜବେଷ୍ଟସ ଓ ଭଙ୍ଗା ଘରେ ବିପଦସଙ୍କୁଳ ଭାବେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଛି। ୫-ଟି ଯୋଜନାରେ ସରକାର ୩୫ ଲକ୍ଷ ଅନୁଦାନ ଯୋଗାଇ ଦେଇଥିବାବେଳେ ଏଠାର ସ୍କୁଲର ଶ୍ରେଣୀଗୃହଗୁଡିକର ମରାମତି ହୋଇ ପାରି ନ ଥିବାବେଳେ ଏକ ପ୍ରକାରର ରଙ୍ଗ ମଧ୍ୟ ହୋଇପାରିନାହିଁ। ଛାତ୍ର ଓ କର୍ମଚାରୀଙ୍କ ପାଇଁ ଶୌଚାଳୟ ନାହିଁ। ସ୍କୁଲ ୭୫ ବର୍ଷରେ ପହଞ୍ଚି ହୀରକ ଜୟନ୍ତୀ ପାଳନ କରିବାର ସମୟ ଉପନୀତ ହୋଇଥିଲେ ହେଁ ଏଯାବତ ଭିତ୍ତିଭୂମିକୁ ସଜଡା ଯାଇପାରୁନାହିଁ ବୋଲି ଅଭିଯୋଗ ରହିଛି। ଅନ୍ୟପକ୍ଷେ ୫-ଟିରେ ସାମିଲ ହୋଇଥିବା ସ୍କୁଲର ମରାମତି ପାଇଁ ସରକାରୀ ଅନୁଦାନ ରହିଥିଲେ ହେଁ ଓଡ଼ଗାଁ ବ୍ଲକ ପକ୍ଷରୁ ପଦକ୍ଷେପ ନ ଥିବାରୁ ସ୍ଥାନୀୟ ଲୋକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇଛନ୍ତି।

କଜଳାଇପଲ୍ଲୀ ସାରସତ୍ୱ ଲୋକ ବିଦ୍ୟାପୀଠରେ ଷଷ୍ଠଠାରୁ ଦଶମ ଶ୍ରେଣୀ ରହିଛି। ଏଠାରେ ୧୮୧ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ୫-ଟି ଯୋଜନାରେ ନବମ ଓ ଦଶମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଛାତ ଘରର ରୂପାନ୍ତିକରଣ କରାଗଲା। ପୁଣି ଲାବୋରେଟାରି ଓ ଲାଇବ୍ରେରିରର ସୁବିଧା ହେଲା। ତେବେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ିବାର କିଛି ସୁବିଧା କରାଗଲା ନାହିଁ। ସ୍କୁଲ ନିର୍ମାଣ ସମୟ ୧୯୫୧ରୁ ହୋଇଥିବା ଘରଗୁଡିକ ବିପଦସଙ୍କୁଳ ହୋଇପଡିଛି। ଆଜବେଷ୍ଟସ କଣା ହୋଇ ପାଣି ଗଳୁଛି। ଓରା, ଶେଣୀରେ ଉଇ ଲାଗିବ ଯିବା ଦ୍ୱାରା ନଷ୍ଟ ହୋଇ ଚାଲିଛି। କାଠଗୁଡିକ ନଷ୍ଟ ହୋଇଯିବା ପରେ ସିମେଣ୍ଟ ଅତଡା ଖସୁଛି। ଏଥିରେ ମରାମତି କଲେ ମଧ୍ୟ ଏହାର ସ୍ଥାୟିତ୍ୱ ରହୁନି। ପୁରୁଣା ବେଞ୍ଚ ଓ ଡେସ୍କ ଭାଙ୍ଗି ଗଲାଣି। ଭଙ୍ଗା ଘରେ, ଭଙ୍ଗା ବେଞ୍ଚ ଓ ଡେସ୍କରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଛାତ୍ରୀମାନଙ୍କ ପାଇଁ ଶୌଚାଳୟ ଥିବାବେଳେ ଛାତ୍ର ଓ କର୍ମଚାରୀଙ୍କ ପାଇଁ ନ ଥିବାରୁ ସବୁବେଳେ ହଇରାଣ ହେବାକୁ ପଡୁଛି। ସେହିପରି ସ୍କୁଲର ଚାରିପଟେ ପ୍ରାଚୀର ନାହିଁ। ଗୋରୁ ଗାଈଙ୍କ ଅବାଧ ପ୍ରବେଶ ଯୋଗୁ ସ୍କୁଲର ସୌନ୍ଦର୍ଯ୍ୟ ରହୁନି। ସେହିପରି ୧୦୦ ଛାତ୍ରୀଛାତ୍ର ବସି କରି ସଭା କରିବା ପାଇଁ ସମ୍ମିଳନୀ କକ୍ଷଟିଏ ମଧ୍ୟ ନାହିଁ। ଷ୍ଟାଫ କମନରୁମ ମଧ୍ୟ ନାହିଁ ବୋଲି ଅଭିଭାବକ ଓ ଛାତ୍ରୀଛାତ୍ରମାନେ କହିଛନ୍ତି।


ବିଦ୍ୟାପୀଠର ଆଜବେଷ୍ଟସ କଣା ହୋଇଛି।

# ୱାର୍ଡବାସୀଙ୍କ ମିଳିତ ଉଦ୍ୟମରେ ଚାରାରୋପଣ


କଂସାରିସାହିର ଲୋକେ ଚାରାରୋପଣ କରୁଛନ୍ତି।

ରଣପୁର, ୧୦।୪
(ସୁକାନ୍ତ କିଶୋର ଡ଼ାକୁଆ)

ଜନସଂଖ୍ୟା ବୃଦ୍ଧି ସହ ଜଙ୍ଗଲ ସମ୍ପଦର କ୍ଷୟ ପରିବେଶକୁ ପ୍ରଦୂଷିତ କରୁଛି। ଅଞ୍ଚଳରେ ଆମ୍ୱ, ପଣସ, ବରଗଛ ପରି ପରିବେଶ ଅନୁକୂଳ ଗଛ ସହରରୁ ପ୍ରାୟ ଅନ୍ତର୍ଦ୍ଧାନ ହୋଇଯାଇଥିବା ଦେଖିବାକୁ ମିଳୁଛି। ପରିବେଶ ସନ୍ତୁଳନ ରକ୍ଷା ପାଇଁ ରଣପୁର ବିଜ୍ଞାପିତ ଅଞ୍ଚଳ ୯ ନଂ. ୱାର୍ଡର କଂସାରିସାହିରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବପୁରୁଷମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ୫୦୦ରୁ ଅଧିକ ବୃକ୍ଷ ଥିବା ଆମ୍ବ ବଗାୟତର ରକ୍ଷଣାବେକ୍ଷଣ ଏପର୍ଯ୍ୟନ୍ତ ସାହି ବାସିନ୍ଦାଙ୍କ ଦାୟିତ୍ୱରେ ରହିବା ଯାହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତଥାପି କେତେଜଣ ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ବୃକ୍ଷ କଟାଯାଇବା ଘଟଣା ପରିବେଶ ପ୍ରତି ଅବହେଳାର ପ୍ରମାଣ ଦେଉଛି। ପରିବେଶକୁ ସନ୍ତୁଳିତ ରଖିବା ପାଇଁ ୱାର୍ଡବାସୀଙ୍କ ମିଳିତ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ତହସିଲଦାର ଆର୍ଯ୍ୟ କୁମାର ସର୍ବଦମାନ ଓ ଦେବୋତ୍ତର ବିଭାଗର ମ୍ୟାନେଜର ରମେଶ ପ୍ରଧାନଙ୍କ ସମେତ ସାହି ବାସିନ୍ଦା ମାଗି ମହାରଣା, ଅଶୋକ କୁମାର ବାରିକ, ନିରଞ୍ଜନ ମହାରଣା, ସନ୍ତୋଷ ମହାପାତ୍ର ଓ ଅନ୍ୟ ସାହି ବାସିନ୍ଦାଙ୍କ ସକ୍ରିୟ ଅଂଶଗ୍ରହଣରେ ୧୦୦ରୁ ଅଧିକ ଜଗନ୍ନାଥଙ୍କ କାଷ୍ଠ ଧଅଁରା, ନିମ୍ବ, ଫାସି ଚାରାରୋପଣ କରିବା ସହ ସେଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ସ୍ଥାନୀୟ ବାସିନ୍ଦା ହାତକୁ ନେଇଛନ୍ତି। ଭବିଷ୍ୟତରେ ଆହୁରି ଅନେକ ଚାରାରୋପଣ କରିବାର ଯୋଜନା ରହିଥିବା ଅଭିମନ୍ୟୁ ମହାରଣା ପ୍ରକାଶ କରିଛନ୍ତି।

# ଆସ ଓଡ଼ିଆରେ ସମସ୍ତେ ସ୍ୱାକ୍ଷର କରିବା ଅଭିଯାନ



ଖଣ୍ଡପଡ଼ା ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଲୋକଙ୍କୁ ଓଡ଼ିଆରେ ସ୍ୱାକ୍ଷର କରାଯାଉଛନ୍ତି।

ଖଣ୍ଡପଡ଼ା,୧୦।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଆସ ଓଡ଼ିଆରେ ସମସ୍ତେ ସ୍ୱାକ୍ଷର କରିବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ଶିକ୍ଷୟିତ୍ରୀ,ଶିକ୍ଷକ କଲେଜ ପରିସରରୁ ବାହାରିବା ସମୟରେ ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ପ୍ରଥମେ ସ୍ୱାକ୍ଷର ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପରେ ସ୍ଥାନୀୟ ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ଡା. ପ୍ରଦୀପ କୁମାର ପାଇକରାୟ, ପରିବେଶବିତ୍ ଅନ୍ତର୍ଯାମୀ ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ପଥଚାରୀ ତଥା ଖଣ୍ଡପଡ଼ା ଜନସାଧାରଣ, କଲେଜ ଅଧ୍ୟାପିକା ଅଧ୍ୟାପକ ସ୍ୱାକ୍ଷରକରି ଓଡ଼ିଆ ଭାଷାର ସମ୍ମାନ ଓ ସଂରକ୍ଷଣ ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ, ଗ୍ରନ୍ଥାଗାରିକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଅଧ୍ୟାପିକା ତୃପ୍ତିପ୍ରିୟା ସେଠୀ, ବିଶ୍ୱଭାରତୀ ମହାରଣା, ନିରୁପମା ପ୍ରଧାନ, ନିବେଦିତା ପଟ୍ଟନାୟକ ପ୍ରମୁଖଙ୍କ ସମେତ ଛାତ୍ରୀ ସାମିଲହୋଇ ପରିଚାଳନା ସହ ସହଯୋଗ କରିଥିଲେ।

# ବାଣପୁର ପଣା ସଂକ୍ରାନ୍ତି ଯାତ୍ରା ପ୍ରସ୍ତୁତି

ଖଣ୍ଡପଡ଼ା,୧୦।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ବାଣପୁର ଗ୍ରାମ ରାମଚଣ୍ଡୀ ସାହିରେ ଅଧିଷ୍ଠିତ ମହାବୀର ହନୁମାନ ପୀଠରେ ଚଳିତବର୍ଷ ପଣା ସଂକ୍ରାନ୍ତି ଯାତ୍ରା ପାଇଁ ପ୍ରସ୍ତୁତି ହୋଇଛି। ଆସନ୍ତା ୧୪ତାରିଖ ପଣାସଂକ୍ରାନ୍ତିଠାରୁ ୩ଦିନ ବ୍ୟାପି ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ୧୩ ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହେବ। ୧୪ରେ ହନୁମାନ ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିସା, ବିଶ୍ୱଶାନ୍ତିମହାଯଜ୍ଞ, ରାତ୍ରିରେ କଣ୍ଟିଲୋ ଓ ଗୋପୀନାଥପୁର ମହିଳା ବାଦୀ ସଂକୀର୍ତ୍ତନ, ୧୫ ତାରିଖ ବାଦୀ ଉଦଣ୍ଡ ଲୋକନୃତ୍ୟ,ଏଥିରେ ବାଣପୁର ସମେତ ମଧ୍ୟଖଣ୍ଡ, ରାସଙ୍ଗ ଓ ବେଣାଗାଡ଼ିଆ ଗ୍ରାମର ଦଣ୍ଡନୃତ୍ୟ ପରିବେଷଣ ହେବ, ୧୬ ତାରିଖରେ ବାଲ୍ୟଲୀଳା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି। ଏ ନେଇ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ଦିର କମିଟି ସଭାପତି କୃତାର୍ଥ ପ୍ରଧାନ, ସମ୍ପାଦକ ପ୍ରଭାତ ପ୍ରଧାନ, ଦୁର୍ଯ୍ୟୋଧନ ରାଉତ, ବିସିକେଶନ ପ୍ରଧାନ,ଅଶୋକ ପ୍ରଧାନ, ବିନୋଦ ସେନାପତି ପ୍ରମୁଖଙ୍କ ସମେତ ସଦସ୍ୟଗଣ ଉପସ୍ଥିତ ଥିଲେ।

# ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ

ଭାପୁର, ୧୦।୪(ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ ସଦର ମହକୁମାରେ ଅବସ୍ଥିତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଶୁକ୍ରବାର ତହସିଲ ପକ୍ଷରୁ ମାପଚୁପ ଆରମ୍ଭ ହୋଇଛି। ପୂର୍ବାହ୍ନରେ ସୁପରଭାଇଜର ପ୍ରଫୁଲ୍ଲ କୁମାର ନାୟକ, ଭାପୁର ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ପ୍ରଧାନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିଶ୍ୱରଞ୍ଜନ ମତା, ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ମାପଚୁପ କରିବାରେ ସାମିଲ ହୋଇଥିଲେ।


ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ନିର୍ମାଣ ପାଇଁ ମାପଚୁପ ଚାଲିଛି।

# ବିଶ୍ୱ ହୋମିଓପାଥିକ୍ ଦିବସ ପାଳିତ



ଦଶପଲ୍ଲା, ୧୦।୪(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ୍ ନିକଟସ୍ଥ ସରକାରୀ ହୋମିଓପାଥିକ୍ ମେଡିକାଲରେ ବିଶ୍ୱ ହୋମିଓପାଥିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ହୋମିଓପାଥିକ ଜନକ ଡା. ସି.ଏଫ୍. ସାମୁଏଲ ହାନିମାନଙ୍କ ଜୟନ୍ତୀ ପାଳନ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ସ୍ୱାସ୍ଥ୍ୟ ଶିବିର ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକ୍ତରଖାନାର ଡା. ଚାନ୍ଦିନୀ ସାହୁ ଉଦ୍‌ବୋଧନ ଦେଇ ହୋମିଓପାଥିକ ଔଷଧର ଉପକାରିତା ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡାକ୍ତରଖାନାର କର୍ମଚାରୀ ସସ୍ମିତା ସାହୁ, ଜିତେନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରେଣୀଗୃହ ଅଭାବକୁ ନେଇ ଅଭିଭାବକଙ୍କ ଅସନ୍ତୋଷ

ଗଞ୍ଜାମ,୧୦।୪(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ୧୯୭୫ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ମାତ୍ର ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ବିଦ୍ୟାଳୟରେ ଦାମୋଦରପୁର ସମେତ ଗଞ୍ଜାମ, ପୁଇଁତୋଳା, ବିଛଣାପଲ୍ଲୀ, କାଇଁଚପୁର, କଲ୍ୟାଣପୁର, ଝରାପଦର, ବିରିପୁର, ଅଲ୍ୟାବାଦ, କରପଡ଼ା ଅଞ୍ଚଳରୁ ପିଲାମାନେ ବିଦ୍ୟା ଅଧ୍ୟୟନ କରୁଥିଲେ। କିନ୍ତୁ ଏହି ସ୍କୁଲର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି।

# ପୁନର୍ବାସ ସହାୟତା ଅଧୀନରେ ୯ ଗୃହରକ୍ଷୀ ନିଯୁକ୍ତି


ଏସ୍‌ପି ଏସ. ସୁଶ୍ରୀ ଜଣେ ଗୃହରକ୍ଷୀଙ୍କୁ ନିଯୁକ୍ତି ପତ୍ର ଦେଉଛନ୍ତି।

ନୟାଗଡ,୧୦।୪(ଲୋକନାଥ ମିଶ୍ର)

ପୁନର୍ବାସ ସହାୟତା ଯୋଜନାରେ ନୟାଗଡ଼ ଗୃହରକ୍ଷୀ ସଙ୍ଗଠନରେ ୯ଜଣ ଶୁକ୍ରବାର ନିଯୁକ୍ତି ପାଇଛନ୍ତି। ନୟାଗଡ଼ ପୋଲିସର ଅଂଶ ହେବା ପରେ ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ଏସ୍. ସୁଶ୍ରୀ ନବନିଯୁକ୍ତ ଗୃହରକ୍ଷୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ସମ୍ପୃକ୍ତ ଗୃହରକ୍ଷୀମାନେ ପୋଲିସ କାର୍ଯ୍ୟାଳୟରେ ନିଯୁକ୍ତି ପାଇବେ।

# ସ୍କୁଟିକୁ ପିଟିଲା ବାଇକ୍, ଯୁବକ ମୃତ

ଧରାକୋଟ,୧୦।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ତଥା ବଡଗଡ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଶାସନ ଛକରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରୁଗୁମୁ ପଞ୍ଚାୟତ କାନଗିରିଡି ଗ୍ରାମର ଅଭିରାମ ସେଠୀଙ୍କ ପୁଅ ଚନ୍ଦନ ସେଠୀ (୨୨)। ଚନ୍ଦନ ନିଜ ସ୍କୁଟିରେ ମୁକ୍ତାପୁଞ୍ଜି ଗ୍ରାମରୁ ଦଣ୍ଡନାଚ ଦେଖି ଅପରାହ୍ନରେ ଗାଁକୁ ଏକା ଫେରୁଥିଲେ । ଏହି ସମୟରେ ରୁଗୁମୁ ପଟୁ ଆସିକା ଆଡ଼କୁ ଗୋଟିଏ ବାଇକରେ ଯାଉଥିବା ୩ ଯୁବକ ଜଗନ୍ନାଥପୁର ଶାସନ ଛକ ବାଙ୍କରେ ଚନ୍ଦନଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇଥିଲେ । ଚନ୍ଦନ ଗୁରୁତର ଅବସ୍ଥାରେ ସେଠାରେ ପଡିରହିଥିବା ବେଳେ ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ହାନିମାନଙ୍କ ଜୟନ୍ତୀ ପାଳିତ

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ତରଫରୁ ଶୁକ୍ରବାର ସ୍ଥାନୀୟ ଖାଙ୍କି ମଠ ରାମମନ୍ଦିର ପରିସରରେ ହୋମିଓପାଥିକର ଜନକ ଡା. ସାମୁଏଲ ହାନିମାନଙ୍କର ୨୭୨ତମ ଜୟନ୍ତୀ ଉତ୍ସବ ସଂଘର ସଭାପତି ପୀତାମ୍ୱର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନୟାଗଡ଼ ଜିଲା ଡ୍ରଗ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନକରି ଡା. ହାନିମାନଙ୍କର ତୈଳଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସରକାରଙ୍କ ନୀତିନିୟମଙ୍କୁ ପାଥେୟକରି ରୋଗୀମାନଙ୍କ ସେବା କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ଉପସଭାପତି ରମେଶ ଚନ୍ଦ୍ର ସାହୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ସଭାପତି ଡାକୁଆ ନିଜ ଭାଷଣରେ ଜିଲାରେ ଥିବା ସମସ୍ତ ଘରୋଇ ହୋମିଓପାଥିକ ଚିକିତ୍ସକମାନେ ଏହି ସଂଘର ସଭ୍ୟ ହେବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଜିଲାର ସମସ୍ତ ଘରୋଇ ହୋମିଓପାଥିକ ଚିକିତ୍ସକ ବନ୍ଧୁମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର କୁମାର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର, ସର୍ବେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ହରେକୃଷ୍ଣ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ବାଳକୃଷ୍ଣ ନନ୍ଦ ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଦଶପଲ୍ଲା ଲୋକକଳାକୁ ବ୍ୟାପକ କରିବାକୁ ଗୁରୁତ୍ୱ

## ବ୍ଲକ ପରିସରରେ ଲୋକକଳା ପାଇଁ ଦିନଟିଏ

ଦଶପଲ୍ଲା, ୧୦।୪
(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲାର ଏକ ମାତ୍ର ଲୋକକଳା ଗ୍ରାମ ରୂପେ ମାନ୍ୟତା ପାଇଥିବା କୁଞ୍ଜନଗଡ ଲୋକକଳା ଗ୍ରାମରେ ଶୁକ୍ରବାର ଲୋକକଳା ପାଇଁ ଦିନଟିଏ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ବିଡିଓ ଶରତ କୁମାର ମଲ୍ଲିକ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ମୁଖ୍ୟବକ୍ତା ଭାବେ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଏନ୍ଏନ୍ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ଏବଂ ବିଶିଷ୍ଟ ଅତିଥି ଭାବେ ପୂର୍ବତନନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ଜିଲାର ଦଶପଲ୍ଲା କୁଞ୍ଜନଗଡ ଏକ ଲୋକକଳା ଗ୍ରାମ ଘୋଷଣାକୁ ସମସ୍ତେ ପ୍ରଶଂସା କରିବା ସହ ଦଶପଲ୍ଲାରେ ବିଭିନ୍ନ କଳା ଭରପୂର ହୋଇରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା, ଦଣ୍ଡପର୍ବ, ଅଷ୍ଟପ୍ରହରୀ ସମେତ ବହୁ କଳା ରହିଛି। ଦଶପଲ୍ଲାର ବିଭିନ୍ନସ୍ଥାନରେ କଳାକୃତିର ଫଟୋଚିତ୍ର ଅଙ୍କା ଯାଇ ଆକର୍ଷଣ ହୋଇପାରିଛି। ଏହାକୁ ବ୍ୟାପକ କରାଯିବା ନିମନ୍ତେ ମତପ୍ରକାଶ ପାଇଥିଲା। ବିଶିଷ୍ଟ ଅତିଥି ପୂର୍ବତନ ବିଧାୟକ ନାୟକ କଳାର ଉନ୍ନତି ପାଇଁ ଗତ ଆର୍ଥିକ ବର୍ଷରେ ଆସିଥିବା ଅର୍ଥ ଖର୍ଚ୍ଚ ହୋଇପାରିନାହିଁ। ଯଦି ଖର୍ଚ୍ଚ ନ ହୁଏ ତେବେ ସେହି ଅର୍ଥ ଫେରିଯିବ ବୋଲି ମତବ୍ୟକ୍ତ କରିବା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କଳାର ଉନ୍ନତି ପାଇଁ ଚେଷ୍ଟା କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ଗ୍ରାମରେ ବହୁ ମହିଳାପୁରୁଷ ଅଷ୍ଟପ୍ରହରୀରେ ସାମିଲ ହୋଇଥିବାବେଳେ ସେମାନଙ୍କୁ ଏକ ଡ୍ରେସ୍‌ର ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ମତବ୍ୟକ୍ତ କରିଥିଲେ। ଗାଳ୍ପିକ ହାଡିବନ୍ଧୁ ମହାଖୁଡ ଉତ୍ସବରେ ସଂଯୋଜନା କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ଉକ୍ତ ଅଞ୍ଚଳ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, ବିଭିନ୍ନ କଳାକାର ସଙ୍ଗଠନ ଏବଂ ଅଷ୍ଟପ୍ରହରୀ ସଂକୀର୍ତ୍ତନ ଦଳଙ୍କୁ ଡକାଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।


ଲୋକକଳା ଦିବସରେ ଉପସ୍ଥିତ ଅତିଥିମାନେ।

# ମୁଣ୍ଡିଆ ମାରି ୩ ମନ୍ଦିରରୁ ଲୁଟିଲେ ୪ ଦୁର୍ବୃତ୍ତ

ଭୁବନେଶ୍ୱର,୧୦।୪
(ତ୍ରିନାଥ ମହାନ୍ତି)


ସିସିଟିଭିରେ କଏଦ ମନ୍ଦିର ଭିତରେ ଚୋରି କରୁଥିବାର ଦୃଶ୍ୟ।

■ ସୁନା ମୂର୍ତ୍ତି, ରୁପା ଥାଳି, ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ
■ ଲୁଟେରାଙ୍କ ଭିତରେ ଜଣେ ମହିଳା ଲିଡ୍ କରୁଥିଲେ
■ ଥାନାରେ ଅଭିଯୋଗ ପରେ ପୋଲିସର ଛାନ୍‌ଭିନ

ଗୋଟିଏ ରାତିରେ ଦୁର୍ବୃତ୍ତମାନେ ୩ ମନ୍ଦିରରେ ପଶି ପୋଛି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ଟଙ୍କା। ଚନ୍ଦ୍ରଶେଖରପୁର ଥାନା ପଟିଆ ଗାଁରେ ଥିବା ଶିଖରଚଣ୍ଡୀ, ନୀଳକଣ୍ଠେଶ୍ୱର ଓ କନକ ଦୁର୍ଗା ମନ୍ଦିରରୁ ଚୋରି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ୪ ଦୁର୍ବୃତ୍ତ ମୁଣ୍ଡିଆ ମାରି ମନ୍ଦିରରେ ପଶି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଏବଂ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟି ନେଇଛନ୍ତି। ଏନେଇ ଉକ୍ତ ମନ୍ଦିରର ଟ୍ରଷ୍ଟି ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏନେଇ ନୀଳକଣ୍ଠେଶ୍ୱର ମନ୍ଦିର ଟ୍ରଷ୍ଟର ରବୀନ୍ଦ୍ର ପାତ୍ର ଅଭିଯୋଗ କରିଥିବାବେଳେ ଶିଖରଚଣ୍ଡୀ ମନ୍ଦିର ଟ୍ରଷ୍ଟର ଆନନ୍ଦ ସାହୁ ଏବଂ କନକଦୁର୍ଗା ମନ୍ଦିର ଟ୍ରଷ୍ଟର ବିଭୁ ପ୍ରସାଦ ରାୟ ଅଭିଯୋଗ କରିଛନ୍ତି। ୩ଟି ଅଭିଯୋଗ ଆଧାରରେ ପୋଲିସ ୩ଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି। ୩ଟି ମନ୍ଦିରରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ଲୁଟେରାଙ୍କୁ ଚିହ୍ନଟ କରୁଛି। ସେମାନଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଗୁରୁବାର ରାତି ପ୍ରାୟ ୨ଟାରେ ୪ ଦୁର୍ବୃତ୍ତ ପ୍ରଥମେ ଶିଖରଚଣ୍ଡୀ ମନ୍ଦିର ଭିତରକୁ ପଶି ଚୋରି କରିଥିଲେ। ପରେ ସେମାନେ କନକଦୁର୍ଗା ମନ୍ଦିର ଏବଂ ଶେଷରେ ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି କରିଥିଲେ। ୪ ଅଭିଯୁକ୍ତ ମନ୍ଦିର ଆଗରେ ମୁଣ୍ଡିଆ ମାରି ସମସ୍ତ ମନ୍ଦିର ଭିତରକୁ ପଶିବା ପରେ ମନ୍ଦିର ତାଲା ଭାଙ୍ଗି ଚୋରି କରୁଥିବାର ଦୃଶ୍ୟ ସିସିଟିଭିରେ ଦେଖିବାକୁ ମିଳିଥିଲା। କନକଦୁର୍ଗା ମନ୍ଦିରରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମା'ଙ୍କ ସୁନା ମୂର୍ତ୍ତି ସହ ରୁପା ଖଟୁଲି, ମା'ଙ୍କ ମଥା ଟିକା ଓ ନୋଥ ସହ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ଚୋରି କରିଥିଲେ। ସେହିପରି ନୀଳକଣ୍ଠେଶ୍ୱର ମନ୍ଦିର ଓ ଶିଖରଚଣ୍ଡୀ ଗ୍ରାମ ଦେବତୀ ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡିରୁ ଟଙ୍କା ଚୋରି ହୋଇଛି। ୪ ଦୁର୍ବୃତ୍ତ ୩ଟି ମନ୍ଦିର ଚୋରିରେ ସମ୍ପୃକ୍ତ ରହିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ଏହି ଚୋରି ଗ୍ୟାଙ୍ଗରେ ଜଣେ ମହିଳା ଲିଡର ସାଜିଥିବା ସିସିଟିଭିରୁ ଦେଖିବାକୁ ମିଳିଛି। ସେ ହିଁ ଅନ୍ୟ ୩ ଦୁର୍ବୃତ୍ତଙ୍କୁ କିଭଳି ଯିବ ଏବଂ କେଉଁଠୁ ଚୋରି କରିବ ସେନେଇ ହାତ ଦେଖାଉଥିବା ସିସିଟିଭିରୁ ଦେଖିବାକୁ ମିଳିଛି। ଏହି ଲୁଟ୍ ପଛରେ ଥିବା ଲୁଟେରାମାନେ ପୂର୍ବରୁ ମନ୍ଦିରକୁ ଠାକୁର ଦର୍ଶନ କରିବାକୁ ଆସିଥିବା ପୋଲିସ ସନ୍ଦେହ କରୁଛି। ଏକାଧିକ ଥର ମନ୍ଦିରକୁ ଠାକୁର ଦର୍ଶନ ନାଁରେ ରେକି କରିବାପରେ ଚୋରି ପାଇଁ ଗୁରୁବାର ରାତି ଠିକ୍ କରିଥିଲେ। ଆଉ ଶେଷରେ ସେମାନେ ଗୁରୁବାର ବିଳମ୍ବିତ ରାତିରେ ମନ୍ଦିରରେ ପଶି ଚୋରି କରିଥିଲେ। ତେଣୁ ପୋଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜରୁ ଚୋରିର ୧୦ଦିନ ପୂର୍ବରୁ କେଉଁମାନେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ, ସେସବୁକୁ ସିସିଟିଭି ଫୁଟେଜରୁ ଯାଞ୍ଚ କରୁଛି। ଦୁର୍ବୃତ୍ତଙ୍କ ଚେହେରା ଏବଂ ପୂର୍ବ ଦିନରେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିବା ବ୍ୟକ୍ତିଙ୍କ ଚେହେରା ସହ ଯାଞ୍ଚ କରାଯାଉଛି। ଏହି ଲୁଟ୍ ପଛରେ ସ୍ଥାନୀୟ ବସ୍ତିର କେତେକ ଲୋକଙ୍କ ହାତ ରହିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ହ୍ୟୁମାନ୍ ଇଣ୍ଟେଲିଜେନ୍ସ ଏବଂ ସିସିଟିଭି ଆଧାରରେ ଲୁଟେରାଙ୍କୁ ଚିହ୍ନଟ କରାଯାଉଛି ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

## ଭାଉଜଙ୍କୁ ପ୍ରତାରଣା, ଦିଅର ଗିରଫ

ପାଟଣା,୧୦।୪
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ପୋଲିସ ସମ୍ପର୍କୀୟ ବିଧବା ଭାଉଜଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ଭାଉଜ ଗର୍ଭବତୀ ହେବା ପରେ ତାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତ ଦିଅରଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସାହାରପଡ଼ା ବ୍ଲକ୍ ଖଜିରାପାଟ ପଞ୍ଚାୟତ ଜୁମେଇ ଗ୍ରାମର ଅଜୟ ନାଏକ (୨୨)। ଅଭିଯୋଗ ଅନୁଯାୟୀ, ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୩୩ ବର୍ଷୀୟ ବିଧବା ମହିଳାଙ୍କୁ ଅଜୟ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ଗର୍ଭବତୀ ହେବା ପରେ ଅଜୟ ବିବାହ କରିବାକୁ ମନା କରିଥିଲେ। ଏ ନେଇ ମହିଳା ଗୁରୁବାର ତୁରୁମୁଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ଉଭୟଙ୍କର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରିବା ପରେ ମୁଦାଲାଙ୍କୁ କୋର୍ଟଚାଲାଣ କରିଛି। ବେଲ୍ ଖାରଜ ହେବା ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୯୫/୨୬) ରୁଜୁ ହୋଇଥିବା ଏସ୍‌ଆଇ ସୁରେଶ ସାହୁ କହିଛନ୍ତି।

## ବେଆଇନ ଗୋଚାଲାଣ: ୨ ଗିରଫ


ଗିରଫ ୨ ଅଭିଯୁକ୍ତ, ଜବତ ସ୍କର୍ପିଓ।

### ସ୍କର୍ପିଓ ଜବତ, ୫ ଗୋରୁ ଉଦ୍ଧାର

ଝାରସୁଗୁଡ଼ା, ୧୦।୪
(ଆଶିଷ ରଞ୍ଜନ ଦାଶ)

ବେଆଇନ ଗୋଚାଲାଣବେଳେ ରେଙ୍ଗାଲି ପୋଲିସ ଏକ ସ୍କର୍ପିଓ ଜବତ କରିବା ସହ ସେଥିରେ ଥିବା ୫ ଗୋରୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ରେଙ୍ଗାଲି ଥାନା ଅଧୀନ ଖାତକୁରବାହାଲ ଗ୍ରାମର ଏମ୍‌ଡି ରାହିଲ ଅହମ୍ମଦ, ଅଜମୀର କେରକେଟାଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ଘଣ୍ଟେଶ୍ୱରୀ କଦମଘାଟ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ସ୍କର୍ପିଓରେ ଗୋଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ପୋଲିସ ସେଠାରେ ଚଢ଼ାଉ କରି ଉକ୍ତ ସ୍କର୍ପିଓ ଜବତ କରିଥିଲା। ଯାଞ୍ଚବେଳେ ଗାଡ଼ି ଭିତରୁ ୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଏଥିସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୩/୨୬) ରୁଜୁ ହୋଇଛି।

## ଆମ ବସ୍‌ରେ ମୋବାଇଲ ଚୋରିକୁ ନେଇ ହାଇଡ୍ରାମା

ଭୁବନେଶ୍ୱର,୧୦।୪
(ପ୍ରସନଜିତ୍ ସାହୁ)

ଆମ ବସ୍ ଭିତରେ ଗୁରୁବାର ରାତିରେ ହାଇଡ୍ରାମା ଦେଖିବାକୁ ମିଳିଛି। ଇନ୍‌ଫୋସିଟି ଛକ ନିକଟରେ ଆମ ବସ୍ ଭିତରେ ଜଣେ ଯୁବତୀଙ୍କ ମୋବାଇଲ ଫୋନ୍ ଚୋରି ହୋଇଯାଇଥିଲା। ଏହାକୁ ନେଇ ଯୁବତୀ ଜଣଙ୍କ ଉତ୍ତ୍ୟକ୍ତ ହେବା ସହିତ ରାସ୍ତା ମଝିରେ ଉକ୍ତ ବସ୍‌କୁ ଅଟକାଇଥିଲେ। ପରେ ବସ୍‌ର ଡୋର ବନ୍ଦ କରି ସନ୍ଦେହରେ ସମସ୍ତ ଯାତ୍ରୀଙ୍କ ପକେଟ ଓ ବ୍ୟାଗ୍ ଚେକ୍ କରିଥିଲେ। ରାତି ସମୟରେ ରାସ୍ତାରେ ପ୍ରାୟ ଅଧ ଘଣ୍ଟା ଧରି ବସ୍ ଅଟକିବା ପରେ ଯାତ୍ରୀମାନଙ୍କ ପକ୍ଷରୁ ମଧ ଅସନ୍ତୋଷ ଦେଖାଦେଇଥିଲା। ଖବର ପାଇ ଘଟଣାସ୍ଥଳରେ ଇନ୍‌ଫୋସିଟି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସୁଧୁରିଥିଲା।

## ହତ୍ୟା ଉଦ୍ୟମକାରୀଙ୍କୁ ୭ ବର୍ଷ ଜେଲଦଣ୍ଡ

ନବରଙ୍ଗପୁର,୧୦।୪
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୫ ମାସ କାରାଦଣ୍ଡ ଭୋଗିବା ପାଇଁ ଶୁଣାଣି କରିଛନ୍ତି। ୨୧ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

୨୦୨୫ ଜାନୁଆରୀ ୬ରେ ନେଇଗାଁ ଗ୍ରାମର ୨ଭଉଣୀ ଶ୍ରଦ୍ଧା ସିମରନ ଗଣ୍ଡା ଓ ସସ୍ମିତାରାଣୀ ଗଣ୍ଡା ଏକ ବାଇକ୍ ଯୋଗେ କୋଷାଗୁମୁଡା ଯାଉଥିବା ବେଳେ ମାଙ୍କିଡି ଗ୍ରାମ ପାଖରେ ୨ ବ୍ୟକ୍ତି ତାଙ୍କୁ ବାଟରେ ଅଟକାଇ ଧାରୁଆ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ୨ ଭଉଣୀ ନିକଟସ୍ଥ ମାଙ୍କିଡି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହାୟତାରେ ତାଙ୍କ ଭାଇ ସାହିଲ ସିଲ ଗଣ୍ଡାଙ୍କୁ ଫୋନ୍ କରିଥିଲେ। ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ଗୁରୁତର ୨ ଭଉଣୀଙ୍କୁ ପ୍ରଥମେ କୋଷାଗୁମୁଡ଼ା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଜିଲା ଜୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସାହିଲ ଏ ନେଇ କୋଷାଗୁମୁଡା ଥାନାରେ ଅଭିଯୋଗ କରିବା ପରେ କେସ୍ ନମ୍ବର ୨/୨୫ରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଣ୍ଟୁଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ପୀଡ଼ିତାଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁନନ୍ଦା ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ବାକି ଟଙ୍କାକୁ ନେଇ ସଂଘର୍ଷ, ୨ ଆହତ

ହାଟଡିହୀ/ଛେନାପଦି,୧୦।୪
(ଶୁଭକାନ୍ତ ନାୟକ/ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଚଣ୍ଡିଆବିରଞ୍ଚିପୁର ଗାଁରେ ୨ ଜଣଙ୍କ ଭିତରେ ବାକି ଟଙ୍କାକୁ ନେଇ ସଂଘର୍ଷ ହୋଇଛି। ଏଥିରେ ୨ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ନନ୍ଦିପଦା ଥାନା ଚଣ୍ଡିଆବିରଞ୍ଚିପୁର ଗାଁର ପ୍ରକାଶ କୁମାର ନାୟକ କୋଡ଼ି, ମେଟାଲ ବ୍ୟବସାୟ କରନ୍ତି। ତାଙ୍କ ନିକଟରୁ ଗ୍ରାମର ପ୍ରସନ୍ନ ଦାସ ରାସ୍ତା କାମ କରିବା ନିମନ୍ତେ ଦୀର୍ଘ ବର୍ଷେ ପୂର୍ବେ ଗୋଡ଼ି ଓ ମେଟାଲ ବାକିରେ ନେଇଥିଲେ। ରାସ୍ତାର ବିଲ୍ ସରିଥିଲେ ମଧ ପ୍ରସନ୍ନ ବାକି ଟଙ୍କା ଶୁଝି ନ ଥିଲେ। ବାରମ୍ବାର ବାକି ଟଙ୍କା ମାଗିବା ପରେ ନ ମିଳିବାରୁ ପ୍ରକାଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଥାପି କିଛି ସୁଫଳ ନ ମିଳିବାରୁ ଶୁକ୍ରବାର ପ୍ରକାଶ ବାକି ଟଙ୍କା ମାଗିବାରୁ ପ୍ରସନ୍ନ ଦାସ ଓ ପ୍ରକାଶ ନାୟକଙ୍କ ଭିତରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟଙ୍କ ଭିତରେ ସଂଘର୍ଷ ଘଟିଥିଲା। ପ୍ରସନ୍ନ ଓ ତାଙ୍କ ପୁଅ ଦେବାଶିଷ ମିଶି ଏକ ଠେଙ୍ଗା ଓ ଲୁହାରଡ଼ରେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ପୋଲିସ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେହିପରି ପ୍ରକାଶଙ୍କ ମାଡ଼ରେ ପ୍ରସନ୍ନ ଲହୁଲୁହାଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରସନ୍ନ ଓ ପ୍ରକାଶଙ୍କ ପକ୍ଷରୁ ନନ୍ଦିପଦା ଥାନାରେ ଅଭିଯୋଗ ଆଧାରରେ ପୋଲିସ ପୃଥକ ମାମଲା (ନଂ. ୧୪୪/୨୬ ଏବଂ ୧୪୫/୨୬) ରୁଜୁ କରି ତଦନ୍ତ କରୁଛି।

## ୫ ଶିକାରୀ ଗିରଫ, ୨ ବନ୍ଧୁକ ଜବତ

କପ୍ତିପଦା,୧୦।୪
(ବିଷ୍ଣୁ ଚରଣ ପୁଥାଳ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଧୀନରେ ଥିବା ପୋଡ଼ାଡିହା ବନ ବିଭାଗ ଶୁକ୍ରବାର ୫ ଶିକାରୀଙ୍କୁ ଗିରଫ କରିବା ସହ ୨ଟି ବନ୍ଧୁକ ଓ ଧନୁତୀର ଜବତ କରିଛି।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୪ ଓ ୨୫ ତାରିଖରେ ଶିମିଳିପାଳ ଅଭୟାରଣ୍ୟକୁ ଶିକାର କରିବାକୁ ଯାଇଥିବା କେତେଜଣ ଶିକାରୀଙ୍କ ଫଟୋ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଉକ୍ତ ଫଟୋ ଆଧାରରେ ବନ ବିଭାଗ କଟୁରିଆ ମାହାରା ସାହିରେ ଚଢ଼ାଉ କରି ରାମଜିତ୍ ମୁର୍ମୁ (୫୨), ମେଘରାୟ ମୁର୍ମୁ (୨୪), ମହେନ୍ଦ୍ର ମୁର୍ମୁ (୩୫), ଦାମ ସୋରେନ୍ (୨୭), ଲକ୍ଷ୍ମଣ ମୁର୍ମୁ (୩୧)ଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବନ୍ଧୁକ ଓ ଧନୁତୀର ଜବତ କରିଛି। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବିଭାଗ ସୂଚନା ଦେଇଛି।

## ବିରିୟାନୀ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ

ଭୁବନେଶ୍ୱର,୧୦।୪ (ତ୍ରିନାଥ ମହାନ୍ତି)

■ ୨ ଗୁରୁତର ହସ୍ପିଟାଲରେ ଭର୍ତ୍ତି
■ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଚନ୍ଦକା-ଖଣ୍ଡଗିରି ରାସ୍ତାରୋକୋ

ବିରିୟାନୀ ଦୋକାନ ଆଗରେ ବାଇକ୍ ପାର୍କିଂକୁ ନେଇ ତୁମୁଳକାଣ୍ଡ ଘଟିଛି। ଭରତପୁର ଥାନା ଜିଏ କଲୋନୀ ଛକରେ ୪ଜଣ ଦୁର୍ବୃତ୍ତ ବିରିୟାନୀ ଦୋକାନୀ ଏବଂ ସେଲ୍ସମ୍ୟାନଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଛନ୍ତି। ଆକ୍ରମଣରେ ଦୋକାନୀ ତଥା ଅନ୍ଧାରୁଆର ତପନ ସାମନ୍ତରାୟ ଏବଂ ସେଲ୍ସମ୍ୟାନ୍ ବାପି ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଚନ୍ଦକା-ଖଣ୍ଡଗିରି ରାସ୍ତାକୁ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ରାସ୍ତାରୋକୋ ହଟିବ ନାହିଁ ବୋଲି ଲୋକେ ଜିଦି ଧରିଥିଲେ। ପୋଲିସ ଅଧଘଣ୍ଟା ଧରି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି।

ଅଭିଯୋଗ ଅନୁସାରେ, ଜିଏ କଲୋନୀ ଛକରେ ଆହତ ହୋଇଥିବା ତପନ ହାଇଦ୍ରାବାଦ ଦମ୍ ବିରିୟାନୀ ଦୋକାନ କରି ବ୍ୟବସାୟ କରନ୍ତି। ସେ ନିଜେ ଦୋକାନରେ ରହିବା ସହ ସେଲ୍ସମ୍ୟାନ ଭାବେ ବାପିଙ୍କୁ ରଖିଛନ୍ତି। ଶୁକ୍ରବାର ଅପରାହ୍ନ ୨ଟାରେ ଜଣେ ଅଭିଯୁକ୍ତ ଉକ୍ତ ବିରିୟାନୀ ଦୋକାନ ନିକଟରେ ଛିଡ଼ା ହୋଇଥିଲେ। ଅନ୍ଧାରୁଆରୁ ୨ଜଣ ଯୁବକ ବାଇକ୍ ଆଣି ନିକଟରେ ରଖିବା ସହ ବିରିୟାନୀ କିଣିଥିଲେ। ବାଇକ୍ ରାସ୍ତାପାର୍ଶ୍ୱରେ କ'ଣ ରଖିଛୁ ବୋଲି ଜଣେ ଅଭିଯୁକ୍ତ ଦୁଇ ଯୁବକଙ୍କୁ କହିଥିଲେ। ଦୁଇ ଯୁବକ ତାଙ୍କ ଘର ଅନ୍ଧାରୁଆ କହିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରହ ଆସୁଛି ବୋଲି କହି ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ଏହାପରେ ବିରିୟାନୀ ନେଇ ୨ଯୁବକ ପଳାଇ ଯାଇଥିବାବେଳେ ୪ଜଣ ଅଭିଯୁକ୍ତ ତପନଙ୍କ ବିରିୟାନୀ ଦୋକାନ ନିକଟକୁ ଆସିଥିଲେ। ସେମାନେ କୁଆଡ଼େ ଗଲେ ବୋଲି ପଚାରିଥିଲେ। ହେଲେ ଉକ୍ତ ୨ ଯୁବକଙ୍କୁ ଦେଖି ନ ଥିବା ତପନ କହିବା ପରେ ଏଥିରେ ରାଗିଯାଇ ତୋ' ଘର ଅନ୍ଧାରୁଆ ବୋଲି କହି ଖଣ୍ଡାରେ ହାଣିଥିଲେ। ତପନଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଉଥିବା ବେଳେ ବାପି ଅଟକାଇବାକୁ ଆସିବା ସମୟରେ ତାଙ୍କୁ ମଧ ଅଭିଯୁକ୍ତମାନେ ଗୋଡ଼ାଇ ହାଣି ଫେରାର ହୋଇଯାଇଥିଲେ।

## ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡ

କେନ୍ଦୁଝର,୧୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଓ ପରେ ଗର୍ଭବତୀ ହେବା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଘଟଣାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ଆଇନସେବା ପ୍ରାଧିକରଣରୁ ୧୦ ଲକ୍ଷ ଟଙ୍କା ସହାୟତା ଦେବାକୁ ରାୟ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅଞ୍ଚଳର ଶିବୁ ମହାରଣା ସ୍ଥାନୀୟ ଶିବ ମନ୍ଦିରରେ କେହି ନ ଥିବାର ସୁଯୋଗ ନେଇ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଗର୍ଭବତୀ ହେବା ପରେ ଅଭିଯୁକ୍ତ ବିବାହ କରିବାକୁ ମନାକରିଦେଇଥିଲେ। ଏହାକୁ ନେଇ ନାବାଳିକା କେନ୍ଦୁଝର ଟାଉନ ଥାନାରେ ୨୫ ମେ ୨୦୨୫ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୩୦୫/ ୧୮ ମେ ୨୦୨୫) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୪ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପତିତପାବନ ନାଥ କହିଛନ୍ତି।

## ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୧୦।୪
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

### ମହିଳାଙ୍କୁ ଅସଦାଚରଣ ମାମଲା

ବିଧବା ମହିଳାଙ୍କୁ ଅସଦାଚରଣ ମାମଲାର ବିଚାର କରି ବାଲେଶ୍ୱର ଆଡିଶନାଲ ସେକ୍ସନ ଜଜ୍ କମ୍ ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅନିତା ସାହୁ ଶୁକ୍ରବାର ଅଭିଯୁକ୍ତ ଦୋଷୀ ଶୁକଦେବ ମଲ୍ଲିକଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୨ମାସ ଜେଲଦଣ୍ଡ ଭୋଗିବା ପାଇଁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ବାଲେଶ୍ୱର ସିଂଲା ଥାନା ବୋଳଙ୍ଗ ଗ୍ରାମର ଜଗନ୍ନାଥ ମଲ୍ଲିକଙ୍କ ପୁଅ ଶୁକଦେବ (୨୭) ନିଶାଗ୍ରସ୍ତ ଅବସ୍ଥାରେ ଗତ ତା୮।୯।୨୦୨୦ରିଖରେ ସ୍ଥାନୀୟ ଅଞ୍ଚଳର ଜଣେ ବୟସ୍କା ବିଧବା ମହିଳାଙ୍କ ଘରକୁ ଯାଇଥିଲେ। ମହିଳା ଘରେ ଏକାକୀ ଥିବା ଦେଖି ଶୁକଦେବ ତାଙ୍କ ସହିତ ଅସଦାଚରଣ କରିବା ସହିତ ଅଶାଳୀନ ବ୍ୟବହାର କରିଥିଲେ। ପରେ ସମ୍ପୃକ୍ତ ମହିଳାଙ୍କୁ ଡରାଇ ଧମକାଇ ସେଠାରୁ ଖସି ପଳାଇଥିଲେ। ତେବେ ପୀଡିତା ବିଧବା ମହିଳା ନିଜର ନାରୀ ସମ୍ଭ୍ରମତା ନଷ୍ଟ ହେଇଥିବା ଅଭିଯୋଗ କରି ତା୯।୯।୨୦୨୦ରିଖରେ ସିଂଲା ଥାନାରେ ଶୁକଦେବଙ୍କ ବିରୋଧରେ ଏତଲା ଦେଇଥିଲେ। ସିଂଲା ଥାନା ପୋଲିସ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ତା।୧୪।୯।୨୦୨୪ରିଖରେ ଅଭିଯୁକ୍ତ ଶୁକଦେବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ବାଲେଶ୍ୱର ବିଚାର ବିଭାଗର ଆଡିଶନାଲ ସେକ୍ସନ ଜଜ୍ କମ ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାରାଧୀନ ଥିଲା। ଶୁକ୍ରବାର ଉକ୍ତ ମାମଲାର ବିଚାର କରି ଦୋଷୀ ଶୁକଦେବଙ୍କୁ ବିଚାରପତି ଅନିତା ସାହୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବୈଲୋଚନ ଦାଶ ପରିଚାଳନା କରିଥିଲେ।

**ZILLA PARISHAD, SUNDARGARH**

**Tender Call Notice No.1549/ZP Dated the 8th April, 2026**

**No.19001/17/2627** : Sealed tenders are invited from the reputed/interested Human Resource Service Provider Agencies (HRSPA) to provide service of 01 number of Faculty cum Research Analysist, 01 number of Additional Faculty cum Research Analysist, 01 number of Asst. Research Analysist, 01 number of Addl Asst. Research Analysist,01 number of Program Assistant, 01 Number of District PESA Co-ordinator at Zilla Parishad, Sundargarh & 17 number of Block PESA Co-ordinators @ one per block of Sundargarh District on contract basis for day to day official work under RGSA Scheme. The detail information about the tender along with documents required is available in Sundargarh District Official website "https://sundargarh.odisha.gov.in/" w.e.f.dt.09.04.2026 to 29.04.2026 (05.00 PM).

1. Date & time to download Tender paper: From dt.09.04.2026 to dt. 29.04.2026 (05.00 PM).
2. Last date of receipt of Tender paper: 29.04.2026 (05.00 PM).
3. Date of opening of Tender paper: 30.04.2026 (11.30 AM).
4. Submission Pre bidding-query: 16.04.2026 (05.00 PM),
5. Pre bid meeting- 17.04.2026,subjected to receipt of query.
6. EMD- Rs-1,41,000/- in shape of Demand Draft issued from any nationalised/ scheduled bank in favour of CDO-cum-EO, Zilla Parishad, Sundargarh to be drawn at Sundargarh.
7. Tender Paper cost- Rs. 10,000/- in shape of DD in favor of CDO-cum- EO Zilla Parishad, Sundargarh, payable at Sundargarh.
8. Selected bidder will deposit Performance Security @ 5% of the Tender Value in the form of BG/TDR from any Nationalized Bank duly pledged in favour of CDO-cum-EO, Zilla Parishad, Sundargarh payable at Sundargarh before execution of MoU.

Sd./- Chief Development Officer cum Executive Officer, Zilla Parishad, Sundargarh

OIPR-19001/19260/1/26-27/0001

**Bhubaneswar Smart City Limited**

5th Floor, ICOMC Tower, Unit-9, Bhubaneswar- 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone-0674-2548428 FAX: 0674-2540811

No.13001/122/2627
**Bid Identification No. 658/ENGG/BSCL/2026-27** **Date. 07.04.2026**

General Manager (Engg) BSCL on behalf of Bhubaneswar Smart City Ltd. Bhubaneswar invites following item rate bids in double cover system in ONLINE MODE from eligible bidders as mentioned below :

| Sl. No. | Name of the Work | Approximate value of the Work (Rs. in Lakhs Excl. GST) | Period of Completion | Class of Contractor | Bid Security (EMD) | Cost of Tender Document + GST (in INR) | Availability of Tender |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| 1. | Renovation of Smart Park at Saheed Nagar Bhubaneswar for the year 2026-27 | 49.34 | 03 (Three Calendar Months) | "B" Class | 1% of the Estimated Cost put to tender | INR 6,000/- non-refundable + INR 1,080/- (GST) | 13.04.2026 to 27.04.2026 5.30 P.M. |
| 2. | Repair & Renovation of Integrated Public Service Centre (IPSC) at Saheed Nagar, Bhubaneswar for the year 2026-27 | 14.17 | 02 (Two Calendar Months) | "C" & "D" Class | | | |

Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- General Manager, (Engg.)
BBSR Smart City Limited, Bhubaneswar

OIPR-13001/13070/1/26-27/0002

**BEST ECO-CLUB AWARD 2025-26**

**No.7001/8/2627:**State Nodal Agency, Centre for Environmental Studies (CES) under the Department of Forest, Environment & Climate Change, Government of Odisha invites applications from Schools/Colleges, who have registered in EEP portal (https://eepmoefcc.nic.in) as Eco-club, are only eligible to apply for the selection of the three best-performing Eco-Clubs in the State for the financial year 2025-26.

CES is requesting to all the Eco-Clubs from the state to send their nomination to the CES Office. Application Form and Criteria for selection are available in CES Website www.cesodisha.org.

Applications along with supporting documents (activity photographs, videos and newspaper clippings) must reach at the following address by Post/Hand on or before 30 April 2026.

**Director, Centre for Environmental Studies (CES)**
Department of Forest, Environment & Climate Change, Govt of Odisha
CRP-Ekamra Kanan Road, Nayapalli, Bhubaneswar-751015
Phone: 0674-2551853, Website: www.cesodisha.org

**OIPR-7001/7037/1/26-27/0001**

**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA**

Phone/ FAX :- 0674-2540578 (0) / e-Mail: eephiiibbsr@gmail.com

**Office Order No. 2861 /Dt. 04/04/26**

**Bid Identification No. EEPHBBSR-52 / 2025-26 Dt. 06.12.2025**

**No.13001/116/2627** : 1) The Tender ID: 2025_**PHEO_122805_1** for the work "laying of 200mm dia D.I. K-9 / M.S. pipe for CWRM & RWRM pipeline and 100mm dia D.I. K-7 / M.S. pipe for distribution pipeline of Khandapada NAC for widening and strengthening of Khandapada-Fategarh PWD road from 0/00 to 18/030 Km. in connection with the work "Procurement and laying of 200mm dia D.I. K-9 / M.S. pipe for CWRM & RWRM pipeline and 100mm dia D.I. K-7 / M.S. pipe for distribution pipeline of Khandapada NAC for widening and strengthening of Khandapada-Fategarh PWD road from 0/00 to 18/030 Km." **is hereby cancelled 1st time due to technical issue.**

Sd./- SUPERINTENDING ENGINEER, P.H.DIVISION, BHUBANESWAR

OIPR-13001/13205/1/26-27/0002

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**

Letter No.6628/ Date:04.04.26

**Invitation for Bids**
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No.BMC (BAM)/323 2025-2026**
**No.13001/125/2627**

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of Work | Civil Work |
| 3 | No. of Work | Nos.04 |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 11.00 hrs. of Dt.09.04.26 to 17.00 hrs. of 27.04.26 |
| 8 | Date & Time of Opening of the Technical Bids | 11.00 hrs. onwards on Dt.28.04.26 |
| 9 | Date & time of opening of financial bids | Shall be intimated to the responsive Technically qualified bidder after evolution of Technical bids. |
| 10 | Mode of Submission of tender | Tender should submitted Online in www.tendersorissa.gov.in |
| 11 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation, Berhampur, Odisha

OIPR-13001/13035/1/26-27/0001

# ହୀରକ ତ୍ରିଭୁଜକୁ ନିର୍ମାଣ ହେବ ୪ ଥାକିଆ ରାସ୍ତା

## ନିର୍ମାଣ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ

ଯାଜପୁର, ୧୦।୪(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ତଥା ବୌଦ୍ଧକୀର୍ତ୍ତିର ମୁଖଶାଳା ଭାବେ ପରିଚିତ ଯାଜପୁର ଜିଲାର ହୀରକ ତ୍ରିଭୁଜ ଉଦୟଗିରି, ରତ୍ନଗିରି ଓ ଲଳିତଗିରି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏଠାକୁ ସଂକୀର୍ଣ୍ଣ ଏବଂ ଅସୁରକ୍ଷିତ ରାସ୍ତା ରହିଛି। ଦିନକୁ ଦିନ ଏହି ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ଦୀର୍ଘବର୍ଷ ହେଲା ହୀରକ ତ୍ରିଭୁଜ ପର୍ଯ୍ୟଟନସ୍ଥଳୀକୁ ୪ ଥାକିଆ ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଆସୁଥିଲେ ହେଁ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରାଯାଉ ନାହିଁ।



ରତ୍ନଗିରି ବୌଦ୍ଧକୀର୍ତ୍ତି ସ୍ଥଳ।

ଏହିକ୍ରମରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସଚିବ ବଲୱନ୍ତ ସିଂହ ଗତ ଫେବୃଆରୀ ୨ରେ ହୀରକ ତ୍ରିଭୁଜକୁ ବିଭିନ୍ନ କାରଣ ଦର୍ଶାଇ ୪ ଥାକିଆ ରାସ୍ତା ନିର୍ମାଣ କରିବାକୁ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି। ଏହାପରେ ନିର୍ମାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ ୨।୪।୨୦୨୬ରେ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କୁ ଡୁବୁରୀ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥଠାରୁ ହୀରକ ତ୍ରିଭୁଜକୁ ଓସାରିଆ ରାସ୍ତା ନିର୍ମାଣ କରିବାକୁ ଆବଶ୍ୟକ ପଦକ୍ଷେପ ନିଅ ବୋଲି ନିର୍ଦ୍ଦେଶ ପତ୍ର ଦେଇଛନ୍ତି। ଏହି ପତ୍ରପରେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ସହଜ ଓ ସୁରକ୍ଷିତ ଗମନାଗମନ ସୁବିଧା ପାଇପାରିବେ ବୋଲି ଆଶା କରାଯାଇଛି।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଆହୁରି ଦର୍ଶାଯାଇଛି ଯେ, ବର୍ତ୍ତମାନ ଲଳିତଗିରି, ରତ୍ନଗିରି ଏବଂ ଉଦୟଗିରିକୁ ବିଶ୍ୱସ୍ତରୀୟ ବୌଦ୍ଧ ସର୍କିଟ ଗନ୍ତବ୍ୟସ୍ଥଳ ଭାବରେ ବିକଶିତ କରିବା ପାଇଁ ଏକ ସମନ୍ୱିତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶାର ହୀରକ ତ୍ରିଭୁଜ ଭାବରେ ପରିଚିତ ଏହି ସ୍ଥାନଗୁଡ଼ିକ ଅତ୍ୟନ୍ତ ପ୍ରତ୍ନତାତ୍ତ୍ୱିକ, ଆଧ୍ୟାତ୍ମିକ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ଭାବେ ଗୁରୁତ୍ୱ ରଖେ। ତେଣୁ ଏହାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ବୌଦ୍ଧ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଉନ୍ନତ ସଡ଼କ ସଂଯୋଗୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡୁବୁରୀରୁ ପାରାଦୀପକୁ ସଂଯୋଗ କରୁଥିବା ୫୩ ନମ୍ବର ଜାତୀୟ ରାଜପଥ ଏହି ଅଞ୍ଚଳର ଏକ ପ୍ରମୁଖ ରାସ୍ତା। ତଥାପି ଉକ୍ତ ଜାତୀୟ ରାଜପଥରୁ ହୀରକ ତ୍ରିଭୁଜକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଅତି ସଂକୀର୍ଣ୍ଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି, ଉକ୍ତ ରାସ୍ତାଗୁଡିକୁ ପ୍ରଶସ୍ତ ଏବଂ ମଜଭୁତ କରିବାର ଆବଶ୍ୟକତା ରହିଛି। ଏହାସହ ସୁଦୃଢ଼ ଫୁଟପାଥ, ଆଲୋକୀକରଣ ଏବଂ ସୁରକ୍ଷା ବ୍ୟବସ୍ଥା, ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥାନ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି।

ହୀରକ ତ୍ରିଭୁଜ ପର୍ଯ୍ୟଟନସ୍ଥଳୀର ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନାମରେ ପୂର୍ବରୁ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଏହି ଅନୁଦାନର ସିଂହଭାଗ ଅର୍ଥକୁ ମିଳିମିଶି ଚଳୁ କରିଦେଇଥିବାରୁ ଆଜିବି ହୀରକ ତ୍ରିଭୁଜ ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ବୋଲି ଅଭିଯୋଗ ହେଉଛି। ଉଦୟଗିରିରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥା ପକ୍ଷରୁ ହୋଇଥିବା ଖନନରୁ ମାଧବପୁର ଏବଂ ସିଂହପ୍ରସ୍ଥ ନାମରେ ଦୁଇଟି ବିଶାଳ ବୌଦ୍ଧ ମହାବିହାର, ବିଶାଳ ଧାନୀମହାସ୍ତୂପ, ଚୈତ୍ୟଗୃହ କମ୍ପ୍ଲେକ୍ସ, ମଧ୍ୟଯୁଗୀୟ ପ୍ରସ୍ତରଖୋଦିତ ବାମ୍ପି, ଶତାଧିକ ବୌଦ୍ଧଧର୍ମ ସମ୍ପର୍କିତ ମୂର୍ତ୍ତି ଓ କେତେକ ଶିଳାଲେଖ ଆବିଷ୍କୃତ ହୋଇଛି। ଏଭଳି ଏକ ବିରଳ ବୌଦ୍ଧପୀଠର ଉପଯୁକ୍ତ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ବିରଳ କୀର୍ତ୍ତିରାଜି ଆଜି ଧ୍ୱଂସ ହେବାକୁ ବସିଲାଣି। ଏଠାରେ ଅନୁଷ୍ଠିତ ହୋଇଆସୁଥିବା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଅନେକ ଗବେଷକ, ଐତିହାସିକ ଉଦୟଗିରିରେ ଖନନ କରାଗଲେ ଆହୁରି ଅନେକ ବୌଦ୍ଧ କୀର୍ତ୍ତିରାଜିର ଆବିଷ୍କାର ହୋଇପାରିବ ବୋଲି ଦାବି କରିଆସୁଛନ୍ତି। ଅନ୍ୟପକ୍ଷେ ବୌଦ୍ଧପୀଠ ରତ୍ନଗିରିଠାରେ କଳା ଓ ସଂସ୍କୃତିର ନିଦର୍ଶନ ଭାବେ ଦଣ୍ଡାୟମାନ ପ୍ରାଚୀନ ବୌଦ୍ଧଯୁଗୀୟ ମହାବିଦ୍ୟାଳୟ, ବହୁ ପୁରାତନ ମହାବିହାର, ଇଟାନିର୍ମିତ ଏକ ବିଶାଳ ମହାସ୍ତୁପ, ମହାକାଳଙ୍କ ପବିତ୍ର ମନ୍ଦିର ଆଦି ରହିଛି। ଗୁପ୍ତ ସମ୍ରାଟ ନରସିଂହଗୁପ୍ତ ବାଳାଦିତ୍ୟ ଏହି ବିଖ୍ୟାତ ବୌଦ୍ଧପୀଠରେ ବୌଦ୍ଧଶ୍ରମଣ ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ସୁବିଶାଳ ବୌଦ୍ଧ ମହାବିହାର ଓ ସଂଘାରାମ ଆଦି ନିର୍ମାଣ କରିଥିଲେ। ରତ୍ନଗିରି ଉତ୍ଖନନରୁ ବିପୁଳ ପ୍ରାଚୀନ ବୌଦ୍ଧ ବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତୀ, ବସୁଧାରା, ପ୍ରଜ୍ଞାପାରମିତା, ମଂଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ସହ ଶତାଧିକ ପ୍ରତିମା ଆବିଷ୍କୃତ ହୋଇଛି। ଏଠାରେ ଥିବା ସଂଗ୍ରହାଳୟରେ ଶତାଧିକ ବୌଦ୍ଧ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ସେହିପରି ଲଳିତଗିରିରେ ଅନେକ ଐତିହାସିକ ବୌଦ୍ଧ କୀର୍ତ୍ତିରାଜି ରହିଛି। ତେବେ ପର୍ଯ୍ୟଟନ ବିଭାଗର ୪ ଥାକିଆ ରାସ୍ତା ନିର୍ମାଣ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ କେତେ ତତ୍ପରତା ପ୍ରକାଶ ପାଉଛି ତାହା ସମୟ ହିଁ କହିବ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଚନ୍ଦନ



@ ଉଦୟଭାନୁ



@ ବିବେକାନନ୍ଦ



@ ପ୍ରିୟଙ୍କା



@କ୍ଷେତ୍ରମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାଇୱେରୁ ମୋବାଇଲ୍ ଫୋନ୍ ଲୁଟ୍

- ୨ ଗିରଫ, ବାଳ ସୁଧାର ଗୃହ ଗଲେ ୨ ନାବାଳକ
- ୧୫ ମୋବାଇଲ ଫୋନ୍, ବାଇକ୍ ଜବତ

ଚଣ୍ଡିଖୋଲ,୧୦।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥରେ ମୋବାଇଲ ଛିନତାଇ କରୁଥିବା ୨ ନାବାଳକଙ୍କୁ ପୋଲିସ କାବୁ କରି ବାଳସୁଧାର ଗୃହକୁ ପଠାଇଛି। ଏଥିସହିତ ସେମାନଙ୍କୁ ସହଯୋଗ କରୁଥିବା ଅନ୍ୟ ୨ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ଚଣା ଥାନା ଶାନ୍ତିପୁର ଗ୍ରାମର ବିଶ୍ୱରଞ୍ଜନ ସାମଲ ଓ ଜେନାପୁର ଥାନା ବାରମୁଣ୍ଡୁଳି ଗ୍ରାମର ବବୁଲ ଦଳେଇ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୫ ଚୋରା ମୋବାଇଲ ଫୋନ୍ ଓ ୨ ନାବାଳକଙ୍କ ନିକଟରୁ ଏକ ବାଇକ୍ (ଓଡି୦୪ ଭି୮୩୬୨) ଜବତ କରାଯାଇଥିବା ଥାନା ଅଧିକାରୀ ଦିଲୀପ ମହାନ୍ତି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା କୁସୁନପୁର ଗ୍ରାମର ଶିକ୍ଷୟିତ୍ରୀ ଲିପିକା ପ୍ରିୟଦର୍ଶିନୀ ମହାନ୍ତି ଗତ ୭ ତାରିଖରେ ବଡ଼ଚଣାକୁ ଟ୍ରେନିଂ ପାଇଁ ଆସିଥିଲେ। ଟ୍ରେନିଂ ସାରି ଫେରିବା ସମୟରେ ବାଲିଚନ୍ଦ୍ରପୁର ଥାନା ୫୩ନଂ.ଜାତୀୟ ରାଜପଥର କଟିକଟା ଛକ ନିକଟରେ ୨ ଲୁଟେରା ଏକ ବାଇକ୍‌ରେ ଆସି ତାଙ୍କ ସ୍କୁଟିକୁ ଧକ୍କା ଦେବା ସହ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ପଳାଇଥିଲେ। ଏନେଇ ଲିପିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୩୧/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ୨ ନାବାଳକ ଚୋରି କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଧର୍ମଶାଳା ଓ ଜଣେ ବଡ଼ଚଣା ଅଞ୍ଚଳର ବୋଲି ସୂଚନା ମିଳିବା ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏହାପରେ ସେମାନଙ୍କୁ ସହଯୋଗ କରୁଥିବା ଓ ମୋବାଇଲ ନେଇ ବିକ୍ରି କରୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଥିଲା।



# ରାମରଜା ଭସାଣି ଗଣ୍ଡଗୋଳର ସମାଧାନ



ବୈଠକରେ ଯୋଗ ଦେଇଥିବା ପୋଲିସ ଅଧିକାରୀ ଓ ଗାଁ ମୁରବି।

ଯାଜପୁର ସଦର,୧୦।୪(ସମର ବିଜୟ ଶରଣ)

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତ ସାନକୁଖାଲା ଗ୍ରାମରେ ଗତ ମାସ ୨୯ତାରିଖରେ ରାମରଜା ଠାକୁରଙ୍କ ଭସାଣି ସମୟରେ ଅବିର ଖେଳକୁ ନେଇ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଉପୁଜିଥିବା ବିବାଦର ସ୍ଥାୟୀ ସମାଧାନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଗତ ୯ ତାରିଖ ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋଙ୍କ ଅଧ୍ୟକ୍ଷତାରେ ସଦର ଥାନାରେ ଉଭୟ ପକ୍ଷ ମୁରବିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ (ମୁଖ୍ୟାଳୟ)ରତିକାନ୍ତ ଗିରି, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ସଦର ଥାନା ଅଧିକାରୀ ଚିନ୍ମୟୀ ବେହେରା, ସାମାଜିକକର୍ମୀ ବ୍ରଜକିଶୋର ପାଢ଼ୀ, ବରୁଆଁ ସରପଞ୍ଚ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ଶାମଦାସପୁର ସରପଞ୍ଚ ଓ ଉଭୟ ପକ୍ଷର ମୁରବି ନନ୍ଦକିଶୋର ସାହୁ, ଗଦାଧର ଦାସ, ବ୍ରହ୍ମାନନ୍ଦ ନାୟକ, ନଟବର ବେହେରା, ଜିତେନ୍ଦ୍ର ବିଶ୍ୱାଳ, ଉତ୍ତମ ସାହୁ, ସେକ୍ ଗୋଲାମ ଅଲ୍ଲି, ସେକ୍ ଫିରୋଜ ବାଦଶାହା, ସେକ୍ ଜଲିଲ, ସେକ୍ ସମସେର, ମିର୍ଜା ମୁସ୍ତାକ ବେଗ, ସେକ୍ କାସିମ, ସେକ୍ ଅବୁ ଯହୁର ଓ ମହମ୍ମଦ ଜୁବେର ପ୍ରମୁଖ ଯୋଗଦେଇ ଭେଦଭାବ ଭୁଲି ଉଭୟ ପକ୍ଷଙ୍କ ମଧ୍ୟରେ ସଦଭାବ ଓ ପୂର୍ବ ଭଳି ଭାଇଚାରା ବଜାୟ ରଖିବାକୁ ସମ୍ମତି ପ୍ରଦାନ କରିଥିଲେ। ଶୃଙ୍ଖଳା ଦୃଷ୍ଟିରୁ ଉଭୟ ସମ୍ପ୍ରଦାୟର ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ପର୍ବ ପର୍ବାଣି ସମୟରେ ଅନୁଷ୍ଠିତ ହେଉଥିବା ଶୋଭାଯାତ୍ରାରେ ଡାକବାଜି ଯନ୍ତ୍ର ବ୍ୟବହାର କଟକଣା ମୁକ୍ତ ହେବ, ଉଭୟ ପକ୍ଷର ଧାର୍ମିକ ଭାବନାକୁ କେହି ଅସମ୍ମାନ ବା ଆକ୍ଷେପ କରି ପାରିବେନି। ନିଜ ସ୍ଥାନ ଆବଦ୍ଧ କରି ସଂଖ୍ୟାଲଘୁ ସମ୍ପ୍ରଦାୟ ଭୋଜି ଆୟୋଜନ କରିବେ। ଏହିଘଟଣାରେ ଉଭୟ ପକ୍ଷର କ୍ଷୟକ୍ଷତିକୁ ଉପସ୍ଥିତ ଥିବା ସରପଞ୍ଚମାନେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ଘଟଣାର ସମାଧାନ ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାନୁନଗୋ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

# ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କୁ ରୋଟାରି ସମ୍ମାନ



ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

ସିଂହପୁର,୧୦।୪(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ମା’ ଯଶୋଦା କଳା ପରିଷଦ ଗୁରୁ ତଥା ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କୁ ଯାଜପୁରସ୍ଥିତ ଆର୍ଆର୍ଦ୍ଦି ଭେନୁ ପରିସରରେ ରୋଟାରି କ୍ଲବ ପକ୍ଷରୁ ରୋଟାରି ସମ୍ମାନ ପ୍ରଦାନ କରାଯାଇଛି। ଦିନେଶ ଆଲବମ, ଚଳଚ୍ଚିତ୍ର, ଧାରାବାହିକ ଓ ଯାତ୍ରାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ବେଶ ଚର୍ଚ୍ଚିତ। ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୋଟାରି ଡିଜି ମନୋଜ କୁମାର ତ୍ରିପାଠୀ, ସଭାପତି ଅନିଲ ମହାନ୍ତି, ସମ୍ପାଦକ ପ୍ରଶାନ୍ତ ଦାସଙ୍କ ସମେତ ବହୁ ରୋଟାରିଆନ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା ମାନପତ୍ର ପାଠ କରିଥିଲେ।

# ଏସ୍‌ପିଙ୍କୁ ନ୍ୟାୟ ମାଗିଲେ ଖବରଦାତା

ପାଣିକୋଇଲି,୧୦।୪(ବିକାଶ ଚନ୍ଦ୍ର ମଲ୍ଲିକ)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଅଞ୍ଚଳର ଖବରଦାତା ଶଙ୍କର ପ୍ରତାପ ଦାସଙ୍କୁ ଲୁହାରଡ଼୍‌ରେ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାର ୫ ଦିନ ବିତିଗଲାଣି। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। କେବଳ ଏକ ମାମଲା ରୁଜୁ କରି ଚୁପ୍ ବସିଛି। ତେଣୁ ଖବରଦାତା ଜଣକ ଜିଲା ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ଗଡ଼ମଧୁପୁର ଅଞ୍ଚଳର ସମ୍ପୃକ୍ତ ଖବରଦାତାଙ୍କ ଗତ ୪ ତାରିଖରେ ଚଢ଼େଇଧରା ବଜାରରେ କୌଣସି କାରଣକୁ ନେଇ ବଉଳମାଳ ପଞ୍ଚାୟତ ଇଛାପୁର ଗ୍ରାମର ପୀତାମ୍ବର ପଣ୍ଡାଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୀତାମ୍ବର ତାଙ୍କ ସହଯୋଗୀଙ୍କ ସହ ମିଶି ଖବରଦାତା ଦାସଙ୍କୁ ଲୁହା ରଡ଼୍‌ରେ ଆକ୍ରମଣ କରିଥିଲେ। ଏନେଇ ଦାସ ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ପୋଲିସ ନଂ.୮୮/୨୬ରେ ମାମଲା ରୁଜୁ କରିଥିଲା। ମାତ୍ର ପୀତାମ୍ବର ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ସେମାନେ ନାନା ଧମକ ଚମକ ଦେଉଥିବା ଖବରଦାତା ଦାସ ଏସ୍‌ପିଙ୍କୁ ଜଣାଇଛନ୍ତି।

# କବାଲି କାର୍ଯ୍ୟକ୍ରମବେଳେ ଛୁରାମାଡ଼, ଜଣେ ଗୁରୁତର

- ୩ ଗିରଫ, ପୋଲିସ ଗାଡ଼ି ଭଙ୍ଗାରୁଜା
- ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ମାମଲା

ଦଶରଥପୁର,୧୦।୪(ସୁଶାନ୍ତ କୁମାର ବେହୁରିଆ)

ଯାଜପୁର ଜିଲା ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ମଲ୍ଲିକାପୁର ପଞ୍ଚାୟତ ବଙ୍ଗଳାବାଡ଼ି ନିକଟରେ ଗୁରୁବାର ରାତିରେ କବାଲି କାର୍ଯ୍ୟକ୍ରମବେଳେ ଛୁରାମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ଶୁକ୍ରବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯିବାବେଳେ ସ୍ଥାନୀୟ ଲୋକେ ଆକ୍ରମଣ କରିବା ସହ ପୋଲିସ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଏନେଇ ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ଦଶରଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାତି ୧୧ଟାରେ କବାଲି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାତିପ୍ରାୟ ୧ଟାରେ ଅଳକୁଣ୍ଡ ଅଞ୍ଚଳର କେତେଜଣ ଯୁବକ ଓ ଭଦ୍ରକ ଜିଲା ଦୋବଲ ଅଞ୍ଚଳର କେତେଜଣ ଯୁବକଙ୍କ ମଧ୍ୟରେ ସେଠାରେ ଗଣ୍ଡଗୋଳ ଘଟିଥିଲା। ଏହି ସମୟରେ କସପା ଗ୍ରାମର ଜାହିର ଅଲ୍ଲି ଖାନ ଗଣ୍ଡଗୋଳ ସମାଧାନ କରିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଅଳକୁଣ୍ଡ ଅଞ୍ଚଳର







ଗିରଫ ଅଭିଯୁକ୍ତଙ୍କୁ ଥାନାକୁ ନିଆଯାଉଛି। ଉତ୍ତ୍ୟକ୍ତ ଲୋକେ ଭାଙ୍ଗିଥିବା ପୋଲିସ ଗାଡ଼ି।

ଯୁବକମାନେ ଛୁରାମାଡ଼ କରିଥିଲେ। ଫଳରେ ସେ ଗୁରୁତର ହୋଇ ମଙ୍ଗଳପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୯୧/୨୬ରେ ମାମଲା ରୁଜୁ କରିବା ସହ ଅଳକୁଣ୍ଡ ଅଞ୍ଚଳର ୩ ଯୁବକ ସେକ୍ ଅଜାହାର(୨୬), ସେକ୍ ଇରଫାନ (୨୨) ଓ ସେକ୍ ସଲମାନ(୧୯)ଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଛୁରା ମାଡ଼ ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ନିକଟ କସପା ବସ୍ତିରେ ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ, ଯାହାକି ଦଶରଥପୁର ଥାନା ଅଧୀନରେ ରହିଛି। ଅଭିଯୁକ୍ତ ସେଠାରେ ଆଶ୍ରୟ ନେଇଥିବା ସମ୍ପର୍କରେ ଜାଣିବାପରେ ଛୁରାମାଡ଼ରେ ଗୁରୁତର ହୋଇଥିବା ଜାହିର ଅଲ୍ଲିଙ୍କ ସମ୍ପର୍କୀୟ ବିଳମ୍ବିତ ରାତିରେ ଉକ୍ତ ଘରକୁ ଘେରାଉ କରି ରଖିବା ସହ ଘଙ୍ଗାରୁଜା କରିଥିଲେ। ଖବରପାଇ ଦଶରଥପୁର ଥାନା ଏସ୍ଆଇ ଦୁଷ୍ମନ୍ତ ଦାସ ପହଞ୍ଚି ସେଠାରେ ଆଶ୍ରୟ ନେଇଥିବା ୫ ଅଭିଯୁକ୍ତଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରବା ସହ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିସହିତ ଅଭିଯୁକ୍ତଙ୍କୁ ଗାଡ଼ିରୁ ଛଡ଼ାଇ ନେଇ ନିର୍ଘୁମ ମାଡ଼ ମାରିଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ଦଶରଥପୁର ପୋଲିସ ବହୁ କଷ୍ଟରେ ୫ ଅଭିଯୁକ୍ତଙ୍କୁ ଉଦ୍ଧାର କରି ମଙ୍ଗଳପୁର ପୋଲିସକୁ ହସ୍ତାନ୍ତର କରିଥିଲା। ମଙ୍ଗଳପୁର ପୋଲିସ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ ଗାଡ଼ି ଭଙ୍ଗାରୁଜା ଓ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଦଶରଥପୁର ପୋଲିସ ନମ୍ବର ୮୯/୨୬ରେ ୧୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମୌଳିକ ସୁବିଧାରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳବାସୀ ବଞ୍ଚିତ

## ବୈଠକ, ଭାଷଣବାଜିରେ ଚାଲିଛି ପୌରପାଳିକା



ପଟ୍ଟାମୁଣ୍ଡାଇ, ୧୦।୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା, ଭିତ୍ତିଭୂମି ବିକାଶ ଓ ଜନସ୍ୱାସ୍ଥ୍ୟ ନେଇ ବିଭିନ୍ନ ସମୟରେ ବୈଠକ ହେଉଛି। ବୈଠକରେ ଜନକଲ୍ୟାଣ ଯୋଜନା ଓ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଲମ୍ବା ଭାଷଣ ଦିଆଯାଉଛି। ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରସାରଣ ହେଉଛି। ହେଲେ ସହରର ବିକାଶମୂଳକ କାର୍ଯ୍ୟ, ପରିମଳ ବ୍ୟବସ୍ଥା, ରାସ୍ତାଘାଟ, ପାନୀୟ ଜଳ ଯୋଗାଣ ଏବଂ ଆଲୋକୀକରଣ ଜନସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେପରି ଉନ୍ନତି ପରିଲକ୍ଷିତ ହେଉନାହିଁ। ପୌରପରିଷଦ ପକ୍ଷରୁ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଥିବା ନେଇ ଅଭିଯୋଗ ଆସୁଥିଲେ ମଧ୍ୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଫଳରେ ପୌରାଞ୍ଚଳବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସହରର ଜନସଂଖ୍ୟା, ପରିବାର ଓ ଘରସଂଖ୍ୟା ବହୁ ପରିମାଣରେ ବଢ଼ି ଥିଲେ ସୁଦ୍ଧା ହୋଲ୍ଡିଂ ଟିକସ କମି ଯାଉଥିବାରୁ ଏଥିରେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତି ଖୋର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ସଫେଇ, ନାଳ ନର୍ଦ୍ଦମା ଓ ଆବର୍ଜନା ପରିଚାଳନାରେ ଘୋର ଅବହେଳା ପରିଲକ୍ଷିତ ହେଉଛି। ବ୍ଲିଚିଂ, ମଶା ତେଲ ନିୟମିତ ପକାଯାଉଥିବା ରିପୋର୍ଟ କରାଯାଉଥିଲେ ହେଁ ସହର ମଧ୍ୟରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି। ବନ୍ଧ ପୋଖରୀକୁ ସଫା ରଖିବା ପରିବର୍ତ୍ତେ ଆବର୍ଜନା କୁଣ୍ଡରେ ପରିଣତ ହୋଇପଡିଛି। ସହର ମଧ୍ୟରେ ଥିବା ପୋଖରୀଗୁଡିକରେ ପାଣି ମଣିଷ ବ୍ୟବହାର ଉପଯୋଗୀ ହୋଇ ଆଉ ରହିନାହିଁ। ପଟ୍ଟାମୁଣ୍ଡାଇର କଚେରି ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୦୧୯ରେ ଦେଢ଼ କୋଟି ବ୍ୟୟରେ ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ଅଧାପନ୍ତରିଆ ହୋଇ ଅଳିଆ ଓ ଅପରିଷ୍କାର ହୋଇରହିଛି। ବୁଦ୍ଧିଜୀବୀ ଅଶୋକ ଲେଙ୍କା କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ରାସ୍ତାର ଅବସ୍ଥା ଦିନକୁଦିନ ଖରାପ ହେବାରେ ଲାଗିଛି। ଖାଲଖମାରେ ପାଣି ଜମିବା ଏବଂ ରକ୍ଷଣାବେକ୍ଷଣର ଅଭାବରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଯାହା ଦୁର୍ଘଟଣାର ଆଶଙ୍କା ବଢାଉଛି। ରାସ୍ତା ନିର୍ମାଣ ଓ ମରାମତିରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁ ଶୀଘ୍ର ଭାଙ୍ଗି ଯାଉଛି। କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ରାସ୍ତାର ରକ୍ଷଣାବେକ୍ଷଣ ଠିକ୍ ସମୟରେ ହେଉନାହିଁ। ସହରର ବିଭିନ୍ନ ରାସ୍ତାରେ ଗୃହ ନିର୍ମାଣ ସାମଗ୍ରୀ ଅବ୍ୟବସ୍ଥିତ ଭାବେ ରଖାଯାଇ ଟ୍ରାଫିକ ସମସ୍ୟା ଉପୁଜୁଛି। ସେ ନେଇ ଲୋକଙ୍କୁ ଜରିମାନା କି ସଚେତନ କରାଯାଉନାହିଁ। ପୌରାଞ୍ଚଳବାସୀ ପ୍ରଦୀପ ସାମନ୍ତରାୟ, ତପନ ମହାନ୍ତି, ଜୟଦେବ ଗିରି ପ୍ରମୁଖ କହିଛନ୍ତି, ସହର ସୌନ୍ଦର୍ଯ୍ୟକରଣ ନାମରେ ଆହାର କେନ୍ଦ୍ର ନିକଟରେ ଭେଜିଟେବୁଲ ଓ ଆମିଷ ମାର୍କେଟ ହେବାକୁ ଥିବା ବେଳେ ତାହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ବ୍ୟସ୍ତବହୁଳ ବାଇପାସ ରାସ୍ତାରେ ହାଟ ଚାଲିଛି। ଯାହାକୁ ନେଇ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ୧ କୋଟି ଟଙ୍କା ବ୍ୟୟରେ ମଲ୍ଟି ଷ୍ଟୋରେଜ ମାର୍କେଟ କମ୍ପ୍ଲେକ୍ସ ଓ ଯଜ୍ଞ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟର ୨୦୧୯ରେ ଶୁଭ ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟ ଆରମ୍ଭ ହୋଇନାହିଁ। ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ୨୦ଟି ଇକୋ ଟଏଲେଟ ନିର୍ମାଣ କରାଯାଇଥିଲେ ହେଁ ୬ ବର୍ଷ ହେଲା ବନ୍ଦ ପଡ଼ିଛି। ସେହିପରି ୨୦୨୨ରେ ମୁକ୍ତା ଯୋଜନାରେ ୨୦ଟି ୱାର୍ଡର ସବୁ ଛକରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହା କର୍ଯ୍ୟକାରୀ ନ ହୋଇ ଅଳିଆ ରହୁଛି। ଗୋରୁ ରାସ୍ତାରେ ମେଳିବାନ୍ଧି ଛିଡା ହୋଇ ରହୁଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଡ୍ରେନେଜ୍ ସମସ୍ୟା ଲାଗି ରହିଥିବା ବେଳେ ପ୍ରତିବର୍ଷ ନିର୍ମାଣ ନାମରେ ବ୍ୟାପକ ଅର୍ଥ ବାଟମାରଣା ହେଉଛି। କେତେଜଣ ବ୍ୟବସାୟୀ ଦୋକାନ ଗୃହ ମଡେଇ କରିଥିବାରୁ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଯାହାକୁ ନେଇ ପୌରାଞ୍ଚଳବାସୀଙ୍କ ସମେତ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ଏ ସଂକ୍ରାନ୍ତରେ ପୌରନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରେ କଚେରି ପୋଖରୀ ପାର୍ଶ୍ୱ ଜବରଦଖଲ ନେଇ ହାଇକୋର୍ଟରେ ଡବ୍ଲୁପିସି ନଂ. ୨୦୯୭୮/୨୦୨୪ରେ ମାମଲା ଚାଲିଛି। ଗୋଷ୍ଠୀ ଶୌଚାଳୟ ବନ୍ଦ ରହିଥିବାରୁ ଖରାପ ହୋଇଯାଇଥିଲା। ବର୍ତ୍ତମାନ ମରାମତି କାର୍ଯ୍ୟ ଚାଲିଛି, ପରେ ବ୍ୟବହାର ଉପଯୋଗୀ ହେବ। ଅନ୍ୟପକ୍ଷରେ ମଶାମରା ଧୂଆଁ ଗାଡି ଗଲେ ସ୍ଥାନୀୟ ଲୋକେ ପ୍ରଦୂଷଣ ବଢ଼ିବା ନେଇ ଅଭିଯୋଗ କରୁଛନ୍ତି। ଯାହାକୁ ନେଇ ମଶା ଧୂଆଁ ଦେବା କାମ ବନ୍ଦ କରାଯାଇଛି।

# ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ

## ପ୍ରଦୂଷଣ ବୋର୍ଡର ବିନା ଅନୁମତିରେ ପ୍ଲାଣ୍ଟ ସ୍ଥାପନ

ମାର୍ଶାଘାଇ,୧୦।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅନ୍ତର୍ଗତ ନାରାୟଣପୁରଠାରେ ସ୍ଥାପନ କରାଯାଇଥିବା ଏକ ଗୋଡ଼ି, ସିମେଣ୍ଟ ପ୍ଲାଣ୍ଟ (ଡବ୍ଲ୍ୟୁଡବ୍ଲ୍ୟୁ ଏମ୍)କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜାତୀୟ ରାଜପଥ ଫେଜ୍ ୪ର ମଶାକଣୀଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଏଆର୍‌ଏସ୍‌ଏସ୍ ନାମକ ଠିକା ସଂସ୍ଥା କରୁଛି। ରାସ୍ତା, ସେତୁ ନିର୍ମାଣ ପାଇଁ ବ୍ୟବହୃତ ପିଚୁ, ସିମେଣ୍ଟ ଗୋଡ଼ି ବାଲି ମିଶ୍ରଣ ପାଇଁ ବର୍ଷେ ତଳୁ ଏକ ପ୍ଲାଣ୍ଟ କମ୍ପାନୀ ପକ୍ଷରୁ ଶିଭମ କଣ୍ଡେଭ ନାମରେ ଏଗ୍ରିମେଣ୍ଟ କରାଯାଇଛି। ମାତ୍ର ପାରାଦୀପ ସ୍ଥିତ ଆଞ୍ଚଳିକ ପ୍ରଦୂଷଣ କାର୍ଯ୍ୟାଳୟ ନିକଟରୁ ଏହାକୁ ଅନୁମତି ମିଳିନାହିଁ। ଆହୁରି ମଧ୍ୟ ଏଠାରେ କମ୍ପାନୀ ପକ୍ଷରୁ ବ୍ୟାଚିଂ ପ୍ଲାଣ୍ଟ ଓ ହଟ୍ ମିକ୍ସ ପ୍ଲାଣ୍ଟ ଲଗାଯାଇଛି। ଏହି ପ୍ଲାଣ୍ଟର ଧୂଳି, ଧୂଆଁ ଯୋଗୁ ଏ ଅଞ୍ଚଳ ତଥା ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କ ଉପରେ ଘୋର ପ୍ରଭାବ ପଡୁଛି। ଚାଷଜମି କ୍ଷତିଗ୍ରସ୍ତ ହେଉଛି ବୋଲି ଟିକରପଙ୍ଗା ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ପାରାଦୀପ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରେ ଉକ୍ତ ପ୍ଲାଣ୍ଟ ବିଭାଗଠାରୁ କୌଣସି ଅନୁମତି ନେଇନାହିଁ। କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୟସୀମା ଭିତରେ ଜବାବ ନ ରଖିଲେ କ୍ଲୋଜର ନୋଟିସ ଦିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ସୁମନ୍ତ ପାତ୍ରଙ୍କୁ ପଚାରିବାରେ କିଛି କହିବାକୁ ମନା କରି ଦେଇଥିଲେ।



ନାରାୟଣପୁରଠାରେ ସ୍ଥାପନ ହୋଇଥିବା ପ୍ଲାଣ୍ଟ।

# ଓଡ଼ିଶାର ଲୋକକଳା ସାରା ପୃଥିବୀରେ ଅଦ୍ୱିତୀୟ

## ନରସିଂହପୁର ଗ୍ରାମରେ ଜିଲାସ୍ତରୀୟ ଲୋକକଳା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଡେରାବିଶ,୧୦।୪ (ବେବର୍ତ୍ତା ଅଜୟ ଦାସ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଡେରାବିଶ ବ୍ଲକ ନରସିଂହପୁର ଗ୍ରାମରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟାର, ମୁଖ୍ୟବକ୍ତା ଭାବେ ବିଡିଓ ନମିତା ବାରିକ, ସମ୍ମାନିତ ଅତିଥି ଭାବେ ଜଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଓ ଏବିଇଓ ଦେବଦତ୍ତ ଶତପଥୀ ଯୋଗଦେଇ ଓଡ଼ିଶାର ଲୋକକଳା ସାରା ପୃଥିବୀରେ ଅଦ୍ୱିତୀୟ ବୋଲି କହିଥିଲେ। ଏଥିସହ ଏହି ଗ୍ରାମରେ ବିଭିନ୍ନ ଲୋକକଳାରେ ନିପୁଣ ଥିବା ବହୁ କାଳାକାର ରହିଥିବା ପ୍ରକାଶ କରିଥିଲେ। ନରସିଂହପୁର ଗ୍ରାମର କଳାକାରମାନେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତଗାନ କରିଥିଲେ। ପରେ ଡେରାବିଶ ବ୍ଲକର ବିଭିନ୍ନ କଳା ଅନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଶଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ଥାନୀୟ କଳାକାରମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦାନପୁରର ସମିତିସଭ୍ୟା ପ୍ରିୟତମା ଦାଶ, ଏମ୍‌ପିଙ୍କ ପ୍ରତିନିଧି ମନିସା ପଣ୍ଡା, ନରସିଂହପୁର ଗ୍ରାମ କଳାକାର ସଂଘର ଯଶୋବନ୍ତ ନାରାୟଣ ପଣ୍ଡା ଓ ପ୍ରକୃତିବନ୍ଧୁ ଜେନାମଣି ବଳ ମଞ୍ଚାସୀନ ହୋଇ ବିଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚାଇ ରଖିଥିବା ଜିଲାର ଲୋକକଳା ଗ୍ରାମ ନରସିଂହପୁର ଆରମ୍ଭରେ ଏକ ଲୋକକଳା ତୋରଣ ନିର୍ମାଣ ପାଇଁ ଦାବି କରିଥିଲେ। ପ୍ରାରମ୍ଭରେ ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ ଅତିଥି ପରିଚୟ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡେରାବିଶ କଳାକାର ସଂଘର ସଭାପତି ନିରାକାର ମହାରଣା ସଂଯୋଜନା କରିଥିବା ବେଳେ ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ।

# ଗ୍ରୀଲ୍ ତାଡ଼ି ୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

ରାଜକନିକା, ୧୦।୪ (ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ବରୁଣାଡିହା ଛକରେ ଥିବା ଅଶୋକ ରାଉତଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଘରର ତାଲା ଭାଙ୍ଗି ୫ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ବରୁଣାଡ଼ିହା ଗାଁର ଅଶୋକଙ୍କ ପରିବାର ଲୋକେ ଦୀର୍ଘଦିନ ହେବ ବିହାରର ପାଟନାରେ ରହିଆସୁଛନ୍ତି। ତେବେ ଘରେ କେହି ନ ଥିବାର ସୁଯୋଗ ନେଇ ପ୍ରଥମେ ଦୁର୍ବୃତ୍ତମାନେ ଘରର ଗ୍ରୀଲ ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ଘରେ ସମସ୍ତ କବାଟର ତାଲା ଭାଙ୍ଗି ବାକ୍ସ ଓ ଲକର ତାଡ଼ି ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଛନ୍ତି। ଏ ନେଇ ଅଶୋକଙ୍କ ବଡ଼ଭାଇ ରାଜକନିକା ଥାନାରେ ଏତଲା ଦେଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ, ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସଞ୍ଜୀୟ ମଲିକ ସୂଚନା ଦେଇଛନ୍ତି।

# ଏସ୍‌ଏନ୍ ସଂସ୍କୃତ ବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ

ରାଜନଗର, ୧୦।୪ (ଭାସ୍କର ରାଉତରାୟ): ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ଶୁକ୍ରବାର ପାଳିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଅଧକ୍ଷ ଡ. ଘନଶ୍ୟାମ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଦିବସଠାରୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ଆଭିମୁଖ୍ୟ ଓଡ଼ିଶାର ପରିଚୟ, ସ୍ୱାଭିମାନ, ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିବା ସହିତ ଓଡ଼ିଆ ଭାଷା ଜାତିର ଗୌରବମୟ ପରମ୍ପରା ଉପରେ ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଏହାର ଗାରିମାମୟ ଅଧ୍ୟାୟରେ ଯେଉଁ ଓଡ଼ିଆ ମହାମନିସମାନେ ଦେଶର ଏକ ମାତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ଗଢି ତୋଳିଥିଲେ ସେମାନଙ୍କ ସମ୍ପର୍କରେ ଅବତାରଣା କରିଥିଲେ।

# ବେଡ଼ାରୀ ରାଜସ୍ୱ ନିରୀକ୍ଷକଙ୍କ ନୂଆ କାର୍ଯ୍ୟାଳୟ ଖୋଲିବାକୁ ଦାବି

ପାଟକୁରା, ୧୦।୪ (ରବୀନ୍ଦ୍ର ନାଥ ବାରିକ)



ବେଡ଼ାରୀରେ ନିର୍ମିତ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆବାସିକ ଗୃହ।

ଗରଦପୁର ତହସିଲ ଅଧୀନ ବେଡ଼ାରୀ ମହୁରିଆ ଦଣ୍ଡାରେ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଓ ଆବାସିକ ଗୃହର ନିର୍ମାଣ କାର୍ଯ୍ୟ ୯ମାସ ହେବ ସମ୍ପୂର୍ଣ୍ଣ ହୋଇସାରିଲାଣି। ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ଏହାର ନିର୍ମାଣ କାର୍ଯ୍ୟ ହୋଇଛି। ମୁଖ୍ୟ ରାସ୍ତାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପକ୍କା ସଡ଼କ ସଂଯୋଗ କରାଯାଇଛି। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯାଇପାରିନାହିଁ। ବେଡ଼ାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏଠାରୁ ୮ କିଲୋମିଟର ଦୂର ଗରଦପୁର ରଥଦାଣ୍ଡ ପାର୍ଶ୍ୱରେ ଚାଲିଛି। ଏହି ରାଜସ୍ୱ ସର୍କଲ ଅଧୀନରେ ପଦ୍ମପୁର ପଞ୍ଚାୟତର ପଦ୍ମପୁର, କିଣିଲୋ, ଗୋତ୍ରବିଲ, ମହାମୁଦା, ନୂଆପଡ଼ା, ବିଚଣା ଗ୍ରାମ ଓ ବେଡାରୀ ପଞ୍ଚାୟତର ହରିଦାସପୁର, ସୋଲପାଟ, ବେଡାରୀ, କୁଳଡୁଠି, ଦଲୁଆଣି, ଶ୍ରୀଚନ୍ଦନପୁର, ପରକଣା ଅନ୍ତର୍ଭୁକ୍ତ ହୋଇଥିବାବେଳେ ପାଟକୁରା ପଞ୍ଚାୟତର ଯମୁନାବାଦ, ଜଗଦଳପୁର, ପାଟକୁରା, ଲେଖନପଡା, ପଣଶୁଆପଡା, ସିଙ୍ଗିଟିଆ, କୋଡ଼ପଲ୍ଲା, ଇନତାଲପୁର, ଜଗନ୍ନାଥପୁର ଓ ସମସରା ଗ୍ରାମକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏପରି ୨୩ ରାଜସ୍ୱ ଗ୍ରାମର ଜନସାଧାରଣ ରାଜସ୍ୱ ସେବା ସଂକ୍ରାନ୍ତୀୟ ବିଭିନ୍ନ ରେକର୍ଡପତ୍ର, ସ୍କୁଲ, କଲେଜରେ ପଢୁଥିବା ବିଦ୍ୟାର୍ଥୀ ଜାତି ସାର୍ଟିଫିକେଟ, ବାର୍ଷିକ ଆୟ ସାର୍ଟିଫିକେଟ ଇତ୍ୟାଦି ଆଣିବା ଏତେ ବାଟକୁ ଯାଆନ୍ତି। ଅନେକ ସମୟରେ ମଧ୍ୟ ଗରଦପୁରଠାରେ ଥିବା ରାଜସ୍ୱ ସର୍କଲ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଲୋକମାନେ ୮ କିଲୋମିଟର ରାସ୍ତାରେ ଯାଇ ଫେରିବାକୁ ପଡୁଛି। ସେଠାକୁ ବିଭିନ୍ନ କାର୍ଯ୍ୟରେ ଯାଉଥିବା ମହିଳାପୁରୁଷଙ୍କ ପାଇଁ କୌଣସି ପରିସ୍ରାଗାର କିମ୍ବା ଶୌଚାଳୟର ବ୍ୟବସ୍ଥା କରାଯାଇନାହିଁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ନିହାତି ଦୃଷ୍ଟି ଦେବା କଥା। କିନ୍ତୁ ଏହି ସମସ୍ୟାକୁ ଅଣଦେଖା କରୁଥିବା ଅନୁମାନ କରାଯାଉଛି। ରାଜ୍ୟ ସରକାର ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ହେଲେ ପ୍ରଶାସନିକ ଅବହେଳା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚି ପାରୁନାହିଁ ବୋଲି ଲୋକେ କହୁଛନ୍ତି। ଏଣୁ ବେଡ଼ାରୀଠାରେ ନିର୍ମାଣ କରାଯାଇଥିବା ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତୁରନ୍ତ ଖୋଲିବାକୁ କେନ୍ଦ୍ରାପଡ଼ା ଜିଲାପାଳଙ୍କଠାରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ବାରିକ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ସେଠୀ, ପୂର୍ବତନ ସମିତିସଭ୍ୟ ଭଜହରି ସେନାପତି, ପୂର୍ବତନ ସମିତିସଭ୍ୟ ଚିତ୍ତରଞ୍ଜନ ଚୌଧୁରୀ, ବେଡ଼ାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ଦୟାନିଧି ମଲ୍ଲ, ପୂର୍ଣ୍ଣଚନ୍ଦ୍ର ଜେନା, ଅରକ୍ଷିତ ବେହେରା ପ୍ରମୁଖ ଦାବି କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଚନ୍ଦନ



@ ଉଦୟଭାନୁ



@ ବିବେକାନନ୍ଦ



@ ପ୍ରିୟଙ୍କା



@କ୍ଷେତ୍ରମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଆଇନ ମଦ, ଗଞ୍ଜେଇ ଜବତ: ୯ ଗିରଫ

କେନ୍ଦ୍ରାପଡ଼ା, ୧୦।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୯୦୦ ଗ୍ରାମ ଗଞ୍ଜେଇ, ୧୬୭୦ ଲିଟର ବେଆଇନ ଭାବେ ଗଚ୍ଛିତ ଦେଶୀ, ବିଦେଶୀ, ରନ୍ଧା ମଦ ଓ ୩୫ ବୋତଲ କଫ ସିରଫ ଜବତ ହୋଇଛି। ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ସୂଚନା ଅନୁଯାୟୀ, କଖୋଟି ଗ୍ରାମର ହାପି ବେହେରାଙ୍କ ନିକଟରୁ ୯୦୦ ଗ୍ରାମ ଗଞ୍ଜେଇ ଓ ୩୫ ବୋତଲ କଫ ସିରଫ ଜବତ ହୋଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ଓଳାଭର ଗ୍ରାମର ରମେଶ ଚନ୍ଦ୍ର ସାହୁ, ବୁରୁଡିଆ ଗ୍ରାମର ରଶ୍ମିରାଣୀ ବେହେରା, ଗଜରାଜପୁର ଗ୍ରାମର ଉପେନ୍ଦ୍ର ମଲ୍ଲିକ, ସାନ୍ତସାହିର ସନ୍ଦୀପ ସୁବ୍ରମନିୟମ, ମାଣିକପୁରର ସୀମା ଜେନା, ନୂଆପଡା ଗ୍ରାମର ଶରତ ବେହେରା, ପ୍ରଭାକରପୁର ଗ୍ରାମର ନାଥ ଖିଲାର ଓ ରବି ଖିଲାରଙ୍କଠାରୁ ବେଆଇନ ଗଛିତ ମଦ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଉପନୀରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ଋତୁପ୍ରଭା ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିବା ସେ ସୂଚନା ଦେଇଛନ୍ତି।

# ନବନିର୍ବାଚିତ ଓକିଲ ସଂଘ ପ୍ରତିନିଧିଙ୍କ ଶପଥ ପାଠ




ରାଜନଗର,୧୦।୪(ଭାସ୍କର ରାଉତରାୟ)

ରାଜନଗର ବାର ଆସୋସିଏଶନ କକ୍ଷରେ ଚଳିତବର୍ଷ ରାଜ୍ୟ ବାର କାଉନସିଲ ଦ୍ୱାରା ପରିଚାଳିତ ଆଇନଜୀବୀ ସଂଘର ନିର୍ବାଚନରେ ବିଜୟ ପ୍ରାର୍ଥୀମାନଙ୍କ ଶପଥ ପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ବିଶ୍ୱନାଥ ବାରିକ ପ୍ରଥମେ ସଭାପତି ଭାବେ ଉମେଶ ଚନ୍ଦ୍ର ଦାସ, ଉପସଭାପତି ଦେବଦତ ସେଠୀ, ସମ୍ପାଦକ ଭାବେ ଭଜକୃଷ୍ଣ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ବୀର କିଶୋର ମହାନ୍ତି, କୋଷାଧ୍ୟକ୍ଷ ମନ୍ମଥ ରାଉତ, ଲାଇବ୍ରେରୀ ସମ୍ପାଦକ ଭାବେ ନୟନା ନନ୍ଦ ବେହୁରା ଓ ପରିଚାଳନା କମିଟିର ସଦସ୍ୟ ଭାବେ ଜନ୍ମଜୟ ବେହେରାଙ୍କୁ ଶପଥ ଗ୍ରହଣ କରାଇଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ଆଇନଜୀବୀ ଅମର କୁମାର ଦାସ, ଚନ୍ଦ୍ର ଶେଖର ଦାସ ଓ ସରକାରୀ ଓକିଲ ଲକ୍ଷଣ ରାଉତ, ଅକ୍ଷୟ କୁମାର ସ୍ୱାଇଁ, ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀସ୍ତରରେ ପାଳନ ହେବନି ଛେନାପୋଡ଼ ଦିବସ


ବାପା ବିଦ୍ୟାଧର ସାହୁ ଓ ପୁଅ ସୁଦର୍ଶନ ସାହୁ।

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

### ଆଜି ଛେନାପୋଡ଼ ଦିବସ

- ବିବାଦ କାରଣରୁ ଦିବସ ପାଳନ କରିବାକୁ ମନାକଲେ ଜିଲାପାଳ
- ଭୁଲ୍ ତଥ୍ୟରେ ଦିବସ ପାଳନ ନ କରିବାକୁ ଜିଲାପାଳଙ୍କୁ ଫେରାଦ

ବିଶ୍ୱ ଛେନାପୋଡ ଦିବସ ଏପ୍ରିଲ ୧୧ରେ ପାଳିତ ହୋଇଥାଏ। ହେଲେ ଭୁଲ ତଥ୍ୟରେ ଛେନାପୋଡ଼ ଦିବସକୁ ସରକାରୀସ୍ତରରେ ପାଳନ ନ କରିବାକୁ ଶୁକ୍ରବାର ବିଦ୍ୟାଧର ସାହୁ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ହରିଡାବାଡି ଦଶପଲ୍ଲା ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିବାଦୀୟ ପରିସ୍ଥିତ ଲାଗି ରହିଥିବାରୁ ଛେନାପୋଡ଼ ଦିବସ ସରକାରୀସ୍ତରରେ ପାଳନ କରାଯିବନାହିଁ ବୋଲି ଜିଲାପାଳ ଟ୍ରଷ୍ଟର ସଭ୍ୟ ଓ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଟ୍ରଷ୍ଟର ସଭାପତି କହିଛନ୍ତି। ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଛେନାପୋଡର ଉଦ୍ଭାବକ ଦଶପଲ୍ଲାର ବିଦ୍ୟାଧର ସାହୁ ହୋଇଥିବାବେଳେ ପୁଅ ସୁଦର୍ଶନ ସାହୁଙ୍କୁ ଉଦ୍ଭାବକ ଦେଖାଇ ଇତିହାସକୁ ବିକୃତ କରାଯାଉଛି। ଛେନାପୋଡ଼ର ଉଦ୍ଭାବକ ଦର୍ଶାଇ ସୁଦର୍ଶନ ସାହୁଙ୍କ ନାଁରେ ୨୦୨୨ ଏପ୍ରିଲ ୧୧ରେ ବିଶ୍ୱ ଛେନାପୋଡ ଦିବସ ପାଳନ କରାଯାଇ ଜିଆଇ ଟ୍ୟାଗ ପାଇଁ ଦାବି ରଖାଯାଇଛି। ଭୁଲ ତଥ୍ୟରେ ଛେନାପୋଡ଼ ଦିବସର ପାଳନ ପରେ ତତ୍କାଳୀନ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ତ୍ରୁଟି ସୁଧାରିବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ହେଲେ ସୁଫଳ ନ ମିଳିବାରୁ ୨୦୨୩ ଡିସେମ୍ବର ୩୧ରେ ବିଶ୍ୱ ଛେନାପୋଡ ଦିବସ ପାଳନ କରାଯାଇ ବିଦ୍ୟାଧରଙ୍କୁ ସ୍ରଷ୍ଟା ବୋଲି ଦାବି କରାଗଲା। ଏହା ପରଠାରୁ ପ୍ରତିବର୍ଷ ଡିସେମ୍ବର ୩୧ରେ ଛେନାପୋଡ ଦିବସ ପାଳନ ହୋଇଆସୁଛି। ପ୍ରକୃତରେ ବାପା ବିଦ୍ୟାଧର ଛେନାପୋଡର ଆବିଷ୍କାର କରିଥିବାବେଳେ ପୁଅ ସୁଦର୍ଶନ ପ୍ରଚାର ଓ ପ୍ରସାର କରାଇବାରେ ସହଯୋଗ କରିଥିଲେ। ଏପରିପ୍ରେକ୍ଷୀରେ ଦଶପଲ୍ଲାର ସାତପାଟଣାକୁ ଛେନାପୋଡ଼ର ଅନ୍ତୁଡିଶାଳ, ବିଦ୍ୟାଧରଙ୍କୁ ଉଦ୍ଭାବକ ଓ ଗୋଟିଏ ତାରିଖରେ ଛେନାପୋଡ଼ ଦିବସ ପାଳନ କରି ଜିଆଇ ଟ୍ୟାଗର ମାନ୍ୟତାକୁ ତ୍ୱରାନ୍ୱିତ କରାଯାଉ ବୋଲି ଅଭିଯୋଗରେ ଦର୍ଶାଯାଇଛି। ବିଦ୍ୟାଧର ଯେ ଉଦ୍ଭାବକ ଏ ନେଇ ବିଭିନ୍ନ ଲେଖକ, ଗବେଷକ ଓ ଐତିହାସିକଙ୍କ ପୁସ୍ତକ, ଖବରକାଗଜ ପ୍ରମାଣ ସ୍ମାରକପତ୍ରରେ ସଂଲଗ୍ନ କରାଯାଇଛି। ଜିଲାପାଳଙ୍କୁ ଜିଆଇ ଗବେଷିକା ଡ. ଅନୀତା ସାବତ ବିଦ୍ୟାଧର ସାହୁ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁରେଶ ମିଶ୍ର ଓ ସମ୍ପାଦକ ନାରାୟଣ ସାହୁ, ସ୍ୱର୍ଗତ ବିଦ୍ୟାଧର ସାହୁଙ୍କ ଅଣନାତି ରାକେଶ ସାହୁ, ଭାଜପାର ମତ୍ସ୍ୟ ବିଭାଗ ସେଲର ରାଜ୍ୟ ସଭାପତି ମନୋଜ ବେହେରା, ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ ଭେଟି ସ୍ମାରକପତ୍ର ଦେଇଥିଲେ।

## ଦିବସ ପାଳନକୁ ନେଇ ଲାଗି ରହିଛି ବିତର୍କ, ସମାଲୋଚନା

ଛେନାପୋଡ଼ର ଉଦ୍ଭାବକ ବିଦ୍ୟାଧର ସାହୁ ନାଁ ସୁଦର୍ଶନ ସାହୁ। ଛେନାପୋଡ଼ର ଉତ୍ପତ୍ତି ଦଶପଲ୍ଲା ନାଁ ନୟାଗଡ଼। ବିଦ୍ୟାଧର ସ୍ରଷ୍ଟା ବୋଲି ଅଣନାତି ଦାବି କରୁଥିବାବେଳେ ମାନିବାକୁ ରାଜି ନୁହନ୍ତି ସୁଦର୍ଶନଙ୍କ ପୁଅ। ଏପରିପ୍ରେକ୍ଷୀରେ ଛେନାପୋଡ଼ ପ୍ରସଙ୍ଗକୁ ନେଇ ଚାଲିଛି ବିତର୍କ, ଚର୍ଚ୍ଚା, ସମାଲୋଚନା, ପ୍ରତିବାଦ। ସୋସିଆଲ ମିଡିଆରେ ଚର୍ଚ୍ଚା ବି ଜୋର ଧରିଛି। ୨୦୨୩ରେ ଜିଆଇ ଟ୍ୟାଗ ଦାବି ବେଳେ ଭୁଲ ତଥ୍ୟ ଦିଆଯାଇଥିବା ଅଭିଯୋଗ ଉଠିଛି। ବର୍ଷର ଏପ୍ରିଲ ୧୧ ଓ ଡିସେମ୍ବର ୩୧ରେ ଦୁଇ ଥର ବିଶ୍ୱ ଛେନାପୋଡ ଦିବସ ପାଳନ ହେଉଛି। ଏପ୍ରିଲ ୧୧ରେ ପୁଅ ସୁଦର୍ଶନଙ୍କ ପାଇଁ ପାଳନ ହେଉଛି ବିଶ୍ୱ ଛେନାପୋଡ଼ ଦିବସ ଓ ଡିସେମ୍ବର ୩୧ରେ ବାପା ବିଦ୍ୟାଧରଙ୍କ ପାଇଁ ପୁଣି ପାଳନ ହେଉଛି ଅନ୍ୟ ଏକ ଛେନାପୋଡ ଦିବସ। ଏପ୍ରିଲ ୧୧କୁ ସରକାରୀ ସ୍ତରରେ ଦିବସ ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ରେ ମଧ୍ୟ ଛେନାପୋଡ଼ ଦିବସ ପାଳନ କରିଥିଲେ। ଛେନାପୋଡ଼ ଦିବସ ପାଳନକୁ ନେଇ ବିବାଦ ପରେ ନୟାଗଡ଼ ଜିଲାରେ ଜିଲା ପ୍ରଶାସନ ୨୦୨୫ର ବିଶ୍ୱ ଛେନାପୋଡ଼ ଦିବସକୁ ପାଳନ କରି ନ ଥିଲା। ଜିଲାସ୍ତରୀୟ ଅଫିସ ମଧ୍ୟ ଦୂରେଇ ରହିଥିଲେ। ସେହିପରି ବହୁ ଅନୁଷ୍ଠାନ ଛେନାପୋଡ ଦିବସ ପାଳନକୁ ନେଇ ଦୂରେଇ ରହିଥିଲେ। ତେବେ ୨୦୨୫ରେ ନୟାଗଡ଼ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ୍ ଓ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଛେନାପୋଡର ସ୍ରଷ୍ଟା କୁହାଯାଉଥିବା ସୁଦର୍ଶନ ସାହୁଙ୍କ ନୟାଗଡସ୍ଥ ବାସଭବନରେ ପହଞ୍ଚି ଛେନାପୋଡ ଦିବସ ପାଳନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଛେନାପୋଡ଼ ଦିବସକୁ ବାରଣ କରାଯାଇଥିବାବେଳେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାର କିପରି ଛେନାପୋଡ଼ ଦିବସରେ ଭାଗ ନେଲେ ସେନେଇ ଚର୍ଚ୍ଚା ଓ ସମାଲୋଚନା ହୋଇଥିଲା। ବିଶ୍ୱ ଛେନାପୋଡ଼ ଦିବସକୁ ନେଇ ଏହାର ସ୍ରଷ୍ଟା ଦଶପଲ୍ଲା ଜରିପାଟଣାର ବାପା ଓ ପୁଅଙ୍କ ନାମକୁ ନେଇ ଲଢ଼େଇ ଚାଲିଛି। ଏଭଳିସ୍ଥଳେ ଛେନାପୋଡର ପ୍ରକୃତ ସ୍ରଷ୍ଟା କିଏ ସେ ନେଇ ଲୋକଙ୍କ ମନରୁ ସନ୍ଦେହ ଓ ଜାଣିବାର ଆଗ୍ରହ ବଢ଼ିବା ଆରମ୍ଭ ହୋଇଛି। ଛେନାପୋଡର ସ୍ରଷ୍ଟାକୁ ନେଇ ଗୋଟିଏ ପରିବାରରେ ଦେଖା ଦେଇଥିବା କନ୍ଦଳ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବାଧକ ସାଜିଲାଣି। ତେବେ ପୁଅ ହେଉ କି ବାପା ଯେ କେହି ସ୍ରଷ୍ଟା ହୁଅନ୍ତୁ ନାଁ କାହିଁକି ଉଭୟେ କେହି ଜୀବିତ ନାହାନ୍ତି। ଏଭଳିସ୍ଥଳେ ଛେନାପୋଡ ଦିବସ ପାଳନ, ଏହାର ସ୍ରଷ୍ଟା ଓ ଉତ୍ପତ୍ତି ସ୍ଥଳ ନେଇ ତୁଟୁନି ଦ୍ୱନ୍ଦ କି ବାହାରୁନି ସମାଧାନର ନିର୍ଯ୍ୟାସ। ଛେନାପୋଡକୁ ନେଇ ବିବାଦ ବଢ଼ିବା ପରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ପ୍ରଶ୍ନର ଉତ୍ତରରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଛେନାପୋଡର ପ୍ରକୃତ ଉଦ୍ଭାବକ, ଉତ୍ପତ୍ତିସ୍ଥଳ ଓ ଅନ୍ୟ ବିଷୟ ଉପରେ ବିଭାଗ, ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ତଥ୍ୟ ସଂଗ୍ରହ କରାଯିବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସରକାରୀସ୍ତରରେ କିଛି ରିପୋର୍ଟ ପ୍ରକାଶ ପାଇ ନ ଥିବା ଜଣାପଡିଛି। ଏ ନେଇ ଜିଲାପାଳ ମଧୁମିତା ରଥଙ୍କୁ ପଚାରିବାରୁ ଛେନାପୋଡ ଦିବସ ପାଳନକୁ ନେଇ ବିବାଦ ଥିବାରୁ ସରକାରୀସ୍ତରରେ ଏହାକୁ ପାଳନ ନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

# ଅପରାଧ ସମୀକ୍ଷା ବୈଠକ

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପୋଲିସ କାର୍ଯ୍ୟାଳୟରେ ଏପ୍ରିଲ ମାସ ପାଇଁ ଅପରାଧ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ଅପରାଧର ସମୀକ୍ଷା କରିଥିଲେ। ଜିଲାର ସମସ୍ତ ଏସ୍‌ଡିପିଓ, ଆଇଆଇସି, ବରିଷ୍ଠ ପୋଲିସ ଅଧିକାରୀ, ନିର୍ଦ୍ଦେଶକ ପବ୍ଲିକ ପ୍ରୋସିକ୍ୟୁଟର, ସହକାରୀ ନିର୍ଦ୍ଦେଶକ ପବ୍ଲିକ ପ୍ରୋସିକ୍ୟୁଟର, ପବ୍ଲିକ ପ୍ରୋସିକ୍ୟୁଟର ଉପସ୍ଥିତ ଥିଲେ। ବର୍ଷ ବର୍ଷ ଧରି ପଡି ରହିଥିବା ମାମଲା ଉପରେ ବିଶେଷ ଧ୍ୟାନ ଦେଇ ବିଚାରାଧୀନ ମାମଲା ଓ ଅପମୃତ୍ୟୁ ମାମଲା କିପରି ଶୀଘ୍ର ଫଇସଲା ହେବ ସେନେଇ ସମୀକ୍ଷା କରାଯାଇଥିଲା। ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ଅପରାଧ ଉପରେ ସ୍ୱତନ୍ତ୍ର ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଫୌଜଦାରୀ ଆଇନର ବ୍ୟବସ୍ଥା ଅନୁସାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଦୋଷୀ ସାବ୍ୟସ୍ତ କରିବାକୁ ଅନୁରୂପ ନିର୍ଦ୍ଦେଶ ରହିଛି। ମାମଲା ବନ୍ଦ, ବୃତ୍ତିଗତ ତଦନ୍ତ, ଗିରଫ ପରୱାନା କାର୍ଯ୍ୟକାରୀ କ୍ଷେତ୍ରରେ ଭଲ ପ୍ରଦର୍ଶନ, ମାମଲା ରୁଜୁ ଓ ଦୋଷୀ ସାବ୍ୟସ୍ତ ପାଇଁ ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କୁ ସମ୍ମାନିତ କରାଯାଇଛି। ଗିରଫ ସମୟରେ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଗଲା ତା'ର କାରଣ ଜଣାଇବା ପାଇଁ ତଦନ୍ତକାରୀ ଅଧିକାରୀ ନିର୍ଦ୍ଦେଶ ଦିଆଯାଇଛି।


ବୈଠକରେ ଏସ୍‌ପି, ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ଅଟୋ ଓଲଟି ୭ ଦଣ୍ଡୁଆ ଆହତ


ଆହତମାନଙ୍କ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

ଭାପୁର,୧୦।୪ (ପ୍ରଭାତ ବରାଡ)

ଫତେଗଡ଼ ଥାନା ଅନ୍ତର୍ଗତ ବଡସହରା ପଞ୍ଚାୟତର ମାନସିକଧାରୀ ଦଣ୍ଡୁଆଙ୍କ ଅଟୋ ଶୁକ୍ରବାର ଓଲଟି ପଡିବାରୁ ୪ ଜଣ ଦଣ୍ଡୁଆ ଆହତ ଓ ୩ ଜଣ ଗୁରୁତର ହୋଇଥିବା ଜଣାପଡିଛି। ବଡସହରା ପଞ୍ଚାୟତର ପାଟଣାଜାମୁସାହିର ଦଣ୍ଡୁଆମାନେ ଶୁକ୍ରବାର ସକାଳୁ ଏକ ଅଟୋରେ ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିରରକୁ ପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ। ଦର୍ଶନ ସାରି ଫେରୁଥିବାବେଳେ ଅଟୋର ଦଣ୍ଡୁଆ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଅଟୋଟି ଓଲଟି ପଡିଥିଲା। ସ୍ଥାନୀୟ ଯୁବକମାନେ ଆହତ ୭ଜଣ ଦଣ୍ଡୁଆଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ରାମମନ୍ଦିର ଦର୍ଶନ ପାଇଁ ଯାଇଥିବା ଦଣ୍ଡୁଆମାନେ ହେଲେ ଜାମୁସାହି ଗ୍ରାମର ଫକିର ବେହେରା, ସନ୍ତୋଷ କୁମାର ବେହେରା, କାବୁଲି କୁମାର ସାହୁ, ଗୋପାଳ ବେହେରା, ବଡସହରା ଗାଁର ବସନ୍ତ କୁମାର ନାୟକ, ଆଲୋକ କୁମାର ପ୍ରଧାନ, ଅଯୋଧ୍ୟା ପଲେଇ। ୪ଜଣ ଆହତ ହୋଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ୩ଜଣ ଗୁରୁତର ଦଣ୍ଡୁଆ ଫକିର, ବସନ୍ତ ଓ ଆଲୋକଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଡାକ୍ତରଙ୍କଠାରୁ ସୂଚନା ମିଳିଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବଡସହରା ପଞ୍ଚାୟତର ସରପଞ୍ଚ କାଳିଆ ଆଲୁକ, ଶାସନ ପଞ୍ଚାୟତର ସମିତିସଭ୍ୟ କାହ୍ନୁଚରଣ ପ୍ରଧାନ, ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ପହଞ୍ଚି ଆହତମାନଙ୍କୁ ଚିକିତ୍ସାରେ ସହଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଜବତକରିବା ସହ ତଦନ୍ତ ଚାଲୁ ରଖିଥିବା ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚନ୍ଦନ


@ ଉଦୟଭାନୁ


@ ବିବେକାନନ୍ଦ


@ ପ୍ରିୟଙ୍କା


@କ୍ଷେତ୍ରମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଜେ ଉଦ୍ୟମୀ ହୋଇ ଅନ୍ୟଙ୍କୁ ରୋଜଗାର ଦିଅ

## ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ସଚେତନା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଓଡ଼ଗାଁ,୧୦।୪ (ନାରାୟଣ ପାଣିଗ୍ରାହୀ)

ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶାନୁଯାୟୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଓ ଆର୍ଥିକ ସଚେତନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱୟଂ ରୋଜଗାର,ଉଦ୍ୟମିତା ଓ ଆର୍ଥିକ ସ୍ୱାଧୀନତା ପ୍ରତି ଆଗ୍ରହ ଏବଂ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ଗାଁ ଇ-ଲର୍ନିଂ କେନ୍ଦ୍ରର ଅଧ୍ୟକ୍ଷ ସର୍ବେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଷ୍ଟାର୍ଟଅପ ଜଗତର ବିଭିନ୍ନ ପ୍ରାଙ୍ଗଣ ସମ୍ବନ୍ଧରେ ବ୍ୟାପକ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଆଜିର ଯୁବପିଢ଼ି କେବଳ ଚାକିରି ପ୍ରତି ନୁହେଁ, ବରଂ ନିଜେ ଉଦ୍ୟମୀ ହୋଇ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେବାରେ ସମର୍ଥ ହେବା ଆବଶ୍ୟକ। ଡିଜିଟାଲ ଯୁଗରେ ଅନ୍‌ଲାଇନ ବ୍ୟବସାୟ, ଇ-ଲର୍ନିଂ ଓ ନୂତନ ଟେକ୍‌ନିକ ଉପଯୋଗକରି କିପରି ଅଳ୍ପ ପୁଞ୍ଜିରେ ବଡ଼ ସଫଳତା ଲାଭ କରିପାରିବ ସେ ବିଷୟରେ ସେ ଉଦାହରଣ ଦେଇଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଅବନୀକାନ୍ତ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ସାମିଲହୋଇ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ନିଜ ଜିଜ୍ଞାସା ଦୂର କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ।

# ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ ପ୍ରତିଶ୍ରୁତି ମିଳିଲା

ଖଣ୍ଡପଡା,୧୦।୪
(ଅଜୟ କୁମାର ମହାରଣା)

### ଖଣ୍ଡପଡ଼ା ଏନ୍‌ଏସି ସମ୍ମୁଖରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ



ସହରାଞ୍ଚଳ ଆବାସ ପାଇଁ ଖଣ୍ଡପଡ଼ା ଏନ୍‌ଏସି ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖଣ୍ଡପଡ଼ା ସହରାଞ୍ଚଳରେ ବାସଗୃହ, ଖାଦ୍ୟ ସୁରକ୍ଷା ଭଳି ମୌଳିକ ଯୋଜନାକୁ ପ୍ରଶାସନ ପକ୍ଷରୁ ସୁନିଶ୍ଚିତ କରାଯାଉ ନ ଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ହେଉ ନ ଥିବା ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳୁ ନ ଥିବା ପ୍ରତିବାଦରେ ଶୁକ୍ରବାର ନଗର କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ସ୍ୱରୂପ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ ପରେ ଆସନ୍ତା ୨୦ ତାରିଖ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯିବାର ପ୍ରତିଶ୍ରୁତି ମିଳିଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସହରାଞ୍ଚଳର ହାତଗଣତି ୪ରୁ ୫ ଜଣଙ୍କୁ ୪ ଦିନ ତଳେ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟକ୍ରମକୁ କୌଣସି କାରଣରୁ ବାତିଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି, କାଉନସିଲର ସରୋଜ ପ୍ରଧାନଙ୍କ ସମେତ କର୍ମୀମାନେ ଓ ଆବାସ ଯୋଜନାରେ ସାମିଲ ହେବାକୁ ଥିବା ଯୋଗ୍ୟ ହିତାଧିକାରୀ ୫୦ରୁ ଊର୍ଦ୍ଧ୍ୱ ଖଣ୍ଡପଡା ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଶୋଭାଯାତ୍ରାରେ ବାହାରି ଏନ୍‌ଏସି କାର୍ଯ୍ୟାଳୟ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବାକୁ ଥିବା ୧୯୪ ହିତାଧିକାରୀଙ୍କ ଡକ୍ୟୁମେଣ୍ଟ ତଦାରଖ କରିବା ପରେ ଯେଉଁମାନେ ହକଦାର ହେବେ ସେମାନଙ୍କୁ ଆସନ୍ତା ୨୦ ତାରିଖ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ର ପ୍ରତିଶ୍ରୁତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଯଦି ପ୍ରତିଶ୍ରୁତି ମତେ କାର୍ଯ୍ୟାଦେଶ ପତ୍ର ଆସନ୍ତା ୨୦ତାରିଖ ମଧ୍ୟରେ ପ୍ରଦାନ କରା ନ ଯାଏ ତେବେ ୨୧ ତାରିଖରେ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନଗର କଂଗ୍ରେସ ସଭାପତି ସାହୁ ଓ କଂଗ୍ରେସ ନେତ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ଡିଜିଟାଲ ଠକେଇ ରୋକିବାକୁ ଆର୍‌ବିଆଇର ପଦକ୍ଷେପ

## ୧୦ ହଜାରରୁ ଅଧିକ କାରବାର ପାଇଁ ରହିବ ୧ଘଣ୍ଟାର 'କୁଲିଂ ଅଫ୍ ପରିୟଡ୍'



ମୁମ୍ବାଇ, ୧୦।୪

ଏବେ ଡିଜିଟାଲ ବ୍ୟବସ୍ଥାରେ ନେଣଦେଣ ପାଇଁ ସମୟକୁ ନେଇ କୌଣସି ପ୍ରତିବନ୍ଧକ ନାହିଁ। ରିଅଲ୍ ଟାଇମ୍ ପେମେଣ୍ଟ ସିଷ୍ଟମ୍ (ଆଇଏମ୍‌ପିଏସ୍ ) କିମ୍ବା ୟୁପିଆଇ ବ୍ୟବସ୍ଥାରେ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ଟଙ୍କା କାରବାର କରାଯାଇପାରୁଛି। ଡିଜିଟାଲ ବ୍ୟବସ୍ଥାରେ ଅର୍ଥ କାରବାର ଅତ୍ୟନ୍ତ ସହଜ ହୋଇଥିଲେ ମଧ୍ୟ ଠକେଇ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ଘଟଣା ଚିନ୍ତାର କାରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ନୂଆ ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଏଣିକି ୟୁପିଆଇ କିମ୍ବା ଆଇଏମ୍‌ପିଏସ୍‌ରେ ୧୦ ହଜାର ଟଙ୍କାରୁ ଅଧିକ ପରିମାଣର ଅର୍ଥ କାରବାର ପାଇଁ ୧ ଘଣ୍ଟାର କୁଲିଂ ଅଫ୍ ପରିୟଡ୍ ବାଧ୍ୟତାମୂଳକ ହେବ। ଅର୍ଥାତ୍ ଜଣେ ୧୦ ହଜାର ଟଙ୍କାରୁ ଅଧିକ ଟଙ୍କା ଡିଜିଟାଲ ବ୍ୟବସ୍ଥାରେ କାହାରିକୁ ପଠାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରେ ଏହା ୧ ଘଣ୍ଟା ପରେ କ୍ରେଡିଟ୍ ହେବ। ଏହି ବ୍ୟବସ୍ଥା କେବଳ ପର୍ସନ-ଟୁ-ପର୍ସନ ବା ବ୍ୟକ୍ତିଗତ ସ୍ତରରେ ହେଉଥିବା କାରବାର ପାଇଁ ଲାଗୁ ହେବ। କିନ୍ତୁ ଯଦି ଜଣେ କୌଣସି ବ୍ୟବସାୟିକ ଅନୁଷ୍ଠାନ କିମ୍ବା ଭେରିଫାଏଡ୍ କଷ୍ଟମରଙ୍କୁ ୧୦ ହଜାର ଟଙ୍କାରୁ ଅଧିକ ପରିମାଣର ଅର୍ଥ ପେମେଣ୍ଟ କରନ୍ତି ତେବେ ଏଥିପାଇଁ କୌଣସି ସମୟ ଲାଗିବ ନାହିଁ ଏବଂ ଏହା ତତ୍‌କ୍ଷଣାତ୍ କ୍ରେଡିଟ୍ ହେବ। ପର୍ସନ-ଟୁ-ପର୍ସନ ସ୍ତରରେ ହେଉଥିବା କାରବାରରେ ଅଧିକ ଡିଜିଟାଲ ଠକେଇ ହେଉଥିବାରୁ ଏଥିରୁ ସୁରକ୍ଷା ଦେବାକୁ ଆର୍‌ବିଆଇ ଏଭଳି ପଦକ୍ଷେପ ନେବାକୁ ଯାଉଥିବା ଜଣାପଡ଼ିଛି। ୧ ଘଣ୍ଟାର କୁଲିଂ ଅଫ୍ ପରିୟଡ୍ ଲାଗୁ ହେଲେ ଜଣେ ଠକେଇର ଶିକାର ହେଲେ ମଧ୍ୟ ତାଙ୍କ ଅର୍ଥ ଫେରିପାଇବାକୁ ସୁଯୋଗ ମିଳିବ। କାରଣ ଯାହା ଆକାଉଣ୍ଟକୁ ଟଙ୍କା ଯାଇଥିବ ତାହା ୧ ଘଣ୍ଟା ପରେ ହିଁ କ୍ରେଡିଟ୍ ହେଉଥିବାରୁ ଏହି ସମୟ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗକରି ତାହାକୁ ବନ୍ଦ କରିଦେଇପାରିବେ।

ଉଲ୍ଲେଖଯୋଗ୍ୟ ,ଗତ ୪ ବର୍ଷ ମଧ୍ୟରେ ଦେଶରେ ଡିଜିଟାଲ ଠକେଇ ସଂଖ୍ୟା ୧୦ ଗୁଣରୁ ଅଧିକ ବୃଦ୍ଧି ପାଇଥିଲାବେଳେ ମୋଟା ଅଙ୍କର ଅର୍ଥ କାରବାର କ୍ଷେତ୍ରରେ ଠକେଇ ସଂଖ୍ୟା ଅଧିକ ରହିଛି। ୨୦୨୧ରେ ଡିଜିଟାଲ ଠକେଇ ପରିମାଣ ଥିଲା ୫୫୧ କୋଟି ଟଙ୍କା। କିନ୍ତୁ ୨୦୨୫ରେ ଏହି ପରିମାଣ ୨୨,୯୩୧ କୋଟି ଟଙ୍କାରେ ପହଞ୍ଚିଥିବା ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ(ଏନ୍‌ସିଆର୍‌ପି) ତଥ୍ୟରୁ ଜଣାପଡ଼ିବା ପରେ ରିଜର୍ଭ ବ୍ୟାଙ୍କ ଡିଜିଟାଲ କାରବାର କ୍ଷେତ୍ରକୁ ସୁରକ୍ଷା ଦେବା ଏବଂ ଠକେଇ ରୋକିବା ଲାଗି ଏକ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଉକ୍ତ କୁଲିଂ ଅଫ୍ ପରିୟଡ୍ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

# ସେନ୍‌ସେକ୍ସରେ ୯୧୮ ପଏଣ୍ଟ ବୃଦ୍ଧି



ମୁମ୍ବାଇ, ୧୦।୪

ଚଳିତ ସପ୍ତାହର ଶେଷ କାରବାର ଦିବସ ଭାବେ ଶୁକ୍ରବାର ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଶେୟାର କାରବାରରେ ଭଲ ପ୍ରଦର୍ଶନ ହୋଇଛି। ଗୁରୁବାର କେତେକ କ୍ଷେତ୍ରରୁ ନିବେଶକ ପୁଞ୍ଜି ପ୍ରତ୍ୟାହାର କରିନେବାରୁ ସେନ୍‌ସେକ୍ସରେ ୮୦୦ରୁ ଅଧିକ ପଏଣ୍ଟ ହ୍ରାସ ଘଟିଥିଲା। କିନ୍ତୁ ଶୁକ୍ରବାର ଶେୟାର ବଜାର ପୁଣି ଉତ୍ସାହିତ ରହିବା ସହ ଉଭୟ ସୂଚକାଙ୍କରେ ବୃଦ୍ଧି ଘଟିଛି। ସେନ୍‌ସେକ୍ସରେ ୯୧୮ ପଏଣ୍ଟ ବୃଦ୍ଧି ସହିତ କାରବାର ଶେଷ ବେଳକୁ ଏହା ୭୭,୫୫୦ରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ମଧ୍ୟ ୨୭୫ ପଏଣ୍ଟ ବୃଦ୍ଧିରେ ୨୪,୦୫୦ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆମେରିକା ଏବଂ ଇରାନ୍ ମଧ୍ୟରେ ବୁଝାମଣାକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲାବେଳେ ଶନିବାର ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହାକୁ ନେଇ ପୁଞ୍ଜି ବଜାରରେ ଅସ୍ଥିରତା ଲାଗି ରହିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ସ୍ଥିର ରହୁ ନ ଥିବାରୁ ଏହାର ପ୍ରଭାବ ମଧ୍ୟ ଶେୟାର ବଜାର ଉପରେ ଅନୁଭୂତ ହେଉଛି। ଅନ୍ୟପକ୍ଷରେ ଶୁକ୍ରବାର କାରବାର ଅନୁସାରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଆହୁରି ୧୭ ପଇସା ହ୍ରାସ ଘଟି ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୩.୦୪ ରହିଛି।



ବିଏସ୍‌ଇ ସେନ୍‌ସେକ୍ସ
୭୭, ୫୫୦(+୯୧୮)



୧ ଡଲାର = ୯୩.୦୪ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୮.୮୦ ଡଲାର

# ଜାତୀୟ ସ୍ତରରେ ଇଫ୍‌କୋର ନାନୋ ସାର ସଚେତନତା କାର୍ଯ୍ୟକ୍ରମ



ନୂଆଦିଲ୍ଲୀ, ୧୦।୪

ନାନୋ ସାର ବ୍ୟବହାରକୁ ନେଇ ଇଫ୍‌କୋ ଜାତୀୟ ସ୍ତରରେ ଶୁକ୍ରବାର ଏକ ମେଗା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସାଂଘାନି ସଚେତନତା ବାର୍ତ୍ତା ନେଇ ଦିଲ୍ଲୀରୁ ବାହାରିଥିବା ଭ୍ୟାନ୍‌କୁ ପତାକା ଦେଖାଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସୂଚନା ଦେଇ ସେ କହିଛନ୍ତି, ନାନୋ ସାର ଉପଯୋଗ ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନ ଦେଶର ୧୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୫୬୦ ଜିଲା ସମେତ ୩୪୭୭ ତହସିଲରେ କରାଯିବ। ଏଥିସହ ଏହି ଅଭିଯାନ ବିଭିନ୍ନ ଡିଜିଟାଲ ମିଡିଆ, ଛାପା ଗଣମାଧ୍ୟମ, ଟିଭି ଏବଂ ରେଡିଓ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ। ବର୍ତ୍ତମାନ ସୁଦ୍ଧା ଫର୍ଟିଲାଇଜର କଣ୍ଟ୍ରୋଲ ଅର୍ଡର(ଏଫ୍‌ସିଓ)ରେ ନାନୋ ଏନ୍‌ପିକେ ଲିକ୍ୱିଡ୍, ନାନୋ ଏନ୍‌ପିକେ ଗ୍ରାନୁଲାର ସାମିଲ ହୋଇସାରିଛି। ଏହାର ଉପଯୋଗ ଭାରତୀୟ କୃଷି କ୍ଷେତ୍ର ପାଇଁ ମାଇଲଖୁଣ୍ଟ ହେବ ବୋଲି ସାଂଘାନି କହିଛନ୍ତି।

# ଭିଆଇଟି ଚେନ୍ନାଇରେ ବିଶ୍ୱବିଦ୍ୟାଳୟ ଦିବସ ଉଦ୍‌ଯାପିତ

ଚେନ୍ନାଇ,୧୦।୪

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି) ଚେନ୍ନାଇ କ୍ୟାମ୍ପସରେ ବିଶ୍ୱବିଦ୍ୟାଳୟ ଦିବସ ପାଳନ କରାଯାଇଛି। ଇଣ୍ଡିଆନ୍ ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର ତଥା ସିଇଓ ବିନୋଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭିଆଇଟି ଚେନ୍ନାଇର ପୁରାତନ ଛାତ୍ର ମେଜର ବୈଭବ ଚୌରାସିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭିଆଇଟିର ପ୍ରତିଷ୍ଠାତା ଓ ଚାନ୍‌ସେଲର ଡ. ଜି. ବିଶ୍ୱନାଥନ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଭିଆଇଟିର ଉପସଭାପତି ଡ. ଜି.ଭି. ସେଲଭମ୍ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିନୋଦ କୁମାର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ନିଜକୁ ପ୍ରସ୍ତୁତ କରିବା ପାଇଁ ଅବିରତ ପ୍ରୟାସ ଏବଂ ଅନୁକୂଳନ କ୍ଷମତା ଅତ୍ୟନ୍ତ ଜରୁରୀ। ସେ ଉଦ୍ଭାବନ ଏବଂ ଉପଭୋକ୍ତା ଅନୁଭୂତି ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଭିଆଇଟି ଚେନ୍ନାଇର ପ୍ରୋ-ଭାଇସ୍ ଚାନ୍‌ସେଲର ପ୍ରଫେସର ଟି. ତ୍ୟାଗରାଜନ, ଡାଇରେକ୍ଟର ପ୍ରଫେସର କେ. ସତ୍ୟନାରାୟଣନ ଏବଂ ଆଡିସନାଲ ରେଜିଷ୍ଟ୍ରାର ପ୍ରଫେସର ପି.କେ. ମନୋହରନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଲାଲ୍‌ଚନ୍ଦ୍ ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା

## ମେକିଂ ଚାର୍ଜରେ ବଡ଼ ରିହାତି

ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜୁଏଲେରି ବ୍ରାଣ୍ଡ ଲାଲ୍‌ଚନ୍ଦ୍ ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ଏଥିରେ ଅକ୍ଷୟ ତୃତୀୟା ଗ୍ରେଟ୍ ଗୋଲ୍ଡ ରଶ୍ ଅଫର ରହିଛି ଯେଉଁଥିରେ ଗ୍ରାହକମାନେ ସବୁଠୁ କମ୍ ମେକିଂ ଚାର୍ଜ, ବିଶାଳ ଡିଜାଇନ ସଂଗ୍ରହ ଓ ବହୁ ଆକର୍ଷଣୀୟ ଅଫର ପାଇପାରିବେ। ଏହି ବିଶେଷ ଉତ୍ସବରେ ଚୁଡ଼ି ବ୍ୟତୀତ ଅନ୍ୟ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ୍ ସୁନାଗହଣାରେ କେବଳ ୫.୯% ମେକିଂ ଚାର୍ଜ ରଖାଯାଇଛି। ସେହିପରି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ୍ ସୁନାଚୁଡ଼ିରେ କେବଳ ୬.୯% ମେକିଂ ଚାର୍ଜ ଦିଆଯାଉଛି। ସମସ୍ତ ରୁପା ଗହଣାରେ ୬୦% ପର୍ଯ୍ୟନ୍ତ ମେକିଂ ଚାର୍ଜ ରିହାତି ଏବଂ ସମସ୍ତ ଆଇଜିଆଇ ସାର୍ଟିଫାଇଡ୍ ହୀରା ମୂଲ୍ୟରେ ୩୦% ରିହାତି ମଧ୍ୟ ଘୋଷଣା କରାଯାଇଛି। ଏହା ସହ ଗ୍ରାହକମାନଙ୍କ ପାଇଁ ସ୍ମାର୍ଟ ଗୋଲ୍ଡ ପ୍ରି-ବୁକିଂ ସୁବିଧା ମଧ୍ୟ ଉପଲବ୍ଧ ରହିଛି। କେବଳ ୨୦% ଅଗ୍ରିମ ଦେଇ ଗ୍ରାହକମାନେ ସୁନା ଦର ଲକ୍ କରିପାରିବେ ଏବଂ ପରେ ବୁକିଂ ଦର କିମ୍ବା କ୍ରୟ ଦର ମଧ୍ୟରୁ ଯେଉଁଟି କମ୍ ହେବ, ସେହି ଦରରେ ସୁନା କିଣିପାରିବେ। ସୋନେ ପେ ସୁହାଗା ଯୋଜନାରେ ଗ୍ରାହକମାନେ ୦% ମେକିଂ ଚାର୍ଜରେ ସୁନାଗହଣା ପାଇବାର ସୁଯୋଗ ମଧ୍ୟ ରହିଛି। ସେହିପରି ପୁରୁଣା ଏଚ୍‌ୟୁଆଇଡି ସୁନାରେ ୧୦୦% ଭ୍ୟାଲୁ ମିଳୁଛି। ଏମ୍‌ଏମ୍‌ଟିସି ୯୯୯.୯ ପ୍ୟୋର୍ ଗୋଲ୍ଡ ଓ ସିଲଭର୍ କଏନ୍ ମଧ୍ୟ ଉପଲବ୍ଧ ରହିଛି। ଅକ୍ଷୟ ତୃତୀୟା ଅବସରରେ ଷ୍ଟୋର ପକ୍ଷରୁ ଆଣ୍ଟିକ୍, ଇଟାଲିଆନ୍, ଲାଇଟୱେଟ୍, ଡିଜାଇନର, ବ୍ରାଇଡାଲ, ହ୍ୟାଣ୍ଡକ୍ରାଫ୍ଟେଡ୍, ଡେଲି ୱେର୍ ଓ ଫ୍ୟାନ୍ସି ଚୁଡ଼ି ସହ ଭିନ୍ନ ରୁଚି, ବୟସ ଓ ଅବସର ପାଇଁ ବିଶାଳ ରେଞ୍ଜ ଉପଲବ୍ଧ ରହିଛି।

# ତନିସ୍କ ପକ୍ଷରୁ ନୂଆ ସଂଗ୍ରହ 'ହ୍ୟୁଜ୍'ର ଶୁଭାରମ୍ଭ




ଭୁବନେଶ୍ୱର,୧୦।୪

ଅକ୍ଷୟ ତୃତୀୟା ପାଖେଇ ଆସୁଥିବା ବେଳେ ଅଗ୍ରଣୀ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ଗ୍ରାହକମାନଙ୍କ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ପ୍ରାକୃତିକ ଜେମ୍‌ଷ୍ଟୋନ (ରତ୍ନପଥର) ଗହଣାର ଏକ ନୂତନ ସଂଗ୍ରହ ଉପସ୍ଥାପନ କରାଯାଇଛି। ଏହି ବର୍ଗରେ କମ୍ପାନୀ 'ହ୍ୟୁଜ୍' ନାମରେ ନୂତନ ସଂଗ୍ରହକୁ ଉନ୍ମୋଚନକରିଛି। ଅସଲି ଓ ଡିଜାଇନ ଆଧାରିତ ସୌନ୍ଦର୍ଯ୍ୟ ପାଇଁ ପରିଚିତ ଏହି କ୍ଷେତ୍ରରେ ତନିସ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣକରି ୧୦୦% ପ୍ରାକୃତିକ ରତ୍ନପଥର ଚୟନକରି ଏହାକୁ ପ୍ରସ୍ତୁତ କରିଛି। ଆଧୁନିକ ମହିଳାମାନଙ୍କ ମଧ୍ୟରେ ଏଭଳି ଅଳଙ୍କାର ପ୍ରତି ଆଗ୍ରହ ବଢ଼ୁଛି ; ଯାହା ସ୍ୱତନ୍ତ୍ରତା, ବ୍ୟକ୍ତିତ୍ୱ ଓ ଯୁବ ସୁଲଭତା ପ୍ରଦାନ କରୁଛି। ତନିସ୍କ ସେହି ପରିବର୍ତ୍ତନକୁ ନଜରରେ ରଖି ପ୍ରାକୃତିକ ରତ୍ନପଥରକୁ ନେଇ ଉଭୟ ନିତିଦିନିଆ ପରିଧାନ ଓ ସ୍ୱତନ୍ତ୍ର ଅବସର ପାଇଁ ଗହଣାଗୁଡ଼ିକୁ ପ୍ରସ୍ତୁତ କରିଥିବା ପ୍ରକାଶ କରିଛି। 'ହ୍ୟୁଜ୍' ସଂଗ୍ରହର ପ୍ରତିଟି ଡିଜାଇନର କେନ୍ଦ୍ରସ୍ଥଳରେ ରତ୍ନପଥର ସହ ବିଭିନ୍ନ ଢାଞ୍ଚା ଓ ସିଲ୍‌ହୋଟ୍ ରହିଛି। ଯାହାକୁ ଯତ୍ନର ସହ ପ୍ରାକୃତିକ ଉଜ୍ଜ୍ୱଳତା ଏବଂ ଗଭୀରତାରେ ଉନ୍ନତି ଆଣିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ଏହି ସଂଗ୍ରହରେ କ୍ଲାସିକ୍ ଓ ତାବିଜ କଟ୍, କାବୋକନ ଫିନିସ୍ ଷ୍ଟୋନ୍ ବ୍ୟବହାର କରାଯାଇଛି ଯାହା ସ୍ୱତନ୍ତ୍ର ଚରିତ୍ର ଓ ଚମତ୍କାରିତା ପ୍ରଦାନ କରୁଛି। ୧୮ କ୍ୟାରେଟ୍ ସୁନାରେ ପ୍ରସ୍ତୁତ 'ହ୍ୟୁଜ' ସଂଗ୍ରହର ଗହଣାଗୁଡ଼ିକ ଏହି ଅକ୍ଷୟ ତୃତୀୟା ସୁନା କ୍ରୟ ଅନୁଭୂତିକୁ ପରିବର୍ତ୍ତନ କରିବ ଯାହା ପାରମ୍ପରିକ, ନିବେଶ ଆଧାରିତ କ୍ରୟଠାରୁ ସ୍ୱତନ୍ତ୍ର ହେବ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ପ୍ରାକୃତିକ ରଙ୍ଗର ରତ୍ନପଥର ଯଥା ପାନ୍ନା, ଏମିଥିଷ୍ଟ, ସିଟ୍ରିନ, ଟୁର୍ମାଲିନ ଓ ତାଞ୍ଜାନାଇଟକୁ ଯତ୍ନର ସହ ସଂଗ୍ରହ କରାଯାଇ ଏକ ସଂଗ୍ରହରେ ଏକତ୍ରିତ କରାଯାଇଛି ଯାହା ଗ୍ରାହକମାନଙ୍କୁ ଆକୃଷ୍ଟ କରିପାରିବ। ଏହି ଶୁଭାରମ୍ଭ ବିଷୟରେ ଟାଇଟନ୍ କମ୍ପାନୀ ଲିମିଟେଡ୍‌ର ମୁଖ୍ୟ ମାର୍କେଟିଂ ଅଫିସର ପେଲ୍‌କି ସେରିଙ୍ଗ୍ କହିଛନ୍ତି, ଆଧୁନିକ ଭାରତୀୟ ନାରୀ କିପରି ପ୍ରାକୃତିକ ରତ୍ନପଥରକୁ ଅନୁଭବ କରନ୍ତି, ତାହାକୁ ଏକ ନୂଆ ରୂପ ଦେବା ପାଇଁ ଆମେ ବହୁ ଉତ୍ସାହିତ।

# ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ



ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଜନତା ମଇଦାନରେ ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା- ୨୦୨୬ ଶୁକ୍ରବାର ଆରମ୍ଭ ହୋଇଛି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭାଜପା ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନ୍‌ଗୋ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ କର୍ମୀ ରୋଜାଲିନ୍ ପାଢ଼ଶାଣୀ, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ ଗୁପ୍ତା, ପରିଚାଳନା ନିର୍ଦ୍ଦେଶକ ସୁଜିତ୍ ଗୁପ୍ତା, କଳ୍ପନା ଦାଶ ଏବଂ ରବି ସାମଲ ପ୍ରମୁଖ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ଏପ୍ରିଲ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମଲ୍ଟିସେକ୍ଟର ବି୨ବି ଏବଂ ବି୨ସି ପ୍ରଦର୍ଶନୀ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶ ଅଂଶ ଗ୍ରହଣ କରିଛନ୍ତି। ୧ଲକ୍ଷରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ଉତ୍ପାଦ ଏଠାରେ ଉପଲବ୍ଧ ହେବ। ସମଗ୍ର ଭାରତର ଆସବାବପତ୍ର ଯେଉଁଥିରେ କି କଶ୍ମୀରର ଆସବାବପତ୍ର, ଖୋଦେଇ, ପୁରାତନ ଆସବାବପତ୍ର, ସୋଫାସେଟ୍, ଡାଇନିଂ ସେଟ୍ ଏବଂ କାର୍ଡିଂ ଝୁଲା, ଆଫଗାନିସ୍ତାନର ୧୦୦ ପ୍ରକାର ଡ୍ରାଏ ଫ୍ରୁଟସ୍, ବାଂଲାଦେଶ ହ୍ୟାଣ୍ଡଲୁମ୍‌ର ଜମଦାନୀ ଶାଢ଼ି, ଇରାନରୁ ଇରାନୀ ଖଜୁରି, ଜୁଏଲେରି ଏବଂ ହର୍ବାଲ ତେଲ, ଦୁବାଇର ଅତର, ଥାଇଲାଣ୍ଡର ଗହଣା, ଜୋତା ଏବଂ ପୋଷାକ, କୋରିଆର ମହିଳା ପ୍ରସାଧନ ସାମଗ୍ରୀ ଭାରତୀୟ ହସ୍ତତନ୍ତ ଆଣ୍ଟିକ୍ ମେଟାଲ ଏବଂ ବିଭିନ୍ନ ପଥରର ଗହଣା ଉତ୍ତରପ୍ରଦେଶର ଇରାନୀ, କଂସା ଓ ପିତଳର ପଦାର୍ଥ, ଦୁବାଇର ପରିଧାନ, ଆଣ୍ଟିକ ଘରସଜା ଓ କାନ୍ଥସଜା ଫ୍ରେମ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଚମଡ଼ାରେ ପ୍ରସ୍ତୁତ ଜିନିଷ, ସିଙ୍ଗାପୁରର ସାମଗ୍ରୀ ମାଲେସିଆର ଫାଉଣ୍ଟେନ ଖଦି ଏବଂ କୁରେସିଆ ବସ୍ତ୍ର ଭାଗଲପୁର, ପଞ୍ଜାବ,। ଚମ୍ପାରନ ମଟନ ସହ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟର ମଜା ଗ୍ରାହକ ନେଇପାରିବେ ।

# ୨,୬୯୧ ମେଗାୱାଟ୍ ବିଦ୍ୟୁତ୍ ଚାହିଦା ପୂରଣ କରିବ ଟିପିସିଓଡିଏଲ୍

ଭୁବନେଶ୍ୱର,୧୦।୪(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ଗ୍ରୀଷ୍ମ ଋତୁ ପାଇଁ ଆକଳିତ ୨,୬୯୧ ମେଗାୱାଟର ପିକ ବିଦ୍ୟୁତ ଚାହିଦାକୁ ପୂରଣ କରିବା ପାଇଁ ନିଜର ନେଟୱର୍କକୁ ସୁଦୃଢ଼ କରିଛି। କମ୍ପାନୀ ପକ୍ଷରୁ ୧୫୩ ଏମଭିଏ ନେଟୱର୍କ କ୍ଷମତା ବୃଦ୍ଧି କରାଯାଇଛି, ରିଅଲ-ଟାଇମ୍ ଗ୍ରୀଡ୍ ମନିଟରିଂ ବ୍ୟବସ୍ଥାକୁ ଉନ୍ନତ କରାଯାଇଛି ଏବଂ ନିଜର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ୯,୦୦୦ରୁ ଅଧିକ କ୍ଷେତ୍ର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁଶନ ଟେକ୍ନୋଲୋଜି ସେଣ୍ଟର ଗ୍ରୀଷ୍ମକାଳୀନ ପିକ ଡିମାଣ୍ଡ ସମୟରେ ବିତରଣ ନେଟୱର୍କ ପରିଚାଳନାର କେନ୍ଦ୍ର ବିନ୍ଦୁ ଭାବେ କାର୍ଯ୍ୟ କରେ। ଇଣ୍ଟିଗ୍ରେଟେଡ୍ ସୁପରଭାଇଜରୀ କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ୍ (ସ୍କାଡା) ଏବଂ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡିଏମଏସ) ପ୍ଲାଟଫର୍ମ ମାଧ୍ୟମରେ, ଅପରେଟରମାନେ ଲୋଡ୍ ଫ୍ଲୋ ପରିଚାଳନା କରିବା ଏବଂ ଯୋଗାଣରେ ବ୍ୟାଘାତ ସମୟରେ ତୁରନ୍ତ ସମାଧାନ ପାଇଁ ୩୩ କେଭି ଫିଡର, ପ୍ରାଇମେରୀ ସବଷ୍ଟେସନ ଏବଂ ୧୧ କେଭି ଫିଡରଗୁଡ଼ିକୁ ରିଅଲ-ଟାଇମରେ କ୍ରମାଗତ ଭାବେ ନିରୀକ୍ଷଣ କରନ୍ତି।

# ଖୋର୍ଦ୍ଧାରେ ବନ୍‌ଭି ଏରୋର ନୂଆ ଡ୍ରୋନ୍ ପାର୍କ

## ୟୁଏଭି ଇକୋସିଷ୍ଟମ ସଶକ୍ତୀକରଣ ପାଇଁ ୩୦୦ କୋଟି ଟଙ୍କା ନିବେଶ



ଭୁବନେଶ୍ୱର ,୧୦।୪

ଓଡିଶାର ଏରୋସ୍ପେସ ଓ ଡିଫେନ୍ସ ମାନୁଫାକ୍‌ଚରିଂ ଇକୋସିଷ୍ଟମ ପାଇଁ ଏକ ବଡ ପ୍ରୋତ୍ସାହନ ରୂପେ ବନ୍‌ଭି ଏରୋ ଖୋର୍ଦ୍ଧାଠାରେ ଏହାର ଷ୍ଟେଟ-ଅଫ୍-ଦ-ଆର୍ଟ ଡ୍ରୋନ ପାର୍କ ଆରମ୍ଭ କରିଛି। ଏହି ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି। ପ୍ରାୟ ୩୦ ଏକର ପରିମିତ ଜମିରେ ଦୁଇଟି ପର୍ଯ୍ୟାୟରେ ଯୋଜନା କରାଯାଇଥିବା ଏହି ପ୍ରକଳ୍ପରେ ୩୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାନୁଫାକଚରିଂ, ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପମେଣ୍ଟ, ପାଇଲଟ ଟ୍ରେନିଂ ଓ ପରିଚାଳନା କ୍ଷେତ୍ରରେ ୧୦୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଡ୍ରୋନ ପାର୍କର କମିଶନିଙ୍ଗ ଉଦ୍ଭାବନ-ଭିତ୍ତିକ ବିକାଶଠାରୁ ବିସ୍ତୃତ ୟୁଏଭି ମାନୁଫାକଚରିଂ ପର୍ଯ୍ୟନ୍ତ ବନ୍‌ଭି ଏରୋର ରୂପାନ୍ତରଣକୁ ସୂଚିତ କରୁଛି ଯାହା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ସହ ସମନ୍ୱିତ ରହିଛି। ଏହି ଅବସରରେ ବନ୍‌ଭି ଏରୋର ପ୍ରତିଷ୍ଠାତା ସତ୍ୟବ୍ରତ ଶତପଥୀ କହିଛନ୍ତି, ଏହି ପଦକ୍ଷେପ ଉତ୍ପାଦନ ବାହାରେ ଏକ ମଜବୁତ ସ୍ଥାନୀୟ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଆନ୍ତର୍ଜାତୀୟ ୟୁଏଭି ଶିଳ୍ପରେ ଏକ ପ୍ରମୁଖ କ୍ଷେତ୍ର ଭାବେ ଓଡିଶାକୁ ପ୍ରତିଷ୍ଠା କରିବ। ଏହି ଡ୍ରୋନ ପାର୍କରେ ଘରୋଇ ଓ ଆନ୍ତର୍ଜାତୀୟ ବଜାରଗୁଡିକ ପାଇଁ ହଜାର ହଜାର ସଂଖ୍ୟକ ୟୁଏଭି ଉତ୍ପାଦନ କରିବାର କ୍ଷମତା ରଖିଥିବା ଅତ୍ୟାଧୁନିକ ଆସେମ୍ବ୍ଲି ଲାଇନ ରହିଛି। ଏଠାରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ), ଏକ ଉତ୍ସର୍ଗୀକୃତ ସ୍କିଲିଙ୍ଗ ସେଣ୍ଟର ରହିବ ଏବଂ ଏହା ଏମ୍‌ଏସ୍‌ଏମ୍‌ଇ, କମ୍ପୋନେଣ୍ଟ ବା ଉପାଦାନ ନିର୍ମାଣକାରୀ ଓ ଶିକ୍ଷାନୁଷ୍ଠାନଗୁଡିକ ସହ ସହଭାଗିତା ମାଧ୍ୟମରେ ଇକୋସିଷ୍ଟମର ବିକାଶକୁ ପ୍ରୋତ୍ସାହିତ କରିବ।

# ଟିଏସ୍‌ଏଫ୍ ପକ୍ଷରୁ ଏସ୍‌ଏଚ୍‌ଜି ସଶକ୍ତୀକରଣ ପଦକ୍ଷେପ

କାଳିଆପାଣି,୧୦।୪(ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁ ପଞ୍ଚାୟତରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ କୃଷି ଉତ୍ପାଦନ ବୃଦ୍ଧି କରିବା ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେଶନ(ଟିଏସ୍‌ଏଫ୍) ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ସେମାନଙ୍କୁ ଏକ ମିନି ରାଇସ୍ ମିଲ୍ ମେଶିନ ଏବଂ ପେଟ୍ରୋଲଚାଳିତ ପାଣି ପମ୍ପ ଯୋଗାଇ ଦିଆଯାଇଛି।

ରାଜ୍ୟ କୃଷି ବିଭାଗ, ମିଶନ ଶକ୍ତି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମନ୍ୱୟରେ ଫାଉଣ୍ଡେଶନର ଏହି ପ୍ରୟାସ ଯୋଗୁ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ସ୍ଥାନୀୟ 'ଗୋଜବାୟାଣୀ' ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ସଦସ୍ୟା ସରକାରୀ ସବ୍‌ସିଡିର ଲାଭ ଉଠାଇବା ସହ ଏକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଧାନ ପ୍ରକ୍ରିୟାକରଣ ସହଜ ହୋଇଛି। ଏହି ମିନି ରାଇସ ମିଲ୍ ମେଶିନ ଘଣ୍ଟା ପ୍ରତି ୭୫ କି.ଗ୍ରା. ଧାନ ପ୍ରକ୍ରିୟାକରଣ କ୍ଷମତା ରଖୁଛି, ଯାହା ଗାଁ ଲୋକଙ୍କ ପାଇଁ ଶସ୍ତା ଏବଂ ସହଜ ସୁଲଭ ହୋଇପାରିଛି। ଏହି ସୁବିଧାକୁ ଦୀର୍ଘସ୍ଥାୟୀ କରିବା ତଥା ଯନ୍ତ୍ରପାତି ରକ୍ଷଣାବେକ୍ଷଣ ପାଇଁ କିଲୋଗ୍ରାମ ପିଛା ମାତ୍ର ୧ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାସହ ପାଣିପମ୍ପ ବ୍ୟବହାର ଦ୍ୱାରା ଜଳସେଚନ କ୍ଷେତ୍ର ବୃଦ୍ଧିପାଇଛି, ଯାହା କୃଷି କାର୍ଯ୍ୟକୁ ଅଧିକ ଲାଭଦାୟକ କରିପାରିଛି। ମିନି ରାଇସ୍ ମିଲର୍ ମୂଲ୍ୟ ୩୫,୦୦୦ ଟଙ୍କା ହୋଇଥିବାବେଳେ ସରକାରୀ ଯୋଜନାରେ ୨୦,୦୦୦ ଟଙ୍କାର ସବ୍‌ସିଡି ମିଳିଛି। ସେହିଭଳି ୨୫,୦୦୦ ଟଙ୍କା ମୂଲ୍ୟର ପାଣି ପମ୍ପ ପାଇଁ ୧୫,୦୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ବାକି ଅର୍ଥ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜେ ବହନ କରିଛନ୍ତି, ଯାହା ସେମାନଙ୍କ ମଧ୍ୟରେ ମାଲିକାନା ଭାବ ଏବଂ ଦାୟିତ୍ୱବୋଧ ଭରିଦେଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସଂଗଠିତ କରିବା, କାଗଜପତ୍ର କାର୍ଯ୍ୟ ଏବଂ ବିଭିନ୍ନ ସରକାରୀ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିବାରେ ଟିଏସ୍‌ଏଫ୍ ଗ୍ରାସରୁଟ ଗଭର୍ନାନ୍ସ ଟିମ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଫାଉଣ୍ଡେଶନର ଗ୍ରାସରୁଟ ଗଭର୍ନାନ୍ସ ଏବଂ ବିକେନ୍ଦ୍ରୀକରଣ ଯୋଜନାର ସଦସ୍ୟା ନିରୁପମା ମହାନ୍ତ ଏବଂ କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍‌ପି) ସଦସ୍ୟାଙ୍କୁ ସଂଗଠିତ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହଯୋଗ କରିଛନ୍ତି। ଏହି ସଫଳତା ସମ୍ପର୍କରେ ଗୋଜବାୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ରେବତୀ ମହାନ୍ତ କହିଛନ୍ତି, ସମସ୍ତ ସଦସ୍ୟାଙ୍କ ମିଳିତ ଉଦ୍ୟମ ଯୋଗୁ ଏହି ସଫଳତା ମିଳିଛି। ଆଗକୁ ଆହୁରି ଉନ୍ନତି କରିବାକୁ ସେମାନେ ସଂକଳ୍ପବଦ୍ଧ। ଟାଟା ଷ୍ଟିଲ ଫାଉଣ୍ଡେଶନ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି, ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରି କିଭଳି ତୃଣମୂଳସ୍ତରରେ ସ୍ଥାୟୀ ପରିବର୍ତ୍ତନ ଅଣାଯାଇପାରିବ, ଏହା ତା'ର ଏକ ଉଦାହରଣ। ଆଗାମୀ ଦିନରେ ଏହି ମଡେଲକୁ ଅନ୍ୟ ପଞ୍ଚାୟତ ଏବଂ ବ୍ଲକରେ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ମିନି ରାଇସ୍ ମିଲ ମେଶିନ ସହ ଗୋଜବାୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫ ଜଳସେଚନ ପ୍ରକଳ୍ପ ପାଇଁ ୮୨୦ କୋଟି

## ୬ ଜିଲ୍ଲାର ୨୬ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିକୁ ମାଡ଼ିବ ପାଣି

ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)

କୃଷକମାନଙ୍କ ଉନ୍ନତିରେ ରାଜ୍ୟର ବିକାଶ ସମ୍ଭବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏକାଥରକେ ୮୨୦କୋଟି ଟଙ୍କାର ୫ଟି ଜଳସେଚନ ପ୍ରକଳ୍ପ ସମେତ ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ୫ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୬ ଜିଲାର ପ୍ରାୟ ୨୬ ହଜାର ୧୦୬ ହେକ୍ଟର ଚାଷଜମି ଜଳସେଚନ ହେବା ସହିତ କୃଷକମାନଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ।

ମୁଖ୍ୟ ସଚିବ କହିଛନ୍ତି, ଚାଷ ଉପଯୋଗୀ ଡିପ ଜମିଗୁଡ଼ିକର ଭୌଗୋଳିକ ସ୍ଥିତି ପାଇଁ ପାରମ୍ପରିକ ଜଳସେଚନ ପଦ୍ଧତି ଦ୍ୱାରା ଜଳସେଚିତ କରିବା ସମ୍ଭବପର ହେଉନାହିଁ। ତେଣୁ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ଜଳସେଚନ କରାଯିବାକୁ ଲକ୍ଷ୍ୟ ରହିଛି। ୨,୬୩,୮୦୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟବରାଦରେ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩୭ ମାଧ୍ୟମରେ ୪ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ। ଯାଜପୁରର ଖରସୁଆଁ ଓ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ୫,୯୫୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୧୫୮ କୋଟି ୮୬ ଲକ୍ଷ ୭୨ ହଜାର ୩୮୯ ଟଙ୍କା ଏବଂ ୧୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦକୁ ୧୨ କୋଟି ୭୦ ଲକ୍ଷ ୯୩ ଜହାର ୭୯୨ ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଟି ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛ। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଯାଜପୁରର ୭୩ଟି ଗ୍ରାମର କୃଷକମାନେ ଉପକୃତ ହେବେ। ତେଲ୍ ନଦୀ, ମହାନଦୀ (କପଶିରା ଆଇଏସ୍ଏସ୍ ପାଖ) ଏବଂ ତେଲ୍ ନଦୀ (ତେଲ୍ ଓ ସୁକତେଲ୍ ନଦୀ ସଙ୍ଗମସ୍ଥଳ) ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ମାଧ୍ୟମରେ ସୁବର୍ଣ୍ଣପୁର ଜିଲାର ୬,୦୨୫ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ ପାଇଁ ୧୭୦ କୋଟି ୨୨ଲକ୍ଷ ୪ ହଜାର ୩୧ ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦକୁ ୧୩ କୋଟି ୬୧ ଲକ୍ଷ ୭୬ ହଜାର ୩୨୩ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ୩୬ମାସରେ ସମ୍ପୂର୍ଣ୍ଣ ହେବା ପରେ ସୁବର୍ଣ୍ଣପୁରର ୪୭ଟି ଗ୍ରାମର କୃଷକମାନେ ଉପକୃତ ହେବେ।

ସେହିପରି ପ୍ରସ୍ତାବିତ କ୍ଲଷ୍ଟର ୨୭ ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ସମ୍ବଲପୁର ଜିଲାର ୬,୨୧୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ୍ତ ୨୦୪ କୋଟି ୨୧ ଲକ୍ଷ ୮୮ ହଜାର ୯୩୩ ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୧୬ କୋଟି ୩୩ ଲକ୍ଷ ୭୫ ହଜାର ୧୧୫ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେଲେ ସମ୍ବଲପୁର ଜିଲାର ୫୪ ଗ୍ରାମର କୃଷକ ଉପକୃତ ହେବେ। ସେହିପରି କଟକ ଜିଲାର ହାଡୁଆ ଡ୍ୟାମ୍‌ରୁ ଭୂତଳ ପାଇପ ଲାଇନ୍ ଦ୍ୱାରା ଚାଷୋପଯୋଗୀ ଜମିକୁ ଜଳସେଚିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଲାଗି ୧୩୫ କୋଟି ୭୫ ଲକ୍ଷ ୯୭ ହଜାର ୩୫ ଟଙ୍କା ଏବଂ ୫ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୬ କୋଟି ୮୫ ଲକ୍ଷ ୫୮ ହଜାର ୬୫୦ ଟଙ୍କାର ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପ ୨ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବଡ଼ମ୍ବା ବ୍ଲକର ୭୬ ଗ୍ରାମ, ନରସିଂହପୁର ବ୍ଲକ୍‌ର ୫ ଗ୍ରାମ ଏବଂ ତିଗିରିଆ ବ୍ଲକର ୫ ଗ୍ରାମର ମୋଟ ୩୬୪୧ ହେକ୍ଟର ଚାଷୋପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ। ଏହାସହିତ ପ୍ରସ୍ତାବିତ କ୍ଲଷ୍ଟର-୩୮ ମାଧ୍ୟମରେ ୩ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ କେନ୍ଦୁଝର ଜିଲାର କାନପୁର ମୁଖ୍ୟ କେନାଲ, ଆରାଦେଇ ନଦୀ ଏବଂ ମୟୂରଭଞ୍ଜ ଜିଲାର ବାଲିସୁଦ୍ର ନଦୀରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ମାଧ୍ୟମରେ କେନ୍ଦୁଝର ଓ ମୟୂରଭଞ୍ଜର ୪.୨୮୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ଲାଗି ୯୨ କୋଟି ୯୮ ଲକ୍ଷ ୪୨ ହଜାର ୭୯୫ ଟଙ୍କା ଏବଂ ୧୫ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମିତ୍ତ ୭ କୋଟି ୪୮ ଲକ୍ଷ ୫୨ ହଜାର ୩୪୫ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ୨ବର୍ଷରେ ନିର୍ମାଣ ହେବା ପରେ କେନ୍ଦୁଝର ଜିଲାର ୨୫ ଏବଂ ମୟୂରଭଞ୍ଜର ୮ ଗ୍ରାମର କୃଷକ ଉପକୃତ ହେବେ ଏବଂ ଏହାର ଅଣୁ ଜଳସେଚନ ସୁବ୍ୟବସ୍ଥା ହେତୁ ପାରମ୍ପରିକ ଶସ୍ୟ ଉତ୍ପାଦନ ପରିବର୍ତ୍ତେ ଅର୍ଥକରୀ ଫସଲ ଚାଷ କରିବାକୁ ଉତ୍ସାହିତ ହେବେ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟମାନେ।

# ୧୭ରେ ରାଜ୍ୟବ୍ୟାପୀ ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ କରିବ ବିଜେଡି

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଆସନ୍ତା ୧୭ ତାରିଖରେ ବିଜେଡି ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଦଳ ପାଳନ କରିବ। ଏନେଇ ସବୁ ଜିଲାର ସ୍ଥାନୀୟ ନେତୃତ୍ୱମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମର ରୂପରେଖ କ୍ଷେତ୍ରୀୟ ସ୍ତରରେ ନିଷ୍ପତ୍ତି ନେବା ଲାଗି କୁହାଯାଇଛି ବୋଲି ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବୀ କହିଛନ୍ତି, ଏହି ଅବସରରେ ତିଳତର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅସହାୟ ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଇତ୍ୟାଦିର ଆୟୋଜନ କରାଯିବା କାର୍ଯ୍ୟକ୍ରମ ରହିଛି। ଏହାସହ ରାଜ୍ୟରେ ବିଜୁ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ରାଜ୍ୟର ବିଭିନ୍ନ ସ୍ଥାନରେ କରାଯିବ। ଏହି କାର୍ଯ୍ୟରେ ଦଳର ଛାମୁଆ ସଙ୍ଗଠନଗୁଡ଼ିକ ସହଯୋଗ କରିବେ। ଶଙ୍ଖ ଭବନଠାରେ ଭୁବନେଶ୍ୱର ଜିଲା ବିଜେଡି ତରଫରୁ ପ୍ରତି ବର୍ଷ ଭଳି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବ।

# ଆମ ବସ୍‌ରେ ବରିଷ୍ଠ ନାଗରିକଙ୍କ ଟିକେଟ ମୂଲ୍ୟରେ ରିହାତି ପାଇଁ ବୟସ ପ୍ରମାଣପତ୍ର ବାଧ୍ୟତାମୂଳକ

ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)

ଆମ ବସ୍‌ରେ ଯାତ୍ରା କରୁଥିବା ବରିଷ୍ଠ ନାଗରିକଙ୍କ ଟିକେଟ ମୂଲ୍ୟରେ ରିହାତି ପାଇଁ ଏଣିକି ଯାତ୍ରୀମାନଙ୍କୁ ବୈଧ ବୟସ ପ୍ରମାଣପତ୍ର ଦେଖାଇବାକୁ ପଡିବ। କ୍ରୁଟ୍ ପକ୍ଷରୁ ଏହାକୁ ବାଧ୍ୟତାମୂଳକ କରାଯାଇଛି। ଯାତ୍ରା ସମୟରେ ବୈଧ ବୟସ ପ୍ରମାଣପତ୍ର ବିନା କୌଣସି ରିହାତି ପ୍ରଦାନ କରାଯିବ ନାହିଁ। ଅନେକ ସମୟରେ ଯାତ୍ରୀମାନେ ଯାତ୍ରା କରୁଥିବା ସମୟରେ ଟିକେଟ ମୂଲ୍ୟରେ ରିହାତି ଦାବି କରୁଛନ୍ତି। ମାତ୍ର ଏଥିପାଇଁ ପ୍ରମାଣପତ୍ର ଦେଖାଇବାକୁ କୁହାଯିବାବେଳେ ସେମାନଙ୍କ ପାଖରେ ବୈଧ ପ୍ରମାଣପତ୍ର ରହୁନାହିଁ, ଯାହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ବରିଷ୍ଠ ନାଗରିକମାନେ ଆମ ବସ୍‌ରେ ଯାତ୍ରା କରିବା ସମୟରେ ଟିକେଟ୍ ମୂଲ୍ୟରେ ରିହାତି ପାଇଁ ବୈଧ ବୟସ ପ୍ରମାଣପତ୍ର ସାଙ୍ଗରେ ରଖିବାକୁ କ୍ରୁଟ୍ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରି ଯାତ୍ରା ସମୟରେ ବସ୍ ମଧ୍ୟରେ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବାରେ ସହଭାଗୀ ହେବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି କ୍ରୁଟ୍।

# ସିଜିମାଳି: ସମସ୍ତେ ନୀରବ

ଭୁବନେଶ୍ୱର, ୧୦।୪ (ସୁନିତ୍ ମିଶ୍ର)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ସିଜିମାଳି ବକ୍ସାଇଟ୍ ଖଣିକୁ ୨୦୨୩ ଫେବୃଆରୀ ୨୧ରେ ବେଦାନ୍ତ ଲିଜ୍ ନେଇଥିଲା। ସେବେଠାରୁ ଏହାକୁ ସ୍ଥାନୀୟ ଆଦିବାସୀ ଲୋକମାନେ ବିରୋଧ କରିଆସୁଛନ୍ତି। ମାତ୍ର ଏହି ବିରୋଧକୁ ବେଦାନ୍ତ କମ୍ପାନୀ ଖାତିର ନ କରି ଜିଲା ପ୍ରଶାସନ ଏବଂ ପୋଲିସ ସହାୟତାରେ ସେଠାରେ ଜୋର୍ ଜବରଦସ୍ତ ରାସ୍ତା ନିର୍ମାଣ କରିବା ପାଇଁ ଚେଷ୍ଟା ଚଳାଇଛି। ଏହି ଘଟଣାକୁ ନେଇ ଗତ ମଙ୍ଗଳବାର ସେଠାରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ରାଜ୍ୟର ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଏହି ବିଷୟରେ ଯେଉଁଭଳି ଢଙ୍ଗରେ ବିରୋଧ କରାଯିବା କଥା ତାହା କରାଯାଉନାହିଁ। ସମସ୍ତେ ଏହି ଘଟଣାରେ ମୁହଁରେ ତୁଣ୍ଡି ବାନ୍ଧି ଦେଇଥିବା ଭଳି ଲକ୍ଷ୍ୟ କରାଯାଉଛି।

ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ପକ୍ଷରୁ ଏହି କଥାକୁ ନେଇ ରାଜ୍ୟସ୍ତରର କୌଣସି ନେତା ମୁହଁ ଖୋଲୁନାହାନ୍ତି। ବିଭିନ୍ନ ପ୍ରସଙ୍ଗରେ ଏକାଧିକ ଥର ଖବରଦାତା ସମ୍ମିଳନୀ କରୁଥିବା ବିଜେଡି ନେତାମାନେ ସିଜିମାଳିରେ ଆଦିବାସୀଙ୍କ ଉପରେ ଆକ୍ରମଣ ବିଷୟରେ ଯେମିତି କିଛି ଜାଣିନାହାନ୍ତି ସେମିତି ଅଛନ୍ତି। ମିଳିଥିବା ଖବର ଅନୁଯାୟୀ, ବିଜେଡିର କେତେଜଣ ଆଗଧାଡ଼ିର ନେତା ସିଜିମାଳି ଗସ୍ତକରି ଆଦିବାସୀମାନଙ୍କ ଉପରେ କରାଯାଉଥିବା ଆକ୍ରମଣ ଘଟଣାକୁ ବିରୋଧ କରିବା ଲାଗି ଦଳର ସଭାପତିଙ୍କଠାରୁ ଅନୁମତି ଲୋଡ଼ିଥିଲେ। ମାତ୍ର ଦଳ ପକ୍ଷରୁ କୌଣସି ପ୍ରକାର ଅନୁମତି ନ ମିଳିବା ପରେ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକାକୀ ସିଜିମାଳି ଗସ୍ତକରି ଆଦିବାସୀମାନଙ୍କ ମେଳିରେ ସାମିଲ ହୋଇଥିଲେ। ଏଥିଯୋଗୁ ନବୀନ ନିବାସରେ ଚିନ୍ତା ଘାରିଲା। ଜିଲାସ୍ତରକୁ ନିର୍ଦ୍ଦେଶ ଦିଆଗଲା ସ୍ଥାନୀୟ କେତେଜଣ ନେତା ପ୍ରଭାବିତ ଅଞ୍ଚଳ ଗସ୍ତ କରନ୍ତୁ। ସେମାନଙ୍କୁ କୁହାଗଲା, ସାଧାରଣରେ ବାର୍ତ୍ତା ଦେବାକୁ ଯେ ବିଜେଡି କୌଣସି ଭାବେ ବେଦାନ୍ତକୁ ସମର୍ଥନ କରୁନାହିଁ। ବିଜେଡି ସଭାପତି ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ଅନେକ କଥାରେ ସକ୍ରିୟ ଥିଲେ ସୁଦ୍ଧା ଏହି ଘଟଣାକୁ ନେଇ କିଛି ଲେଖିବାକୁ ଇଚ୍ଛା କରିନାହାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ସିଜିମାଳି ବକ୍ସାଇଟ୍ ଖଣିକୁ ୨୦୨୩ ଫେବୃଆରୀ ୨୧ରେ ବେଦାନ୍ତ ଲିଜ୍ ନେବା ସମୟରେ ବିଜେଡି ରାଜ୍ୟରେ ସରକାରରେ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଆଦିତ୍ୟ ବିର୍ଲା କମ୍ପାନୀର ଉକ୍ରଳ ଆଲୁମିନା ଏହି ଅଞ୍ଚଳରେ ବକ୍ସାଇଟ୍ ଖନନ କରୁଛି। ସେହି କମ୍ପାନୀ ମଧ୍ୟ ଜନବିରୋଧୀ କାର୍ଯ୍ୟ କରୁଥିବା ହେତୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନେକ ବିରୋଧର ସମ୍ମୁଖୀନ ହୋଇଆସିଛି।

କୋରାପୁଟ ଏବଂ ରାୟଗଡ଼ା ଜିଲାରେ ସବୁବେଳେ କଂଗ୍ରେସ ପ୍ରତି ଜନସମର୍ଥନ ଭଲ ରହିଆସିଛି। ଲଗାତର ୨୦୧୯ରୁ କୋରାପୁଟ ଲୋକ ସଭା ଆସନ କଂଗ୍ରେସ ଦଖଲରେ ରହିଛି। ଅର୍ଥାତ୍ ଓଡ଼ିଶାର ୨୧ ଲୋକ ସଭା ଆସନରୁ କଂଗ୍ରେସ ଏହି ଜିଲାରୁ ଏକମାତ୍ର ଏମ୍‌ପି ପାଇପାରିଛି। ରାୟଗଡ଼ାରେ ମଧ୍ୟ କଂଗ୍ରେସର ସ୍ଥିତି ଅନ୍ୟ ଜିଲାଗୁଡ଼ିକ ତୁଳନାରେ ଭଲ। ହେଲେ ସେଠାକାର ଏତେବଡ଼ ଏକ ଘଟଣାରେ କଂଗ୍ରେସ ରାଜ୍ୟସ୍ତରରେ କିଛି ପାଟି ଖୋଲୁନାହିଁ। କେବଳ ଏକ ଟିମ୍ ଗଠନ କରିଦେଇ ଦଳ ସେଠାର ରିପୋର୍ଟ ଦେବାକୁ କହିଛି। ମାତ୍ର ଯେଉଁ କମିଟି ଗଠନ ସମ୍ପର୍କିତ ବିଜ୍ଞପ୍ତି କଂଗ୍ରେସ ଜାରି କରିଛି ସେଥିରେ କୌଣସି ସ୍ଥାନରେ ବେଦାନ୍ତ ପକ୍ଷରୁ ଖଣି ଲିଜ୍ ପାଇଁ ଏମିତି ଘଟୁଛି ତା'ର ରିପୋର୍ଟ ଦିଅ ବୋଲି କୁହାଯାଇନାହିଁ। କେବଳ ଧର୍ମକୁ ଆଖିଠାର ଭଳି ଏକ ଚିଠି କଂଗ୍ରେସ କରି କେତେଜଣ ନେତାଙ୍କୁ ପଠାଇଦେଇଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ୨ ବିରୋଧୀ ଦଳର ନୀରବତା ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

# ସୋମବାର ହାଇକୋର୍ଟ ଛୁଟି

କଟକ,୧୦।୪(କାର୍ତ୍ତିକ ସାହୁ)

ଆସନ୍ତା ୧୩ ତାରିଖ (ସୋମବାର)କୁ ଓଡ଼ିଶା ହାଇକୋର୍ଟ ଛୁଟି ଭାବେ ଘୋଷଣା କରାଯାଇଛି। ଏନେଇ ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏହା ବଦଳରେ କାର୍ଯ୍ୟ ଦିବସ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବିଷୁବ ସଂକ୍ରାନ୍ତି ପାଇଁ ହାଇକୋର୍ଟ କ୍ୟାଲେଣ୍ଡରରେ ଛୁଟି ରହିଛି। ଅପରପକ୍ଷରେ ଶନିବାର ଓ ରବିବାର ଛୁଟିଦିନ ଥିବାରୁ ହାଇକୋର୍ଟ ଲଗାତର ୪ ଦିନ ଯାଏ ବନ୍ଦ ରହିବ। ଏଥିସହ ଆସନ୍ତା ବୁଧବାର ହାଇକୋର୍ଟ କାର୍ଯ୍ୟ କରିବ ବୋଲି ଜଣାଯାଇଛି।

## ଅବଶିଷ୍ଟାଂଶ

### ମାଗୁଛନ୍ତି ପଟ୍ଟା...

୩ ତାରିଖରୁ ଉପଜିଲାପାଳ ଉକ୍ତ ଅଞ୍ଚଳରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଲାଗୁ କରିଥିଲେ। ରାୟଗଡ଼ା ଜିଲାପାଳ ମଧ୍ୟ ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିବାକୁ ଯାଇଥିଲେ। ତେବେ ଜିଲାପାଳ ଲୋକଙ୍କ ସହିତ ଆଲୋଚନା ବଦଳରେ ସେମାନଙ୍କୁ ପଟ୍ଟା ମାଗିବା ଅତି ଦୁଃଖଦ ଘଟଣା ବୋଲି ଅଞ୍ଚଳବାସୀ କହିଛନ୍ତି। ଜିଲାପାଳ ଜିଲାବାସୀଙ୍କର ନା ବେଦାନ୍ତ କମ୍ପାନୀର ବୋଲି ଲୋକେ କହିଛନ୍ତି। ତଥାପି ଜୀବନକୁ ବାଜି ଲଗାଇ ନିଜ ଜମି ପାଇଁ ସିଜିମାଳି ପାହାଡ଼ର ସୁରକ୍ଷାରେ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧନୁତୀର, ଟାଙ୍ଗିଆ ଓ ଠେଙ୍ଗା ଆଦି ଧରି ରାସ୍ତା ନ କରାଇଦେବା ଲାଗି ୨୪ ଘଣ୍ଟା ଜଗି ବସିଛନ୍ତି। ଶାଗବାରି, କଣ୍ଟାମାଳ, ସରାମବାଇ, ବନ୍ତେଜି ସମେତ ପ୍ରାୟ ୮ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଏଥିରେ ସାମିଲ ହୋଇଛନ୍ତି। ଭିଟାମାଟିର ସୁରକ୍ଷା ପାଇଁ ଦେହରେ ଗୁଳି ବାଜିଲେ ମଧ୍ୟ ଖାଇବୁ ହେଲେ ଜମି କମ୍ପାନୀକୁ ଦେବୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ମିଥ୍ୟା ଆଶ୍ୱାସନା ଦେଖାଇ ଏଭଳି ଖଣି ଖନନ କରିବାକୁ ଆସିଲେ ଅଞ୍ଚଳବାସୀ ବିରୋଧ କରିବେ ବୋଲି ପାହାଡ଼ ପାଦଦେଶରେ ଜଗି ବସିଥିବା ମହିଳାମାନେ କହିଛନ୍ତି।

ଶୁକ୍ରବାର ଧରିତ୍ରୀ ଟିମ୍ ଶାଗବାରି ଗ୍ରାମକୁ ତଥ୍ୟ ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ପାହାଡ଼ ପାଦଦେଶରେ ଜଗି ବସିଥିବା ମହିଳା ଓ ପୁରୁଷ କାଠ ନିଆଁ ଲଗାଇ ଭାଲିଆ ପୋଡ଼ି ଖାଉଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ପିଲାମାନେ ମଧ୍ୟ ସେଠାରେ ଜଗି ବସିଥିଲେ। ନିଜ ଘର ଓ ଜମିର ସୁରକ୍ଷା ପାଇଁ ବସିଥିବା ଏହି ଅଞ୍ଚଳବାସୀ ଠିକ୍ ଭାବେ ଖାଇବାକୁ ଯାଉ ନ ଥିବା ପ୍ରକାଶ କରିଛନ୍ତି। ତଥାପି ହାର୍ ମାନି ନାହାନ୍ତି କି ମାନିବେ ନାହିଁ ବୋଲି କହିଛନ୍ତି। ହେଲେ ବର୍ତ୍ତମାନ ସେମାନେ ବେଦାନ୍ତଠାରୁ ନିଜ ଜମିର ସୁରକ୍ଷା ପାଇଁ ଜଗି ବସିଥିବା କାରଣରୁ କାମଧନ୍ଦାକୁ ଯାଇପାରୁନାହାନ୍ତି। ଫଳରେ ପରିବାରର ପେଟପାଟଣାରେ ଅସୁବିଧା ସୃଷ୍ଟି ହେଉଛି। ଏପରିକି ସେମାନଙ୍କ ପିଲାମାନେ ସ୍କୁଲକୁ ଯାଇ ନ ପାରିବାରୁ ପାଠପଢ଼ା ଠପ୍ ହୋଇଯାଇଛି। ସେଠାରେ ବର୍ତ୍ତମାନ ପରିସ୍ଥିତି ଏହିଭଳି ହୋଇଛି ଯେ, ଏକୁଟିଆ କେହି ଗାଁ ବାହାରକୁ ଯାଇପାରୁ ନାହାନ୍ତି। କାରଣ ବାହାରକୁ ଗଲେ ସେମାନଙ୍କୁ ପୋଲିସ ଉଠାଇ ନେବ ଏବଂ ୨୦୨୩ ମସିହାରେ ଏହି ସିଜିମାଳିରେ ହୋଇଥିବା ପୋଲିସର ମିଥ୍ୟା ମାମଲାରେ ଗିରଫ ଓ ନିର୍ଯାତନା ସହିବାକୁ ପଡ଼ିବ ବୋଲି ସେମାନେ ଦୁଃଖରେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଶୁକ୍ରବାର କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ଉକ୍ତ ଅଞ୍ଚଳ ଗସ୍ତରେ ଯାଇ ପାହାଡ଼ ଜଗିଥିବା ଲୋକଙ୍କ ସହିତ ଆଲୋଚନା କରିଥିବା ବେଳେ ଲୋକେ ସେମାନଙ୍କ ଦୁଃଖ ବଖାଣିଥିଲେ।

ଏହି ଖବରଦାତାଙ୍କୁ ଉପସ୍ଥିତ ଅନେକ ଗ୍ରାମବାସୀ ମନର କଥା କହିବାକୁ ଯାଇ ପୋଲିସ ଏବଂ ପ୍ରଶାସନ କାହିଁକି ଅତ୍ୟଧିକ କମ୍ପାନୀ ତରଫା ହେଉଛନ୍ତି ବୋଲି ପଚାରିଥିଲେ।

### ବିଦା ପୂର୍ବରୁ...

ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ହକ୍‌ଦାର ହେବେ ବୋଲି ଆଇନ ବିଶେଷଜ୍ଞମାନେ କହିଛନ୍ତି। ପାର୍ଲାମେଣ୍ଟ ଦ୍ୱାରା ବହିଷ୍କୃତ ହୋଇଥିଲେ, ସେ ଉକ୍ତ ସୁବିଧାରୁ ବଞ୍ଚିତ ହୋଇଥାନ୍ତେ। ଜଷ୍ଟିସ୍ ବର୍ମାଙ୍କ ଇସ୍ତଫାକୁ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ରାକେଶ ପାଣ୍ଡେ ସ୍ୱାଗତ କରିଛନ୍ତି। ତେବେ ସେ ବହୁ ଆଗରୁ ଏଭଳି ପଦକ୍ଷେପ ନେଇ ଅନାବଶ୍ୟକ ବିବାଦର ଅନ୍ତ ଘଟାଇବା ଦରକାର ଥିଲା ବୋଲି ପାଣ୍ଡେ କହିଛନ୍ତି। ସୂଚନାଯୋଗ୍ୟ, ଆଜି ପର୍ଯ୍ୟନ୍ତ କୌଣସି ବିଚାରପତି ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ବଳରେ ବହିଷ୍କୃତ ହୋଇନାହାନ୍ତି। ଆର୍ଥିକ ଅନିୟମିତତା ଅଭିଯୋଗରେ ୨୦୧୧ରେ ତତ୍କାଳୀନ କୋଲକାତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୌମିତ୍ର ସେନ୍‌ଙ୍କ ବିରୋଧରେ ରାଜ୍ୟ ସଭାରେ ମହାଭିଯୋଗ ପ୍ରସ୍ତାବ ଆସିଥିଲା। ଲୋକ ସଭାରେ ଏହା ଉପରେ ଭୋଟ ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ସେହିପରି ଦୁର୍ନୀତି ମାମଲାରେ ୨୦୧୧ରେ ତତ୍କାଳୀନ ସିକିମ୍ ହାଇକୋର୍ଟ ବିଚାରପତି ପି.ଡି. ଦିନାକରନଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ୧୯୯୩ରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଭି. ରାମସ୍ୱାମୀଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଲୋକ ସଭାରେ ଏହା ଗୃହୀତ ହୋଇପାରି ନଥିଲା।


# Classified Everyday

0674-2580101, 9692975378


## REAL ESTATE
### SALE

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର-9861722609/ 9438112793. D-84

Gharabari plot sale CV Raman College and Gudiapokhari location, 7008492511. D-74

## PURCHASE

ପୁରୁଣା 5ଜଣିଆ ଲେଦର ସୋଫାସେଟ୍ ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। Mob.-9820915727. D-304




Newly open SPA health benefits relax refresh good therapist. 8658466886. D-76959

All types hair cutting/ massage by smart female, one hour 700/-, - Room services available. Contact: 9937833100. D-76308

Newly open Jyoti spa positively health benefits (Expert therapist). 8458067955. D-76960

## AFFIDAVIT

By virtue of an Affidavit dtd.- 06.12.2025 sworn before Executive Magistrate, Bhadrak, I, Debashish Jena, S/o.- Kartik Chandra Jena, Resident of Acharya Nagar, Bonth Chhak, P.S./Dist.- Bhadrak, PIN-756100, Odisha declare that I have changed my name in my LIC Policy bearing No.- 583529471 from Dusmanta Jena to Debashish Jena. Henceforth, I shall be known as Debashish Jena for all future purposes. D-83

Name change affidavit sworn before the Notary Public resident of At-Kalakada, P.O.- Patbil, P.S.- Karanjia, Dist.- Mayurbhanj, Odisha-757037, Tikeita Patra to Ramakanta Behera. D-85

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିଭରା ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



୰ ଦ୍ୱାରିକାନାଥ ଦାଶ
(ଅବସରପ୍ରାପ୍ତ ଶିକ୍ଷକ)
ନେଳିଆ ଶାସନ, ଛତିଆ, ଯାଜପୁର
ଆବିର୍ଭାବ: ୦୨।୦୨।୧୯୩୪
ତିରୋଧାନ: ୦୨।୦୫।୨୦୨୪

ହେ ପରମ ପୂଜ୍ୟ ମହାନ୍ ଆତ୍ମା... ଆମ ସମସ୍ତଙ୍କ ପାଇଁ ଆପଣ ଥିଲେ ମାର୍ଗଦର୍ଶକ ଏବଂ ପ୍ରେରଣାର ଉତ୍ସ। କାଳର କରାଳ ସ୍ରୋତରେ ତୁମେ ଆଜି ଲୀନ। ଆପଣଙ୍କ ପ୍ରଦତ୍ତ ଶିକ୍ଷା ଓ ସଂସ୍କାରକୁ ପାଥେୟ କରି, ଜୀବନର ଡଙ୍ଗାକୁ ଆଗକୁ ନେବାକୁ ପ୍ରତିଶ୍ରୁତିବଦ୍ଧ।ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦାସର୍ବଦା ଶାନ୍ତି ପ୍ରଦାନ କରନ୍ତୁ।

-:ଶୋକସନ୍ତପ୍ତ:-
ପୁତ୍ର: ଗୁରୁ ପ୍ରସାଦ ଦାଶ, ବନ୍ଧୁ ଓ ପରିବାରବର୍ଗ
ଧ-୮୬

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ଚନ୍ଦ୍ର ରାଉତ
ଅନନ୍ତ ନଗର, ମହତାବ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୩।୦୧।୧୯୫୩
ତିରୋଧାନ: ୨୨।୦୪।୨୦୨୫

ବାପା, ତମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତମର "ଭାକ୍ ଆଉ ହାକ୍" ଗାଳିକୁ ଆମେ ସବୁବେଳେ ମନେ ପକାଉଛୁ। ତମେ ଯୋଉଠି ଥାଅ, ଭଲରେ ଥାଅ ଆଉ ଆମ ଉପରେ ଆଶିଷ ଢାଳୁ ଥାଅ। ତମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପୁଅ: ବୁବୁ, ଦେବୁ, ବୋହୂ: ଗୁଡ଼ି, ନାତି: କୁନୁ ଓ ପରିବାରବର୍ଗ।
ଧ-୩୦୬

# ଜ୍ଞାନୀ କିଏ

## ଅନୁବାଦ ଗଳ୍ପ

ମୂଳ ରଚନା: ସୁଧା ମୂର୍ତ୍ତି
ଅନୁସୃଜନ: ଡ. ସୂଚନା ପାଢ଼ୀ

ସୁନ୍ଦର ସବୁଜ ଅରଣ୍ୟଭରା ଓ ଚିରସୁନ୍ଦରୀ ଚିଲିକା ହ୍ରଦ ଏବଂ ପୁରୀର ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶା ପ୍ରସିଦ୍ଧ। ପୁରୀର ଜଗନ୍ନାଥ ମନ୍ଦିର, କୋଣାର୍କ ବେଳାଭୂମି ସୂର୍ଯ୍ୟ ମନ୍ଦିର ଅତୀତ ଦିନର କଳା ଚାତୁର୍ଯ୍ୟର ପରିଚୟ ଦେଇଥାଏ। ଏତଦ୍‌ବ୍ୟତୀତ ଓଡ଼ିଶାରେ ଦରିଦ୍ରଙ୍କ ସଂଖ୍ୟା ଏତେବେଶୀ ଯେ, କଳନା କରିହୁଏନି। ସେଠାରେ ପ୍ରାୟ ୧୩,୫୦୦ ଏନ୍.ଜି.ଓ. କାମ କରନ୍ତି ଗରିବ ଲୋକଙ୍କ ସାହାଯ୍ୟ ପାଇଁ। ଅନେକ ପ୍ରକାର ଜନଜାତିର ଆଦିବାସୀ ଲୋକ ଆଭ୍ୟନ୍ତରୀଣ ଜଙ୍ଗଲଗୁଡ଼ିକରେ ରହିଥାଆନ୍ତି। ଏସବୁ ଶୁଣି ଦିନେ ମୁଁ ଭାବିଲି, ଏପରି ପରିବେଶ ଓ ପରିସ୍ଥିତିରେ ରହୁଥିବା ଲୋକମାନଙ୍କ ପାଇଁ ଆମେ ସେଠାରେ ଆମର ଇନ୍‌ଫୋସିସ୍ ଅଫିସ୍ ଖୋଲିବୁ, ଯାହାକି ଓଡ଼ିଶାର ଦାରିଦ୍ର୍ୟ ଓ ଦୁରବସ୍ଥା ଏଡ଼ାଇବାରେ ସହାୟକ ହେବ।

ଦିନକର କଥା। ମୁଁ ଟୁର୍‌ରେ କଳାହାଣ୍ଡି ଯାଇଥିଲି। ଜାଗାଟା ସହର ପରି ନୁହେଁ କିମ୍ବା ଗାଁ ପରି ନୁହେଁ। ସେ ଅଞ୍ଚଳର କିଛି ବିଶେଷତ୍ୱ ନ ଥିଲା। ମୟୂରଭଞ୍ଜ, କୋରାପୁଟ ଜାଗା ପରି କଳାହାଣ୍ଡି ମଧ୍ୟ ଅବିଖ୍ୟାତ ଅଞ୍ଚଳ। ସ୍ୱାଧୀନତା ପୂର୍ବରୁ କଳାହାଣ୍ଡିରେ ରାଜାମାନେ ରାଜସ୍ୱ କରୁଥିଲେ। ସେଠିକା ଲୋକଙ୍କ ବିଶ୍ୱାସ ଥିଲା ରାଜା ତାଙ୍କର ରକ୍ଷକ, କାରଣ ରାଜା ଜଣେ ଶକ୍ତିଶାଳୀ ମଣିଷ। ଆଶ୍ଚର୍ଯ୍ୟର କଥା ଯେ, ସେମାନେ ଏପର୍ଯ୍ୟନ୍ତ ବିଶ୍ୱାସ କରୁଛନ୍ତି ରାଜା ହିଁ ଶାସନ କରୁଛନ୍ତି, ଯଦଓ ରାଜାଙ୍କର ଚିହ୍ନବର୍ଣ୍ଣ ନାହିଁ। କୌଣସି ପିଲାର ମା'ବାପା ମରିଗଲେ ସେହି ପିଲାଟିକୁ ନେଇ ଜିଲାପାଳଙ୍କ ଅଫିସ୍‌ରେ ଛାଡ଼ିଦେଇ ଆସନ୍ତି। ଜିଲାପାଳଙ୍କୁ ତାଙ୍କର ରାଜା, ସୁଖଦୁଃଖର ସାଥୀ ବୋଲି ଗ୍ରହଣ କରିଥାନ୍ତି।

ଭବାନୀପାଟଣା କଳାହାଣ୍ଡିର ଖ୍ୟାତନାମା ଅଞ୍ଚଳ। ମୁଁ ଦେଖିଥିବା ଅନ୍ୟାନ୍ୟ ସହର ଅପେକ୍ଷା ଟିକେ ଅଲଗା। ଆଧୁନିକତାର ସ୍ପର୍ଶ ନାହିଁ। ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏତେ ଅଳସୁଆ ସହର! ମୁଁ କୋଉଠି ଦେଖିନଥିଲି, କିନ୍ତୁ ସେଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଯାଇ ଯାହା ଦେଖିଲି, ତାହା ମୋତେ ସ୍ତମ୍ଭୀଭୂତ କରିଦେଲା। ଅନୁଷ୍ଠାନରେ କାମ କରୁଥିବା ଲୋକମାନେ ଦିନରାତି ସେବା କାମରେ ବ୍ୟସ୍ତ। ସେମାନେ ଅନାଥ ପିଲାଙ୍କ ପାଇଁ ବହୁ ପରିଶ୍ରମ କରୁଥାଆନ୍ତି। ସେଠାକାର ଲୋକମାନଙ୍କ ମୁଣ୍ଡର ବାଳ ଘଞ୍ଚ କଳା। ଜଣେ ଲୋକର ମୁଣ୍ଡବାଳ ହିଁ ଧଳାଥିଲା। ସେ ହିଁ ସେଠାକାର ଅନୁଷ୍ଠାନର କଥା କହିଥିଲା। ଆହୁରି ମଧ୍ୟ କହିଥିଲା ସେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟ କରିବାରେ ତା'ର ସାରାଜୀବନ ଅବିବାହିତ ରହିଗଲା।

ଭୁବନେଶ୍ୱରଠାରୁ କେସିଙ୍ଗା ଯିବା ବାଟରେ ମୁଁ ଆଦିବାସୀ ଲୋକମାନଙ୍କୁ ଦେଖିଥିଲି। ସେମାନେ ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରି ବସିଥିଲେ। ଫଳମୂଳ, ପନିପରିବାର ବୁଜୁଲା ଧରିଥିଲେ। ମହିଳାମାନେ ଗାଢ଼ ସବୁଜ, ନାଲି, ହଳଦିଆ ଆଦି ଗାଢ଼ରଙ୍ଗର ଶାଢ଼ି ପିନ୍ଧିଥିଲେ। ମୁଣ୍ଡରେ ଜୁଡ଼ାବାନ୍ଧି ଫୁଲ ଖୋସିଥିଲେ।

ମୋର ଜଣେ ସ୍ଥାନୀୟ ଲୋକଙ୍କ ସହ ଦେଖାହେଲା। ମୁଁ ତାକୁ କହିଲି– ତୁମେ ମୋ' କଥା ଅନୁବାଦ କରି ସେମାନଙ୍କୁ କହିବ, ସେମାନଙ୍କ କଥା ମୋତେ। ଯେକୌଣସି ସ୍ଥାନକୁ ଗଲେ ସେମାନଙ୍କ ଭାଷା ଜାଣିଥିବା ନିହାତି ଦରକାର। ମୁଁ ସେମାନଙ୍କୁ ସେମାନଙ୍କର ଖାଦ୍ୟ, ପାନୀୟ, ବେଶଭୂଷା ଇତ୍ୟାଦି ବିଷୟରେ ଅନେକ ପ୍ରଶ୍ନ ପଚାରିବି, ସେମାନେ ଉତ୍ତର ଦେବେ। ଜନଜାତିର ଲୋକମାନେ ଦଳ ଦଳ ହୋଇ ରହନ୍ତି ବୋଲି ସେ ମୋତେ କହିଥିଲା। ସେମାନେ ତାଙ୍କର ସଭ୍ୟତାକୁ ନେଇ ଜୀବନଯାପନ କରନ୍ତି। ଆମ ସହରବାସୀଙ୍କ ପରି ନୁହନ୍ତି। ସେମାନଙ୍କର ଚଳଣି ଓ ଚାଲିଚଳନ ନିଜସ୍ୱ ଢଙ୍ଗରେ ଚାଳିତ। ସ୍ୱାର୍ଥପର ଲୋକଙ୍କ ସଂଖ୍ୟା ବହୁତ କମ୍। ସେମାନଙ୍କ ବିଷୟରେ ଜାଣିବାକୁ ମୁଁ ଆଗ୍ରହୀ ଥିଲି। ମୁଁ ସେମାନଙ୍କ ଜୀବନଯାପନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲି, ସଭ୍ୟତାକୁ ଗୁରୁତ୍ୱ ଦେଇ ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ପାଇଁ ଚେଷ୍ଟା କରୁଥିଲି।

ମୋ' ସହିତ ଯାଇଥିବା ସ୍ଥାନୀୟ ଲୋକଟି କହିଲା, ସେଠାକାର ଲୋକମାନଙ୍କ ସହିତ ସାକ୍ଷାତ୍କାର କରିବାକୁ ଚାହିଁଲେ ଦୁଇ କିଲୋମିଟର ଚାଲିବାକୁ ପଡ଼ିବ। ଗାଡ଼ି ସେ ଭିତରକୁ ଯାଇପାରିଲା ନାହିଁ। କହିଲି ଠିକ୍ ଅଛି। ଅଳ୍ପ କିଛି ବାଟ ଚାଲିଚାଲି ଯିବା ପରେ ଛୋଟ ଗାଁଟିଏ ପଡ଼ିଲା। ସେଠାକାର ଜଣେ ମହିଳା



ସହିତ ଦେଖାହେଲା। ମୁଁ ହଠାତ୍ ତା' ବୟସ ଅନୁମାନ କରିପାରିଲି ନାହିଁ। ମୋ ସାଙ୍ଗରେ ଯାଇଥିବା ଲୋକଟି ମଧ୍ୟ ବୁଝିପାରୁ ନ ଥିଲା ସେମାନଙ୍କ ଭାଷା। ଆମ କଥିତ ଭାଷାଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା। ମହିଳାର ଶରୀର ରଙ୍ଗ କଳା, ମୁଣ୍ଡରେ ଘଞ୍ଚ କଳାବାଳ। ଭାବିଲି, ତାକୁ ନିଶ୍ଚୟ ସତୁରି ବର୍ଷ ହୋଇଥିବ। ମୁଣ୍ଡରେ ଗୋଟିଏ ବି ଧଳାବାଳ ନାହିଁ। ବାଳ ରଙ୍ଗ କରିବାକୁ ତା' ପାଖରେ ପଇସା ନଥିବ ବୋଲି ଧରିନେଲି। ଏଥିରେ ଲୁଚେଇବାର କ'ଣ ଅଛି। ସେହି ଗାଁର ସମସ୍ତଙ୍କ ବାଳ କଳା ରଙ୍ଗର, ଜଣେ ବି ଧଳାବାଳଥିବା ଲୋକ ନଥିଲା।

ତା'ପରେ ଆଉ ଜଣେ ଲୋକକୁ ଦେଖିଲି। ଆଶ୍ଚର୍ଯ୍ୟ କଥା, ତା'ର ମଧ୍ୟ ବୟସ ଜଣାପଡୁନଥିଲା। ତାଙ୍କ ସହିତ କଥାବାର୍ତ୍ତା ହେବା ବେଳେ ସେ ଏମିତି ଚାରୋଟି ଘଟଣା ବିଷୟରେ କହିଲେ। ମୁଁ ଭାବିଲି ସେ ମହାଶୟଙ୍କୁ ନିଶ୍ଚେ ଶହେବର୍ଷରୁ କମ୍ ହୋଇନଥିବ।

ବୃଦ୍ଧଙ୍କ ସହିତ ସିଧାସଳଖ କଥାବାର୍ତ୍ତା ହୋଇଥିଲି। ପଚାରିଲି, କିଏ ଆମ ଦେଶର ପ୍ରଧାନମନ୍ତ୍ରୀ? ତାଙ୍କ ଉତ୍ତରରୁ ଯାହା ମନେହେଲା ସେ କହିଥିଲେ, କଳାହାଣ୍ଡି ହିଁ ଗୋଟିଏ ରାଜ୍ୟ, ମୋ' ମୁହଁକୁ ଚାହିଁ ହସିଲେ। ଭାବୁଥିଲେ, ମୁଁ କିମିତି ଆମ ଦେଶର ପ୍ରଶାସକଙ୍କ ନାଁ ଜାଣିନି। ପଚାରିଲି– ତୁମେ ଜାଣିନ? ଶୁଣ, କମ୍ପାନୀ ସରକାର ଆମ ରାଜ୍ୟ ଚଳାଉଛି। ବୃଦ୍ଧ ସେ ପର୍ଯ୍ୟନ୍ତ ଜାଣିନଥିଲେ ଆମ ଦେଶ ସ୍ୱାଧୀନତା ପାଇଲାଣି। ଆମେ ସମସ୍ତେ ସ୍ୱାଧୀନ। ମୁଁ ତାଙ୍କୁ ଅଶୋକ ଚକ୍ରର ଫଟୋ ଓ କେତୋଟି ମୁଦ୍ରା ଦେଖାଇଲି।

ସେ ସେଗୁଡ଼ିକର ଗୁରୁତ୍ୱ ଅଛି ବୋଲି ଅନୁଭବ କଲେ ନାହିଁ। କହିଲେ, ଅଶୋକ ଚକ୍ର ଖଣ୍ଡେ କାଗଜ। କିନ୍ତୁ ସେଇ କାଗଜ ଖଣ୍ଡଟି ଦେଖି କିଏ କହିପାରିବ ଯେ, ରାଜ୍ୟର ମୁଖିଆ କିଏ? ଆମ ରାଜ୍ୟକୁ ଗୋରା ରାଣୀ ଚଳାଉଛନ୍ତି, ସେ ହିଁ ମୁଖିଆ।

ମୁଁ ଚେଷ୍ଟା କରିଥିଲି ତାଙ୍କ ମନରୁ ସେ ବିଶ୍ୱାସ ଦୂର କରିବା ପାଇଁ। କିନ୍ତୁ ପରେ ଅନୁଭବ କଲି, ସେ କଦାପି ମୋ' କଥାକୁ ବିଶ୍ୱାସ କରୁନଥିଲେ। ତଥାପି କହିଲି, ଗୋରା ଲୋକମାନେ ଆଉ ଆମ ଦେଶକୁ ଶାସନ କରୁନାହାନ୍ତି।

ଜିନିଷ ବଦଳରେ କିଣାବିକା ସେଠାକାର ଆଦିବାସୀମାନଙ୍କର ପ୍ରଧାନ ବ୍ୟବସାୟ। ମୁଁ ତାଙ୍କୁ ସେ ବିଷୟରେ ପଚାରିଲି। ଆହୁରି ମଧ୍ୟ କହିଲି, ତୁମେ ଜାଣିଛ କି ଏ ଖଣ୍ଡିକ ପେପର(ଟଙ୍କା) ଦେଖାଇ ସବୁ ଜିନିଷପତ୍ର କିଣିହେବ। ଡାଲି, ଚାଉଳ, ଲୁଗା ସବୁକିଛି ଏପରିକି ଜମି ମଧ୍ୟ କିଣିପାରିବ।

ସେ ଦୟାପୂର୍ଣ୍ଣ ଆଖିରେ ମୋତେ ଚାହିଁଲେ। କହିଲେ– ଏଇ ପେପର ଖଣ୍ଡିକ ପାଇଁ ତୁମେମାନେ ଏତେ ଯୁଦ୍ଧ କରୁଛ! ସେଇ ପେପର ଖଣ୍ଡିକ ପାଇଁ ଆମ ଲୋକମାନେ ମଧ୍ୟ ଏ ଜାଗାଛାଡ଼ି ସହରକୁ ଚାଲିଯାଉଛନ୍ତି। ଆମେ କ'ଣ ସେଇ ପେପର ଖଣ୍ଡିକ ବିନା ଚଳିପାରିବା ନାହିଁ! ଆମ ପୂର୍ବ ପୁରୁଷ କିମିତି ଥିଲେ? ଆମେ ଭଗବାନଙ୍କ ସନ୍ତାନ। ସେହି କାଗଜ ବିନା ଆମେ ଏଠାରେ ଶାନ୍ତିରେ ରହିପାରିଛୁ। ଏଇଟା ଭଗବାନଙ୍କ ଭୂମି। କେହି ତା' ଉପରେ ଅଧିକାର ଜାରି କରିପାରିବ ନାହିଁ। ଆମେ ନଦୀ, ପର୍ବତ ତିଆରି କରିନେ। ପବନ ମଧ୍ୟ ଆମ କଥା ଶୁଣେ ନାହିଁ। ଆମଠାରୁ ଅନୁମତି ନ ନେଇ ବର୍ଷା ହୁଏ। ବର୍ଷା ଆମ ଅନୁମତିକୁ କେବେହେଲେ ଅପେକ୍ଷା କରେ ନାହିଁ। କାରଣ, ଏସବୁ ଭଗବାନଙ୍କ ଅବଦାନ। ଆମେ କିମିତି ଜମିର କିଣାବିକା କରିବୁ ମୁଁ କିଛି ବୁଝିପାରୁନାହିଁ। ତୁମର ଏଇ ପେପର ଖଣ୍ଡିକ ଆମ ଜୀବନରେ ଘୋର ଦୁଃଖ ଆଣିଦେବ।

ବୃଦ୍ଧଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ମୋ ପାଖରେ ଭାଷା ନଥିଲା। ଅନୁଭବ କଲି, ତାଙ୍କ ଅପେକ୍ଷା ମୁଁ ଅଧିକ ଜାଣିଛି। ଆମେ ବିଭିନ୍ନ ରାଜନୈତିକ ଘଟଣାବଳୀ, ବିଲ୍ କ୍ଲିଣ୍ଟନ୍, ବିଲ୍ ଗେଟ୍ସଙ୍କ କାର୍ଯ୍ୟକଳାପ, ମୁଦ୍ରାସ୍ଫୀତି କଥା ଜାଣିଛୁ। ବୃଦ୍ଧ ବ୍ୟକ୍ତି ସେସବୁ କିଛି ଜାଣିନଥିଲେ ସତ, କିନ୍ତୁ ଐଶ୍ୱରିକ ଭାବନା ଓ ଶକ୍ତିରେ ସେ ସମୃଦ୍ଧ ଥିଲେ। ସେ ଜାଣିଥିଲେ ମାଟି, ପାଣି, ପବନ, ପାହାଡ଼, ପର୍ବତକୁ କିଏ ବି ଅକ୍ତିଆର କରିପାରିବ ନାହିଁ।

ତା'ହେଲେ ସଭ୍ୟ କିଏ? ଜ୍ଞାନୀ କିଏ? ଯିଏ ତାଙ୍କ ପରି ପ୍ରକୃତିକୋଳରେ ବଢ଼ି ବଞ୍ଚି ରହିଛନ୍ତି, ପ୍ରକୃତ ସତ୍ୟ ଜାଣିଛନ୍ତି ନା ଯିଏ କମ୍ପ୍ୟୁଟରରେ ଅଙ୍ଗୁଳି ଚାଳନା କରି ନିଜକୁ ଜ୍ଞାନୀ ମାନୀ ବୋଲାଉଛନ୍ତି!

ମୋ: ୭୦୦୮୨୯୧୦୪୦

## ପୁସ୍ତକ ପରିଚୟ

### ଅବଶିଷ୍ଟ ସ୍ୱପ୍ନମାନେ



**କବି:** ମାନସ ରଂଜନ ମହାପାତ୍ର
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/–

ମୋଟ ୪୬ଟି କବିତା ସ୍ଥାନପାଇଛି ଆଲୋଚ୍ୟ କବିତାଗ୍ରନ୍ଥରେ। 'ନିଜକଥା'ରେ କବି ଲେଖିଛନ୍ତି: ''ଲେଖକଟି ଯେ ପ୍ରଚଳିତ ବ୍ୟବସ୍ଥାର ଭାଟ ନୁହେଁ, ମୋ' ଲେଖା ମାଧ୍ୟମରେ ଏଇ ବାର୍ତ୍ତାଟି ମୁଁ ପାଠକଙ୍କ ପାଖରେ ସବୁବେଳେ ପହଞ୍ଚାଇ ଦେବାକୁ ଚାହେଁ।'' ବହିର 'ମୁଖବନ୍ଧ' ଲେଖିଛନ୍ତି କବି ସୂର୍ଯ୍ୟ ମିଶ୍ର। ବହିର 'ମୁଖବନ୍ଧ' ହେବା ଆଗରୁ ଲେଖାଟି ଦୁଇ ଦଶନ୍ଧି ତଳେ କୌଣସି ଏକ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା। ସେଦିନ ସେ ମାନସଙ୍କ କବିତା ସମ୍ପର୍କରେ କହିଥିଲେ: ''ଭଲପାଇବା ସାଙ୍ଗକୁ ଆଧ୍ୟାତ୍ମିକ ଆସ୍ପୃହାକୁ ନିଜର କରି ଜୀବନର ବିପୁଳାୟତନକୁ ଖୋଜି ହେବାରେ ମାନସର ସୃଜନ ଆନନ୍ଦ। ସମକାଳୀନତା ତୁଳନାରେ ତା' କବିତାରେ ଶାଶ୍ୱତତାର ଉପାଦାନ ଅଧିକ। ସମାଜମନସ୍କ ନୁହେଁ, ସେ ବରଂ ମଣିଷମନସ୍କ।'' (ପୃ:୧୬)। ସୂର୍ଯ୍ୟଙ୍କର ଏ ଆକଳନ ଆଜି ବି ମାନସଙ୍କ କବିତା ପାଇଁ ଅପ୍ରାସଙ୍ଗିକ ହୋଇନାହିଁ। କେତୋଟି ଦୃଷ୍ଟାନ୍ତ ନେବା: ୧. ''ମାଳିସାହି ମାଲୁଣୀ ପରି/ ବୁଢ଼ି ଅଞ୍ଚଳର ବୁଢ଼ା ଗୌନ୍ତିଆ ପରି/ ମୁଁ ସର୍ବହରା/ ଯେଉଁଠି ଥାଏ, ସେଇ ମୋର ଘର/ ସେଇ ମୋର ସଂସାର/ ମୋତେ ଠିକଣା ମାଗୁଛ କାହିଁକି କହିଲ!'' ('ଅଚିହ୍ନା ଚଢ଼େଇ'– ପୃ:୧୯), ୨. ''ଏ କେମିତି ସମୟ କହିଲ!/ ସମୟ କି ବାଲି, ସମୁଦ୍ର ବା/ ଜଗନ୍ନାଥ/ ଦିଗବାରେଣି ଖୁଣ୍ଟି ଚାରିପାଖେ/ ଉଡୁଥିବା ଅଶାନ୍ତ ଚଢ଼େଇ/ ନା କେଉଁ ହଜିଯାଇଥିବା/ ପ୍ରେମିକାର ଶାଢ଼ି/ ସମୟ କି ଭଙ୍ଗାପୋଲରୁ/ ତଳକୁ ଖସିପଡୁଥିବା ରେଳଗାଡ଼ି।'' ('ଆଉଥରେ ପୁରୀ'– ପୃ: ୩୮), ୩. ''ଶବଗଦାରେ ଠିଆ ମୁଁ/ ବହୁକାଳୁ ଏକାକୀ/ ନିର୍ବାସିତ/ ନିଃଶବ୍ଦ!/ ଏଇଟା କ'ଣ ଶେଷଦିନ/ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଅପେକ୍ଷାରେ/ ନା ଗୋଟେ ନୂଆ ଆରମ୍ଭର ଦିନ?'' ('ଆଳାପ'– ପୃ:୭୩)। ଏସବୁ କବିତାରେ ଛପିଥାଏ ଜୀବନର ଯେଉଁ ନିରନ୍ତରତା, ସେଇ ନିରନ୍ତରତାର କବି ମାନସ। ଆଶାକରେ, ଆଲୋଚ୍ୟ କବିତାଗ୍ରନ୍ଥଟି କବିତାପ୍ରେମୀ ପାଠିକାପାଠକଙ୍କ ହାତକୁ ଯିବ ଓ ଅର୍ଦ୍ଧ ଶତାବ୍ଦୀର ଜଣେ କାବ୍ୟଯାତ୍ରୀଙ୍କୁ ନୂଆ ପରିଚୟରେ ଚିହ୍ନା କରାଇବ।

### ମହାଭାରତର କଥା କାହାଣୀ



**ଅନୁବାଦକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବନଫୁଲ ପ୍ରକାଶନୀ, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/–

୧୧ଟି ଅନୂଦିତ ଗଳ୍ପ ଆଲୋଚ୍ୟ ପୁସ୍ତକର କଳେବର ମଣ୍ଡନ କରିଛି। ଡ. ଗୌରୀ ଦେଙ୍କ ମୂଳ ବଙ୍ଗଳା ଗଳ୍ପ, ଯାହା 'ନବକଲ୍ଲୋଳ'ର ବିଭିନ୍ନ ବିଶେଷାଙ୍କରେ ପ୍ରକାଶ ପାଇଥିଲା; ସେଥିରୁ ଏଇ ଗଳ୍ପଗୁଡ଼ିକୁ ବାଛି ଅନୁବାଦକ ଶ୍ରୀ ସାମଲ ତା'ର ଓଡ଼ିଆ ରୂପାନ୍ତର କରିଛନ୍ତି। ଗଳ୍ପଗୁଡ଼ିକର ଶୀର୍ଷକ– 'କୁନ୍ତୀ–ପାଣ୍ଡୁ–ମାଦ୍ରୀ', 'ଦେବଯାନୀ–ଯଯାତି–ଶର୍ମିଷ୍ଠା', 'ନଳ–ଦମୟନ୍ତୀ ସଂବାଦ', 'ଲୋପାମୁଦ୍ରା–ଅଗସ୍ତି ଉପାଖ୍ୟାନ', 'ସାବିତ୍ରୀ–ସତ୍ୟବାନ', 'ନାଗରାଜ କନ୍ୟା ଉଲୂପୀ', 'ଅର୍ଜୁନ ଓ ବର୍ଷା', 'ଅର୍ଜୁନ ଓ ସୁଭଦ୍ରା', 'ସୁଦର୍ଶନ–ଓଘବତୀ କାହାଣୀ', 'ଅଭିମନ୍ୟୁ ପୁତ୍ର ପରିକ୍ଷିତ' ଓ 'ଜଗତ୍‌କାରୁ ଓ ଜଗତ୍‌କାରୁ'। ଯେଉଁ ମହାଭାରତ– ମୂଳ ବଙ୍ଗଳା ଓ ଅନୁବାଦ ମାଧ୍ୟମରେ କାହାଣୀଗୁଡ଼ିକର ଅବତାରଣା କରାଯାଇଛି, ସେଗୁଡ଼ିକ ବିଷୟବସ୍ତୁ ଓ ଆଦର୍ଶର ଆଧାରରେ ବର୍ଷବର୍ଷ ଧରି ଜନମାନସକୁ ପ୍ରଭାବିତ କରିଆସିଛି। ଏସବୁ କାହାଣୀ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡର ହୋଇ ବି ଶାଶ୍ୱତ ସମୟର, ତେଣୁ ଚିର ଅମ୍ଳାନ। ଅନୁବାଦ ପ୍ରାଞ୍ଜଳ, ଆବେଦନରେ ସବୁ ବୟସର ପାଠିକାପାଠକଙ୍କ ପାଇଁ ଉପଯୋଗୀ। ଅନୁଭବୀ ଅନୁବାଦକ ଜୟକୃଷ୍ଣ ନିଜେ ଜଣେ ସୃଜନଶୀଳ କବି ଓ ଲେଖକ ହୋଇଥିବାରୁ ମୌଳିକ ରଚନାରେ ନିହିତ ମର୍ମକୁ ଷୋଳଣା ସୁରକ୍ଷିତ ରଖିପାରିଛନ୍ତି। ୮୮ ପୃଷ୍ଠାର ଏହି ନାତିକ୍ଷୁଦ୍ର ବହିଟି ପାଠକୀୟ ଆଦୃତି ପାଇବା ସହିତ ପାଠାଗାରମାନଙ୍କ ପାଇଁ ସଂଗ୍ରହଯୋଗ୍ୟ ସାବ୍ୟସ୍ତ ହେବ ବୋଲି ଆଶା।

## କବିତା

### ବିସ୍ଥାପନ

ଉମା ଶଙ୍କର ପାଳ

ଅସନା ଦିଶିବାରୁ ଘର
ମାଲିକ ଭାଙ୍ଗିଦେଇଛି ବସା, ପକ୍ଷୀର
କାଠିକୁଟା, ରୁଅବତା ନାରଖାର
ମା' ପକ୍ଷୀଟି ଇତସ୍ତତଃ କାଟୁଛି ଚକ୍କର।

ଅଚାନକ ମୁଣ୍ଡରେ ଯେବେ ପଡ଼ିଲା ଚଡ଼କ
ସଦ୍ୟ ଭୂମିଷ୍ଠ ଅଣ୍ଡା ବିପର୍ଯ୍ୟସ୍ତ
ଶାବକମାନେ ଭୀତତ୍ରସ୍ତ
ବିସ୍ଥାପନର ଦୁଃଖ ଅପ୍ରମିତ।

କାହିଁ କେଉଁ ଦୂର ଜଙ୍ଗଲରୁ
ପେଟପାଟଣା, ଜୀବନ ଜୀବିକା ଦାୟରେ
ଆସିଥିଲା ସହର, ବସାଇଥିଲା ସଂସାର
କିଏ ଜାଣିଥିଲା,
ଏମିତି ଦାଉସାଧିବ ବିଧାତା–ବିଚାର।

ଖରା ବର୍ଷା ଶୀତ କାକର ଦାଉରୁ
କେମିତି ରକ୍ଷା କରିବ ତା' ସଂସାର
କେଉଁଠୁ ଖୋଜି ଆଣିଦେବ ଆହାର
ପକ୍ଷୀଟି ବିଚରା ନାଚାର!

କିଏ ସେ ମାଲିକ ଏଠି ଏ ଭବଭୂମିର
କାହା ନାମରେ ଦଲିଲ୍ ହୋଇଛି ଏସବୁ ଘର
ମହାକାଳର ରାଜସ୍ୱ ଖାତାରେ
କିଏ ସ୍ଥାୟୀ ପଟ୍ଟାଦାର।

ମୋ: ୯୫୫୬୮୮୮୭୦୮

### ହାୟରେ ସାଗର

କୃଷ୍ଣା ମିଶ୍ର

ସ୍ନିଗ୍ଧ ଶୀତଳ ସୁନୀଳ ଆକାଶ କୋଳେ,
ଚନ୍ଦ୍ରମା କି ଏକ ବିକଶିତ ଶତଦଳ,
ସାଗର ସରାଗେ ଉତ୍ତାଳ ଲହରୀ ତୋଳେ,
ତୋଳି ଆଣିବାକୁ ସରଗର ସେଇ ଫୁଲ!

ବାରବାର ହାରେ ବିଫଳ ପ୍ରୟାସ କରି,
ଅଭିମାନୀ କିଗୋ ପରାଜୟ ସହିପାରେ?
ଉଚ୍ଛୁଳା କୋହରେ ବୁକୁ ତା'ର ଯାଏ ଭରି
ମଥା ପିଟି ବେଳା ଆଖିଲୁହେ ଓଦା କରେ!

ହସୁଥାଏ ଚନ୍ଦ୍ର ସତେ କେତେ ନିରିଦୟୀ!
ବୁଝିପାରେ ନାହିଁ ବିଫଳ ହୃଦୟ ଭାଷା
ଜୀବନ ଯେ ଏକ ମରଣର ପ୍ରେତ ଛାଇ
ସରିଯାଏ ଯେବେ ସରାଗର ଶେଷ ଆଶା!

ବୃଥା ଆଶା ପାଇଁ କାହାକୁ କରିବ ଦାୟୀ?
ପିଏ ଲୁଣା ଲୁହ ଆହାରେ ସାଗର ହାୟ!

– ବାଣପୁର, ଖୋର୍ଦ୍ଧା
ମୋ: ୯୮୫୩୩୭୫୭୩୪

### ତଥାପି

ଦୀପ୍ତି ମିଶ୍ର

ଅସଜଡ଼ା ମୁହୂର୍ତ୍ତମାନେ ବେଳେବେଳେ
ଖୁବ୍ ଅନ୍ତରଙ୍ଗ ହୋଇଉଠନ୍ତି,
ଅଜାଣତେ ଅତୀତର କିଛି ମଧୁ ସ୍ମୃତି
ଆଗକୁ ଆସି ଖୋଲିଦିଅନ୍ତି ପୃଷ୍ଠା ପରେ ପୃଷ୍ଠା
ଅଧୀର ନୟନରୁ ବହିଯାଏ ଟୋପା ଟୋପା ତତଲା ଲୁହ,
ନୀରବତାର ଶବ୍ଦ ସବୁ ଛୁଇଁଯାଏ ହୃଦୟ କବାଟକୁ...
ଲେଖି ହୋଇଯାଏ ଅତୀତର
ଉଜୁଡ଼ା ଦୁଃଖ ଯେତେ ସ୍ମୃତିର କାଗଜରେ।

ନିଜ ପାଖରେ ନିଜର ପରିଚୟ
ଅକସ୍ମାତ୍ କେମିତି କେଜାଣି ଫିକାଫିକା ଲାଗେ
ବିଶ୍ୱାସର ତାଲା ସତେ ଅବା କେଉଁଠି ହଜିଯାଇଛି କି ଆଉ!
ନିଃସଙ୍ଗତା ଭିତରେ ରଙ୍ଗଭରା ପୃଥିବୀ
ଆଜି କିଆଁ ଧୂସର ହୋଇଉଠେ...
ସବୁଜିମାର ଆକର୍ଷଣୀୟ ଓଢ଼ଣି ସତେ କି
ଲୋଟାକୋଟା ହୋଇ ନିଜର ସ୍ଥିତି ହଜାଇ ବସିଛି।

ତେବେ ବି ଦିଗନ୍ତର ସେପାରିକୁ ଯିବାପାଇଁ
କିଏ ଜଣେ ଭାରି ତରତର...
ସଜାଡ଼ି ନେବାକୁ ଗଣ୍ଠିଲି ସତ୍‌କର୍ମର,
ଅପରୂପ ସୂର୍ଯ୍ୟଙ୍କ ଆଲୋକରେ ସଜାଇ ଦେଇ
ଜୀବନର ତରୀ... ରଖିଛି ଆଣ୍ଟି...
ପାରି ହେବାକୁ ଆଶାର ବୈତରଣୀ
ଆସୁ ପଛେ ଭଉଁରି ପରେ ଭଉଁରି!
ଧୋଇନେଉ ପଛେ ସ୍ୱପ୍ନର ବାଲିଘର!
ତଥାପି ସେ ତେଜୋଦୀପ୍ତ ଝଡ଼ରେ ପହଁରିବାକୁ ତତ୍ପର।

ମୋ: ୬୩୭୦୨୧୨୯୧୮

### ଗୀତି–କବିତା

### ସମୟ ଯାଉଛି ବହି

ବିଜୟଲକ୍ଷ୍ମୀ ପଟ୍ଟନାୟକ

ସାରା ଜୀବନ ଯା' ସପନ ଦେଖିଲି
ଗୋଟିଏ ହେଲାନି ସତ,
ଅନେକ ଭାବିଲି କହିଦେଇ ଯିବି
ଅବା ଗାଇଯିବି ଗୀତ।

ଖୋଲିଦେବି ମୋର ମନର କବାଟ
ହେଲେ ପାଇଲିନି ରାହା,
ଆଗକୁ ପଛକୁ କିଏ ବା ଅଛି ମୋ'
କହିବାକୁ ପଦେ ଆହା।

ନ କହି ନିଜେ ମୁଁ ଜଳି ମରିବାକୁ
ସଳିତା ହେଲି ଯା' ମିଛେ,
ଜଳିପାରିଲିନି, ଜାଳିପାରିଲିନି
ଝଡ଼ ତ ଧାଇଁଛି ପଛେ।

ଧାଇଁଥିଲି ଯାହା, ପିଇବାକୁ ଟୋପେ
ମରୁ ବୁକେ ଜଳ କାହିଁ,
ତତଲା ଲୁହକୁ ପିଇପିଇ ଆଜି
ସମୟ ଯାଉଛି ବହି।

– ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

## କାଳକାଳକୁ



''ଖରାପ ସମୟରେ ଖୁବ୍ କମ୍ ଲୋକ
ପାଖରେ ଠିଆ ହୁଅନ୍ତି,
ବେଶୀ ଲୋକ ବାଟଭାଙ୍ଗି ଯା'ନ୍ତି।''
– ଜାଫ୍ରି ଆର୍ଚ୍ଚର

**ଜାଫ୍ରି ଆର୍ଚ୍ଚରଙ୍କ** ଜନ୍ମ ୧୫ ଏପ୍ରିଲ ୧୯୪୦ରେ। ଇଂଲିଶ୍ ଭାଷାର ସେ ଜଣେ ବେଶ୍ ଜଣାଶୁଣା ଲେଖକ। ଏକାଧାରରେ ଲେଖନ୍ତି ଗଳ୍ପ, ଉପନ୍ୟାସ ଓ ନାଟକ। ତାଙ୍କର ପ୍ରଥମ ବହି ''ନଟ୍ ଏ ପେନି ମୋର୍, ନଟ୍ ଏ ପେନି ଲେସ୍'' ପ୍ରକାଶ ପାଏ ୧୯୭୪ରେ। ଅନ୍ୟ ଚର୍ଚ୍ଚିତ ବହି ଭିତରେ ଅଛି 'କେନ୍ ଆଣ୍ଡ୍ ଆବେଲ୍' (୧୯୭୯), 'ବିଓଣ୍ଡ୍ ରିଜନେବଲ୍ ଡାଉଟ୍' (୧୯୮୯), 'ଦ ଆକ୍ୟୁଜ୍‌ଡ' (୨୦୦୦), 'ଏ ଟୁଇଷ୍ଟ ଇନ୍ ଦ ଟେଲ୍' ଓ 'ଦିସ୍ ୱାଜ୍ ଏ ମ୍ୟାନ୍' (୨୦୧୬)। ଜାଫ୍ରିଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ ଲକ୍ଷାଧିକ ସଂଖ୍ୟାରେ ବିକ୍ରିହୁଏ ଏବଂ ନାଟକ ମାତ୍ରେ ଏକାଧିକବାର ମଞ୍ଚସ୍ଥ ହୁଏ। ସେ କହନ୍ତି: ''କେହି ଜଣେ ଏପରି ଖଣ୍ଡେ ବହି ଲେଖିବା ଉଚିତ୍, ଯେଉଁ ବହିର ନାୟକ ଆସ୍ତେ ଆସ୍ତେ ପଡୁଥିବ ପାଠକର ପ୍ରେମରେ।''

# ଚିଠି

## ଲଘୁଗଳ୍ପ

ଭବାନୀ ଶଙ୍କର ଦାଶ

ମାନେମନେ ଅନେକ ବାର ତୁମ ସହିତ ଯୁକ୍ତି କରିଛି। ରାଗି କଳି ବି କଲି। ଆଉ କଥାହେବିନି ଭାବି ପୂରା ଚୁପ୍ ରହିଲି। ମୋ' ଓଠ ସିନା କିଛି ଉଚ୍ଚାରଣ କଲାନାହିଁ, କିନ୍ତୁ ଭିତରେ ମୁଁ ଚିତ୍କାର କରି କାନ୍ଦୁଥିଲି। ବାରମ୍ବାର ଗୋଟାଏ ପ୍ରଶ୍ନ ଦୋହରାଉଥିଲି, କାହିଁକି ଏମିତି କଲୁ ମୋ' ଜୀବନଟାକୁ?

ବୋଉ ମରିବା ଦେଢ଼ବର୍ଷ ହୋଇଗଲାଣି। ଆଜି ଏ ରାତି ତିନିଟା ବେଳେ ଭାରି ମନେପଡୁଛି ବୋଉ ମୋର। ଦ୍ୱିତୀୟ ଶ୍ରେଣୀଯାଏଁ ପାଠ ପଢ଼ିଥିବା ବୋଉ ଦୈନିକ ସମ୍ବାଦପତ୍ରର ବିଜ୍ଞାପନ ଓଗେର ବି ନିଇତି ପଢ଼େ। ତା' ଭିତରେ ପଢ଼େ ଗଙ୍ଗାଧର, ରାଧାନାଥ ଓ ଗୋପବନ୍ଧୁ ପ୍ରମୁଖଙ୍କୁ। ଦ୍ୱିପ୍ରହରେ ସମସ୍ତଙ୍କୁ ଖାଇବାକୁ ଦେଇ ନିଜେ ଖାଏ। ତା'ପରେ ସମସ୍ତେ ବିଶ୍ରାମ ନେବାବେଳେ ସିଏ ପଢ଼ିବସେ। ସେତିକିବେଳକୁ ପହଞ୍ଚିଯାଆନ୍ତି କେହି ନାଥ ଯୋଗୀ, ଚକୁଳିଆପଣ୍ଡା କିମ୍ବା ଭିକାରି। ନଚେତ୍ କାଳିଆ ଅବଧାନ। ଅବଧାନଙ୍କୁ ବସିବା ଲାଗି ଆସନ ଦେଇ ଯୋଗୀ ଭିକାରିଙ୍କୁ ଖାଇବା ଦରବ ଯାହା ଘରେ ଥିବ ନିଶ୍ଚୟ ଦେବ। ସବୁ କାମ ଭିତରେ ତା' ମନଥିବ ସେଇ କଳାମଚମଚ ଠେଙ୍ଗାଭଳିଆ ପତଳା ମଣିଷ କାଳିଆ ଅବଧାନ ପାଖରେ। କାମ ସାରି ଅବଧାନଙ୍କ ସାମ୍ନାରେ ବସିପଡ଼ିବ। ନିଜ ଅଣ୍ଟାରୁ ଅବଧାନେ ବୟା କୋରା ଭଳି ଖଡ଼ି ଗୋଟାଳି କାଢ଼ି ଆମ ବାରଣ୍ଡାରେ କ'ଣ ସବୁ ଲେଖି ଜାତକ ଦେଖି ତା'ପରେ ଫଳାଫଳ ଶୁଣାଇଥା'ନ୍ତି। ବିଚିତ୍ର ମୁଖଭଙ୍ଗୀ କରି ଅବଧାନେ କୁହନ୍ତି– ବୁଝିଲ, ମା' ପୁଅଟିର ଜନ୍ମ ଯଦି ଆଉ ଦୁଇ ସେକେଣ୍ଡ ପରେ ହୋଇଥା'ନ୍ତା ପୂର୍ଣ୍ଣ ରାଜବିଭୂତି ଯୋଗ ପାଇଥା'ନ୍ତା। କେବଳ ମଙ୍ଗଳ ଟିକେ ଅସୁବିଧା ସ୍ଥାନରେ ଅଛନ୍ତି। କିନ୍ତୁ ପୁଅ ଆପଣଙ୍କର ରାଜାଧିରାଜ ନ ହୋଇପାରେ, ମାତ୍ର ରାଜା ହେବା ଥୟ।

ବୋଉ ପଚାରେ ପାଠ କେମିତି ପଢ଼ିବ? ଅବଧାନେ କୁହନ୍ତି ଲଗ୍ନରେ ବୃହସ୍ପତି ଅଛନ୍ତି ମାନେ ଖୁବ୍ ପଢ଼ିବ। ଶାସ୍ତ୍ରପରା କହେ– ଲଗ୍ନେ ବୃହସ୍ପତି ବେଦ ବଖାଣେ। ବୋଉ ମୋର ଖୁସି ହୋଇଯାଏ। ଡାଲାଏ ଜାଗାରେ ଦି'ଡାଲା ଚାଉଳ ସେଦିନ ଅବଧାନଙ୍କୁ ଦିଏ। ସୁଉକିଟିଏ ବି ଦକ୍ଷିଣା ଦିଏ। ଗଲାବେଳେ ଅବଧାନେ ବୋଉକୁ ଆଉଟିକେ ଖୁସି କରିବାକୁ କହନ୍ତି, ବୁଝିଲେ ମା', ସରକାରୀ ବଡ଼ ଅଫିସର ନିଶ୍ଚୟ ପୁଅ ହେବ। ପଦ୍ମିନୀଜାତୀୟା ବୋହୂଟେ ଘରକୁ ଆସିବ। ସେଇ ବୋହୂ ଆସିଗଲେ ତା' ଗ୍ରହରେ ଆପଣଙ୍କ ଘର ପରିବାରର ସକଳ ଉନ୍ନତି ହେବ।

ଯା' ଭିତରେ ଚାଳିଶ ବର୍ଷ ବିତିଗଲାଣି। ଚାଳିଶ ହଜାର ଥର ତୁମ ପାଖରେ ମୁଁ କାନ୍ଦି ସାରିଲା ପରେ ସରକାରୀ ଚାକିରି ନ ପାଇ ବେସରକାରୀ ଚାକିରି କଲି। ମୋ' ସ୍ତ୍ରୀ ପଦ୍ମିନୀଜାତୀୟା ତ ନୁହେଁ। କୋଉ ଜାତୀୟା ତା' ବି ଠଉରେଇ ପାରୁନାହିଁ। କାରଣ ଆମ ଦାମ୍ପତ୍ୟ ଜୀବନ ବିବାହର ବର୍ଷ ତିନିଟା ପରେ ପକ୍ଷାଘାତ ଆକ୍ରାନ୍ତ ହୋଇଗଲା ମୋ' ସ୍ତ୍ରୀଙ୍କ ସନ୍ଦେହ ପାଗଳାମିରୁ। ମୋ' ବୋଉ ଏଇ ବୋହୂଟିର ନିର୍ବାଚନରେ ସାଙ୍ଘାତିକ ଭାବେ ଠକିଯାଇଥିଲା ଓ ଏଥିପାଇଁ ମୋ' ଜୀବନ ବରବାଦ୍ ହୋଇଯାଇଥିବା ଦୁଃଖରେ ଭିତରେ ଭିତରେ ଖୁବ୍ ଦୁଃଖୀ ଥିଲା। କେହି ନ ଥିଲା ବେଳେ ରୋଗଶଯ୍ୟାରେ ଥାଇ ବି ମତେ ବୋଉ ବୁଝାଇ ବସେ ଯେ ତୋ' ଭାଗ୍ୟରେ ତ ଏୟା ଥିଲା ମୁଁ ଆଉ କ'ଣ କରିଥା'ନ୍ତି? ମତେ ତୁଚ୍ଛା ପ୍ରବୋଧନା ଦେବାକୁ ଭାଗବତରୁ ବୋଉ ପଦେ ବୋଲିଦିଏ 'କପାଳ ଲିଖନ, କେ କରିବ ଆନ'।

ଏଇ ଅଳ୍ପଦିନ ତଳେ କାଳିଆ ଅବଧାନଙ୍କ ଗାଁ ବାଟଦେଇ ଗଲାବେଳେ ମନେପଡ଼ିଗଲା। ଖୋଜିଲି ଅବଧାନଙ୍କୁ। କାଳିଆ ଅବଧାନଙ୍କୁ ଭେଟିଲେ ପଚାରନ୍ତି ମୁଁ ରାଜା ହେବା କଥା। ପଚାରନ୍ତି, ସୁଲକ୍ଷଣା ପଦ୍ମିନୀଜାତୀୟା ମୋ' ସ୍ତ୍ରୀଙ୍କ କଥା। ବିଦ୍ୟାର୍ଜନରେ ମୋର ବୃହସ୍ପତି ହେବାର କଥା। ମୋ' ଭିତରେ ମୁଁ ଖୁବ୍ ରାଗିକି ଖୋଜିଲି ଲୋକଟାକୁ। ଖବର ନେବାରେ ଜାଣିଲି ଏକ ଅଦ୍ଭୁତ ଘଟଣା। କାଳିଆ ଅବଧାନଙ୍କ ପଞ୍ଚଷଠି ବର୍ଷୀୟା ସ୍ତ୍ରୀ ପାଖ ଭୋଇସାହିର ଜଣେ ପଞ୍ଚସ୍ତରି ବର୍ଷୀୟ ବୃଦ୍ଧ ସହ ଫେରାର ହୋଇଯିବା ପରେ ଅବଧାନେ ଲୋକଲଜ୍ଜାକୁ ଡରି ଆତ୍ମହତ୍ୟା କରିଦେଇଥିଲେ।



ବୁଝିଲ ଜଗନ୍ନାଥେ, ତିରିଶ ବର୍ଷ ହେଲା। ମଧୁମେହ କାରଣରୁ ଦେହ ହାତ ଘୋଳାବିନ୍ଧା ହୁଏ। ନିଦ ହୁଏନା। ଯନ୍ତ୍ରଣାରେ ଲୁହ ଝରିପଡ଼େ। ମନ ଲୋଡ଼େ ତୁମକୁ, ଆଉ ଦେହ ଲୋଡ଼େ ବୋଉର ହାତକୁ। ସେଇ ଭାବନା ଭିତରେ ପଶିଆସନ୍ତି କାଳିଆ ଅବଧାନମାନେ। ବାର୍ଦ୍ଧକ୍ୟର ଏକଲାପଣ ଅତିଷ୍ଠ କଲାଣି। ଯା'ଠୁ ମରଣ ସହସ୍ର ଗୁଣେ ଭଲ। ହେଲେ ସିଏ କାହା ହାତର କଥା ଯେ! କାଳିଆ ଅବଧାନ ଥିଲେ ପଚାରିଥା'ନ୍ତି ମରଣର ଠିକଣା। କାଳିଆ ଅବଧାନେ ସିନା ନାହାନ୍ତି, କାଳିଆ ଠାକୁର ତ ତୁମେ ଅଛ ନା!

ଏବେ ଘଣ୍ଟାରେ ତିନିଟାଚାଳିଶ ମିନିଟ୍। ନିଜ ହାତରେ ଖୁବ୍ ବିନ୍ଧୁଥିବା ନିଜ ଗୋଡ଼କୁ ମୋଡ଼ି ଶୋଇବାର ଅପଚେଷ୍ଟା କରୁଛି। ଏହା ମୋର ଦୈନିକ ଅଭ୍ୟାସ।

କାଳିଆ ଠାକୁରେ ତୁମ ଗୋଡ଼ ବା ମୁଣ୍ଡ କ'ଣ ବିନ୍ଧା ହୁଏ? ବିନ୍ଧିଲେ କିଏ ମୋଡ଼ିଦିଏ?

ମୋ: ୮୯୧୭୬୨୪୩୮୬

ଧରିତ୍ରୀ
DHARITRI
52 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୧/୨୦୨୬ Bhubaneswar, Saturday, April 11/ 2026

# ସର୍ବଭାରତୀୟ ଇନ୍‌ଡୋର ରୋଇଂ ଉଦ୍‌ଘାଟିତ

କଟକ,୧୦।୪(କୁମାରଶ୍ରୀ)

ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଶୁକ୍ରବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ଦୁଇ ଦିବସୀୟ ଏହି ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଆୟୋଜକ ଓଡ଼ିଶାକୁ ଅଭୁତପୂର୍ବ ସଫଳତା ମିଳିଛି। ୮ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ସହ ଓଡ଼ିଶା ମୋଟ ୧୪ ପଦକ ବିଜୟୀ ହୋଇଛି। ଶନିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ଏଲ୍‌ଟି ମିକ୍ସ ପେୟାରରେ ପ୍ରିୟାଂଶୁ ଏବଂ ସଞ୍ଜୁ କୁମାରୀ, ବ୍ୟକ୍ତିଗତ ଓପନ ମହିଳାରେ ନେହା, ଓପନ ଏଲ୍‌ଟି ମହିଳା ବର୍ଗରେ ପବିତ୍ରା, ୨୩ବର୍ଷରୁ କମ୍ ବ୍ୟକ୍ତିଗତ ଏଲ୍‌ଟି ମହିଳାରେ ଦୀକ୍ଷା, ୨୩ବର୍ଷରୁ କମ୍ ଏଲ୍‌ଟି ମହିଳା ପେୟାରରେ ମଞ୍ଜୁ କୁମାରୀ ଏବଂ ମନୀଷା ଚୌଧୁରୀ, ୨୩ବର୍ଷରୁ କମ୍ ଏଲ୍‌ଟି ପୁରୁଷ ପେୟାରରେ ଆୟୁଷ ବଳ ଏବଂ ଅଭିରାଜ, ୧୭ବର୍ଷରୁ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ପ୍ରଥମ ଦିବସରେ ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୧୪ ପଦକ**

କମ୍ ମିକ୍ସ ପେୟାରରେ ତେଜବୀର ସିଂହ ଏବଂ ଶିବାନୀ ଲାଣ୍ଡଗେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଓପନ୍ ମିକ୍ସ ପେୟାରରେ ରାହୁଲ ରାଥୋଡ ଏବଂ ସୋନାଲୀ ସ୍ୱାଇଁ, ୨୩ବର୍ଷରୁ କମ୍ ଓପନ ପୁରୁଷ ମିକ୍ସ ପେୟାରରେ ସୁମିତ ଚୌଧୁରୀ ଏବଂ ଆର୍ୟ୍ୟନ ପନୱାର, ୨୩ବର୍ଷରୁ କମ୍ ଏଲ୍‌ଟି ମିକ୍ସ ପେୟାରରେ ଅର୍ଥବ ରାଉତ ଏବଂ ଅନୁଷ୍କା ପଟେଲ, ୨୩ ବର୍ଷରୁ କମ୍ ଓପନ ମହିଳା ପେୟାରରେ ବର୍ଷାରାଣୀ ସେଠୀ ଏବଂ ପଲକ ଜୋକତା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୧୯ବର୍ଷରୁ କମ୍ ମହିଳା ପେୟାରରେ ପ୍ରତିଜ୍ଞା ଜେନା ଏବଂ ରତ୍ନରାଣୀ ସ୍ୱାଇଁ, ୧୭ବର୍ଷରୁ କମ୍ ବ୍ୟକ୍ତିଗତ ମହିଳାରେ କାମ୍ୟା ପ୍ରିୟଦର୍ଶିନୀ ଧଳ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି। ମୋଟ ୩୪ଟି ଇଭେଣ୍ଟରେ ଖେଳାଯାଉଥିବା ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ଆହୁରି ପଦକ ଜିତିବ ବୋଲି ଆଶା ରହିଛି। ଶୁକ୍ରବାର ପୂର୍ବାହ୍ଣରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ମେୟର ସୁବାସ ସିଂ, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମର ଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ଅଭିନବ ଢ଼ଙ୍ଗରେ ଆୟୋଜିତ ହେଉଥିବା ଏହି ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରାଯାଉ ନାହିଁ। ଡଙ୍ଗା ଭଳି ଏକ ମେଶିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରୁଛନ୍ତି। ନିର୍ଦ୍ଧାରିତ ସମୟରେ କେତେ ଦୂରତା ଅତିକ୍ରମ କରିହେଉଛି ତାହା ମପା ଯାଇ ଫଳାଫଳ ନିର୍ଦ୍ଧାରଣ କରାଯାଉଛି। ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ୍ ୬୦୦ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ଏଥିରେ ଓଡ଼ିଶାର ୩୩ଜଣ ଖେଳାଳି ରହିଛନ୍ତି। ୬୦ଜଣ ପ୍ରଶିକ୍ଷକ/ମ୍ୟାନେଜର ଏବଂ ୩୦ଜଣ ଜାତୀୟସ୍ତରୀୟ ଅଧିକାରୀ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି।



କଟକରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନଙ୍କୁ ସହଯୋଗୀମାନେ ଉତ୍ସାହିତ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ହାଇଦ୍ରାବାଦ**
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ଅପରାହ୍ଣ ୩.୩୦

**ଚେନ୍ନାଇ ବନାମ ଦିଲ୍ଲୀ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଅର୍ପିତଙ୍କୁ ୬ ଉଇକେଟ; ଅନୁଗୋଳ ବିଜୟୀ

କଟକ,୧୦।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଆୟୋଜିତ ୧୬ବର୍ଷରୁ କମ୍ ଆନ୍ତଃଜିଲା ବାଳକ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୋଳ ୬ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ମାତ୍ର ୮୭ରନରେ ଅଲଆଉଟ ହୋଇଥିଲା। ଅନୁଗୋଳର ଅର୍ପିତ ପ୍ରଧାନ ୬ ଉଇକେଟ ଦଖଲ କରି ମୟୂରଭଞ୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୨.୨ ଓଭରରେ ୪ ଉଇକେଟ ହରାଇ ଅନୁଗୋଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ଅଖିଳ ପ୍ରଧାନ ସର୍ବାଧିକ ୩୭ରନ କରିଥିଲେ। ଅର୍ପିତଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସନ୍‌ସାଇନ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୮୧ରନରେ ବାଲେଶ୍ୱରକୁ, ଡ୍ରିମ୍ସ ଗ୍ରାଉଣ୍ଡରେ ଗଞ୍ଜାମ ୧୧୫ରନରେ ସମ୍ବଲପୁର-ଏ'କୁ, ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଯାଜପୁର ୫ ଉଇକେଟରେ କଟକ-ଏ'କୁ, ନିମପୁର ଗ୍ରାଉଣ୍ଡରେ ନବରଙ୍ଗପୁର ୧୨ରନରେ କୋରାପୁଟକୁ, ରେଲୱେ ଗ୍ରାଉଣ୍ଡରେ ବୌଦ୍ଧ ୮ ଉଇକେଟରେ ମାଲକାନଗିରିକୁ ହରାଇଛି।

# ଆରସିବିର ସମ୍ମାନଜନକ ସ୍କୋର

ଗୁଆହାଟୀ, ୧୦।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ସମ୍ମାନଜନକ ସ୍କୋର କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଅଧିନାୟକ ରଜତ ପଟିଦାରଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପ୍ରଥମ ବଲ୍‌ରେ ଫିଲିପ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ବିରାଟ କୋହଲି ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ପାୱାର ପ୍ଲେ ୬ ଓଭରରେ ୬୧ ରନ ସଂଗ୍ରହ କରି ନେଇଥିଲେ ହେଁ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌ରେ ରହିଥିଲା। ଦେବଦତ୍ତ ପଡିକାଲ ମାତ୍ର ୧୪ ରନ କରିବାକୁ ସକ୍ଷମ ହୋଇଥିବାବେଳେ କୋହଲି ୧୬ ବଲ୍‌ରୁ ୩୨ ରନକରି ଆଉଟ ହେବା ଦଳକୁ ଶକ୍ତ ଆଘାତ ଲାଗିଥିଲା। ବ୍ୟାଟିଂ କ୍ରମରେ ଉପରେ ଆସିଥିବା କୃନାଲ ପାଣ୍ଡ୍ୟା ମଧ୍ୟ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ସ୍ୱାଭାବିକଭାବେ ରନହାର ଧିମେଇ ଯାଇଥିଲା। ଗୋଟିଏ ପଟରେ ଅଧିନାୟକ ରଜତ ପଟିଦାର ଦ୍ରୁତ ହାରରେ ରନ ସଂଗ୍ରହ କରି ଚାଲିଥିବାବେଳେ ଅନ୍ୟପଟରେ ଜୀତେଶ ଶର୍ମା ୫, ଟିମ୍ ଡେଭିଡ ୧୩ ରନ କରି ଆଉଟ ହୋଇଥିବାବେଳେ ରୋମାରିଓ ଶେଫର୍ଡ ୧୧ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୨୨ ରନ କରିଥିଲେ। ୧୨୫ ରନରେ ୭ମ ଉଇକେଟର ପତନ ଘଟିବାରୁ ଭେଙ୍କଟେଶ ଆୟରଙ୍କୁ ଇମ୍ପାକ୍ଟ ଖେଳାଳିଭାବେ ନେଇଥିଲା ଆରସିବି। ପଟିଦାର ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୪ ଛକା ସହାୟତାରେ ୬୩ ରନକରି ଆଉଟ ହୋଇଥିଲେ। ଶେଷ ଭାଗରେ ଭେଙ୍କଟେଶ୍ ୧୫ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୯ ରନକରି ଅପରାଜିତ ରହିବାରୁ ଆରସିବି ସ୍କୋର ୨୦୦ ଅତିକ୍ରମ କରିଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର, ରବି ବିଷ୍ଣୋଇ ଓ ବ୍ରିଜେଶ ଶର୍ମା ୨ଟି ଲେଖାଏ ଏବଂ ସନ୍ଦିପ ଶର୍ମା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବର୍ଷାଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଆଇପିଏଲ୍ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଛି। ରାତି ୮ଟାରେ ଟସ୍ ପଡ଼ିଥିବାବେଳେ ୮ଟା ୪୦ରେ ମ୍ୟାଚ ଆରମ୍ଭ କରିବାକୁ ଅମ୍ପାୟର ନିଷ୍ପତ୍ତି ନେଇଥିଲେ। ଅର୍ଥାତ୍ ବର୍ଷାଯୋଗୁ ୫୦ ମିନିଟ ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା। ତେବେ ଓଭର ସଂଖ୍ୟା ଅପରିବର୍ତ୍ତିତ ରହିଥିଲା।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ରଜତ ପଟିଦାର।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୦୧/୮ (ରଜତ ପଟିଦାର-୬୩, ବିରାଟ କୋହଲି-୩୨, ଭେଙ୍କଟେଶ ଆୟର-୨୯, ରୋମାରିଓ ଶେଫର୍ଡ-୨୨, ଜୋଫ୍ରା ଆର୍ଚର-୨/୩୩, ରବି ବିଷ୍ଣୋଇ-୨/୩୨, ବ୍ରିଜେଶ ଶର୍ମା-୨/୩୭, ସନ୍ଦିପ ଶର୍ମା-୧/୪୭, ରବୀନ୍ଦ୍ର ଜାଡେଜା-୧/୧୪)।

## ଭାରତ ପାଇଁ ୫ମ ସ୍ୱର୍ଣ୍ଣ ଜିତିଲେ ବିଶ୍ୱନାଥ

ଉଲାନବାଟାର, ୧୦।୪ (ପି.ଟି.)

ଭାରତର ବିଶ୍ୱନାଥ ସୁରେଶ ଶୁକ୍ରବାର ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ପୁରୁଷ ୫୦କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ୫ ସ୍ୱର୍ଣ୍ଣ ପଦକ ସହ ଭାରତର ଅଭିଯାନ ଶେଷ ହୋଇଛି। ବିଶ୍ୱନାଥ ଫାଇନାଲରେ ଜାପାନର ଦାଇଚି ଇୱାଇଙ୍କୁ ୫-୦ବ୍ୟବଧାନରେ ପରାସ୍ତ କରିଥିଲେ। ଶୁକ୍ରବାର ଭାରତର ଅନ୍ୟ ଜଣେ ବକ୍ସର ସଚିନ ପୁରୁଷ ୬୦କେଜି କାଟେଗୋରି ଫାଇନାଲରେ ଲଚ୍ଚୁଆ ପ୍ରଦର୍ଶନ କରି ହାରିଯାଇଥିଲେ। ତାଙ୍କୁ ସ୍ୱର୍ଣ୍ଣ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ପଦକ ତାଲିକାରେ କାଜାଖସ୍ତାନ ୬ ସ୍ୱର୍ଣ୍ଣ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭାରତ ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ତେବେ ମୋଟ ଉପରେ ସର୍ବାଧିକ ୧୬ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ୧୦ ପୋଡିୟମ ଫିନିଶ ସହ ଏକ ଐତିହାସିକ ସଫଳତା ହାସଲ କରିଛି। ସେମାନେ ୪ ସ୍ୱର୍ଣ୍ଣ, ୨ରୌପ୍ୟ ଓ ୪ବ୍ରୋଞ୍ଜ ପଦକ ହାତେଇ ପାରିଛନ୍ତି। ମହାଦେଶୀୟ ସ୍ତରରେ ସେମାନଙ୍କର ଏହା ଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ବିଶ୍ୱନାଥଙ୍କ ସ୍ୱର୍ଣ୍ଣ ପଦକ ତାଙ୍କ ଦ୍ରୁତ ଉନ୍ନତିରେ ଏକ ମାଇଲଖୁଣ୍ଟ ଭଳି। ଜାତୀୟ ସ୍ତରରେ ସେ ସ୍ଥିର ପ୍ରଦର୍ଶନ କରିବା ସହ ସେ ଖୁବ୍ ସମୟ ମଧ୍ୟରେ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି।

# ଓଡ଼ିଶାରୁ ଭାଗନେବେ ୧୨ ଆଥ୍‌ଲେଟ

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

**ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ-୩**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ-୩ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହେବ। ମୋଟ ୪୩ଟି ଇଭେଣ୍ଟରେ ପ୍ରତିଯୋଗିତା ହେବାକୁ ଥିବାବେଳେ ଓଡ଼ିଶାରୁ ୧୨ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଆଥ୍‌ଲେଟମାନେ ହେଲେ ଦିବ୍ୟା ସାଣ୍ଡିଲ୍ୟ (ମହିଳା ହାମର ଥ୍ରୋ), ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସ ଓ ଲଙ୍ଗଜମ୍ପ), ଶ୍ରାବଣୀ ନନ୍ଦ (ମହିଳା ୧୦୦ ଓ ୨୦୦ ମିଟର ରେସ୍), ସୁସ୍ମିତା ଟିଗା (ମହିଳା ୧୫୦୦ ମିଟର ରେସ), ଅବିନାଶ ସାହୁ (ପୁରୁଷ ୧୦୦ ମିଟର ରେସ), ଅମିୟ କୁମାର ମଲିକ (ପୁରୁଷ ୧୦୦ ମିଟର ରେସ), ଅନିମେଶ କୁଜୁର (ପୁରୁଷ ୧୦୦ ଓ ୨୦୦ ମିଟର ରେସ), କିଶୋର କୁମାର ଜେନା (ପୁରୁଷ ଜାଭେଲିନ୍ ଥ୍ରୋ), ଦଣ୍ଡପତି ମୃତ୍ୟମ ଜୟରାମ (ପୁରୁଷ ୧୦୦ ଓ ୨୦୦ ମିଟର ରେସ), ବାପି ହାଂସଦା (୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟର ରେସ୍), ମହମ୍ମଦ ରେୟାନ ବାଶା (୨୦ ବର୍ଷରୁ କମ୍ ପୁରୁଷ ୨୦୦ ଓ ୪୦୦ ମିଟର ରେସ) ଓ ଆସ୍ତିକ ପ୍ରଧାନ (୨୦ ବର୍ଷରୁ କମ୍ ପୁରୁଷ ୪୦୦ ମିଟର ରେସ୍)। ଉତ୍ତର ପ୍ରଦେଶରୁ ସର୍ବାଧିକ ୧୧୩ ପ୍ରତିଯୋଗୀ ଭାଗନେବେ।

# ଜୁନିୟର ମହିଳା ହକି : ହ୍ୱାଇଟ୍ ନୂଆ କୋଚ୍

ନୂଆଦିଲ୍ଲୀ, ୧୦।୪ (ପି.ଟି.)



ହକି ଇଣ୍ଡିଆ ଶୁକ୍ରବାର ଅଭିଜ୍ଞ ଅଷ୍ଟ୍ରେଲୀୟ ଟିମ୍ ହ୍ୱାଇଟ୍‌ଙ୍କୁ ଭାରତର ଜୁନିୟର ମହିଳା ହକି ଦଳର କୋଚ୍ ଭାବେ ମନୋନୀତ କରିଛି। ପୂର୍ବରୁ ୨୦୨୩ରୁ ଏହି ପଦବୀରେ ତୁଷାର ଖାଣ୍ଡେକର କାର୍ଯ୍ୟକରି ଆସୁଥିଲେ। ଏହି ପରିବର୍ତ୍ତନ ସମ୍ପର୍କରେ ହକି ଇଣ୍ଡିଆ ତରଫରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ହ୍ୱାଇଟ୍ ଚଳିତବର୍ଷ ଜାନୁଆରୀରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଆକର୍ଡ ତାମିଲନାଡୁ ଡ୍ରାଗନ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ସେ ତାଙ୍କ କୋଚିଂ କ୍ୟାରିୟରରେ ବେଲଜିୟମ ଓ ଅଷ୍ଟ୍ରେଲିଆରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଭାରତରେ ପହଞ୍ଚିବା ପୂର୍ବରୁ ହ୍ୱାଇଟ୍ ବେଲଜିୟମ ୨୧ବର୍ଷରୁ କମ୍ ମହିଳା ଦଳର କୋଚ୍ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗତବର୍ଷ ଜୁନିୟର ବିଶ୍ୱକପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲା। ହ୍ୱାଇଟ୍ ୨୦୨୧ ଓ ୨୦୨୪ ମଧ୍ୟରେ ବେଲଜିୟମ ଜାତୀୟ ସିନିୟର କୋଚିଂ ଷ୍ଟାଫ୍‌ର ଅଂଶବିଶେଷ ଥିଲେ। ତାଙ୍କ ସମୟରେ ବେଲଜିୟମ ବିଶ୍ୱ ର୍‍ୟାଙ୍କିଙ୍ଗରେ ୧୨ତମ ସ୍ଥାନରୁ ୩ୟ ସ୍ଥାନକୁ ଉନ୍ନୀତ ହୋଇଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଦଳ ସେମିଫାଇନାଲରେ ପ୍ରବେଶ କରିପାରିଥିଲା। ସେ ତାଙ୍କ କ୍ୟାରିୟର ଆରମ୍ଭରେ ଅଷ୍ଟ୍ରେଲିଆ ଜାତୀୟ ଜୁନିୟର ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଅଧୀନରେ ଦଳ ଜୁନିୟର ବିଶ୍ୱକପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା।

## ଅଶୋକ ଦେଓ ହେଲେ ଚିଫ୍ କୋଚ୍

ଭୁବନେଶ୍ୱର, ୧୦।୪ (ବିଜୟ ରଣା)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସିନିୟର ଟେନିସ୍ କୋଚ୍ ଭାବେ କାର୍ଯ୍ୟରତ ଅଶୋକ ଦେଓ ଚିଫ୍ କୋଚ୍ ଭାବେ ପଦୋନ୍ନତି ପାଇଛନ୍ତି। କେନ୍ଦୁଝରରେ ଜନ୍ମଗ୍ରହଣ କରିଥିବା ଅଶୋକ ୧୯୮୯-୯୦ରେ ପଟିଆଲାଠାରେ ଏନ୍.ଆଇ.ଏସ୍ ପାଠ୍ୟକ୍ରମ ଶେଷ କରିବା ପରେ ୧୯୯୪ରେ ସାଇ କୋଚ୍ ଭାବେ ନିଯୁକ୍ତି ପାଇ ବିଭିନ୍ନ ରାଜ୍ୟରେ ଟେନିସ କୋଚ୍ ଭାବେ ସଫଳତାର ସହିତ ତାଙ୍କ ଦାୟିତ୍ୱ ତୁଲାଇ ଅନେକ ଜାତୀୟ ଅନ୍ତର୍ଜାତୀୟ ଖେଳାଳି ତିଆରି କରିଛନ୍ତି। ବର୍ତ୍ତମାନ ସେ କୋଲକାତାସ୍ଥିତ ପୂର୍ବକେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି। ଅଶୋକ ବିଶିଷ୍ଟ କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଂଗଠକ ସ୍ୱର୍ଗତ ଦୁଃଶାସନ ଦେଓଙ୍କ ପୁତ୍ର।

# ଅଲମାଟିରେ କିସ୍ ଛାତ୍ରୀଙ୍କୁ ଭେଟିଲେ ଫିଡେ ସଭାପତି



ଅଲ୍‌ମାଟିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିସ୍ ଛାତ୍ରୀଙ୍କ ସହ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍।

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

ସମ୍ପ୍ରତି କାଜାଖସ୍ତାନର ଅଲମାଟିରେ ଚାଲିଥିବା ଫିଡେ ଆଇଏସ୍‌ସିଏଫ୍ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୪ ଛାତ୍ରୀଙ୍କ ସହ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍ ଶୁକ୍ରବାର ଭାବ ବିନିମୟ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଭାରତ ପାଇଁ ଖେଳୁଥିବା କିସ୍ ଛାତ୍ରୀ ମୋହିନୀ ନାଏକ, ମୋନାଲିଶା ଭୋଇ, ଶ୍ରୀୟା ନାୟକ ଏବଂ ହୁମେଶ୍ୱରୀ ମଲ୍ଲିକଙ୍କୁ ଡଭୋରକୋଭିଚ୍ କାଜାଖସ୍ତାନରେ ସେମାନଙ୍କ ଅଭିଜ୍ଞତା, ଆତିଥ୍ୟ ଏବଂ କିସ୍‌ରେ ଦିଆ ଯାଉଥିବା ତାଲିମ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଡଭୋରକୋଭିଚ୍ ଖେଳାଳିମାନଙ୍କ ପ୍ରତିଭା, ଦୃଢ଼ ନିଷ୍ଠା ଏବଂ ପ୍ରଦର୍ଶନ ଶିକ୍ଷା ଓ କ୍ରୀଡ଼ା ମାଧ୍ୟମରେ ଆଦିବାସୀ ଯୁବତୀ ଯୁବକମାନଙ୍କ ପାଇଁ ଆଗକୁ ବଢ଼ିବାକୁ ସୁଯୋଗ ସୃଷ୍ଟି କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଛନ୍ତି। ପ୍ରତିଯୋଗିତାରେ କିସ୍ ଦଳ ୪ର୍ଥ ରାଉଣ୍ଡ ମ୍ୟାଚକୁ ଡ୍ର ରଖିଥିବାବେଳେ ୮ମ ରାଉଣ୍ଡରେ ମାଲେସିଆକୁ ଭେଟିବାକୁ ପ୍ରସ୍ତୁତ ହୋଇଛି। କିସ୍ ଖେଳାଳିଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିଥିବାରୁ ଡଭୋରକୋଭିଚ୍‌ଙ୍କୁ ଅଚ୍ୟୁତ ସାମନ୍ତ କୃତଜ୍ଞତା ଜଣାଇଛନ୍ତି।

## ଭାରତୀୟ ମହିଳା ୩X୩ ଦଳକୁ ଯୋଗ୍ୟତା

ନୂଆଦିଲ୍ଲୀ, ୧୦।୪ (ପି.ଟି.)

ଭାରତୀୟ ମହିଳା ୩X୩ ହୁଇଲ୍‌ଚେୟାର ବାସ୍କେଟବଲ ଦଳ ସ୍କଟଲାଣ୍ଡର ଗ୍ଲାସ୍‌ଗୋ ସହରରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗେମ୍ସ ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ହେବ। ୩X୩ ହୁଇଲ୍‌ଚେୟାର ବାସ୍କେଟବଲ ପ୍ରତିଯୋଗିତା ଜୁଲାଇ ୨୪ରୁ ୨୯ ପର୍ଯ୍ୟନ୍ତ ହେବ। ଅଷ୍ଟ୍ରେଲିଆ ସହ ଭାରତ ଏସିଆ ଓସେନିଆ କ୍ୱାଲିଫାୟର୍ସ ଜରିଆରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁଇ ଦଳ ଯଥାକ୍ରମେ ଏସିଆ ଏବଂ ଓସେନିଆରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାରେ ୪ର୍ଥ ସ୍ଥାନ ଅଧିକାର କରିବାରୁ ଭାରତୀୟ ପୁରୁଷ ଦଳ ଯୋଗ୍ୟତା ହାସଲ କରିପାରି ନ ଥିଲା। ପୁରୁଷ ଓ ମହିଳା ପ୍ରତିଯୋଗିତାର ଶେଷ ଦୁଇ ସ୍ଥାନ ୱାଇଲ୍ଡ କାର୍ଡ ଜରିଆରେ ସ୍ଥିର ହେବ।

# ବାଳିକା, ବାଳକ ବର୍ଗରେ ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୧୦।୪ (ତପନ ସ୍ୱାଇଁ)

**ଜାତୀୟ ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ୍ ରଗ୍‌ବୀ ଉଦ୍‌ଯାପିତ**

କଳିଙ୍ଗ ଷ୍ଟାଡିୟମରେ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୧୪ ବର୍ଷରୁ କମ୍ ବର୍ଗର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ବିହାର ରନରଅପ୍ ହୋଇଥିବାବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ପୂର୍ବରୁ ୧୭ ବର୍ଷରୁ କମ୍ ବର୍ଷ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏପରି ମଞ୍ଚ କେବଳ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବାରେ ସୁଯୋଗ ଦେବ ନାହିଁ ବରଂ ଶିଶୁମାନଙ୍କ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସହନଶୀଳତାକୁ ମଜଭୁତ କରିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆୟୋଜନକୁ ପ୍ରଶଂସା କରିଥିଲେ। ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଳା ନାୟକ ଖେଳାଳିମାନଙ୍କର ସମର୍ପଣ ଓ କ୍ରୀଡ଼ା ମନୋଭାବକୁ ପ୍ରଶଂସା କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟସ୍ତରରେ କ୍ରୀଡା ସଂସ୍କୃତିକୁ ସୁଦୃଢ଼ କରିବାରେ ବିଭାଗର ପ୍ରୟାସକୁ ଉଲ୍ଲେଖ କରିଥିଲେ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ଟୁର୍ନାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।




୧୪ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ